# ଧରିତ୍ରୀ
DHARITRI

ଗୁରୁବାର, ଏପ୍ରିଲ ୯/୨୦୨୦ (୨୩ ପୃଷ୍ଠା) Thursday, April 9/2020

୪୬ଶ ଭାଗ ୧୩୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-






**ଶାର୍ଟ ନିଲାମ କଲେ ବଟଲର**

କରୋନା ଭାଇରସ୍ ଲଢ଼େଇ ପାଇଁ ଇଂଲଣ୍ଡ ଉଇକେଟକିପର ଜୋସ୍ ବଟଲରଙ୍କ ବିଶ୍ୱକପ୍ ଫାଇନାଲ ଶାର୍ଟ ନିଲାମ ହୋଇଛି । **୨୩**

**୦୭** **ଶେଫାଲୀଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍**

ଅଭିନେତ୍ରୀ ଶେଫାଳୀ ଶାହଙ୍କ ଫେସ୍‌ବୁକ ଆକାଉଣ୍ଟକୁ କେହି ହ୍ୟାକ୍ କରି ତାଙ୍କୁ କରୋନା ପଜିଟିଭ୍ ହୋଇଥିବା ଦର୍ଶାଇଛି । ତେବେ ଏହା ମିଛ ବୋଲି ସେ କହିଛନ୍ତି ।




# ଆଜିଠାରୁ ମୁହଁରେ ମାସ୍କ ବାଧ୍ୟତାମୂଳକ




ଭୁବନେଶ୍ୱର,୮।୪(ବ୍ୟୁରୋ)

ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମୁହଁକୁ ଘୋଡ଼ାଇ ରଖାଯାଇପାରିଲେ କରୋନା ସଂକ୍ରମଣକୁ କିଛିମାତ୍ରାରେ କମ୍ କରାଯାଇପାରିବ ବୋଲି ଚିକିତ୍ସା ବିଜ୍ଞାନୀ ମତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଗୁରୁବାରଠାରୁ ସମସ୍ତଙ୍କୁ ମୁହଁରେ ମାସ୍କ ଲଗାଇବା ବାଧ୍ୟତାମୂଳକ କରିଛନ୍ତି। ଘରୁ ପଦାକୁ ବାହାରିବା ବେଳେ ଘରେ ତିଆରି ମାସ୍କ ହେଉ କିମ୍ବା ରୁମାଲ ଓ ସଫା କପଡାରେ ମୁହଁକୁ ଢାଙ୍କିବାକୁ ପଡ଼ିବ। ଯଦି ନ ଢାଙ୍କିବେ ତେବେ ଜରିମାନା ଗଣିବାକୁ ପଡ଼ିବ। ଏ ନେଇ ଦୁଇଦିନ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏଥିସହିତ ସାମାଜିକ ଦୂରତ୍ୱକୁ ମଧ୍ୟ କଡ଼ାକଡ଼ି ଭାବେ ପାଳନ କରାଯିବ। ଏହାକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ଚେତାଇ ଦିଆଯାଇଛି। କାଶିଲେ କିମ୍ବା ଛିଙ୍କିଲେ ଜଳକଣା ଦ୍ୱାରା ଏହି ରୋଗ ସଂକ୍ରମିତ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଘରୁ ପଦାକୁ ବାହାରୁଥିବା ସବୁ ଲୋକ ମୁହଁକୁ ବାଧ୍ୟତାମୂଳକ ଭାବେ ଢାଙ୍କିବେ। ଗୋଟିଏ ମାସ୍କକୁ ଏକାଧିକ ଲୋକ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ସେହି ମାସ୍କ, କପଡ଼ା କିମ୍ବା ରୁମାଲକୁ ସାବୁନରେ ଭଲ ଭାବେ ସଫାକରି ଖରାରେ ଶୁଖାଇ ବ୍ୟବହାର କରିବାକୁ କୁହାଯାଇଛି। ଜିଲାପାଳ ଏବଂ ସମସ୍ତ ପୌରସଂସ୍ଥା କର୍ତ୍ତୃପକ୍ଷ ଏହି ନିୟମ ଯେପରି କଡ଼ାକଡ଼ି ଭାବେ ପାଳନ ହେବ ତାହା ତଦାରଖ କରିବେ।

# ‘୧୪ରେ ଲକ୍‌ଡାଉନ୍ ହଟାଇବା ଅସମ୍ଭବ’

ନୂଆଦିଲ୍ଲୀ,୮।୪

ସମ୍ପ୍ରତି ଭାରତରେ ସୋସିଆଲ ଏମର୍ଜେନ୍ସି ବା ‘ସାମାଜିକ ଜରୁରୀ ପରିସ୍ଥିତି’ ସୃଷ୍ଟି ହୋଇଛି। କରୋନା ସଂକ୍ରମଣ ଏକପ୍ରକାର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଏହି ଘାତକ ଭୂତାଣୁରେ ୫,୯୧୬ ଜଣ ଆକ୍ରାନ୍ତ ହୋଇଥିବାବେଳେ ୧୭୯ ଜଣଙ୍କ ଜୀବନ ଚାଲିଗଲାଣି। ଏହାର ମୁକାବିଲା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା ସହ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି। ହେଲେ ସମସ୍ତ ଭାରତୀୟ ଏହି ନିୟମକୁ କଡ଼ାକଡ଼ି ଭାବେ ଅନୁପାଳନ କରୁନାହାନ୍ତି। ଫଳରେ ସ୍ଥିତି ଅଣାୟତ୍ତ ହୋଇଛି। ଆଗକୁ ଅବସ୍ଥା ଆହୁରି ଗମ୍ଭୀର ହୋଇପାରେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଲକ୍‌ଡାଉନ୍ ଅବଧି ବୃଦ୍ଧି ପାଇଁ ଚିନ୍ତା କରୁଛନ୍ତି। ଆସନ୍ତା ୧୪ ତାରିଖରେ ତାଲାବନ୍ଦ ମିଆଦ ଶେଷ ହେଉଥିବାବେଳେ ସଂକ୍ରମଣ ଓ ମୃତ୍ୟୁକୁ ରୋକିବା ଲାଗି ଆଗକୁ ଏହି ଅବଧିକୁ ବଢ଼ାଯିବ। କାରଣ କୋଭିଡ୍-୧୯ର ଦୌରାତ୍ମ୍ୟ ରୋକିବାକୁ ହେଲେ ଏଭଳି କଠୋର ନିଷ୍ପତ୍ତି ନିଆଯିବା ଜରୁରୀ। ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କ ସହ ଭାବ ବିନିମୟ କରି ବୁଧବାର ଏପରି ସଙ୍କେତ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସାରା ବିଶ୍ୱକୁ କବଳିତ କରିଛି କରୋନା। ଏହି ମହାମାରୀର ପଞ୍ଝାରେ ରହିଛି ୨୦୯ ଦେଶ ଓ ☞ପୃଷ୍ଠା-୪

**କେନ୍ଦ୍ରର ‘କରୋନା’ ରଣନୀତି**

- ■ ସଂସଦୀୟ ଦଳ ନେତାମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସିଂ
- ■ ଲକ୍‌ଡାଉନ୍ ଅବଧି ବୃଦ୍ଧି ନେଇ ଦେଲେ ସ୍ପଷ୍ଟ ସଙ୍କେତ
- ■ ୧୪ରେ ମିଆଦ ଶେଷ ନ କରିବାକୁ ରାଜ୍ୟଗୁଡ଼ିକ ଦେଇଛନ୍ତି ପ୍ରସ୍ତାବ
- ■ ମୁଖ୍ୟମନ୍ତ୍ରୀମାନଙ୍କ ସହ ଶନିବାର ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି
- ■ ଦେଶରେ ସୃଷ୍ଟି ହୋଇଛି ସୋସିଆଲ ଏମର୍ଜେନ୍ସି
- ■ ୫,୯୧୬ ସଂକ୍ରମିତ, ୧୭୯ ମୃତ (ବେସରକାରୀ ସୂତ୍ର)

**ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଜାରି ବିବୃତି ଅନୁସାରେ ଦେଶରେ କରୋନା ସଂକ୍ରମଣରେ ଅଦ୍ୟାବଧି ୧୪୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏଥିରୁ ମୁକ୍ତି ପାଇବା ପାଇଁ ୫,୧୯୪ ଜଣ ସଂଗ୍ରାମ ଜାରି ରଖିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୭୭୩ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି ଓ ୩୫ ଜଣ ସଂକ୍ରମିତଙ୍କ ଜୀବନ ଯାଇଛି।**

“ ମହାମାରୀ କରୋନା ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ୍ ନିଷ୍ପତ୍ତି ନିଆଯାଇଛି। ଏଭଳି ସମୟରେ ରାଜ୍ୟ ସରକାରମାନେ ଏକାଠି ହୋଇ କେନ୍ଦ୍ରର ଲଢ଼େଇକୁ ସମର୍ଥନ କରିବା ପ୍ରଶଂସନୀୟ। ଏହି ଯୁଦ୍ଧକୁ ମିଳିତ ଭାବେ ଲଢ଼ିବା ସକାଶେ ଭାରତରେ ଏକ ସକାରାତ୍ମକ ଓ ଗଠନମୂଳକ ରାଜନୀତି ଆରମ୍ଭ ହୋଇଛି। ସ୍ଥିତି ଦ୍ରୁତଗତିରେ ବଦଳିବାରେ ଲାଗିଥିବାରୁ ସମସ୍ତ ଭାରତୀୟଙ୍କୁ ଅଧିକ ସତର୍କ ହେବାକୁ ପଡ଼ିବ।



-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

# ଭୁବନେଶ୍ୱରର ୩୪ ଆକ୍ରାନ୍ତଙ୍କୁ ନେଇ ଜାରି ହେଲା ମ୍ୟାପ୍




ଭୁବନେଶ୍ୱର, ୮।୪(ବ୍ୟୁରୋ)

ରାଜ୍ୟରେ ଏପର୍ଯ୍ୟନ୍ତ ୪୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ କେବଳ ଭୁବନେଶ୍ୱରର ୩୪ଜଣ ରହିଛନ୍ତି। ବରଗଡ଼ ଅଞ୍ଚଳରୁ ପ୍ରଥମ ରୋଗୀ ଚିହ୍ନଟ ହେବା ପରେ ପରିଚୟ ଓ ଠିକଣା ସମ୍ପର୍କରେ ସୂଚନା ଦିଆଯାଇ ନ ଥିଲା। ତେବେ ଜନହିତ ବୋଲି ଦର୍ଶାଇ ସୂର୍ଯ୍ୟନଗର ଅଞ୍ଚଳର ଆକ୍ରାନ୍ତଙ୍କ ସମ୍ପର୍କରେ ସବୁକିଛି ଟିକିନିଖି ଦେଇଥିଲା ବିଏମ୍‌ସି। ଯେଉଁ ଅଞ୍ଚଳରେ ଆକ୍ରାନ୍ତ ଚିହ୍ନଟ ହେଉଥିଲେ ସେହି ଅଞ୍ଚଳକୁ ତୁରନ୍ତ ସିଲ୍ କରାଯାଇଥିଲା। ଏହାକୁ ଲୋକେ ମଧ୍ୟ ସ୍ୱାଗତ କରିବା ସହ ସଚେତନ ହୋଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଚିହ୍ନଟ ହୋଇଥିବା ଅନେକଙ୍କ ସମ୍ପର୍କରେ ଠିକ୍ ତଥ୍ୟ ରଖାଯାଇ ନ ଥିଲା। ସତ୍ୟନଗର ସମେତ ସହରର ଆଉ କେତେକ ଅଞ୍ଚଳକୁ ସିଲ୍ କରାଯିବା ପରେ ଲୋକେ ଅନେକ ପ୍ରଶ୍ନ ଉଠାଇଥିଲେ। ଆକ୍ରାନ୍ତଙ୍କ ସମ୍ପର୍କରେ ସୂଚନା ଦେବାକୁ ଦାବି ଉଠିଥିଲା। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ପାରାଙ୍କ ବୁଦ୍ଧିମତ୍ତା


**ଆଜିର ମନ୍ତବ୍ୟ**

“ ଆମେ ବଞ୍ଚିବା ଛାଡ଼ିଦେଇନୁ, କେବଳ ଜୀବନଶୈଳୀରେ ପରିବର୍ତ୍ତନ ଆଣିଛୁ।

-ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ



ବୁଧବାର କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା ହୋଇଥିବା ଭୁବନେଶ୍ୱରର ସତ୍ୟନଗର ଅଞ୍ଚଳ ।

# ସତ୍ୟନଗର ଆବଦ୍ଧ ଅଞ୍ଚଳ

- ■ ୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ପଷ୍ଟ କଲା ସ୍ୱାସ୍ଥ୍ୟ ବିଭାଗ
- ■ ୩ଜଣଙ୍କର ବମିଖାଲ ଆକ୍ରାନ୍ତ ପରିବାର ସହ ଲିଙ୍କ୍ ରହିଛି

ଭୁବନେଶ୍ୱର, ୮।୪(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବୁଧବାର ସତ୍ୟନଗରକୁ କଣ୍ଟେନମେଣ୍ଟ ଜୋନ ବା ଆବଦ୍ଧ ଅଞ୍ଚଳ ଭାବେ ଘୋଷଣା କରିଛି। ୪ଜଣ କରୋନା ସଂକ୍ରମିତ ଏହି ଅଞ୍ଚଳରୁ ଚିହ୍ନଟ ହେବା ପରେ ଏଭଳି ପଦକ୍ଷେପ ନିଆଯାଇଥିବା ସ୍ପଷ୍ଟ କରିଛି ସ୍ୱାସ୍ଥ୍ୟ ବିଭାଗ। ସବୁଠୁ ବଡ଼ କଥା ହେଉଛି, ଏମାନଙ୍କ ମଧ୍ୟରୁ ୩ଜଣଙ୍କର ବମିଖାଲ ଆକ୍ରାନ୍ତ ପରିବାର ସହ ଲିଙ୍କ୍ ରହିଛି। ତେବେ ଏହି ସଂକ୍ରମିତଙ୍କ କୌଣସି ଟ୍ରାଭେଲ ହିଷ୍ଟ୍ରି ନାହିଁ। ସେମାନେ ବାହାର ଦେଶକୁ ଯାଇ ନାହାନ୍ତି କି ଦେଶର କୌଣସି ଅଞ୍ଚଳକୁ ଯାଇ ନ ଥିବା ଜଣାପଡ଼ିଛି। ଫଳରେ ଏହାକୁ ନେଇ ଚିନ୍ତା ବଢ଼ିଛି। ତେଣୁ ସମ୍ଭାବ୍ୟ ସଂକ୍ରମଣ ରୋକିବା ପାଇଁ ସତ୍ୟନଗର ଛକରୁ-କାଳୀ ମନ୍ଦିର ଛକ, କାଳୀ ମନ୍ଦିର ଛକରୁ-ପତଞ୍ଜଳି ଷ୍ଟୋର୍, ପତଞ୍ଜଳି ଷ୍ଟୋର୍‌ରୁ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ କ୍ୱାର୍ଟର୍ସ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ କ୍ୱାର୍ଟର୍ସରୁ ସତ୍ୟନଗର ଛକସ୍ଥିତ ବିଗ୍‌ବଜାର ପର୍ଯ୍ୟନ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଅଞ୍ଚଳ ଘୋଷଣା କରାଯିବା ସହ ସିଲ୍ କରିଦିଆଯାଇଛି। ଏହି ଅଞ୍ଚଳ ଭିତରକୁ କାହାକୁ ଛଡ଼ାଯିବ ନାହିଁ କିମ୍ବା ଭିତରୁ କେହି ବାହାରକୁ ବାହାରିପାରିବେ ନାହିଁ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି।

ଚୌଧାରୀ କହିଛନ୍ତି, ସୂର୍ଯ୍ୟନଗର, ବମିଖାଲ, ସତ୍ୟନଗର, ସୁନ୍ଦରପଦା ଓ ଯଦୁପୁରକୁ ଆବଦ୍ଧ ଅଞ୍ଚଳ ଘୋଷଣା କରି ସିଲ୍ କରିଦିଆଯାଇଛି। ଏସବୁ ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଅଫିସ ବନ୍ଦ ରହିବ। ସମ୍ପୃକ୍ତ ଅଞ୍ଚଳରୁ ଲୋକଙ୍କୁ ଘରୁ ବାହାରିବାକୁ ଦିଆଯାଉନି। ମୁଖ୍ୟ ରାସ୍ତା ସହ ସମସ୍ତ ଆଭ୍ୟନ୍ତରୀଣ ରାସ୍ତାଗୁଡ଼ିକକୁ ବ୍ୟାରିକେଡ୍ ଦ୍ୱାରା ବନ୍ଦ କରିଦିଆଯାଇଛି। ଲୋକେ ଯେପରି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପାଇଁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀକୁ ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚାଇ ଦିଆଯିବ। କରୋନା ସଂକ୍ରମଣ ରୋକିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ବିଏମ୍‌ସି ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଥିବା ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ☞ପୃଷ୍ଠା-୪




# ବଢ଼ୁଛି ଅତ୍ୟାବଶ୍ୟକ ସାମଗ୍ରୀ ଦର

- ■ ପୋଲିସକୁ ଦୋଷ ଦେଲା ବ୍ୟବସାୟୀ ସଂଘ
- ■ କ୍ଷୁଦ୍ର ବ୍ୟବସାୟୀଙ୍କୁ ମିଳିବ ଗାଡ଼ି ପାସ୍
- ■ ଅସୁବିଧା ହେଲେ ଥାନାକୁ ଜଣାଅ,୧୦୦କୁ କଲ୍ କର
- ■ ସହରକୁ ଆସିବାକୁ ଡରୁଛନ୍ତି ପରିବା ବ୍ୟବସାୟୀ

ଭୁବନେଶ୍ୱର,୮।୪(ବ୍ୟୁରୋ)

ସମଗ୍ର ଦେଶରେ ଜାରି ରହିଥିବା ଲକ୍‌ଡାଉନ ସମସ୍ତଙ୍କ ପାଇଁ ଭାରି ପଡ଼ିଛି। ପନିପରିବା ଏବଂ ତେଜରାତି ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଇଛି। କୋଭିଡ-୧୯ ଏବଂ ପୋଲିସ ଭୟରେ ଗ୍ରାମାଞ୍ଚଳ ପରିବା ବେପାରୀ ଆସିବାକୁ ଡରୁଛନ୍ତି। ଖୁଚୁରା ତେଜରାତି ବ୍ୟବସାୟୀମାନେ ହୋଲ୍‌ସେଲରଙ୍କ ନିକଟରୁ ଆବଶ୍ୟକ ମାଲ୍ ଆଣି ପାରୁନାହାନ୍ତି। ବାଇକ ଚାଳନା ଉପରେ କଟକଣା ଲଗାଯାଇଥିବାରୁ କ୍ଷୁଦ୍ର ବ୍ୟବସାୟୀମାନେ ଅଟୋ କିମ୍ବା ବାଇକରେ ମାଲ୍ ଆଣିପାରୁ ନାହାନ୍ତି। ଫଳରେ ଏହାର କୁପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ଦୁଇଚକିଆ ଯାନ ଉପରେ କଟକଣା ଲଗାଯାଇଥିବାରୁ ଲୋକମାନେ ନିକଟସ୍ଥ ଦୋକାନ ଉପରେ ନିର୍ଭର କରୁଛନ୍ତି। ସେହି ଦୋକାନରେ ଭିଡ଼ ରହୁଥିବାରୁ ଦର ବଢ଼ାଇ ଏହାର ଫାଇଦା ନେବାକୁ କ୍ଷୁଦ୍ର ବ୍ୟବସାୟୀ ପଛାଉନାହାନ୍ତି। ଓଡ଼ିଶା ବ୍ୟବସାୟୀ ସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ, ରାଜ୍ୟରେ ବହୁ ମାତ୍ରାରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରହିଛି। କ୍ଷୁଦ୍ର ବ୍ୟବସାୟୀମାନେ ହୋଲସେଲରୁ ମାଲ୍ ନେଇ ପାରୁନାହାନ୍ତି। ପୋଲିସ ସେମାନଙ୍କ ଗାଡି ସିଜ୍ କରିବା ସହ ଗାଳିଗୁଲଜ କରୁଛି। ଉପର ସ୍ତରରେ ନିଆଯାଉଥିବା ନିଷ୍ପତ୍ତି ତଳ ସ୍ତରରେ ପହଞ୍ଚୁ ନାହିଁ। କ୍ଷୁଦ୍ର ବ୍ୟବସାୟୀଙ୍କୁ ମାଲ୍ ଆଣିବା ଲାଗି ଅନୁମତି ଦେବାକୁ ସେ ପୋଲିସ କମିଶନରଙ୍କୁ ଅନୁରୋଧ କରିଛନ୍ତି। ☞ପୃଷ୍ଠା-୪



ଭୁବନେଶ୍ୱରରେ ବୁଧବାର ପରିବା କିଣିବା ପାଇଁ ଧାଡ଼ିରେ ରହିଥିବା ଲୋକେ।

# ସଙ୍ଗରୋଧ କେନ୍ଦ୍ରରେ ସନ୍ଦିଗ୍ଧ ଯୁବକଙ୍କ ଆତ୍ମହତ୍ୟା

ସୁନ୍ଦରଗଡ, ୮।୪(ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ବ୍ଲକର ଏକ ସଙ୍ଗରୋଧ କେନ୍ଦ୍ର ପରିସରରେ ଜଣେ କରୋନା ସନ୍ଦିଗ୍ଧ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଗୁରୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ବଡଗାଁ ମାତାଲଗଡା ବସ୍ତିର ଆନନ୍ଦ କୁମାର ଲାକ୍ରା(୩୦)। ସମ୍ପୃକ୍ତ ଯୁବକ ମହାରାଷ୍ଟ୍ରରେ କାମ କରି ଦେଢମାସ ପୂର୍ବରୁ ଘରକୁ ଫେରିଥିଲେ। ଥଣ୍ଡା କାଶ ହେବାରୁ ସେ ମଙ୍ଗଳବାର ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଡାକ୍ତର ତାଙ୍କ ଟ୍ରାଭେଲ ବିବରଣୀ ଜାଣିବା ପରେ ଗୁରୁଣ୍ଡିଆ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଥିବା ସଙ୍ଗରୋଧ ଗୃହକୁ ଯିବାକୁ ପରାମର୍ଶ ଦେଇଥିଲେ। ସେହିଦିନ ସମ୍ପୃକ୍ତ ଯୁବକ ସଙ୍ଗରୋଧ ଗୃହକୁ ଯାଇଥିଲେ। ସେଠାରେ ଅନ୍ୟ ୧୭ଜଣ ରହିଥିବାରୁ ତାଙ୍କୁ ଅନ୍ୟ ଏକ କକ୍ଷରେ ରଖାଯାଇଥିଲା। ☞ପୃଷ୍ଠା-୪



ଇଥିଓପିଆରେ କରୋନା ସଂକ୍ରମଣ ରୋକିବା ପାଇଁ ଏମର୍ଜେନ୍ସି ଘୋଷଣା କରାଯାଇଛି। ୨୦୧୮ରେ ଆବି ଅହମଦ(ନୋବେଲ ଶାନ୍ତି ପୁରସ୍କାର ବିଜେତା) ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିବା ପରେ ଦେଶରେ ଏହା ହେଉଛି ପ୍ରଥମ ଜରୁରିକାଳୀନ ପରିସ୍ଥିତି। ଇଥିଓପିଆରେ ଅଦ୍ୟାବଧି ୫୫ ସଂକ୍ରମିତ ହୋଇଥିବାବେଳେ ୨ ଜଣଙ୍କ ମୃତ୍ୟୁ ଘଟିଛି।

# ଆମେରିକାରେ ୪ ଲକ୍ଷ ଉପରେ ଆକ୍ରାନ୍ତ

ୱାଶିଂଟନ/ରୋମ୍/ଲଣ୍ଡନ,୮।୪

ବିଶ୍ୱ ଏବେ କରୋନା କବଳିତ। ଚାରିଆଡ଼େ ତ୍ରାହି ତ୍ରାହି ଡାକ। ମୁଣ୍ଡ ପରେ ମୁଣ୍ଡ ଗଡ଼ିଚାଲିଥିଲେ ବି ଏଭଳି ଯମଯନ୍ତ୍ରଣାରୁ ମୁକୁଳିବା ଲାଗି ଅଣ୍ଟା ସଳଖ କରିପାରୁନି କୌଣସି ଦେଶ। ସବୁଠାରୁ ବିତ୍ତଶାଳୀ ଦେଶ ଆମେରିକା ଅଣନିଃଶ୍ୱାସୀ ହୋଇପଡ଼ିଲାଣି। ପ୍ରାଣଘାତୀ କରୋନା ଉପରେ ବିଜୟ ଲାଗି ପ୍ରୟାସ ଜାରି ରହିଥିବା ବେଳେ ମୃତ୍ୟୁକୁ ରୋକାଯାଇ ପାରୁନାହିଁ। ଏବେ ଆମେରିକାରେ ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୪ ହଜାର ଟପିଛି। ଏଠାରେ ୧୨,୯୩୩ ଜୀବନ ଗଲାଣି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କରୋନା ଭୂତାଣୁର ଏଭଳି ସ୍ଥିତିକୁ ଦେଖି ଅସହାୟ ହୋଇପଡ଼ିଛନ୍ତି। ଗୋଟିଏ ଦିନରେ ୪ ହଜାର ମାମଲା ସାମ୍ନାକୁ ଆସିଥିବା ବେଳେ ୧୫୦ ମୁଣ୍ଡ ଏଠାରେ ଗଡ଼ିଛି। ଫଳରେ ଟ୍ରମ୍ପଙ୍କ ମୁଣ୍ଡ ବ୍ୟଥା ବଢ଼ିଯାଇଛି। ବିଶ୍ୱର ୨୦୯ ଦେଶ କରୋନା କବଳିତ ହୋଇଥିବା ବେଳେ ୮୩,୬୭୦ ଲୋକଙ୍କ ଏପର୍ଯ୍ୟନ୍ତ ପ୍ରାଣହାନି ଘଟିଲାଣି। ସଂକ୍ରମିତଙ୍କ ସଂଖ୍ୟା ୧୪.୫୬ ଲକ୍ଷକୁ ବୃଦ୍ଧିପାଇଛି। ପରିସ୍ଥିତି ଏକ୍‌ଦମ୍ ଅଣାୟତ୍ତ ହୋଇପଡ଼ିଛି।

ସ୍ପେନ୍‌ରେ ମଧ୍ୟ ଅନୁରୂପ ସ୍ଥିତି। ଏଠାରେ ମୃତ୍ୟୁସଂଖ୍ୟା ୧୪,୫୬୦ରେ ପହଞ୍ଚି ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧ ଲକ୍ଷ ୪୭ ହଜାର ହେଲାଣି। ଗୋଟିଏ ଦିନରେ ଏଠାରେ ୪,୭୫୬ ବ୍ୟକ୍ତି କରୋନା ସଂକ୍ରମିତ ହୋଇଥିବା ବେଳେ ୫୧୫ ଜୀବନ ଯାଇଛି। ଇଟାଲୀରେ ୧୭,୧୭୬ ଜୀବନ ଯାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ୧.୩୬ ଲକ୍ଷରେ ପହଞ୍ଚିଛି। ଜର୍ମାନୀରେ ମଧ୍ୟ ୧.୧୦ ଲକ୍ଷ ଭୂତାଣୁ ସଂକ୍ରମିତ। ଏଠାରେ ଗଲାଣି ୨,୦୯୬ ଜୀବନ। ଫ୍ରାନ୍ସରେ ଦ୍ରୁତ ଗତିରେ ବ୍ୟାପୁଛି ଏହି ମହାମାରୀ ଭୂତାଣୁ। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ୧.୧୦ ଲକ୍ଷ ଛୁଇଁଥିବା ବେଳେ ମୃତକଙ୍କ ସଂଖ୍ୟା ବଢ଼ି ୧୦,୩୩୦ରେ ପହଞ୍ଚିଛି। ସଂକ୍ରମଣର କେନ୍ଦ୍ରସ୍ଥଳ ଚାଇନାରେ ସଂକ୍ରମିତଙ୍କ ସଂଖ୍ୟା ୮୧ ହଜାର ଉପରେ ରହିଥିବା ବେଳେ ମୃତ୍ୟୁସଂଖ୍ୟା ୩,୩୩୩ ରହିଛି। ଇରାନ ଓ ବ୍ରିଟେନରେ ଉତ୍କଟ ପରିସ୍ଥିତି ଦେଖାଦେଇଛି। ଇରାନରେ ୩,୯୯୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୬୫ ହଜାର ଆକ୍ରାନ୍ତ ଅଛନ୍ତି। ବ୍ରିଟେନରେ ୫୫ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ଥିବା ଜଣାପଡ଼ିଛି। ଏଠାରେ ଅଦ୍ୟାବଧି ୬,୧୬୦ ମୁଣ୍ଡ ଗଡ଼ିଲାଣି। ଏହାବାଦ୍ ବେଲଜିୟମରେ ୨,୨୪୦, ନେଦରଲାଣ୍ଡରେ ୨,୨୪୮, ତୁର୍କୀରେ ୭୨୫, ସୁଇଜରଲାଣ୍ଡରେ ୮୫୮, ବ୍ରାଜିଲରେ ୬୧୯, ସ୍ୱିଡେନରେ ୬୮୯, ଇଣ୍ଡୋନେସିଆରେ ୨୪୦, ଫିଲିପାଇନ୍ସରେ ୨୮୭ ଲୋକଙ୍କ ମୃତ୍ୟୁ ହୋଇସାରିଲାଣି। ହଜାର ହଜାର ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଉଥିବା ବେଳେ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇ ପାରୁନାହିଁ। ଚିକିତ୍ସା ଉପକରଣ, ହସ୍ପିଟାଲର ଅଭାବ ସହ ଲକ୍‌ଡାଉନ୍ ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ପରିସ୍ଥିତିକୁ ଅଧିକ ବିଷମୟ କରିପକାଇଛି। କରୋନା ଭୂତାଣୁରୁ ରକ୍ଷାପାଇବା ଲାଗି କୌଣସି ଔଷଧ ବାହାରି ନ ଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧିପାଇବା ସମସ୍ୟାକୁ ଦ୍ୱିଗୁଣିତ କରିପକାଇଛି। ବିଶ୍ୱସ୍ତରୀୟ ସଙ୍ଗଠନଗୁଡ଼ିକ ଅସହାୟ ହୋଇପଡ଼ିଛନ୍ତି। କେବଳ ସାମାଜିକ ଦୂରତ୍ୱ ରକ୍ଷା ଓ ଲକ୍‌ଡାଉନ୍‌କୁ ମାନି ଘର ରହିବା ଲାଗି ପରାମର୍ଶ ଦିଆଯାଉଛି।




- ୧୩ ହଜାର ମୃତ୍ୟୁ ପରେ ବଢ଼ିଲା ଟ୍ରମ୍ପଙ୍କ ମୁଣ୍ଡବ୍ୟଥା
- ବିଶ୍ୱରେ ଗଲାଣି ୮୩, ୭୦୦ ଜୀବନ
- ସଂକ୍ରମିତଙ୍କ ସଂଖ୍ୟା ୧୪.୫୬ ଲକ୍ଷ
- ୨୪ ଘଣ୍ଟାରେ ୨୫ ହଜାର ନୂଆ ମାମଲା

| ଦେଶ | ମୋଟ ସଂକ୍ରମିତ | ବୁଧବାର ସଂକ୍ରମିତ | ମୋଟ ମୃତ୍ୟୁ | ବୁଧବାର ମୃତ୍ୟୁ | ଆରୋଗ୍ୟ ହୋଇଛନ୍ତି | ଚିକିତ୍ସାଧୀନ |
|---|---|---|---|---|---|---|
| ଆମେରିକା | ୪,୦୩,୪୯୯ | ୩,୧୫୭ | ୧୨,୯୩୩ | ୯୨ | ୨୧,୮୧୫ | ୩,୬୮,୭୪୪ |
| ସ୍ପେନ | ୧,୪୬,୬୯୦ | ୪,୭୪୮ | ୧୪,୫୫୫ | ୫୧୦ | ୪୮,୦୨୧ | ୮୪,୧୧୪ |
| ଇଟାଲୀ | ୧,୩୫,୫୮୬ | | ୧୭,୧୨୭ | | ୨୪,୩୯୨ | ୯୪,୦୬୭ |
| ଜର୍ମାନୀ | ୧୦୯,୩୨୯ | ୧,୬୬୬ | ୨୦୯୬ | ୮୦ | ୩୬,୦୮୧ | ୭୧,୧୫୨ |
| ଫ୍ରାନ୍ସ | ୧୦୯,୦୬୯ | | ୧୦,୩୨୮ | | ୧୯,୩୩୭ | ୭୯,୪୦୪ |
| ଚାଇନା | ୮୧,୮୦୨ | ୬୨ | ୩,୩୩୩ | ୨ | ୭୭,୨୭୯ | ୧,୧୯୦ |
| ଇରାନ | ୬୪,୫୮୬ | ୧,୯୯୭ | ୩,୯୯୩ | ୧୨୧ | ୨୭,୦୩୯ | ୩୩,୫୫୪ |
| ବ୍ରିଟେନ | ୫୫,୨୪୨ | | ୬,୧୫୯ | | ୧୩୫ | ୪୮,୯୪୮ |
| ଭାରତ | ୫,୪୮୦ | ୧୨୯ | ୧୬୪ | ୪ | ୪୬୮ | ୪,୮୪୮ |
| ପାକିସ୍ତାନ | ୪,୧୯୪ | ୧୬୯ | ୬୦ | ୩ | ୪୬୭ | ୩,୬୬୭ |
| ସାରା ବିଶ୍ୱ | ୧୪,୫୪,୮୨୫ | ୨୩,୯୦୬ | ୮୩,୬୦୭ | ୧,୫୭୩ | ୩,୦୯,୮୧୮ | ୧୦, ୬୧,୪୦୦ |

*ବୁଧବାର ରାତି ୧୦ଟା ପର୍ଯ୍ୟନ୍ତ ତଥ୍ୟ

## ଉହାନରୁ ହଟିଲା ଲକ୍‌ଡାଉନ୍



### ୭୬ ଦିନ ପରେ ଟ୍ରେନ୍, ବସ୍ ଚଳାଚଳ ଆରମ୍ଭ

ବେଜିଂ,୮।୪: ମାରାତ୍ମକ କରୋନା ଭୂତାଣୁର ଉତ୍ପତ୍ତିସ୍ଥଳ ଚାଇନାର ଉହାନ ସହରରୁ ୭୬ ଦିନିଆ ଲକ୍‌ଡାଉନକୁ ବୁଧବାର ଉଠାଇଦିଆଯାଇଛି। ଫଳରେ ସ୍ଥାନୀୟ ଲୋକେ ଖୁସିବ୍ୟକ୍ତ କରିଛନ୍ତି। ପୂର୍ବରୁ ଶୂନ୍‌ଶାନ ଥିବା ରେଳଷ୍ଟେଶନ ଓ ବସ୍‌ଷ୍ଟାଣ୍ଡଗୁଡ଼ିକ ପୁଣିଥରେ ଲୋକାରଣ୍ୟ ହୋଇଉଠିଛି। ଏଠାରୁ ବିଭିନ୍ନ ଅଞ୍ଚଳକୁ ଲୋକମାନଙ୍କ ଯାତାୟାତ ଆରମ୍ଭ ହୋଇଯାଇଛି। ସଂକ୍ରମଣ ରୋକିବା ଲାଗି ଚାଇନା କର୍ତ୍ତୃପକ୍ଷ ଜାନୁୟାରୀ ଶେଷ ଭାଗରେ ୧୧ ନିୟୁତ ଜନସଂଖ୍ୟା ବିଶିଷ୍ଟ ଉହାନ ସହରକୁ ସିଲ୍ କରିଥିଲେ। ଏହି ସହରରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ମହାମାରୀ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିଲାବେଳେ ୨୫୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଚାଇନାରେ ମୋଟ ମୃତ୍ୟୁସଂଖ୍ୟାର ଏହା ୮୦ ପ୍ରତିଶତ। ଗତ ୨୧ ଦିନରେ ମାତ୍ର ୩ଟି ନୂଆ ମାମଲା ଆସିଥିବାରୁ ହୁବେଇ ପ୍ରଦେଶର ଏହି ରାଜଧାନୀ ସହରରେ କଟକଣାକୁ କୋହଳ କରାଯାଇଛି।

## ହିନ୍ଦୁ ମହିଳାଙ୍କ ମୃତଦେହକୁ କାନ୍ଧଦେଲେ ମୁସଲମାନ ଯୁବକ

ଇନ୍ଦୋର,୮।୪: ଲକ୍‌ଡାଉନ ଯୋଗୁ ଗାଡ଼ି ଚଳାଚଳ ବନ୍ଦ ରହିଥିବାବେଳେ ମଧ୍ୟପ୍ରଦେଶରେ ଇନ୍ଦୋରରେ ଅସୁସ୍ଥ ଥିବା ଜଣେ ୬୫ ବର୍ଷୀୟା ହିନ୍ଦୁ ମହିଳାଙ୍କର ସୋମବାର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ଶ୍ମଶାନକୁ ନେବାରେ ପଡ଼ୋଶୀ ମୁସଲମାନ ଯୁବକମାନେ କାନ୍ଧ ଦେଇଥିଲେ। କରୋନା ସଂକ୍ରମଣ ଭୟରେ ମହିଳାଙ୍କ ସମ୍ପର୍କୀୟମାନେ ଶେଷକୃତ୍ୟରେ ଯୋଗଦେଇ ନ ଥିଲେ। ତେବେ ସ୍ଥାନୀୟ ମୁସଲମାନ ଯୁବକ ସହାୟତାର ହାତ ବଢ଼ାଇଥିଲେ। ସେମାନେ ମୃତଦେହକୁ ୨.୫ କିଲୋମିଟର ପର୍ଯ୍ୟନ୍ତ କାନ୍ଧରେ ବୋହି ଶ୍ମଶାନରେ ପହଞ୍ଚାଇଥିଲେ। ଏଥିସହିତ ଶବଦାହ କାର୍ଯ୍ୟରେ ସହଯୋଗ କରିଥିଲେ। ମାସ୍କ ପିନ୍ଧି ମୁସଲମାନ ଯୁବକମାନେ ମହିଳାଙ୍କ ମୃତଦେହ ବୋହି ନେଉଥିବାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।



ନୂଆଦିଲ୍ଲୀସ୍ଥିତ ଯମୁନା ବଜାର ରାସ୍ତାକଡ଼ରେ ଅଙ୍କାଯାଇଥିବା ହନୁମାନ ଚିତ୍ରକୁ ଅତିକ୍ରମ କରି ଯାଉଛନ୍ତି ଜଣେ ସାଇକେଲ ଆରୋହୀ।

## କରୋନାରେ ୧୪ ମାସ ଶିଶୁର ମୃତ୍ୟୁ

ଗାନ୍ଧୀନଗର,୮।୪(ଆଇଏଏନ୍‌ଏସ୍): ଗୁଜରାଟରେ କରୋନା ସଂକ୍ରମଣରେ ୧୪ ମାସର ଶିଶୁର ମୃତ୍ୟୁ ଘଟିଛି। ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୭୯ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୧୬ରେ ପହଞ୍ଚିଛି। କୋଭିଡ୍-୧୯ରେ ସଂକ୍ରମିତ ଶିଶୁଟି ଜାମନଗରର ଜିଜି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଶିଶୁଟିକୁ ବଞ୍ଚାଇ ପାରି ନ ଥିବା ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ଜୟନ୍ତୀ ରବି କହିଛନ୍ତି। ଗୁଜରାଟରେ ଗତ ୨୪ ଘଣ୍ଟା ମଧ୍ୟରେ ୪ ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି।



ନୂଆଦିଲ୍ଲୀରେ ମାଗଣାରେ ରାଶନ ସାମଗ୍ରୀ ନେବା ପାଇଁ ଏକ ସ୍କୁଲରେ ରୁଣ୍ଡ ହୋଇ ଆଧାର କାର୍ଡ ଦେଖାଉଛନ୍ତି ଅଭାବୀ ଲୋକେ।

## ସିଲ୍ ହେବ ୟୁପିର ୧୫ ଜିଲା

ଲକ୍ଷ୍ନୌ,୮।୪: ଉତ୍ତରପ୍ରଦେଶର ୧୫ଟି ଜିଲାକୁ କରୋନା ସଂକ୍ରମଣର ହଟ୍‌ସ୍ପଟ ଭାବେ ଚିହ୍ନଟ କରାଯାଇଛି। ବୁଧବାର ମଧ୍ୟରାତ୍ରରୁ ଏହି ଜିଲାଗୁଡ଼ିକୁ ୧୫ ତାରିଖ ପର୍ଯ୍ୟନ୍ତ ସିଲ୍ କରିଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଜିଲାର ସମସ୍ତ ଦୋକାନ ବଜାରକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ଲୋକଙ୍କ ଘର ପାଖରେ ପହଞ୍ଚାଇବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। କରୋନା ହଟ୍‌ସ୍ପଟ ଭାବେ ଚିହ୍ନିତ ଜିଲାଗୁଡ଼ିକ ହେଲା ଗୌତମବୁଦ୍ଧ ନଗର, ଲକ୍ଷ୍ନୌ, ଗାଜିଆବାଦ, ମିରଟ, କାନପୁର, ବାରାଣସୀ, ଶାମଲି, ବରେଲୀ, ବୁଲନ୍ଦସହର, ଫିରୋଜାବାଦ, ମହାରାଜଗଞ୍ଜ, ସୀତାପୁର, ସାହରନପୁର ଏବଂ ବସ୍ତୀ।

# ସ୍ୱାସ୍ଥ୍ୟକର୍ମୀଙ୍କୁ ସୁରକ୍ଷିତ ରଖିବାକୁ ହେବ



ନୂଆଦିଲ୍ଲୀ,୮।୪(ପି.ଟି.): କରୋନା ମହାମାରୀ ବିରୋଧୀ ଲଢ଼େଇରେ ଡାକ୍ତର ଓ ସ୍ୱାସ୍ଥ୍ୟସେବା କର୍ମଚାରୀମାନେ ହେଉଛନ୍ତି ଯୋଦ୍ଧା। ସେମାନଙ୍କୁ ସୁରକ୍ଷିତ ରଖିବାକୁ ହେବ ବୋଲି ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ କହିଛନ୍ତି। ସେମାନଙ୍କୁ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା ଲାଗି ସରକାର ଯଥାସାଧ୍ୟ ଉଦ୍ୟମ କରୁଥିବା ସରକାର ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କୋଭିଡ୍-୧୯କୁ ନେଇ ଆଗକୁ କିଭଳି ପଦକ୍ଷେପ ନେବାକୁ ହେବ ସେନେଇ ଜନସାଧାରଣଙ୍କ ମତାମତ ଜାଣିବା ଲାଗି ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ହେବ ବୋଲି ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ସୁରକ୍ଷା ଉପକରଣ ଯୋଗାଇଦେବା ଲାଗି ଆସିଥିବା ୩ଟି ପିଟିଶନ ଉପରେ ଖଣ୍ଡପୀଠ ଭିଡିଓ କନ୍‌ଫରେନ୍ସି ଜରିଆରେ ଶୁଣାଣି କରିଥିଲେ। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ କରୋନା ଯୋଦ୍ଧା ବୋଲି ସଲିସିଟର ଜେନେରାଲ ତୁଷାର ମେହଟ୍ଟା ଖଣ୍ଡପୀଠଙ୍କୁ ଜଣାଇଥିଲେ। ଡାକ୍ତର ଓ ହସ୍ପିଟାଲ କର୍ମଚାରୀଙ୍କ ବେତନ କାଟ୍ ଖବରକୁ ସେ ଖଣ୍ଡନ କରିଥିଲେ। ମାସ୍କ ଓ ଅନ୍ୟ ବ୍ୟକ୍ତିଗତ ସୁରକ୍ଷା ଉପକରଣ କିଣିବା ପାଇଁ ବେତନ କଟାଯାଇପାରିବ ନାହିଁ। ଏ ସମ୍ପର୍କରେ ସମସ୍ତ ରାଜ୍ୟକୁ କେନ୍ଦ୍ର ସରକାର ଚିଠି ଲେଖିବେ। ଯଦି କେହି ଡାକ୍ତର ଓ କର୍ମଚାରୀଙ୍କ ଦରମା କାଟୁଆନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମେହଟ୍ଟା କହିଛନ୍ତି।

### ଘରୋଇ ଲାବ୍‌ରେ ଯାଞ୍ଚ ଦେୟ୍ କମାଅ

କୋଭିଡ୍-୧୯ ପରୀକ୍ଷାରେ ନିୟୋଜିତ ଘରୋଇ ଲାବରେଟୋରୀଗୁଡ଼ିକ ଯେପରି ଜନସାଧାରଣଙ୍କଠାରୁ ଅଧିକ ଦେୟ ନ ନେବେ ସେଥିପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ଲାବରେଟୋରୀଗୁଡ଼ିକର ଦାବି କରୁଥିବା ଦେୟ ସରକାର ଭରଣା କରିବା ଉଚିତ୍ ବୋଲି ଅଦାଲତ କହିଛନ୍ତି। ପୂର୍ବରୁ ଦିନକୁ ୧୫,୦୦୦ ପରୀକ୍ଷା ହେଉଥିବାବେଳେ ଏବେ ଏହି କ୍ଷମତାକୁ ବଢ଼ାଇଦିଆଯାଇଛି। ୪୭ଟି ଘରୋଇ ଲାବ୍‌କୁ କୋଭିଡ୍-୧୯ ପରୀକ୍ଷା ପାଇଁ ଅନୁମତି ଦିଆଯାଇଥିବା ସରକାର ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କ ଖଣ୍ଡପୀଠକୁ ଜଣାଇଥିଲେ। ସମସ୍ତଙ୍କୁ ମାଗଣାରେ ସ୍ୱପରୀକ୍ଷା ସୁବିଧା ଯୋଗାଇବା ଲାଗି ଆଇନଜୀବୀ ଶଶାଙ୍କ ଦେଓ ସୁଧି ଦାଏର କରିଥିବା ପିଟିଶନର ଶୁଣାଣି କରି ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। କରୋନା ପରୀକ୍ଷା ବ୍ୟୟବହୁଳ ହୋଇଥିବାରୁ ଏହା ସମସ୍ତଙ୍କୁ ମାଗଣାରେ ଉପଲବ୍ଧ ହେବା ଆବଶ୍ୟକ ବୋଲି ଆଇନଜୀବୀ ସୁଧି କୋର୍ଟଙ୍କୁ କହିଥିଲେ। ତେବେ କେତେ ଲାବରେଟୋରୀର ଆବଶ୍ୟକ ହେବ ଏବଂ ଲକ୍‌ଡାଉନ କେତେଦିନ ଚାଲିବ ତାହା ବର୍ତ୍ତମାନ କୁହାଯାଇପାରୁନାହିଁ ବୋଲି ସଲିସିଟର ଜେନେରାଲ ତୁଷାର ମେହଟ୍ଟା କହିଥିଲେ।

## ମୁମ୍ବାଇ, ପୁଣେରେ ୨ ସପ୍ତାହ ବଢ଼ିପାରେ ଲକ୍‌ଡାଉନ

ମୁମ୍ବାଇ,୮।୪: ମୁମ୍ବାଇ ଓ ପୁଣେରେ ସର୍ବାଧିକ କରୋନା ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ ସମୟସୀମା ଆଉ ୨ ସପ୍ତାହ ବଢ଼ାଇବା ନେଇ ମହାରାଷ୍ଟ୍ର ସରକାର ନିଷ୍ପତ୍ତି ନେଇପାରନ୍ତି। ରାଜ୍ୟ କ୍ୟାବିନେଟରେ ବୈଠକରେ ଦୁଇଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ୧୫,୦୦୦ରୁ ୧ ଲକ୍ଷ ଟଙ୍କା ବାର୍ଷିକ ଆୟ ଥିବା ପରିବାରକୁ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇବା ସହ ୩ ମାସ ପାଇଁ ୫ ଟଙ୍କାରେ ଖାଦ୍ୟ ଯୋଗାଇଦେବା ଲାଗି ଶିବ ଥାଳି ଯୋଜନାକୁ କ୍ୟାବିନେଟ ଅନୁମୋଦନ କରିଛି। ପୂର୍ବରୁ ଏହି ଖାଦ୍ୟ ୧୦ ଟଙ୍କାରେ ମିଳୁଥିଲା। ଭିଡିଓ କନ୍‌ଫରେନ୍ସି ଜରିଆରେ କ୍ୟାବିନେଟ ବୈଠକ ବସିଥିଲା।

## କରୋନା-ଲକ୍‌ଡାଉନ୍ ତଥ୍ୟ



- ଦିଲ୍ଲୀରେ ୨୦ କରୋନା ଭାଇରସ୍ ହଟ୍‌ସ୍ପଟ୍‌କୁ ସିଲ୍ କରିଦିଆଯାଇଛି। ସମ୍ପୃକ୍ତ ଅଞ୍ଚଳକୁ କେହି ଯାଇପାରିବେ ନାହିଁ କି ସେଠାରୁ କେହି ବାହାରି ପାରିବେ ନାହିଁ। ସେହି ଅଞ୍ଚଳବାସୀଙ୍କୁ ଦିଲ୍ଲୀ ସରକାର ସମସ୍ତ ଜରୁରୀ ସାମଗ୍ରୀ ଯୋଗାଇବା ବ୍ୟବସ୍ଥା କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ବୁଧବାର ସୂଚନା ଦେଇଛନ୍ତି।
- ଏପ୍ରିଲ ୧୪ରେ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ। ଏହି ଦିବସକୁ କେନ୍ଦ୍ର ସରକାର ଏକ କ୍ଲୋଜ୍‌ଡ ହଲି ଡେ ଭାବେ ଘୋଷଣା କରିଛନ୍ତି। ଉକ୍ତ ଦିନରେ କେନ୍ଦ୍ର ସରକାରଙ୍କ ସମସ୍ତ ଅଫିସ ଓ ବ୍ୟାଙ୍କ କାରବାର ବନ୍ଦ ରହିବ ବୋଲି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।
- ଗୁରୁବାର ମୁସ୍‌ଲିମ ସମ୍ପ୍ରଦାୟର ଶାବ୍-ଇ-ବାରାତ ବା ପବିତ୍ର ରାତି ପଡୁଛି। ଦିଲ୍ଲୀର ନିଜାମୁଦ୍ଦିନ୍ ସେଣ୍ଟରେ ଆୟୋଜିତ ଧର୍ମସଭାରୁ ସାରା ଦେଶକୁ ସଂକ୍ରମଣ ବଢ଼ିଥିବା ପରିପ୍ରେକ୍ଷୀରେ ଏହି ପର୍ବକୁ ନିଜ ଘରେ ପାଳନ କରିବାକୁ ମୁସ୍‌ଲିମ ସଂସ୍ଥା ଓ ବିଦ୍ୱାନମାନେ ପରାମର୍ଶ ଦେଇଛନ୍ତି।
- ପଡ଼ୋଶୀ ପାକିସ୍ତାନରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୪,୧୮୩ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୫୮ ଛୁଇଁଛି। ଦେଶ ପାଇଁ ଜଟିଳ ସ୍ଥିତି ସୃଷ୍ଟି ହୋଇଥିବାବେଳେ ଆଗକୁ ଅବସ୍ଥା ଆହୁରି ଖରାପ ହୋଇପାରେ। ଫଳରେ ରୋଗୀଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲଗୁଡ଼ିକ ସହଯୋଗ କରି ନ ପାରନ୍ତି ବୋଲି ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆଶଙ୍କା ବ୍ୟକ୍ତ କରିଛନ୍ତି।
- କରୋନା ଭାଇରସ୍ ସଂକ୍ରମଣ ବଢ଼ିଚାଲିଥିବାବେଳେ ଏହାକୁ ଆଳକରି ସାଇବର ଅପରାଧୀମାନେ ଆକ୍ରମଣ କରିପାରନ୍ତି ବୋଲି ଆମେରିକା ଓ ବ୍ରିଟେନ ପକ୍ଷରୁ ଜାରି ଏକ ମିଳିତ ବିବୃତିରେ ସତର୍କ କରାଯାଇଛି।

# ଉଦ୍ଧବଙ୍କ ଚୌକିରେ କରୋନା ଗ୍ରହଣ

ମୁମ୍ବାଇ,୮।୪

ମହାରାଷ୍ଟ୍ରରେ ଗୋଟିଏ ପଟେ ଲକ୍‌ଡାଉନ୍ ଅବଧି ବଢ଼ାଇବାର ସଙ୍କେତ ମିଳୁଥିବାବେଳେ ଅନ୍ୟପଟେ ରାଜ୍ୟର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଚୌକି ଉପରେ ସଙ୍କଟର କଳାବାଦଲ ଘନେଇବାରେ ଲାଗିଛି। ଉଦ୍ଧବ ମହାରାଷ୍ଟ୍ରର କୌଣସି ସଦନର ସଦସ୍ୟ ହୋଇ ନ ଥିବାବେଳେ ତାଙ୍କ କାର୍ଯ୍ୟକାଳକୁ ମେ ୨୮ରେ ୬ ମାସ ପୂରା ହେଉଛି। ଏଭଳି ସ୍ଥିତିରେ ଏବେ ନିର୍ବାଚନ ହେବାର କୌଣସି ସମ୍ଭାବନା ନ ଥିବାରୁ ଉଦ୍ଧବଙ୍କ ସାମ୍ନାରେ ଚୌକି ବଞ୍ଚାଇବା ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

କରୋନାରେ ଦେଶର ସର୍ବାଧିକ ସଂକ୍ରମଣ ମହାରାଷ୍ଟ୍ରରେ ଦେଖିବାକୁ ମିଳିଛି। ରାଜ୍ୟର ୯୩୦ ଜଣ ଏହି ଭୂତାଣୁରେ ସଂକ୍ରମିତ ହୋଇଥିବାବେଳେ ୬୯ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଲାଣି। ଏହାକୁ ଦୃଷ୍ଟିରେ ରଖି ବିଧାନ ପରିଷଦ ବା ଏମ୍‌ଏଲ୍‌ସି ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ଉଭୟ ବିଧାନସଭା ଓ ବିଧାନ ପରିଷଦ ମଧ୍ୟରୁ କୌଣସି ସଦନର ସଦସ୍ୟ ହୋଇ ନ ଥିବାରୁ ମୁଖ୍ୟମନ୍ତ୍ରୀ ଆସନ ବଞ୍ଚାଇବା ଏବେ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ୨୦୧୯ ନଭେମ୍ବର ୨୮ରେ ଶପଥ ନେଇଥିବା ଉଦ୍ଧବଙ୍କୁ ସମ୍ବିଧାନର ଅନୁଚ୍ଛେଦ ୧୬୪ (୪) ଅନୁସାରେ ୬ ମାସ ମଧ୍ୟରେ ଅର୍ଥାତ୍ ମେ ୨୮ ସୁଦ୍ଧା ଯେକୌଣସି ଗୃହର ସଦସ୍ୟ ଭାବେ ନିର୍ବାଚିତ ହେବାକୁ ପଡ଼ିବ। ବିଧାନସଭାକୁ ନିର୍ବାଚିତ ହେବା ପାଇଁ ତାଙ୍କ ଦଳର କେହି ଜଣେ ବିଧାୟକ ଇସ୍ତଫା ଦେଲେ ସମ୍ପୃକ୍ତ ଆସନରେ ନିର୍ବାଚନ କମିଶନ ମେ ୨୯ର ୪୫ ଦିନ ପୂର୍ବରୁ ଉପନିର୍ବାଚନ କରାଇବେ। ତେବେ ବିଧାନସଭାରେ ତାଙ୍କ ଦଳର ସ୍ଥିତିକୁ ଦେଖି ଉଦ୍ଧବ କୌଣସି ବିଧାୟକଙ୍କୁ ଇସ୍ତଫା ଦେବାକୁ କହି ନ ପାରନ୍ତି। ଏପରି ସ୍ଥଳେ ସେ ବିଧାନ ପରିଷଦକୁ ଯିବାକୁ ଚାହିଁବେ। ଏଥିଲାଗି ନିର୍ବାଚନ କମିଶନଙ୍କୁ ମାତ୍ର ୧୫ ଦିନ ପୂର୍ବରୁ ବିଜ୍ଞପ୍ତି ଜାରି କରିବାକୁ ପଡ଼ିବ। ବିଧାନ ପରିଷଦର ୯ ସଦସ୍ୟଙ୍କ କାର୍ଯ୍ୟକାଳ ଏପ୍ରିଲ ୨୪ରେ ଶେଷ ହେଉଛି। ଏହି ୯ ଏମ୍‌ଏଲ୍‌ସି ଆସନରେ ନିର୍ବାଚନ ହେବାର ଥିଲା, ଯାହାକୁ କରୋନା ଯୋଗୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଫଳରେ ଉଦ୍ଧବଙ୍କ ପାଖରେ ଏବେ ଦୁଇଟି ବିକଳ୍ପ ରହିଛି। ପ୍ରଥମ ବିକଳ୍ପ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ଉପରେ ନିର୍ଭରକରେ। ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହେବାକୁ ଥିବା ଦୁଇଟି ଏମ୍‌ଏଲ୍‌ସି ଆସନ ଖାଲିପଡ଼ିଛି। ସେଥିରୁ ଗୋଟିଏ ଆସନ ପାଇଁ ଉଦ୍ଧବଙ୍କ ନାମକୁ ରାଜ୍ୟ ସରକାର ସୁପାରିସ କରିପାରନ୍ତି। ରାଜ୍ୟପାଳ ସେଥିରେ ସହମତ ହେଲେ ଉଦ୍ଧବଙ୍କ ମୁଖ୍ୟମନ୍ତ୍ରୀ ଆସନ ବଞ୍ଚିଯିବ। ଅନ୍ୟ ବିକଳ୍ପଟି ହେଉଛି ସେ ୬ ମାସ ଅବଧି ପୂରିବା ପୂର୍ବରୁ ଇସ୍ତଫା ଦେବେ। ପରେ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଫଳରେ ବିଧାନ ପରିଷଦ ସଦସ୍ୟତା ପାଇଁ ତାଙ୍କୁ ପୁଣି ୬ ମାସ ସମୟ ମିଳିଯିବ। ତେବେ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବା ପାଇଁ ଶିବସେନା ଅଧ୍ୟକ୍ଷ କେଉଁ ବିକଳ୍ପକୁ ଆପଣାଉଛନ୍ତି ତା' ଉପରେ ରହିଛି ସମସ୍ତଙ୍କ ନଜର।

### ମୁଖ୍ୟମନ୍ତ୍ରୀ ପଦ ବଞ୍ଚାଇବା ପାଇଁ ୨ ବିକଳ୍ପ



- ଉଦ୍ଧବ ଏମ୍‌ଏଲ୍‌ଏ କି ଏମ୍‌ଏଲ୍‌ସି ନୁହନ୍ତି
- ମେ ୨୮ରେ ମୁଖ୍ୟମନ୍ତ୍ରିତ୍ୱକୁ ପୂରୁଛି ୬ ମାସ
- ଏହି ଅବଧି ମଧ୍ୟରେ ଯେକୌଣସି ସଦନକୁ ନିର୍ବାଚିତ ହେବାକୁ ପଡ଼ିବ
- ବିଧାନସଭାରୁ ଇସ୍ତଫା ପାଇଁ ବିଧାୟକଙ୍କୁ କହି ନ ପାରନ୍ତି
- ବିଧାନ ପରିଷଦ ନିର୍ବାଚନ ସ୍ଥଗିତ ରହିଛି

## କେନ୍ଦ୍ର ପଦକ୍ଷେପକୁ ବ୍ରିନ୍ଦାଙ୍କ ସମାଲୋଚନା

କରୋନା ମହାମାରୀକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପିସିପିଏନ୍‌ଡିଟି ଆଇନରେ କରାଯାଇଥିବା କେତେକ ପରିବର୍ତ୍ତନ ଯୋଗୁ ବେଆଇନ ଲିଙ୍ଗ ନିରୂପଣକୁ ବୃଦ୍ଧି ପାଇବା ଆଶଙ୍କା ରହିଛି ବୋଲି ସିପିଏମ୍ ପଲିଟବ୍ୟୁରୋ ସଦସ୍ୟା ବ୍ରିନ୍ଦା କରାତ୍ ସମାଲୋଚନା କରିଛନ୍ତି। ଲକ୍‌ଡାଉନ୍ ସମୟରେ ଅତ୍ୟାବଶ୍ୟକ ସେବା ମଧ୍ୟରେ ଚିକିତ୍ସା ସେବା ଆସୁଥିବାବେଳେ କ୍ଲିନିକ, ଅଲଟ୍ରାସାଉଣ୍ଡ ସେଣ୍ଟର ଖୋଲା ରହିଲେ ରୋଗୀ ଓ ପରୀକ୍ଷଣ ସମ୍ପର୍କରେ ସବିଶେଷ ବିବରଣୀ ରହିବା ଜରୁରୀ। ଲକ୍‌ଡାଉନ୍ ୧୫ ସୁଦ୍ଧା ଶେଷ ହେଉଥିବାବେଳେ ଜୁନ ୩୦ ଯାଏ ନିୟମକୁ ବାତିଲ କରାଯିବାର ଯଥାର୍ଥତା କ’ଣ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ

### ୪୦ ଡିଗ୍ରୀ ତଳକୁ ଖସିଲା ପାରଦ

■ ଉପକୂଳ ଓଡ଼ିଶାରେ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୮।୪(ବ୍ୟୁରୋ): ରାଜ୍ୟରେ ତାତି କମିଛି। ମେଘୁଆ ପାଗ ଯୋଗୁ ପାରଦ ୪୦ ଡିଗ୍ରୀ ସେଲସିୟସ ତଳକୁ ଖସିଯାଇଛି। ଆସନ୍ତା ଦୁଇ ଦିନ ରାଜ୍ୟରେ ପାଗ ମେଘୁଆ ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଜିଲା ସମେତ ମୟୂରଭଞ୍ଜ, ରାୟଗଡ଼ା, କନ୍ଧମାଳ ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ାରେ ୪ ମିଲିମିଟର ବର୍ଷା ହୋଇଥିବା ବେଳେ କେନ୍ଦୁଝରରେ ୧୧.୮, ସୁନ୍ଦରଗଡ଼ରେ ୪, କୋରାପୁଟରେ ୪.୨, ମାଲକାନଗିରିରେ ୨୬, ଟିଟିଲାଗଡ଼ରେ ୧୪, ଦାରିଙ୍ଗିବାଡ଼ିରେ ୧୧, ବୌଦ୍ଧରେ ୧୧.୩ ଏବଂ ରାୟଗଡ଼ାରେ ୪.୨ ମିଲିମିଟର ବର୍ଷା ହୋଇଛି। ଝଡ଼ବର୍ଷା ଯୋଗୁ ରାଜ୍ୟରେ ତାତି ୩୧ରୁ ୩୮ ଡିଗ୍ରୀ ସେଲସିୟସକୁ ଖସି ଯାଇଛି।

### ତବଲିଘି ଜମାତ, ସହଯୋଗୀଙ୍କୁ ଗିରଫ ଦାବି

କଟକ ଅଫିସ୍,୮।୪:ତବଲିଘି ଜମାତର ମୁଖ୍ୟ ମୌଲାନା ସାଦ୍ ଓ ତାଙ୍କ ସହଯୋଗୀଙ୍କୁ ତୁରନ୍ତ ଗିରଫ ସହ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛି ଓଡ଼ିଶା ସୁରକ୍ଷା ସେନା। ସଂଗଠନର ମୁଖ୍ୟ ତଥା ରାଜ୍ୟ ସଭାପତି ଅଭିଷେକ ଯୋଶୀ ଏନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଏକ ପତ୍ର ଲେଖିଛନ୍ତି। ଭାରତରେ କରୋନା ଭୂତାଣୁ ମହାମାରୀର ରୂପ ଧାରଣ କଲାଣି। ଏହା ଦ୍ୱାରା ପ୍ରାୟ ୩ହଜାର ଲୋକ ସଂକ୍ରମିତ ହେବା ସହିତ ସମଗ୍ର ଦେଶରେ ଆତଙ୍କ ପରିବେଶ ସୃଷ୍ଟି ହୋଇଛି। ସେମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଯୋଶୀ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ସେମାନଙ୍କ ମଧ୍ୟରୁ ପ୍ରାୟ ୮ଶହ ଧରାପଡ଼ି କ୍ୱାରାଣ୍ଟାଇନ୍‌ରେ ଥିବା ବେଳେ ଅନ୍ୟମାନେ ଲୁଚି ରହି ବିପଦ ବଢ଼ାଉଛନ୍ତି। ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମୁଖ୍ୟଙ୍କୁ ଗିରଫ କରିବା ପାଇଁ ଯୋଶୀ ନିଜ ପତ୍ରରେ ଦାବି ରଖିଛନ୍ତି।

### ସବୁ ନିର୍ବାଚନମଣ୍ଡଳୀରେ ଅସହାୟଙ୍କୁ ଖାଦ୍ୟ ବାଣ୍ଟୁଛି ଭାଜପା

ଭୁବନେଶ୍ୱର, ୮।୪(ବ୍ୟୁରୋ): ଲକ୍‌ଡାଉନ ସମୟରେ ଭାଜପା କାର୍ଯ୍ୟକର୍ତ୍ତାମାନେ ଦୈନିକ ସ୍ୱେଚ୍ଛାକୃତଭାବେ ସେମାନଙ୍କ ଅଞ୍ଚଳରେ ବାସକରୁଥିବା ଗରିବ, ଦିନମଜୁରିଆ, ଦୁଃଖୀଜନ ତଥା ଅଭାବୀଙ୍କୁ ସେମାନଙ୍କ ଆବଶ୍ୟକ ଖାଦ୍ୟସାମଗ୍ରୀ, ଔଷଧ ଆଦି ନିତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାର କାର୍ଯ୍ୟ କରୁଛନ୍ତି । ଏ ପର୍ଯ୍ୟନ୍ତ ୪ ଲକ୍ଷରୁ ଉର୍ଦ୍ଧ୍ୱ ନିଃସ୍ୱ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଖାଦ୍ୟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇଛନ୍ତି। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାସ୍କ ବଣ୍ଟନ ସରିଲାଣି ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ‘ପ୍ରଧାନମନ୍ତ୍ରୀ ଅନ୍ନଯୋଜନା’ରେ ୬ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୧ଟି ସଂସଦୀୟ କ୍ଷେତ୍ରରେ ବାସ କରୁଥିବା ୧ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରୁଥିବା ସୂଚନା ଦିଆଯାଇଛି । ସେହିପରି ୮୪ହଜାରରୁ ଉର୍ଦ୍ଧ୍ୱ ପରିବାରକୁ ଶୁଖିଲା ଖାଦ୍ୟ ଏବଂ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି । କରୋନା ସଙ୍କଟ ଦୂରହେବା ପର୍ଯ୍ୟନ୍ତ ଅସହାୟଙ୍କୁ କାର୍ଯ୍ୟକର୍ତ୍ତାମାନେ ଖାଦ୍ୟ ବଣ୍ଟନ କରିବେ ।



ଭୁବନେଶ୍ୱର ଶହୀଦନଗର ଅଞ୍ଚଳକୁ ବୁଧବାର ଅଗ୍ନିଶମ ବିଭାଗ ପକ୍ଷରୁ ଭୂତାଣୁମୁକ୍ତ ନିମନ୍ତେ ବିଶୋଧନ କରାଯାଉଛି।

# ହ୍ୱାଟ୍ସ ଆପ୍, ଭିଡିଓ କଲିଂରେ ହେବ ଶୁଣାଣି

## ଲକ୍‌ଡାଉନ୍ ପାଇଁ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି



■ ଆଜିଠୁ ଓଡ଼ିଶା ହାଇକୋର୍ଟ ଇ-ଫାଇଲିଂ ଆଣ୍ଡ ଭିଡିଓ କନ୍‌ଫରେନ୍ସିଂ ସ୍କିମ୍ ଆରମ୍ଭ

■ ଘରୁ ଶୁଣାଣିରେ ଭାଗନେଇ ପାରିବେ ଆବେଦନକାରୀ

କଟକ ଅଫିସ୍,୮।୪

ଲକ୍‌ଡାଉନ୍‌ର ପ୍ରଭାବ ନ୍ୟାୟିକ ବ୍ୟବସ୍ଥା ଉପରେ ପଡ଼ିଛି। ଅଦାଲତଗୁଡ଼ିକୁ ବନ୍ଦ ରଖାଯିବା ସହ ଶୁଣାଣିକୁ ମଧ୍ୟ ସ୍ଥଗିତ କରାଯାଇଛି। ଫଳରେ ଆବେଦନକାରୀ, ପ୍ରତିପକ୍ଷ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳିସ୍ଥିତରେ ଓଡ଼ିଶା ହାଇକୋର୍ଟ ତରଫରୁ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ହାଇକୋର୍ଟ ଇ-ଫାଇଲିଂ ଆଣ୍ଡ ଭିଡିଓ କନ୍‌ଫରେନ୍ସିଂ ସ୍କିମ୍-୨୦୨୦ ଗୁରୁବାର ଅର୍ଥାତ ଏପ୍ରିଲ ୯ରୁ ଆରମ୍ଭ ହେବ। ଇ-ମେଲ୍‌ରେ ପକ୍ଷମାନେ ହାଇକୋର୍ଟରେ ମାମଲା ରୁଜୁ ପାଇଁ ଆବେଦନ କରିପାରିବେ। ଏଥିସହିତ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶୁଣାଣି କରାଯିବ। ତେବେ ଆବେଦନକାରୀ/ଆଇନ୍‌ଜୀବୀ ଚାହିଁଲେ, ହ୍ୱାଟ୍ସଆପ୍ ଭିଡିଓ କଲିଂ ଜରିଆରେ ଘରୁଥାଇ ଶୁଣାଣିରେ ଭାଗ ନେଇପାରିବେ। ନିର୍ଦ୍ଦେଶ କପି ପ୍ରଦାନ ଏବଂ ଅନ୍ୟାନ୍ୟ ସୁବିଧା ମଧ୍ୟ ଏହି ବ୍ୟବସ୍ଥାରେ ରହିବ। ଆବଶ୍ୟକ ସୂଚନା ପାଇଁ ଏକ ହେଲ୍‌ପଲାଇନ ମଧ୍ୟ ଖୋଲାଯାଇଛି । ତେବେ ଏହି ସୁବିଧା କେବଳ ହାଇକୋର୍ଟ ପାଇଁ ଉପଲବ୍ଧ ହୋଇପାରିବ ବୋଲି କୁହାଯାଇଛି।

ହାଇକୋର୍ଟଗୁଡ଼ିକରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶୁଣାଣି ଉପରେ ସୁପ୍ରିମ୍‌କୋର୍ଟ ଗୁରୁତ୍ୱ ଦେଇଛନ୍ତି। ଏନେଇ ଗତ ୬ତାରିଖରେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହି ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ହାଇକୋର୍ଟ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବ୍ୟକ୍ତିଗତ ଉପସ୍ଥିତି ଏବଂ ଭିଡ଼ କମାଇବା ଦିଗରେ ଏହା ଯଥାସମ୍ଭବ ସହାୟକ ହେବ ବୋଲି ଆଶା କରାଯାଉଛି। ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ସ୍ମାର୍ଟଫୋନର ବ୍ୟବହାର ହେତୁ ବର୍ତ୍ତମାନ ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ମାମଲା ଦାୟର କରିବା ସହଜ ହୋଇପାରିଛି। ଭିଡିଓ କନ୍‌ଫରେନ୍ସିଂରେ ମଧ୍ୟ ଶୁଣାଣି କରିବା ସମ୍ଭବ ହୋଇଛି। ଏହି ସ୍କିମ୍ ଅନୁଯାୟୀ, ଆବେଦନକାରୀ ଏବଂ ଆଇନ୍‌ଜୀବୀମାନେ ପିଡିଏଫ୍ ଫର୍ମାଟ୍‌ରେ ଇ-ମେଲ୍ ଯୋଗେ ଆବେଦନ କରିପାରିବେ। ଇ-ମେଲ୍‌ରେ ସମସ୍ତ ପ୍ରକାର ଆବଶ୍ୟକ ଦସ୍ତାବିଜ ସହ ବାର୍ କାଉନସିଲ୍ ନମ୍ବର, ଆଇନ୍‌ଜୀବୀଙ୍କ ନାମ ଏବଂ ଫୋନ୍ ନମ୍ବର ରହିବା ଜରୁରୀ। ମାମଲା ରୁଜୁ ହେବା ପରେ କେଉଁ ଅଧିକାରୀ ଉକ୍ତ ମାମଲକୁ ଟ୍ରାକ୍ କରିବେ, ସେନେଇ ରେଜିଷ୍ଟ୍ରାର୍(ଜୁଡିସିଆଲ୍) ନିଷ୍ପତ୍ତି ନେବେ। ଦୈନିକ ଶୁଣାଣି ସୂଚୀ ମଧ୍ୟ ହାଇକୋର୍ଟର ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ଭିଡିଓ କନ୍‌ଫରେନ୍ସିଂରେ ଶୁଣାଣି ପାଇଁ ନିର୍ଦ୍ଦିଷ୍ଟ ସଫ୍ଟୱେର୍‌ର ବ୍ୟବହାର କରିବାକୁ ପଡ଼ିବ। ତେବେ ଆଇନଜୀବୀ/ଆବେଦନକାରୀ ଚାହିଁଲେ ହ୍ୱାଟ୍ସଆପ୍‌ର ଭିଡିଓ କଲିଂ ମାଧ୍ୟମରେ ମଧ୍ୟ ଶୁଣାଣି କରାଯାଇପାରିବ। କିନ୍ତୁ ଯେଉଁମାନଙ୍କ ପାଖରେ ଏହି ସୁବିଧା ନାହିଁ, ସେମାନେ ଚାହିଁଲେ ହାଇକୋର୍ଟର ଭିଡିଓ କନ୍‌ଫରେନ୍ସିଂ ହଲ୍‌ରୁ ଶୁଣାଣିରେ ଭାଗନେଇ ପାରିବେ। ଏଥିପାଇଁ ଆବଶ୍ୟକ ଅନୁମତି ନେବାକୁ ପଡ଼ିବ। କେଉଁ ଦିନ ମାମଲାର ଶୁଣାଣି ହେବ, ସେନେଇ ରେଜିଷ୍ଟ୍ରାର ଆଗୁଆ ସୂଚନା ପ୍ରଦାନ କରିବେ। ତଦନୁଯାୟୀ ଆଇନଜୀବୀଙ୍କୁ ପ୍ରସ୍ତୁତ ରହିବାକୁ ପଡ଼ିବ। ତେବେ ଭିଡିଓ କନ୍‌ଫରେନ୍ସିଂକୁ ରେକର୍ଡ କରିବା କିମ୍ବା ତାକୁ ସାର୍ବଜନୀନ କରିବା ଉପରେ ହାଇକୋର୍ଟ କଟକଣା ଜାରି କରିଛନ୍ତି। ଯଦି କେହି ସେମିତି କରନ୍ତି, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶୁଣାଣିବେଳେ ଆଇନ୍‌ଜୀବୀଙ୍କୁ ବୈଧ ପୋଷାକ ପରିଧାନ କରିବାକୁ ପଡ଼ିବ। ବୈଷୟିକ ତ୍ରୁଟି ବ୍ୟତୀତ ଯଦି ଅନ୍ୟ କୌଣସି କାରଣରୁ ଆଇନଜୀବୀ କିମ୍ବା ଆବେଦନକାରୀ ଶୁଣାଣିରେ ଭାଗନେଇପାରୁ ନାହାନ୍ତି, ତେବେ ଶୁଣାଣିକୁ ସ୍ଥଗିତ ରଖାଯିବ। ଯେକୌଣସି ପ୍ରକାରରେ ବି ଶୁଣାଣିରେ କୌଣସି ସମସ୍ୟା ଦେଖାଦେଲେ, ଖଣ୍ଡପୀଠ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଏହି ସ୍କିମ୍ ସମ୍ପର୍କିତ ସମସ୍ତ ତଥ୍ୟ ହାଇକୋର୍ଟର ୱେବ୍‌ସାଇଟ୍‌ରେ ମହଜୁଦ୍ ରହିଛି। ନିର୍ଦ୍ଦେଶ ସମ୍ପର୍କରେ ଜାଣିବା ପାଇଁ ୱେବ୍‌ସାଇଟ୍ ଦେଖିବାକୁ ଡେପୁଟି ରେଜିଷ୍ଟ୍ରାର(ଜୁଡିସିଆଲ୍) ଏସ୍.କେ. ମିଶ୍ରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ବୁଧବାର ପୁରୀ ଶ୍ରୀକ୍ଷେତ୍ର ଆକାଶରେ ମେଘ ଓ ବିଜୁଳି ।

## ଡାକ୍ତର, ସ୍ୱାସ୍ଥ୍ୟ କର୍ମୀଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ:ଡିଜି

କଟକ ଅଫିସ୍,୭।୪

କରୋନା ମୁକାବିଲା ଦିଗରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀମାନେ ଆଗ ଧାଡ଼ିର ଯୋଦ୍ଧା। ହେଲେ ସେମାନଙ୍କ ଉପରେ ହେଉଥିବା ଆକ୍ରମଣ ଏବଂ ଅଶୋଭନୀୟ ଆଚରଣ ନିନ୍ଦାଜନକ। ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ସୁରକ୍ଷା ଓଡ଼ିଶା ପୋଲିସର ବଡ଼ ଦାୟିତ୍ୱ ବୋଲି ବୁଧବାର ପ୍ରକାଶ କରିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ। ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, କର୍ତ୍ତବ୍ୟରତ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ରୋଗୀଙ୍କ ସମ୍ପର୍କୀୟମାନେ ଆକ୍ରମଣ କରୁଥିବା ଅଭିଯୋଗ ଦୃଷ୍ଟିକୁ ଆସିଛି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଡିଜିପି ଅଭୟ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ଉପରୋକ୍ତ ଅପରାଧରେ ଲିପ୍ତଥିବା ବ୍ୟକ୍ତିମାନଙ୍କ ବିରୋଧରେ କଠୋର ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧ ଉପରେ ତତ୍‌କାଳ ଏଫ୍‌ଆଇଆର୍ ରୁଜୁ କରି ଘଟଣାର ଶୀଘ୍ର ତଦନ୍ତ କରାଇବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଏହି ଘଟଣାର ତଦନ୍ତକୁ ଜଣେ ଡିଏସ୍‌ପି କିମ୍ବା ତଦୁର୍ଦ୍ଧ୍ୱ ଅଧିକାରୀଙ୍କ ତଦାରଖରେ କରି ଏଥିରେ ଚାର୍ଜସିଟ୍ ଏବଂ ଚୂଡ଼ାନ୍ତ ଫର୍ମ ଏକ ମାସ ମଧ୍ୟରେ ଦାଖଲ କରାଯିବାକୁ ଏସ୍‌ପି ଏବଂ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପୁଣି ଏକ ହାତୀର ମୃତ୍ୟୁ



ହାତୀ ମୃତଦେହ ପଡ଼ିଥିବା ସ୍ଥାନରେ ବନ ବିଭାଗ ଅଧିକାରୀ।

**୫ମାସରେ ଗଲାଣି ୫ ହାତୀଙ୍କ ଜୀବନ**

ରଣପୁର,୮।୪(ସ୍ୱ.ପ୍ର.)

ଖୋର୍ଦ୍ଧା ବନଖଣ୍ଡର ନୟାଗଡ଼ ଜିଲା ରଣପୁର ରେଞ୍ଜ ଅନ୍ତର୍ଗତ କରଡାପଲ୍ଲୀ ସେକ୍ସନ କାଳିମାଇ ଜଙ୍ଗଲରେ ବୁଧବାର ପୁଣି ଏକ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ବନବିଭାଗ ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରାଯାଇ ଜଙ୍ଗଲରେ ପୋତି ଦିଆଯାଇଛି। ଡିଏଫଓ ସୁଦୀପ୍ତ ନାୟକଙ୍କ ସୂଚନା ଅନୁସାରେ ହାତୀଟି ପ୍ରାୟ ୭ରୁ ୮ଦିନ ହେଲା ମରି ପଡିଥିଲା। ଏହାର ବୟସ ୭ରୁ ୮ମାସ ହେବ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବୁଧବାର ମୃତହାତୀକୁ ଠାବ କରାଯାଇଥିଲା। ପ୍ରାପ୍ତ ସୂଚନା ଅନୁସାରେ ଖୋର୍ଦ୍ଧା ବନଖଣ୍ଡରେ ଗତ ୫ମାସ ମଧ୍ୟରେ ୫ ହାତୀଙ୍କ ମୃତ୍ୟୁ ଘଟିଲାଣି। ଏହା ପରେ ବି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଚେତା ପଶୁନି। ହାତୀ ମୃତ୍ୟୁ ଖବର ଆସିବା ପରେ ରଣପୁର ରେଞ୍ଜର ଶରତ କୁମାର ଶତପଥୀ ଏହାକୁ ଅସ୍ୱୀକାର କରିଥିଲେ। ଅନ୍ୟପକ୍ଷେ କରଡାପଲ୍ଲୀ ସେକ୍ସନ ଅନ୍ତର୍ଗତ ଜଙ୍ଗଲରେ ଜଣେ ଫରେଷ୍ଟର, ୪ଜଣ ଗାର୍ଡ, ୫ରୁ ଉର୍ଦ୍ଧ୍ୱ ୱାଚର ରହିଛନ୍ତି। ଏହା ସତ୍ତ୍ୱେ ହାତୀ ମୃତ୍ୟୁ ସମ୍ପର୍କରେ ଜାଣି ନ ପାରିବା ବିଭାଗର ପାରିବାପଣିଆକୁ ପଦାରେ ପକାଇଛି। ସେହିପରି ହାତୀମୃତ୍ୟୁ ଖବର ଜଣାପଡିବା ପରେ ଡିଏଫ୍‌ଓ, ରେଞ୍ଜର କିଛି ବନ କର୍ମଚାରୀଙ୍କୁ ନେଇ ସ୍ଥାନୀୟ ଭିଏସ୍‌ଙ୍କ ଦ୍ୱାରା ତରବରିଆ ଭାବେ ମୃତଦେହ ବ୍ୟବଚ୍ଛେଦ କରିବାକୁ ଉଦ୍ୟମ କରିଥିଲେ। ହେଲେ ଘଟଣା ଲୁଚିବା ବଦଳରେ ପଦାକୁ ଆସିଥିଲା। ଏଣୁ ହାତୀ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି।

## ପୂର୍ବତନ ବିଧାୟକ ଭରତ ପାଇକଙ୍କ ପରଲୋକ

ପାରଳାଖେମୁଣ୍ଡି,୮।୪(ସ୍ୱ.ପ୍ର.)



ଗଜପତି ଜିଲା ରାମଗିରି ନିର୍ବାଚନମଣ୍ଡଳୀ (୨୦୦୯ ପୂର୍ବର)ର ପୂର୍ବତନ ବିଧାୟକ ଭରତ ପାଇକ (୬୧)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ଆନ୍ଧ୍ରର ଶ୍ରୀକାକୁଳମ ଜିଲା ରେଗୁଲୁସ୍ଥିତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ଚାଲିଥିଲା। ମଙ୍ଗଳବାର ଘରକୁ ଫେରାଇ ଅଣାଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଛି। ବୁଧବାର ଗଜପତି ଜିଲା ଗୁମ୍ମା ବ୍ଲକସ୍ଥିତ କୁଜାସିଂ ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ରାମଗିରି ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ଭାବେ ବିଧାୟକ ନିର୍ବାଚିତ ହୋଇଥିଲେ। ୨୦୦୯ରେ ବ୍ରହ୍ମପୁରରୁ ଭାଜପା ଲୋକସଭା ପ୍ରାର୍ଥୀ, ୨୦୧୪ରେ ମୋହନା ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇ ସେ ନିର୍ବାଚନ ହାରିଥିଲେ। ୨୦୧୯ରେ ସେ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଛାତ୍ର ଜୀବନରୁ ରାଜନୀତି ସହ ଜଡ଼ିତ ଥିବା ପାଇକ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ହୋଇଥିଲେ। ଜଣେ ଦକ୍ଷ ଆଇନଜୀବୀ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଥିଲା। ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ବିଜେଡି ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ ତାଙ୍କର ଶେଷ ଦର୍ଶନ କରି ଶୋକ ପ୍ରକାଶ କରିଛନ୍ତି। ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ପୂର୍ବତନ ନଗରପାଳ ପି. କ୍ରିଷ୍ଣା ମଧ୍ୟ ଶୋକବ୍ୟକ୍ତ କରିଛନ୍ତି ।

## କରୋନା ସହାୟତା ଦେବାରେ ଦିଲ୍ଲୀର ଓଡ଼ିଆ ସଂଗଠନ ସକ୍ରିୟ

ନୂଆଦିଲ୍ଲୀ, ୮।୪ (ସ୍ୱ.ପ୍ର.)

ଦେଶରେ ଲକ୍‌ଡାଉନ୍ ଜାରି ରହିଥିବାରୁ ଗରିବ ଦିନ ମଜୁରିଆମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ପ୍ରବାସରେ ରହୁଥିବା ଗରିବ ଲୋକମାନେ କଷ୍ଟରେ ଜୀବନ ବିତାଉଛନ୍ତି। ଦିଲ୍ଲୀ ଓ ଏହାର ଆଖପାଖ ସହରରେ ରହୁଥିବା ଦିନ ମଜୁରିଆ ଗରିବ ଓଡ଼ିଆମାନେ ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ପ୍ରବାସୀ ଓଡ଼ିଆମାନଙ୍କୁ ସହାୟତା ଯୋଗାଇ ଦିଆଯାଉଛି ବୋଲି ରାଜ୍ୟ ସରକାର କହିଥିଲେ ମଧ୍ୟ ପ୍ରକୃତରେ କୌଣସି ପ୍ରକାର ସହାୟତା ଏମାନଙ୍କ ପାଖରେ ଆଜି ପର୍ଯ୍ୟନ୍ତ ପହଞ୍ଚି ନାହିଁ। ଏପରି ସ୍ଥଳେ ଦିଲ୍ଲୀର ଥିବା ବିଭିନ୍ନ ଓଡିଆ ସଂଗଠନଗୁଡିକ ଲୋକମାନଙ୍କୁ ସହାୟତାର ହାତ ବଢାଇଛନ୍ତି । ଏଠାରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିର ବିଶେଷକରି, ନୀଳାଚଳ ସେବାସଂଘ, ଓଡ଼ିଆ ସମାଜ, ଦିଲ୍ଲୀ ସାରସ୍ୱତ ସଂଘ, ଓଡିଆ ମହାମଞ୍ଚ, ରାଷ୍ଟ୍ରୀୟ ପ୍ରବାସୀ ଓଡିଆ ପରିବାର, ଉତ୍କଳିକା ଆଦି ସଂଗଠନଗୁଡିକ ପକ୍ଷରୁ ବିଭିନ୍ନ ସ୍ଥାନରେ ସହାୟତା ପାଇଁ ଅପେକ୍ଷା କରିଥିବା ଓଡିଆ ପରିବାରକୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି ।

ଏଠାରେ ପ୍ରକୃତ ଲୋକଙ୍କୁ ଚିହ୍ନଟ କରିବା ଏକ କଷ୍ଟସାଧ ହୋଇଥିବାରୁ ଅନେକ ଲୋକ ସହାୟତାରୁ ବଞ୍ଚିତ ହେଉଛନ୍ତି । ସେହିପରି ପାଣିପାଇପ୍ କାମ ପାଇଁ ଓଡିଶାରୁ ବହୁଲୋକ ଆସି ଦିଲ୍ଲୀରେ ଦିନ ମଜୁରିଆ ଭାବେ କାମ କରନ୍ତି । ଏବେ କାମ ବନ୍ଦ ଥିବାରୁ ସେମାନଙ୍କ ନିକଟରେ ପଇସା ନାହିଁ ବୋଲି କେତେ ଜଣ ଜଣାଇଛନ୍ତି । ଏଠାରେ ସଂଗଠନ ବ୍ୟତୀତ ଅନେକ ବ୍ୟକ୍ତି ବିଶେଷ ମଧ୍ୟ ନିଜ ଉଦ୍ୟମରେ ଗରିବ ଓଡିଆମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି ।

## ଭାରତରେ କରୋନା ମୃତ୍ୟୁ ୧୭୯କୁ ବୃଦ୍ଧି

ନୂଆଦିଲ୍ଲୀ,୮।୪: କ୍ରମଶଃ ଭାରତରେ କାୟାବିସ୍ତାର କରିବାରେ ଲାଗିଛି କରୋନା ଭୂତାଣୁ। ଅଦ୍ୟାବଧି ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୫,୯୧୬କୁ ବୃଦ୍ଧିପାଇଥିବା ବେଳେ ମୃତ୍ୟୁସଂଖ୍ୟା ବଢ଼ି ୧୭୯ରେ ପହଞ୍ଚିଛି। ଦିନକରେ ୫୬୫ ନୂଆ ମାମଲା ସାମ୍ନାକୁ ଆସିଛି। ମହାରାଷ୍ଟ୍ର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଦେଶର ସର୍ବାଧିକ କରୋନା ଆକ୍ରାନ୍ତ ଏହି ରାଜ୍ୟରେ ଅଛନ୍ତି। ମହାରାଷ୍ଟ୍ରରେ ଭୂତାଣୁ ୧,୧୩୫ ଜଣଙ୍କୁ ସଂକ୍ରମିତ କରିଥିବା ବେଳେ ୭୨ ଜଣ ପ୍ରାଣ ହରାଇଲେଣି। ଏଠାରେ ୯୮୪ଟି ଆକ୍ଟିଭ ମାମଲା ରହିଛି। ୨୪ ଘଣ୍ଟାରେ ୧୧୭ ଜଣ କରୋନା ଆକ୍ରାନ୍ତ ହୋଇଛନ୍ତି। ତାମିଲନାଡୁରେ ମୃତ୍ୟୁସଂଖ୍ୟା ୧୮ ରହିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୭୩୮ରେ ପହଞ୍ଚିଛି। ଗୋଟିଏ ଦିନରେ ଏଠାରେ ୪୮ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ରାଜଧାନୀ ଦିଲ୍ଲୀରେ ଭୂତାଣୁ ୯ ମୁଣ୍ଡ ନେଇଥିବା ବେଳେ ୬୬୯ ବ୍ୟକ୍ତି ଆକ୍ରାନ୍ତ ଅଛନ୍ତି। ତେଲଙ୍ଗାନାରେ ୧୧ ଜୀବନ ଯାଇଛି। ଏଠାରେ କରୋନା ରୋଗୀଙ୍କ ସଂଖ୍ୟା ଏବେ ୪୫୩ରେ ପହଞ୍ଚିଛି। ଗୋଟିଏ ଦିନରେ ଏଠାରେ ୪୯ ଜଣ ଭୂତାଣୁ ସଂକ୍ରମିତ ହୋଇଛନ୍ତି। ରାଜସ୍ଥାନରେ ମୋଟ ୩୮୩ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨ ଜୀବନ ଯାଇଛି। ଉତ୍ତରପ୍ରଦେଶରେ ୩୬୧ ରୋଗୀ ଥିବାବେଳେ ୪ ମୁଣ୍ଡ ଗଡ଼ିଲାଣି। ସେହିଭଳି ମଧ୍ୟପ୍ରଦେଶରେ ୨୪, ଗୁଜରାଟରେ ୧୬, କର୍ଣାଟକରେ ୫, ପଞ୍ଜାବରେ ୯, ପଶ୍ଚିମବଙ୍ଗରେ ୫, ହିମାଚଳପ୍ରଦେଶ ଓ ହରିୟାଣାରେ ୨ ଜଣ ଲେଖାଏ, ଜମ୍ମୁ-କଶ୍ମୀରରେ ୩ ବ୍ୟକ୍ତି ପ୍ରାଣ ହରାଇଛନ୍ତି।

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୧,୧୩୫ | ୯୮୪ | ୭୯ | ୭୨ |
| ତାମିଲନାଡୁ | ୭୩୮ | ୭୦୯ | ୨୧ | ୮ |
| ଦିଲ୍ଲୀ | ୬୬୯ | ୬୩୯ | ୨୧ | ୯ |
| ତେଲଙ୍ଗାନା | ୪୫୩ | ୩୯୭ | ୪୫ | ୧୧ |
| କେରଳ | ୩୪୫ | ୨୫୯ | ୮୪ | ୨ |
| ଉତ୍ତରପ୍ରଦେଶ | ୩୬୧ | ୩୨୬ | ୩୧ | ୪ |
| ଆନ୍ଧ୍ରପ୍ରଦେଶ | ୩୪୮ | ୩୩୯ | ୬ | ୩ |
| ରାଜସ୍ଥାନ | ୩୮୩ | ୩୫୬ | ୨୫ | ୨ |
| ମଧ୍ୟପ୍ରଦେଶ | ୩୪୧ | ୨୯୨ | ୨୫ | ୨୪ |
| କର୍ଣାଟକ | ୧୮୧ | ୧୪୮ | ୨୮ | ୫ |
| ଗୁଜରାଟ | ୧୮୬ | ୧୪୫ | ୨୫ | ୧୬ |
| ହରିୟାଣା | ୧୬୭ | ୧୩୩ | ୩୨ | ୨ |
| ଜମ୍ମୁ-କଶ୍ମୀର | ୧୫୮ | ୧୪୯ | ୬ | ୩ |
| ପଶ୍ଚିମବଙ୍ଗ | ୯୯ | ୮୧ | ୧୩ | ୫ |
| ପଞ୍ଜାବ | ୧୦୬ | ୮୩ | ୧୪ | ୯ |
| ଓଡ଼ିଶା | ୪୨ | ୩୯ | ୨ | ୧ |
| ବିହାର | ୩୯ | ୨୩ | ୧୫ | ୧ |
| ଉତ୍ତରାଖଣ୍ଡ | ୩୫ | ୩୦ | ୫ | - |
| ଆସାମ | ୨୮ | ୨୮ | - | - |
| ଚଣ୍ଡିଗଡ଼ | ୧୮ | ୧୧ | ୭ | - |
| ଲଦାଖ | ୧୪ | ୪ | ୧୦ | - |
| ହିମାଚଳ ପ୍ରଦେଶ | ୨୭ | ୨୩ | ୨ | ୨ |
| ଆଣ୍ଡାମାନ ଓ ନିକୋବର | ୧୧ | ୧୧ | - | - |
| ଛତିଶଗଡ଼ | ୧୦ | ୧ | ୯ | - |
| ଗୋଆ | ୭ | ୭ | - | - |
| ପୁଡୁଚେରୀ | ୫ | ୪ | ୧ | - |
| ଝାଡ଼ଖଣ୍ଡ | ୪ | ୪ | - | - |
| ମଣିପୁର | ୨ | ୧ | ୧ | - |
| ଅରୁଣାଚଳ ପ୍ରଦେଶ | ୧ | ୧ | - | - |
| ଦାଦ୍ରା ଓ ନଗର ହାବେଳି | ୧ | ୧ | - | - |
| ମିଜୋରାମ | ୧ | ୧ | - | - |
| ତ୍ରିପୁରା | ୧ | ୧ | - | - |
| ମୋଟ | ୫୯୧୬ | ୫୨୩୦ | ୫୦୭ | ୧୭୯ |

https://www.covid19india.org ତଥ୍ୟ ଅନୁଯାୟୀ (ବୁଧବାର ରାତି ୧୧ଟା ସୁଦ୍ଧା)

# ଶହୀଦ ପ୍ରକାଶ ସାହୁଙ୍କ ଶେଷକୃତ୍ୟ ସମ୍ପନ୍ନ

## କାନ୍ଦ ବୋବାଳିରେ ଫାଟିପଡ଼ିଲା କଟାପାଲି

ବରଗଡ଼ ଅଫିସ୍,୮।୪

ଭୁବନେଶ୍ୱର ଚନ୍ଦକାସ୍ଥିତ ଏସ୍ଓଜି (ସ୍ପେଶାଲ ଅପରେଶନ ଗ୍ରୁପ୍) ଟ୍ରେନିଂ ସେଣ୍ଟରରେ ମଙ୍ଗଳବାର ଶହୀଦ୍ ହୋଇଥିବା ହାବିଲଦାର ପ୍ରକାଶ ସାହୁଙ୍କ ମରଶରୀର ବୁଧବାର ସକାଳେ ବରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ପହଞ୍ଚିଛି। ଗ୍ରାମକୁ ଆସିବା ବାଟରେ ଶହୀଦ ପ୍ରକାଶଙ୍କୁ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ଏଠାରେ ତାଙ୍କ ମରଶରୀର ପହଞ୍ଚିବା ପରେ କାନ୍ଦ ବୋବାଳିରେ ଫାଟି ଉଠିଥିଲା କଟାପାଲି ଗ୍ରାମ। ଅନ୍ତିମ ଦର୍ଶନ ପରେ ଶହୀଦ ପ୍ରକାଶଙ୍କୁ ପରିବାର ଓ ଗ୍ରାମବାସୀ ଅଶ୍ରୁଳ ବିଦାୟ ଦେଇଥିଲେ। ଶହୀଦଙ୍କୁ ପୋଲିସ ପକ୍ଷରୁ ଗାର୍ଡ଼ ଅଫ୍ ଅନର ଦିଆଯାଇଥିଲା। ଏହାପରେ ଗାଁ ମିନିଷ୍ଟାଡିୟମରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ୮ ବର୍ଷର ପୁଅ ହିଂକେଶ ଓ ସାନ ଭାଇ ବିକାଶ ମୁଖାଗ୍ନି ଦେଇଥିଲେ। ଡିଆଇଜି ହିମାଂଶୁ ଲାଲ, ଏସ୍ପି ପଦ୍ମିନୀ ସାହୁ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏମ୍ପି ସୁରେଶ ପୂଜାରୀ ଓ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ପ୍ରକାଶଯୋଗ୍ୟ, କଟାପାଲି ଗ୍ରାମର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଭରତ ସାହୁଙ୍କ ପୁଅ ପ୍ରକାଶ ଏସ୍ଓଜିରେ ଗୋଳାବାରୁଦ ଉପରେ ଯବାନମାନଙ୍କୁ ପ୍ରଶିକ୍ଷଣ ଦେଇ ଆସୁଥିଲେ। ମଙ୍ଗଳବାର ପ୍ରଶିକ୍ଷଣ ଦେଉଥିବାବେଳେ ବିସ୍ଫୋରଣ ଘଟିଥିଲା। ଅନ୍ୟମାନଙ୍କୁ ବଞ୍ଚାଇବାକୁ ଯାଇ ସେ ଶହୀଦ୍ ହୋଇଥିଲେ ।



ଶହୀଦ୍ଙ୍କ ପରିବାର ଲୋକେ ଅନ୍ତିମ ଦର୍ଶନ କରୁଛନ୍ତି ।

## ସଂକ୍ଷେପରେ

### ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୮।୪(ବ୍ୟୁରୋ): ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟର ସାଢେ ୪ କୋଟି ଲୋକ ଧୈର୍ଯ୍ୟର ସହିତ କରୋନା ବିପତ୍ତିର ମୁକାବିଲା କରୁଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଭଳି ଏକ ସଙ୍କଟାପନ୍ନ ସମୟରେ ବିଜେଡିର ସମସ୍ତ କର୍ମୀ ଏବଂ ଶୁଭେଚ୍ଛୁମାନଙ୍କୁ ନିଜ ଅଞ୍ଚଳର କୌଣସି ବ୍ୟକ୍ତିଙ୍କୁ ଭୋକିଲା ରହିବାକୁ ନ ଦେବାକୁ ସେ ଅନୁରୋଧ ମଧ କରିଛନ୍ତି। ସେ କହିଛନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତିକୁ ନିଜ ପରିବାରର ସଦସ୍ୟଭାବେ ବିବେଚନାକରି ଏଭଳି ସମୟରେ ଭୋକିଲା ଲୋକଙ୍କ ପାଖରେ ଛିଡ଼ାହୋଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରନ୍ତୁ। ଏପରି କାର୍ଯ୍ୟକୁ ଏକ ସାମାଜିକ ଦାୟିତ୍ୱଭାବେ ଗ୍ରହଣ କରନ୍ତୁ। ଏହି ସମୟରେ ରାଜ୍ୟ ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକୁ ଠିକ୍ ଭାବେ ଅନୁପାଳନ କରିବା ସହ ଗାଇଡ୍ଲାଇନର ସମସ୍ତ ନିୟମକୁ ମାନନ୍ତୁ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଘରୁ ବାହାରୁଥିଲେ ମାସ୍କ ବ୍ୟବହାର କରନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ଏହି ଆହ୍ୱାନକୁ ଏକ ସାମାଜିକ ଆନ୍ଦୋଳନରେ ପାଳନ କରନ୍ତୁ ବୋଲି ଦଳର ସମସ୍ତ କର୍ମୀ ଏବଂ ଶୁଭେଚ୍ଛୁଙ୍କୁ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ୍ କୁମାର ଦାସବର୍ମା ଅନୁରୋଧ କରିଛନ୍ତି। ଏହାସହ ସେ ଆହୁରି କହିଛନ୍ତି ଯେ, ସମସ୍ତ ନିର୍ବାଚିତ ପ୍ରତିନିଧି, ପୌର ପରିଷଦ, ମହାନଗର ନିଗମର ସମସ୍ତ ପ୍ରତିନିଧି, ବ୍ଲକ ଅଧକ୍ଷ ତଥା ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ବିଜେଡିର ସବୁ କର୍ମୀ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ରକ୍ତ ଅଭାବର ମୁକାବିଲା କରିବା ଏବଂ ସାମାଜିକ ଦାୟିତ୍ୱ ନିର୍ବାହ ଉପରେ ଦଳର ସଭାପତି ଯାହା ନିର୍ଦ୍ଦେଶ ଦେଇଛନ୍ତି ତାକୁ ଆହ୍ୱାନ ସହକାରେ ଗ୍ରହଣ କରିବାକୁ ସଞ୍ଜୟ୍ ନିବେଦନ କରିଛନ୍ତି।

### ଭାଜପା ନେତାଙ୍କ ଭିଡିଓ କନ୍ଫରେନ୍ସିଂ ବୈଠକ

ଭୁବନେଶ୍ୱର, ୮।୪(ବ୍ୟୁରୋ): କରୋନା ବର୍ତ୍ତମାନ ଭୟଙ୍କର ରୂପ ଧାରଣ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଏହି ସଙ୍କଟରୁ ରକ୍ଷା ପାଇବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସମୟରେ ଭାଜପା ପକ୍ଷରୁ 'ଆରୋଗ୍ୟ ସେତୁ' ମୋବାଇଲ ଆପ୍ଲିକେଶନକୁ ଲୋକପ୍ରିୟ୍ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ବୁଧବାର ରାଜ୍ୟର ଦୁଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଧର୍ମେନ୍ଦ୍ର ପ୍ରଧାନ, ଦଳର ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟ ପଦାଧିକାରୀ ଏବଂ କେନ୍ଦ୍ରୀୟ ନେତାମାନଙ୍କ ମଧରେ ଭିଡିଓ କନ୍ଫରେନ୍ସିଂ ଜରିଆରେ ଆଲୋଚନା ହେବାପରେ ଏହି ନିଷ୍ପତ୍ତି ହୋଇଥିବା ସୂଚନା ଦିଆଯାଇଛି। 'ଆରୋଗ୍ୟ ସେତୁ' ଆପ୍ଲିକେଶନ ମାଧମରେ ସାଧାରଣ ଲୋକମାନେ କରୋନା ଭୂତାଣୁ ସଂକ୍ରମଣ ଠାରୁ ନିଜକୁ ଦୂରେଇ ରଖିପାରିବେ। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଆଲୋଚନା ପରେ ସୂଚନା ଦେଇ କହିଛନ୍ତି ଯେ, ଅତ୍ୟାଧୁନିକ ବ୍ଲୁଟୁଥ୍ ପ୍ରଯୁକ୍ତି, ଆଲଗୋରିଦିମ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉପଯୋଗକରି ବ୍ୟବହାରକାରୀଙ୍କ ସଂସ୍ପର୍ଶରେ ଆସୁଥିବା କରୋନା ସଂକ୍ରମିତଙ୍କ ସମ୍ପର୍କରେ ଜାଣିହେବ। ଲୋକେଶନ ଅନ୍ କରି ଆପଣ କେଉଁ ସ୍ଥାନରେ ରହିଛନ୍ତି ଏବଂ ସେହି ସ୍ଥାନ କେତେ ମାତ୍ରାରେ ସୁରକ୍ଷିତ ସେ ବିଷୟରେ ଜାଣିହେବ। କରୋନା ବିପଦରୁ କିପରି ସୁରକ୍ଷିତ ରହିହେବ ସେନେଇ ମଧ ଉକ୍ତ ଆପ୍ ପରାମର୍ଶ ଦେବ। କରୋନା ସମ୍ପର୍କରେ ଯଦି କିଛି ସନ୍ଦେହ ରହେ ତେବେ ଏହି ଆପ୍ ଜରିଆରେ ଜାଣିହେବ ବୋଲି ସମୀର କହିଛନ୍ତି। ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଏହି ଆପ୍ ବ୍ୟବହାର କରିବା ସହ ଲୋକମାନଙ୍କୁ ମଧ ଏହାର ବ୍ୟବହାର ପାଇଁ ପ୍ରବର୍ତ୍ତାନ୍ତୁ ବୋଲି ସମୀର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### '୧୪ରେ ଲକ୍ଡାଉନ୍ ...

ସମୁଦ୍ରରେ ଭାସୁଥିବା ୨ ଜାହାଜ। ଇଟାଲୀ, ଫ୍ରାନ୍ସ ଓ ଆମେରିକା ଭଳି ଦେଶ ଭାଇରସ୍ର ଆଁ ରେ ପଡ଼ି ମହାବିନାଶ ଆଡ଼କୁ ଗତି କରୁଥିବାବେଳେ ଭାରତ ବିବର୍ତ୍ତପାରି ନାହିଁ ଏହାର ଆକ୍ରମଣରୁ। ଭାରତରେ କରୋନାର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୪ ତାରିଖରେ ଲକ୍ଡାଉନ୍ ଘୋଷଣା କରିଥିଲେ, ଯାହାର ସମୟସୀମା ଏପ୍ରିଲ ୧୪ରେ ଶେଷ ହେଉଛି। ତେବେ ଯେଉଁ ଉଦ୍ଦେଶ୍ୟ ନେଇ ଲକ୍ଡାଉନ୍ ଘୋଷଣା କରାଯାଇଥିଲା ତାହା ପୂରଣ ହୋଇପାରି ନାହିଁ। ଏଥିପାଇଁ ଏହି ମିଆଦକୁ ଆସନ୍ତା ୧୪ରେ ଶେଷ ନ କରି ଆଗକୁ ବଢ଼ାଯିବ। ଭିଡିଓ କନ୍ଫରେନ୍ସିଂ ଜରିଆରେ ସଂସଦୀୟ ଦଳ ନେତାମାନଙ୍କ ସହ ଆଲୋଚନା କରି ଆଗକୁ ମଧ ଏହି ମହାଯୁଦ୍ଧ ଜାରି ରଖିବାକୁ ପ୍ରସ୍ତୁତ ହେବା ସକାଶେ ଦେଶବାସୀଙ୍କୁ ସନ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଦେଶରେ ସୋସିଆଲ ଏମର୍ଜେନ୍ସି ଭଳି ସ୍ଥିତି ସୃଷ୍ଟି ହୋଇଥିବାରୁ ୧୪ ତାରିଖରେ ଲକ୍ଡାଉନ୍ ହଟାଇବା ସମ୍ଭବ ନୁହେଁ। କାରଣ ପ୍ରତ୍ୟେକ ଭାରତୀୟଙ୍କ ଜୀବନ ବଞ୍ଚାଇବା ସରକାରଙ୍କ ପ୍ରାଥମିକତା। ଆମକୁ ଆହୁରି ଅଧିକ ସତର୍କ ହେବାକୁ ପଡ଼ିବ। ରାଜ୍ୟ ସରକାର, ଜିଲା ପ୍ରଶାସନ ଓ ବିଶେଷଜ୍ଞମାନେ କରୋନାର ମୁକାବିଲା ପାଇଁ ବର୍ତ୍ତମାନର ଲକ୍ଡାଉନ୍ ଅବଧିକୁ ଆସନ୍ତା ୧୪ରେ ଶେଷ ନ କରିବାକୁ ପ୍ରସ୍ତାବ ଦେଇଥିବା ମୋଦି ସ୍ପଷ୍ଟ କରିଛନ୍ତି। ଭିଡିଓ କନ୍ଫରେନ୍ସିଂରେ ଆଲୋଚନା ବେଳେ ବିରୋଧୀ ଦଳ ନେତାମାନେ ପ୍ରଧାନମନ୍ତ୍ରୀଙ୍କୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଆଲୋଚନା ପରେ ପୁରୀ ଏମ୍ପି ତଥା ବିଜେଡି ସଂସଦୀୟ ଦଳ (ଲୋକ ସଭା) ନେତା ପିନାକୀ ମିଶ୍ର ଗଣମାଧମକୁ ଏହି ସୂଚନା ଦେଇଛନ୍ତି।

ତେବେ ପ୍ରଧାନମନ୍ତ୍ରୀ ଶନିବାର ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍ଫରେନ୍ସିଂ ଜରିଆରେ କରୋନା ସ୍ଥିତି ସମ୍ପର୍କରେ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀମାନଙ୍କ ସହ ଦ୍ୱିତୀୟ ଭିଡିଓ କନ୍ଫରେନ୍ସିଂ ଆଲୋଚନା ପରେ ଦେଶରେ ଲକ୍ଡାଉନ ସମୟସୀମା ବଢ଼ାଇବା ନେଇ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଜଣାପଡିଛି। କାରଣ ଆର୍ଥିକ କାରବାର ବଢ଼ାଇବା ଓ ମୌଳିକ ସେକ୍ଟରଗୁଡ଼ିକୁ ପୁନର୍ବାର ଚାଲୁ କରିବା ପାଇଁ ପର୍ଯ୍ୟାୟକ୍ରମେ କଟକଣା ଉଠାଇଦେବା ଲାଗି ସରକାର ଚାହୁଁଥିବା ଏକ ସୂତ୍ରରୁ ଜଣାପଡିଛି। ଆସନ୍ତା ସପ୍ତାହରେ ସ୍କୁଲ୍, କଲେଜ ଖୋଲିବା ସମ୍ଭାବନା ନାହିଁ। କାରଣ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆଉ ୪ ସପ୍ତାହ ବନ୍ଦ ରଖିବା ଲାଗି ମଙ୍ଗଳବାର ମନ୍ତ୍ରୀଗୋଷ୍ଠୀ ବୈଠକ ପରେ ସୁପାରିସ କରାଯାଇଛି। ସେହିପରି ଧର୍ମୀୟ ସମାଗମ ଓ ସଭାସମିତି ବନ୍ଦ ରଖିବା ଲାଗି ମନ୍ତ୍ରୀଗୋଷ୍ଠୀ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଟ୍ରେନ୍, ବସ୍ ଚଳାଚଳ ବନ୍ଦ ରହିପାରେ। ବିମାନ ଚଳାଚଳ ପର୍ଯ୍ୟାୟକ୍ରମେ ଆରମ୍ଭ କରିବାକୁ ମନ୍ତ୍ରୀଗୋଷ୍ଠୀ ସୁପାରିସ କରିଥିବାବେଳେ ଫସଲ ଅମଳ ଲାଗି ରାଜ୍ୟ ସରକାର ଅନୁମତି ଦେଇପାରିବେ ବୋଲି କୁହାଯାଉଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀଗୋଷ୍ଠୀ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଯୋଗଦେଇଥିଲେ। ଶପିଙ୍ଗ୍ ମଲ୍ଗୁଡ଼ିକୁ ମଧ ଆଉ ୪ ସପ୍ତାହ ବନ୍ଦ ରଖିବା ଲାଗି ପ୍ରସ୍ତାବ ଦିଆଯାଇଛି।

### ବଢୁଛି ଅତ୍ୟାବଶ୍ୟକ ...

ଭୁବନେଶ୍ୱର-କଟକ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ, କଟକ-ଭୁବନେଶ୍ୱରକୁ ବାରଙ୍ଗ, ଆଠଗଡ଼, ବାଙ୍କୀ, ଖୁର୍ଦ୍ଧା, କୁଶୁପାଙ୍ଗି, କଇମୁଣ୍ଡି ଅଞ୍ଚଳରୁ ପନିପରିବା ଆସେ। ଗାଁ ଲୋକମାନେ ଦୁଇଟି କାରଣରୁ ସହରକୁ ଆସିବାକୁ ଚାହୁନାହାନ୍ତି। ପ୍ରଥମତଃ କୋଭିଡ୍-୧୯ ଭୟ ଏବଂ ଦ୍ୱିତୀୟଟି ହେଉଛି ପୋଲିସ ଭୟ। ସମ୍ପୃକ୍ତ ଅଞ୍ଚଳର ଆଇଆଇସିମାନେ ସହରାଞ୍ଚଳକୁ ଆସିବାକୁ ଅନୁରୋଧ କରିଛନ୍ତି। ଗୁରୁବାର ୨୫ ଟ୍ରକ ପନିପରିବା ଆସିବା ସମ୍ଭାବନା ରହିଛି। ହୋଲ୍ସେଲରଙ୍କୁ ଗାଡ଼ି ପାସ୍ ଦିଆଯାଇଛି। କ୍ଷୁଦ୍ର ବ୍ୟବସାୟୀଙ୍କୁ ଅସୁବିଧା ହେଲେ ନିକଟସ୍ଥ ଥାନାରୁ ପାସ୍ ଆଣନ୍ତୁ, ନଚେତ ୧୦୦ ନମ୍ବରକୁ ଫୋନ୍ କରନ୍ତୁ। ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଯାଉଥିବା ଗାଡ଼ିକୁ ପୋଲିସ ଅଟକାଉ ନାହିଁ। କୌଣସି ଗୁଜବରେ ବିଶ୍ୱାସ କରନ୍ତୁ ନାହି ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।

ଅନ୍ୟପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର ଯେପରି ଅଭାବ ନ ହେବ ସେ ନେଇ ସମସ୍ତ ପଦକ୍ଷେପ ନେବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ ଅଜୟ କୁମାର ଭାଲ୍ଲା ସମସ୍ତ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ଅତ୍ୟାବଶ୍ୟକ ସେବା ଆଇନ-୧୯୫୫ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ଚିଠିରେ କୁହାଯାଇଛି। ସାମଗ୍ରୀ ଗୁଡ଼ିକର ଦର ନିର୍ଦ୍ଧାରଣ, ଗଚ୍ଛିତ ପରିମାଣ, ଉତ୍ପାଦନ ବୃଦ୍ଧି ସାଙ୍ଗକୁ ହୋଲ୍ସେଲରଙ୍କୁ ନିୟମିତ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

### ଭୁବନେଶ୍ୱରର ୩୪ ଆକ୍ରାନ୍ତଙ୍କୁ ...

ଏହାକୁ ନେଇ ନୂଆ ବିବାଦ ସୃଷ୍ଟି ହେବା ପରେ ବୁଧବାର ଅପରାହ୍ନରେ ସ୍ୱାସ୍ଥ୍ୟ ବିଭାଗ ଆକ୍ରାନ୍ତଙ୍କୁ ନେଇ ମ୍ୟାପ୍ ଜାରି କରିଛି। ଭୁବନେଶ୍ୱରର କେଉଁଠାରେ କେତେଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ସେନେଇ ଉକ୍ତ ମ୍ୟାପ୍ରେ ସୂଚନା ଦିଆଯାଇଛି। ଉକ୍ତ ମ୍ୟାପ୍ରୁ ମିଳିଥିବା ସୂଚନାନୁସାରେ, ବିଜେବି ନଗର ମହିଁଷାଖାଲରୁ ଜଣେ, ଶହୀଦନଗରରୁ ଜଣେ, କପିଳପ୍ରସାଦରୁ ଜଣେ, ଭରତପୁରସ୍ଥିତ ଜିମ୍ଖାନା ପାମ୍ ହାଇଟ୍ସରୁ ଜଣେ, ବରଗଡ଼ ଗାଁରୁ ଜଣେ, ୟୁନିଟ-୪ରୁ ଜଣେ, ୟୁନିଟ-୫ରୁ ଜଣେ, ସୂର୍ଯ୍ୟନଗରରୁ ୮, ବମିଖାଲରୁ ୧୪, ସତ୍ୟନଗରରୁ ୪ ଓ ଝାରପଡ଼ାରୁ ଜଣେ ବ୍ୟକ୍ତି (ମୃତ) କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ସ୍ୱାସ୍ଥ୍ୟ ବିଭାଗର ଏହି ତଥ୍ୟରୁ ଜଣାପଡୁଛି ଯେ, ସତ୍ୟନଗର, ଭରତପୁର, ଶହୀଦନଗର ଆକ୍ରାନ୍ତଙ୍କ ସମ୍ପର୍କରେ ଲୋକେ କିଛି ବି ଜାଣିବାକୁ ସୁଯୋଗ ପାଇପାରି ନାହାନ୍ତି। ସତ୍ୟନଗରରୁ ୪ଜଣ ଚିହ୍ନଟ ହୋଇଥିବା ଓ ଏମାନଙ୍କ ମଧ୍ୟରୁ ୩ଜଣ ବମିଖାଲ ଆକ୍ରାନ୍ତଙ୍କ ପରିବାର ସହ ଲିଙ୍କ୍ ରହିଥିବା ସୂଚନା ଦିଆଯାଇଛି। ତେବେ ପୂର୍ବରୁ ବମିଖାଲର ଗୋଟିଏ ପରିବାରର ୩ଜଣ ଚିହ୍ନଟ ହୋଇଥିଲେ। ଗତ ରବିବାର ଅର୍ଥାତ୍ ୫ ତାରିଖରେ ଆଉ ୧୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୫ଜଣ କେବଳ ବମିଖାଲ ଆକ୍ରାନ୍ତଙ୍କ ପରିବାର ଲିଙ୍କରେ ଥିବା କୁହାଯାଇଥିଲା। ଏମାନଙ୍କ ମଧ୍ୟରୁ ୪ଜଣ ସତ୍ୟନଗରରେ ରହୁଥିବା ଜଣାପଡିଥିଲେ ମଧ ସୂଚନା ଦିଆଯାଇ ନ ଥିଲା। ୭ ତାରିଖରେ କେବଳ ସତ୍ୟନଗରର ପ୍ଲଟ୍ ନଂ.୧୧/ଏ ଓ ୮ ତାରିଖରେ ସତ୍ୟନଗରକୁ ସିଲ୍ କରି ଦାୟିତ୍ୱ ସାରିଥିଲା ବିଏମ୍ସି ଓ ସ୍ୱାସ୍ଥ୍ୟ ବିଭାଗ। ସେହିଭଳି ଅନ୍ୟ କେତେଜଣ ଚିହ୍ନଟଙ୍କ କ୍ଷେତ୍ରରେ ମଧ ସମାନ ଆଭିମୁଖ୍ୟ ଗ୍ରହଣ କରାଯାଇଛି। ବିଳମ୍ବରେ ସୂଚନା ଦିଆଯାଇଥିବାରୁ ସେସବୁ ଅଞ୍ଚଳରେ ସଂକ୍ରମଣ ବ୍ୟାପିଯାଇଥିବା ଅନୁମାନ କରାଯାଉଛି। ତେଣୁ ଏତେ ବିଳମ୍ବରେ କାହିଁକି ସୂଚନା ଦିଆଗଲା ତାହାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜାଣିଶୁଣି ଏହାକୁ ଲୁଚାଯାଇଥିଲା କି? ଏହା ପଛରେ କ'ଣ ଉଦ୍ଦେଶ୍ୟ ଥିଲା କି? ଏମିତି ଅନେକ ପ୍ରଶ୍ନକୁ ନେଇ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିପାଇଁ ସରକାର, ସ୍ୱାସ୍ଥ୍ୟ ବିଭାଗ ଓ ବିଏମ୍ସିକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ।

### ସଙ୍ଗରୋଧ କେନ୍ଦ୍ରରେ ...

ହେଲେ ବିଳମ୍ବିତ ରାତିରେ କରୋନା ସନ୍ଦିଗ୍ଧ ମନେକରି ସଙ୍ଗରୋଧ କେନ୍ଦ୍ର ନିକଟରେ ଥିବା ଏକ ଶାଗୁଆନ ଗଛରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ବୁଧବାର ସକାଳେ ସଙ୍ଗରୋଧ କେନ୍ଦ୍ର ନିକଟରେ ଥିବା ଶାଗୁଆନ ଗଛରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବା ପରେ ଲୋକେ ପୋଲିସକୁ ଖବର ଦେଇଥିଲେ। ଗୁରୁଣ୍ଡିଆ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ସକାଶେ ବଣାଇ ପଠାଇ ଘଟଣାର ଅଧିକ ତଦନ୍ତ କରୁଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର କହିଛନ୍ତି ଯେ, ଏହି ଘଟଣା ସମ୍ପର୍କରେ ଜଣେ ଡାକ୍ତରଙ୍କୁ ସମ୍ପୃକ୍ତ ସଙ୍ଗରୋଧ କେନ୍ଦ୍ରକୁ ପଠାଯାଇ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି କହିଛନ୍ତି।

### ସତ୍ୟନଗର ଆବଦ୍ଧ ...

ମଙ୍ଗଳବାର ସତ୍ୟନଗର ଅଞ୍ଚଳର ପ୍ଲଟ୍ ନଂ.୧୧/ଏକୁ ବିଏମ୍ସି ସିଲ୍ କରିଥିଲା। ଉକ୍ତ ବିଲ୍ଡିଂରେ କରୋନା ଆକ୍ରାନ୍ତ ରହୁଥିବା ବେଳେ ତାହାକୁ ସିଲ୍ କରାଯିବା ସହ ମୋଟ ୪୮ ଜଣଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ ନେବାକୁ କୁହାଯାଇଥିଲା। ଉକ୍ତ କୋଠାରେ ସଂକ୍ରମିତ ରହୁଥିବା ଓ ଅନ୍ୟମାନେ ସେମାନଙ୍କ ସଂସ୍ପର୍ଶରେ ଆସିଥିବାରୁ ଏପରି ପଦକ୍ଷେପ ନିଆଯାଇଥିବା ଜଣାପଡିଥିଲା। ହେଲେ ଏନେଇ ବିଏମ୍ସି ପକ୍ଷରୁ କିଛି ବି କୁହାଯାଇ ନ ଥିଲା। ଏବେ ଏନେଇ ସ୍ପଷ୍ଟ କରାଯିବା ସହ ଉକ୍ତ କୋଠା ସମେତ ସମଗ୍ର ଅଞ୍ଚଳକୁ ସିଲ୍ କରାଯାଇଥିବା ବିଏମ୍ସି ପକ୍ଷରୁ ପ୍ରକାଶ ପାଇଛି।

**ତୋଷାଳି ଭବନ ନିକଟ ଓମ୍ଫେଡ୍ ପାର୍ଲରକୁ ଯାଇଥିଲେ ନାମ ପଞ୍ଜୀକରଣ କରନ୍ତୁ**

ସତ୍ୟନଗରରେ ୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ନିୟମିତ ଭାବେ ତୋଷାଳି ଭବନ ନିକଟରେ ଥିବା ଓମ୍ଫେଡ୍ ପାର୍ଲରକୁ ଯାଇଥିବା ବିଏମ୍ସି ଜାଣିବାକୁ ପାଇଛି। ଏଥିପାଇଁ ଯେଉଁମାନେ ବି ଉକ୍ତ ଓମ୍ଫେଡ୍ ପାର୍ଲରକୁ ଗତ ୧୪ଦିନ ମଧ୍ୟରେ ଯାଇଛନ୍ତି ସେମାନେ ୧୦୪କୁ ଫୋନ୍ କରି ନିଜ ନାମ ପଞ୍ଜୀକରଣ କରିବାକୁ ବିଏମ୍ସି ଅନୁରୋଧ କରିଛି। ସୂଚନାଯୋଗ୍ୟ, ଲକ୍ଡାଉନ୍ରେ ଓମ୍ଫେଡ୍ ପାର୍ଲର ଖୋଲା ରଖିବାକୁ ନିର୍ଦ୍ଦେଶ ରହିଛି। ଅନ୍ୟ ଦୋକାଗୁଡିକ ବନ୍ଦ ଥିବାରୁ ସେଠାକୁ ପ୍ରତିଦିନ ବହୁ ଲୋକ ଯାଇଥାନ୍ତି। ତେଣୁ ଶତାଧିକ ଲୋକ ଆକ୍ରାନ୍ତଙ୍କ ସିଧାସଳଖ କିମ୍ବା ପରୋକ୍ଷ ସଂସ୍ପର୍ଶରେ ଆସିଥିବା ଅନୁମାନ କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଚନ୍ଦ୍ର ସମେତ ଶୁକ୍ର ଓ ଶନି ଅନୁକୂଳ ପରିବେଶରେ ଥିବାରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି କାର୍ଯ୍ୟକାରୀ କରିବା ପାଇଁ ମନ ବଳାଇବେ। କୃତ୍ତିକା ନକ୍ଷତ୍ର ବହୁ ପ୍ରତୀକ୍ଷିତ ଖବରଟି ପାଇ ଖୁସୀ ହୋଇଯାଇପାରନ୍ତି। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ଆଶଙ୍କା ରହିଛି।

**ବୃଷ**
ଚନ୍ଦ୍ରଙ୍କ ସ୍ଥିତି ଭାଇ,ଭଉଣୀ,ପାଖ,ପଡୋଶୀ କିମ୍ବା ସହକର୍ମୀଙ୍କ ପ୍ରତି ସୁସମ୍ପର୍କ ହ୍ରାସ କରିପାରେ। ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିଥିଲେ ମଧ ମନକଥା ମନରେ ମାରି ଚଳିବାକୁ ବାଧ ହେବେ। ଦୈନନ୍ଦିନର କାର୍ଯ୍ୟରେ ଯେତେଦୂର ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି ।

**ମିଥୁନ**
ଆଜିର ଚନ୍ଦ୍ର ଆପଣଙ୍କୁ ପାରିବାରିକ ଭୋଗବିଳାସ ସହ କର୍ମଦକ୍ଷତା ହେତୁ ସାମାଜିକ ସମ୍ମାନ ବୃଦ୍ଧି କରିବ। ନୂତନ କାର୍ଯ୍ୟାରମ୍ଭ ପାଇଁ ଅନୁକୂଳ ପରିସ୍ଥିତିକୁ ଅପେକ୍ଷା କରି ବିରକ୍ତି ପ୍ରକାଶ କରିପାରନ୍ତି । ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିଲେ ମଧ ରାହୁ ଦୃଷ୍ଟ ଚନ୍ଦ୍ର ମନରେ ଅଯଥା ଭୟ ଓ ଆଶଙ୍କା ସୃଷ୍ଟି କରିପାରେ।

**କର୍କଟ**
କର୍ମସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ଯୋଗୁଁ ସ୍ଥଗିତ କାମକୁ ଆରମ୍ଭ କରିବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହ ଯୋଗର ହାତ ବଢାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ ଅନ୍ୟଥା ବିପଦରେ ପଡିପାରନ୍ତି।

**ସିଂହ**
କେତୁଙ୍କ ସ୍ଥିତି କାରଣରୁ କୌଣସି କ୍ଷେତ୍ରକୁ ନ ଡାକିଲେ ଯାଆନ୍ତୁ ନାହିଁ ଏବଂ ନ ପଚାରିଲେ କିଛି କହିବା ମଧ ଠିକ୍ ହେବ ନାହିଁ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ,ଚେଷ୍ଟା କରୁଥିବା କାମ,ଅର୍ଥ ସମ୍ପର୍କ ପ୍ରଭୃତି ପ୍ରତ୍ୟେକ ଦିଗରୁ ଶୁଭଫଳ ପାଇବେ। କଥା କହୁ ନ ଥିବା ବନ୍ଧୁଙ୍କ ସହ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

**କନ୍ୟା**
ଶୁକ୍ର ଓ ଚନ୍ଦ୍ର ଷଡାଷ୍ଟକ ସ୍ଥିତିରେ ଥିବାରୁ ଅନ୍ୟ ମାନଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ ସେମାନେ ତାହାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଅସାବଧାନତା କାରଣରୁ ଆଘାତ ପ୍ରାପ୍ତି କିମ୍ବା ଧନହାନିର ସମ୍ଭାବନା ରହିଛି। ଆଜି ପରିସ୍ଥିତିବଶତଃ ବାସ୍ତବରେ ଓଲଟା ହେବାରୁ ଚିନ୍ତା ପ୍ରକଟ କରିବେ ।

**ତୁଳା**
ଚନ୍ଦ୍ର ପାପଗ୍ରହ ଦୃଷ୍ଟିରେ ଥିବାରୁ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଖର୍ଚ୍ଚାନ୍ତ ହେଲେ ମଧ ଶେଷ କରିପାରିବେନି। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ,ନତୁବା ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିପାରନ୍ତି। କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି।

**ବିଛା**
ରାହୁ ନକ୍ଷତ୍ରସ୍ଥ ଚନ୍ଦ୍ର ଯୋଗୁଁ ଅତୀତ ସ୍ମୃତି ମନରେ ବାରମ୍ବାର ଆଲୋଡନ ସୃଷ୍ଟି କରି ମାନସିକ ସ୍ଥିତିକୁ ଚିନ୍ତିତ କରାଇପାରେ। କାଳେ ସାହାଯ୍ୟ କରିବାକୁ ବନ୍ଧୁ କହିପାରନ୍ତି,ଏହି କଥା ମନରେ ଚିନ୍ତାକରି ନିକଟ ସମ୍ପର୍କୀୟମାନେ ମଧ ଆଜି ପାଖ ମାଡିବେ ନାହିଁ। କିନ୍ତୁ ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ, ଯାହା କି କାମକୁ ଆସିବ ।

**ଧନୁ**
ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା ଆପଣଙ୍କ ପାଇଁ ସମସ୍ୟାର କାରଣ ହୋଇପାରେ। ଚତୁର୍ଥସ୍ଥ ରବି ଓ ବୁଧଙ୍କ ଯୋଗୁଁ ପୂର୍ବରୁ ପରିକଳ୍ପିତ ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର**
କର୍ମାଧିପ କୋଣଭାବସ୍ଥ ଯୋଗୁଁ ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ସଫଳତା ପାଇବେ। କେତେକ କ୍ଷେତ୍ରରେ ହାତ ପାହାନ୍ତାକୁ ସୁଯୋଗ ଆସିଯିବ କିନ୍ତୁ ଉତ୍ତରାଷାଢା ନକ୍ଷତ୍ର ନିଜ ଦୋଷରୁ ତାହା ହରାଇପାରନ୍ତି । ମନ ବୁଝିଲାଭଳି କଥା କହି ପାଖ,ପଡୋଶୀମାନେ ନିଜର କାର୍ଯ୍ୟ ହାସଲ କରିନେବେ।

**କୁମ୍ଭ**
ଦ୍ୱାଦଶଭାବରେ କର୍ମାଧିପ ଥିବାରୁ କର୍ମକ୍ଷେତ୍ରରେ ଅସଫଳ ହେବାକୁ ନେଇ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସାମାନ୍ୟ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ଅତିବାହିତ ହେବ।

**ମୀନ**
ନୀଚାଂଶରେ ଦେବଗୁରୁ ରହିଥିବାରୁ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ । ଆଗାମୀ ମାଙ୍ଗଳିକ ଉତ୍ସବ କିମ୍ବା ଆନୁଷ୍ଠାନିକ କାମରେ ଗୁରୁ ଦାୟିତ୍ୱ ବହନ କରି ପ୍ରସ୍ତୁତିପଥେ କର୍ମମୁଖର ରହିପାରନ୍ତି । ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

ଆଜି ବୈଶାଖ କୃଷ୍ଣ ଦ୍ୱିତୀୟା ଗୁରୁବାର,ଏପ୍ରିଲ ୯ ତାରିଖ,ସୋ-ବେ-ବରାତ୍,ରାଶି ନକ୍ଷତ୍ର-ସ୍ୱାତୀ/ତୁଳା,ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ରାତ୍ରି ଘ.୦୨.୩୦ମି. ଗତେ ଘ.୦୩.୧୬ମି.ମଧ୍ୟେ ଅମୃତବେଳା। ପ୍ରାତଃ ଘ.୦୫.୫୩ମି.ଗତେ ଘ.୭.୧୫ମି.ମଧ୍ୟେ, ଦିବା ଘ.୧୦.୩୪ମି.ଗତେ ଘ.୦୧.୦୨ମି.ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ. ୦୧.୨୧ମି.ଗତେ ଘ.୦୨.୫୪ମି.ମଧ୍ୟେ ରାହୁକାଳ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ସକାଳେ କଲି ବେଉସା**
**ମୁଣ୍ଡରେ ବାଜିଲା ଟାଙ୍ଗିଆ ପଶା।**

ବେପାର ବଣିଜରେ ସାଧାରଣତଃ ଅଧିକ ଲାଭ ମିଳିଥାଏ। ଅର୍ଥ ଉପାର୍ଜନ କରିବା ଆଶାରେ କିଛି ବ୍ୟକ୍ତି ଏଭଳି ବୃତ୍ତିକୁ ଆପଣେଇ ନେଉଥିବାର ଲକ୍ଷ୍ୟ କରାଯାଇଥାଏ। କିନ୍ତୁ ବ୍ୟବସାୟ କରିବାର କୌଶଳ ଜାଣି ନ ଥିବା ବ୍ୟକ୍ତି ହଠାତ୍ ବ୍ୟବସାୟ କରିବସିଲେ ଲାଭ ବଦଳରେ ତାଙ୍କୁ ଅଧିକ କ୍ଷତି ସହିବାକୁ ପଡୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**ଅଯୋଗ ଯୋଗ**
**କୁଣ୍ଡା ଛାଇକି ନୃପତି ଭୋଗ।**

ଯୋଗ ବା ଦଶା ଭଲ ପଡ଼ିଲେ ମଣିଷର ଭାଗ୍ୟ ଫିଟିଯାଏ। ଭଲ ବେଳା ପଡ଼ିଲେ ଦୁଃସ୍ଥ ଜୀବନଯାପନ କରୁଥିବା ବ୍ୟକ୍ତି ରାଜ ସୁଖ ଲାଭ କରିବା ସହ ବହୁ ସୌଭାଗ୍ୟର ଅଧିକାରୀ ହୋଇଯାଏ। ସେହିପରି ଅତି ନିମ୍ନସ୍ତରର ବ୍ୟକ୍ତି ମଧ୍ୟ ଉଚ୍ଚାସନ ଲାଭ କରିପାରେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# 'ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ବିକ୍ରୟ ବ୍ୟବସ୍ଥା ଜାରି ରଖ'

- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ
- କରୋନା ଦ୍ୱାରା ବିକ୍ରୟ ବାଧାପ୍ରାପ୍ତ
- ବନ୍ଦ ରହିଛି ସାପ୍ତାହିକ ହାଟ

ଭୁବନେଶ୍ୱର,୮।୪(ବ୍ୟୁରୋ)

ମହାମାରୀ କରୋନା ଜନସାଧାରଣଙ୍କ ଜନଜୀବନକୁ ବହୁଳ ଭାବେ ପ୍ରଭାବିତ କରିଛି। ବିଶେଷକରି ଅନୁସୂଚିତ ଜନଜାତି(ଏସ୍ଟି) ବର୍ଗ ବହୁଳ ଭାବେ ପ୍ରଭାବିତ ହେଉଛନ୍ତି। ଜଙ୍ଗଲରେ ମିଳୁଥିବା ବିଭିନ୍ନ ଲଘୁଦ୍ରବ୍ୟ ଉତ୍ତୋଳନ ପ୍ରାୟତଃ ଏହି ସମୟରେ ହୋଇଥାଏ। ଜନଜାତିମାନଙ୍କ ଦ୍ୱାରା ମହୁ, ନିମ୍ବ ମଞ୍ଜି, ତେଜପତ୍ର, ମହୁଆ ମଞ୍ଜି, ଶାଳପତ୍ର, କରଞ୍ଜ ମଞ୍ଜି ଓ ଅନ୍ୟାନ୍ୟ ଦ୍ରବ୍ୟ ସଂଗୃହୀତ ହୋଇଥାଏ। ହେଲେ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ କରାଯାଇଥିବା ଲକ୍ଡାଉନ ଏଥିରେ ବାଧା ସୃଷ୍ଟି କରିଛି। ଗତ ୬ ତାରିଖରେ ୧୫ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ ଦ୍ୱାରା ଚିଠି ଲେଖାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଆଦିବାସୀମାନଙ୍କ ଜୀବିକାର୍ଜନରେ ପ୍ରଧାନମନ୍ତ୍ରୀ ବନ ଧନ ଯୋଜନା(ପିଏମ୍ଭିଡିୱାଇ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଦେଶର ୧୨୦୫ ପିଏମ୍ଭିଡିୱାଇ କେନ୍ଦ୍ର ଦ୍ୱାରା ୩ ଲକ୍ଷ ୬୦ ହଜାର ଆଦିବାସୀ ଏକାଠି ହୋଇ କାର୍ଯ୍ୟ କରିବା ସହ ଜୀବିକାର୍ଜନ କରିପାରିଥାନ୍ତି। କରୋନା ଦ୍ୱାରା ଏ ସବୁ କାର୍ଯ୍ୟ ବହୁଳ ଭାବେ ପ୍ରଭାବିତ ହୋଇଛି। ତେଣୁ ଜନଜାତିମାନେ ଯେପରି ସୁରୁଖୁରୁରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିପାରିବେ, ସେଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦିଅନ୍ତୁ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେହିଭଳି ନିର୍ଦ୍ଦିଷ୍ଟଭାବେ ରାଜ୍ୟ ସରକାର ସ୍ୱତନ୍ତ୍ର ନୋଡାଲ ଏଜେନ୍ସି ଜରିଆରେ ଏହି ଲଘୁ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରନ୍ତୁ। ଏଥିସହିତ ସଂଗ୍ରହ କରୁଥିବା ବର୍ଗକୁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ପ୍ରଦାନ କରନ୍ତୁ। ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ପାଇଁ ପ୍ରାୟ ୪୬୨୧.୧୭ କୋଟି ଟଙ୍କାର ଅନୁଦାନ ରହିଥିବା ଜଣାପଡ଼ିଛି। ଏଥିପାଇଁ ଅଧିକ ଅର୍ଥ ଆବଶ୍ୟକ ପଡ଼ିଲେ ମନ୍ତ୍ରଣାଳୟ ପକ୍ଷରୁ ଯୋଗାଇ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

ଆଦିବାସୀମାନଙ୍କ ଆର୍ଥିକ, ସାମାଜିକ ଜୀବନ ଉପରେ ଗବେଷଣା କରୁଥିବା ଚିତ୍ତରଞ୍ଜନ ପାଣି କୁହନ୍ତି ଯେ, ଲକ୍ଡାଉନ ଯୋଗୁ ସାପ୍ତାହିକ ହାଟ ବନ୍ଦ ରହିଛି। ଦ୍ରବ୍ୟ ସଂଗ୍ରହ ହେବା ପରେ ତାହାର ବିକ୍ରୟ ପାଇଁ ତୃଣମୂଳସ୍ତରେ ବ୍ୟବସ୍ଥା ରହିବା ଆବଶ୍ୟକ। ଏହି କାର୍ଯ୍ୟ କରିବା ପାଇଁ ୧୨୦୦ରୁ ଅଧିକ ସଂଗ୍ରହକାରୀ ସଂସ୍ଥା ବିପଣନ ନିଗମ ଦ୍ୱାରା ଚିହ୍ନଟ ହୋଇଛନ୍ତି। ଏହି ସଂସ୍ଥାଗୁଡ଼ିକ ସହଯୋଗରେ ତୁରନ୍ତ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୟ କରାଯାଉ ବୋଲି ଚିତ୍ତରଞ୍ଜନ କହିଛନ୍ତି।

# ଚାଇନା 'ଗୋଲିଏଥ', ତାଇୱାନ 'ଡେଭିଡ୍'

**ନୂଆଦିଲ୍ଲୀ**

ଚାଇନାର ଉହାନ୍‌ରୁ ଆରମ୍ଭ ହୋଇଥିବା ଘାତକ କରୋନା ସାରା ବିଶ୍ୱବାସୀଙ୍କ ଚିନ୍ତାର କାରଣ ପାଲଟିଛି। କରୋନା ଜାଲରେ ଛନ୍ଦି ହୋଇପଡ଼ିଥିବା ବିଶ୍ୱର କ୍ଷମତାଶାଳୀ ରାଷ୍ଟ୍ର ଏଥିରୁ ମୁକୁଳିବାର ବାଟ ପାଇପାରୁନାହାନ୍ତି। ହେଲେ କେତେକ ଦେଶ ନିଜର କଠୋର ଅନୁଶାସନ ପାଇଁ କୋଭିଡ୍-୧୯ ଉପରେ ନିୟନ୍ତ୍ରଣ ଆଣିପାରିଛନ୍ତି। ଏ କ୍ଷେତ୍ରରେ ନିଜର ଅଭୁତପୂର୍ବ କୌଶଳ ପ୍ରଦର୍ଶନ କରି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି ଚାଇନାର ପଡ଼ୋଶୀ ଦ୍ୱୀପରାଷ୍ଟ୍ର ତାଇୱାନ। କରୋନାକୁ ପ୍ରତିହତ କରିପାରିଥିବାରୁ ଏହି ଛୋଟିଆ ଦେଶ ଏବେ ସାଜିଛି କରୋନା ଯୁଦ୍ଧର ରୋଲ୍ ମଡେଲ। କରୋନା ଲଢ଼େଇରେ ଚାଇନା ଏବଂ ତାଇୱାନକୁ ଦେଖିଲେ ଗୋଲିଏଥ-ଡେଭିଡ୍‌ଙ୍କ କାହାଣୀ ମନକୁ ଆସୁଛି। ଆକାରରେ ଛୋଟ ଡେଭିଡ୍ ନିଜର ରଣକୌଶଳ ବଳରେ ବିଶାଳକାୟ ଗୋଲିଏଥ୍‌ଙ୍କୁ ମାତ୍ ଦେଇଥିଲେ। ସେହିପରି କରୋନା ବିରୋଧୀ ଲଢ଼େଇରେ ମଧ୍ୟ ତାଇୱାନ ନିଜକୁ ସଫଳ ଯୋଦ୍ଧା ଭାବେ ପ୍ରତିପାଦିତ କରିପାରିଛି। ତାଇୱାନ ଯେ କେବଳ କରୋନା ଉପରେ ନିୟନ୍ତ୍ରଣ ଆଣିପାରିଛି ତାହା ନୁହେଁ, ବରଂ ଆମେରିକା, ସ୍ପେନ, ଇଟାଲୀ, ଫ୍ରାନ୍ସ ଭଳି ସର୍ବାଧିକ କୋଭିଡ୍-୧୯ର ଶିକାର ଦେଶକୁ ନିଜର ମେଡିକାଲ ସହାୟତା ମଧ୍ୟ ପ୍ରଦାନ କରୁଛି। କରୋନା ପ୍ରଭାବିତ ଦେଶକୁ ୧୦ ମିଲିୟନ ମାସ୍କ ପ୍ରଦାନ କରିବାକୁ ତାଇପେଇ ଘୋଷଣା କରିସାରିଛି। ଦୁନିଆ ପାଇଁ ତାଇୱାନର ରାଷ୍ଟ୍ରପତି ସାଇ ଇଙ୍ଗ୍ ବେନ୍‌ଙ୍କ ସନ୍ଦେଶ ହେଉଛି 'ଏକଜୁଟ ହୋଇ ରହିବା'। ହେଲେ ଏହି ନୀତିକୁ ଚାଇନା କେବେ ବୁଝିପାରିନାହିଁ। ତାଇୱାନ ଭୂଖଣ୍ଡ ଉପରେ ଚାଇନାର ଲୋଲୁପ ଦୃଷ୍ଟି ଦୀର୍ଘଦିନରୁ ରହି ଆସିଛି। କରୋନା ବିପତ୍ତି ସମୟରେ ମଧ୍ୟ ସାରା ବିଶ୍ୱ ଏକାଠି ହୋଇ ଲଢୁଥିବାବେଳେ ଡ୍ରାଗନ ନିଜ ସ୍ୱଭାବରେ ପରିବର୍ତ୍ତନ ଆଣୁନାହିଁ। ତାଇୱାନ ଦ୍ୱାରା ପ୍ରଦାନ କରାଯାଉଥିବା ସହାୟତାକୁ ସହଜରେ ଗ୍ରହଣ କରିପାରୁନାହିଁ ଚାଇନା। ଏହାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ ତାଇୱାନର ସହଯୋଗକୁ ସାମାନ୍ୟ ପ୍ରଶଂସା କରାଯାଇନାହିଁ।

ଚାଇନାରେ କରୋନାର ପଦଧ୍ୱନି ବାରିବା ପରେ ତାଇୱାନ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରିଦେଇଥିଲା ନିଜର ପ୍ରସ୍ତୁତି। ଏଠାରେ ଜାନୁୟାରୀରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାପରେ ଉହାନ୍‌ରୁ ଆସୁଥିବା ଲୋକଙ୍କୁ ସ୍କ୍ରିନିଂ କରାଯାଉଥିଲା। ସତର୍କତାମୂଳକ ପଦକ୍ଷେପ ଲାଗି ତାଇୱାନ ସହଜରେ କରୋନା ଭାଇରସ୍‌କୁ କରାୟତ୍ତ କରିପାରିଛି। କରୋନାକୁ ନିୟନ୍ତ୍ରଣକୁ ଆଣିବାକୁ ଚାଇନା ବିଭିନ୍ନ ଦେଶକୁ ସହାୟତା ଭିକ୍ଷା କରୁଥିବାବେଳେ ତାଇୱାନକୁ କେହି ଆଡ଼ ଆଖିରେ ଚାହିଁ ନ ଥିଲେ। ଏପରି କି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଧ୍ୟ ଏହା ଉପରେ ପ୍ରତିବନ୍ଧକ ଲଗାଇଥିଲା। ଏହାସତ୍ତ୍ୱେ ତାଇୱାନ ନିଜକୁ ଚାଇନାଠାରୁ ସର୍ବଶ୍ରେଷ୍ଠ ବୋଲି ପ୍ରମାଣିତ କରିବା ବେଜିଂକୁ ଉଚିତ ଶିକ୍ଷା ବୋଲି କୂଟନୀତିଜ୍ଞମାନେ କହିଛନ୍ତି।

କରୋନା ଯୁଦ୍ଧ





ଲକ୍‌ଡାଉନ୍ ଯୋଗୁ ବନ୍ଦ ପଡ଼ିଛି ଧଉଳି ଶାନ୍ତିସ୍ତୂପ।

## ଟେଲିକମ୍ ସଚିବଙ୍କୁ ମୁଖ୍ୟ ଶାସନ ସଚିବଙ୍କ ଚିଠି
## ମୋବାଇଲ୍ ସଂଯୋଗ ନ କାଟିବାକୁ ଅନୁରୋଧ

**ଭୁବନେଶ୍ୱର,୮।୪**

କରୋନା ଭୂତାଣୁ ସଂକ୍ରମଣ ଲାଗି କରାଯାଇଥିବା ଲକ୍‌ଡାଉନ୍ ଯୋଗୁ ମୋବାଇଲ୍ ବିଲ୍ ପଇଠ ଏବଂ ରିଚାର୍ଜ କରିବାରେ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ବିଲ୍ ପଇଠ ନ କାରିପାରିଲେ ମଧ୍ୟ ସଂଯୋଗ ନ କାଟିବା ପାଇଁ ବୁଧବାର କେନ୍ଦ୍ର ଟେଲିକମ୍ ସଚିବ ତଥା ଡିସିସିର ଅଧ୍ୟକ୍ଷ ଅଂଶୁ ପ୍ରକାଶଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଲକ୍‌ଡାଉନ୍ ଯୋଗୁ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିଛି। ଫଳସ୍ୱରୂପ ଉପଭୋକ୍ତାମାନେ ମୋବାଇଲ୍ ଫୋନ୍ ରିଚାର୍ଜ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ରିଚାର୍ଜ ଭାଉଚର୍ ଉପରେ ନିର୍ଭରଶୀଳ ଉପଭୋକ୍ତାମାନେ ଅଧିକ ଅସୁବିଧା ଭୋଗୁଛନ୍ତି। ରିଚାର୍ଜ ନ ହେଲେ ବହୁ ସଂଖ୍ୟାରେ ମୋବାଇଲ୍ ଫୋନ୍‌ର ସଂଯୋଗ ବିଚ୍ଛିନ୍ନ ହୋଇଯିବ। କରୋନା ଭୂତାଣୁ ସଂକ୍ରମଣ ଭଳି ଏକ ଜଟିଳ ସମୟରେ ଲୋକମାନେ ସେମାନଙ୍କ ସଂପର୍କୀୟଙ୍କ ସହ ଯୋଗାଯୋଗରୁ ବଞ୍ଚିତ ହେବେ। ଏପରି କି ସରକାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଯୋଗାଯୋଗ ମଧ୍ୟ ପ୍ରଭାବିତ ହେବ। ଏଣୁ ବିଲ୍ ପଇଠ ନ ହେଲେ କିମ୍ବା ରିଚାର୍ଜ କରି ନ ପାରିଲେ ମଧ୍ୟ ଅନ୍ତତଃ ଆଗାମୀ ୩ ମାସ ପର୍ଯ୍ୟନ୍ତ ସଂଯୋଗ ବିଚ୍ଛିନ ନ କରିବା ପାଇଁ ସମସ୍ତ ଟେଲିକମ୍ ସେବା ଯୋଗାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେବା ପାଇଁ ମୁଖ୍ୟ ଶାସନ ସଚିବ ତ୍ରିପାଠୀ ଚିଠିରେ ଉଲ୍ଲେଖ କରିଛନ୍ତି।

## ମନ ଶାନ୍ତ ରଖିଲେ ସଂଗ୍ରାମକୁ ଜୟ କରିହେବ: ବାଗ୍‌ଚୀ

**ଭୁବନେଶ୍ୱର, ୮।୪(ବ୍ୟୁରୋ):** କରୋନା ମୁକାବିଲା ପାଇଁ ସାମାଜିକ ଦୂରତା ଓ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦେଇ ସାରା ଦେଶ ଏବେ ଲକ୍‌ଡାଉନରେ ରହିଛି। ୨୧ ଦିନିଆ ତାଲାବନ୍ଦ ଗତ ୨୪ ତାରିଖ ମଧ୍ୟରାତ୍ରିରୁ ଜାରି ରହିଛି। ଆଉ ଓଡ଼ିଶାରେ ମଧ୍ୟ କରୋନାକୁ ହରାଇବା ପାଇଁ ଲୋକେ ସଚେତନ ହେଉଛନ୍ତି। ହେଲେ ଲକଡାଉନ୍ ସମୟରେ ଘରେ ରହିବା ସମୟରେ କ'ଣ କରିବେ ଓ କ'ଣ ନ କରିବେ ସେନେଇ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗଚୀ ପରାମର୍ଶ ଦେଇଛନ୍ତି। ବୁଧବାର ରାଜ୍ୟରେ କରୋନା ସ୍ଥିତିକୁ ନେଇ ସୂଚନା ଦେଉଥିବାବେଳେ ବାଗଚୀ କହିଛନ୍ତି, କରୋନା ମୁକାବିଲା ଏକ ଲମ୍ବା ଦୌଡ଼। କରୋନା ଲଢ଼େଇ ଆଜିକାଲି ଭିତରେ ସମାପ୍ତ ହେବନି। ତେଣୁ ମନକୁ ଶାନ୍ତ ରଖି ଧୈର୍ଯ୍ୟ ରଖ। ମନକୁ ଶାନ୍ତ ରଖିଲେ ସଂଗ୍ରାମକୁ ଜୟ କରିହେବ ବୋଲି କହିଛନ୍ତି। ଆହୁରି ମଧ୍ୟ ସେ ପରାମର୍ଶ ଦେଇ କହିଛନ୍ତି, ନିଜକୁ ଓ ନିଜ ପ୍ରିୟଜନଙ୍କୁ ଦେଖି ମନକୁ ସାନ୍ତ୍ୱନା ଦିଅନ୍ତୁ। ଘର ଭିତରେ ଅଟକ ଅବସ୍ଥାରେ ଶାରୀରିକ ପରିଶ୍ରମ କରନ୍ତୁ। କାରଣ ଶାରୀରିକ ପରିଶ୍ରମ ନ କଲେ ଆପଣଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ଏକାଠି ଖିଆପିଆ କରନ୍ତୁ। ସାଙ୍ଗ ହୋଇ ସମୟ ବିତାନ୍ତୁ। ଅଳ୍ପ ଖାଆନ୍ତୁ ଏବଂ ସାରା ଦେଶବାସୀ କଥା ଚିନ୍ତା କରନ୍ତୁ। ମା', ଭଉଣୀ, ସ୍ତ୍ରୀଙ୍କୁ କାମରେ ସାହାଯ୍ୟ କରିବା ପାଇଁ ମଧ୍ୟ ବାଗ୍‌ଚୀ ପରାମର୍ଶ ଦେଇଛନ୍ତି। କେବଳ ଏତିକି ନୁହେଁ, ବୟସ୍କ, ଭିନ୍ନକ୍ଷମ ସଦସ୍ୟଙ୍କ ଆଦର ଯତ୍ନ କରନ୍ତୁ। ଶେଷରେ ଶାରିରୀକ ଦୂରତ୍ୱ ରଖିବା, କିନ୍ତୁ ମାନସିକ ମିଳନ ବଜାୟ ରଖିବା ବୋଲି ବାଗ୍‌ଚୀ କହିଛନ୍ତି।




## ସବୁ ଜିଲାରେ ନିୟୋଜିତ ହେବେ ଆୟୁଷ ଡାକ୍ତର

**ଭୁବନେଶ୍ୱର, ୮।୪(ବ୍ୟୁରୋ):** କରୋନା ମୁକାବିଲା ପାଇଁ ରାଜ୍ୟର ପ୍ରତି ଜିଲାରେ ଆୟୁଷ ଡାକ୍ତର ନିୟୋଜିତ ହେବେ। ଏନେଇ ସମସ୍ତ ଜିଲା ଆୟୁର୍ବେଦିକ ଚିକିତ୍ସାଧିକାରୀ ଓ ଜିଲା ହୋମିଓପାଥିକ୍ ଚିକିତ୍ସାଧିକାରୀଙ୍କୁ ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଆୟୁର୍ବେଦିକ ଓ ହୋମିଓପାଥିକ୍ ଡାକ୍ତରଙ୍କୁ ବିଭିନ୍ନ ଡାକ୍ତରଖାନା, କ୍ୱାରାଣ୍ଟାଇନ ସେଣ୍ଟର ଓ ଆବଶ୍ୟକ ହେଉଥିବା ଅନ୍ୟକେତେକ ସ୍ଥାନରେ ନିୟୋଜିତ କରାଯିବ। ସେନେଇ ଜିଲାପାଳ ଓ ଡିଏଏମ୍‌ଓ ବା ଡିଏଚ୍‌ଏମ୍‌ଓଙ୍କ ସହ ପରାମର୍ଶ କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ନିଷ୍ପତ୍ତି ନେବେ ବୋଲି କୁହାଯାଇଛି। ଏଥିସହ ୧୬୨୦ଜଣ ଆୟୁଷ ଡାକ୍ତର, ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ କୋଭିଡ୍ ମୁକାବିଲା ପାଇଁ ପ୍ରଶିକ୍ଷଣ ଦେବାକୁ ନିର୍ଦ୍ଦେଶ ହୋଇଛି।

## ମଧୁସୂଦନ ନଗର, ଝାରପଡ଼ା ଆବଦ୍ଧ ଅଞ୍ଚଳ ଘୋଷଣା ନେଇ ଚାଲିଛି ଆଲୋଚନା

**ଭୁବନେଶ୍ୱର, ୮।୪(ବ୍ୟୁରୋ):** ଭୁବନେଶ୍ୱରର ୟୁନିଟ୍-୪ ଅନ୍ତର୍ଗତ ମଧୁସୂଦନ ନଗର ଓ ଝାରପଡ଼ା ଅଞ୍ଚଳରୁ ଜଣେ ଲେଖାଏ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ସମ୍ପୃକ୍ତ ଅଞ୍ଚଳକୁ ଆବଦ୍ଧ ଅଞ୍ଚଳ ଘୋଷଣା କରାଯିବ କି ନାହିଁ ସେନେଇ ଆଲୋଚନା ଚାଲିଥିବା ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି। ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ବିଏମ୍‌ସି ଅଧୀନରେ ଥିବା ସୂର୍ଯ୍ୟନଗର, ବମିଖାଲ, ସତ୍ୟନଗର, ସୁନ୍ଦରପଦା ଓ ଯଦୁପୁର ଅଞ୍ଚଳକୁ ସିଲ୍ କରାଯାଇଛି। ଏବେ ସେ ସମସ୍ତ ଅଞ୍ଚଳରେ ବିଏମ୍‌ସି ସେବା ଯୋଗାଉଥିବାବେଳେ ଲୋକଙ୍କୁ ନିଜ ଘରେ ରହିବାକୁ ପରାମର୍ଶ ଦେଇଛି। ବିଏମ୍‌ସି କମିଶନରଙ୍କ ନେତୃତ୍ୱରେ କେଉଁ ଅଞ୍ଚଳ ସିଲ୍ କରାଯାଉଛି ତାହା ସ୍ଥିର କରାଯାଉଥିବାବେଳେ ଏବେ ବିଭାଗୀୟ ସ୍ତରରେ ଉପରୋକ୍ତ ଦୁଇଟି ଅଞ୍ଚଳକୁ ସିଲ୍ କରାଯିବ କି ନାହିଁ ସେନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ହେବ ବୋଲି ସେ କହିଛନ୍ତି।

## ଓଡ଼ିଶାର ୮ ଜିଲାରେ ଆବଦ୍ଧ ଅଞ୍ଚଳ

**ଭୁବନେଶ୍ୱର, ୮।୪(ବ୍ୟୁରୋ)**

ଓଡ଼ିଶାରେ ବୁଧବାର ସୁଦ୍ଧା ୪୨ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେଣୁ ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ରାଜ୍ୟର ମୋଟ ୮ ଜିଲାରେ ସଂକ୍ରମିତ ଥିବା କେତେକ ଅଞ୍ଚଳକୁ ଆବଦ୍ଧ ଅଞ୍ଚଳ ବା କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ବୁଧବାର ରାଜ୍ୟରେ କରୋନା ସ୍ଥିତି ସଂକ୍ରାନ୍ତରେ ସୂଚନା ଦେଇ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି, ଖୋର୍ଦ୍ଧା ଜିଲାରେ ୪ଟି ଅଞ୍ଚଳକୁ ଆବଦ୍ଧ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଏଠାରେ ଥିବା ସର୍ବାଧିକ ୩୪ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେଣୁ ଆବଦ୍ଧ ଅଞ୍ଚଳ ଭାବେ ଭୁବନେଶ୍ୱରର ସୂର୍ଯ୍ୟନଗର, ସୁନ୍ଦରପଦାରୁ ଯଦୁପୁର, ବମିଖାଲ ଓ ସତ୍ୟନଗରକୁ ଘୋଷଣା ସହ ସିଲ୍ କରାଯାଇଛି। ସେହିପରି କଟକ ଜିଲାରେ ଜଣେ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୨ଟି କଣ୍ଟେନମେଣ୍ଟ ଜୋନ୍ ଘୋଷଣା ହୋଇଛି। ନିଶ୍ଚିତକୋଇଲି ତହସିଲ୍ ଅନ୍ତର୍ଗତ ଜୟରାମପୁର ଗ୍ରାମ ପଞ୍ଚାୟତର ଏକ ନମ୍ବର ୱାର୍ଡ଼ ଏବଂ ସାଲେପୁର ତହସିଲ୍‌ର ମିର୍ଜାପୁର ଗ୍ରାମପଞ୍ଚାୟତର ୱାର୍ଡ ନଂ.୧୨ ଓ ୧୩, କଟକ ବକ୍ସିବଜାର ଛକରୁ ସାଇନ୍ସ କଲେଜ୍, ସୂତାହାଟ ମସଜିଦ୍ ଛକରୁ ତିନିକୋଣିଆ ବଗିଚା ପର୍ଯ୍ୟନ୍ତ ଅଞ୍ଚଳକୁ ଆବଦ୍ଧ ଅଞ୍ଚଳ ଘୋଷଣା କରାଯାଇ ସିଲ୍ କରାଯାଇଛି। ସଂକ୍ରମଣ ଏଡ଼ାଇବା ପାଇଁ ଗଞ୍ଜାମ ଜିଲା ଚିକିଟି ବ୍ଲକ୍‌ର ଲାଲମେଣ୍ଟା ଗାଁକୁ ଆବଦ୍ଧ ଅଞ୍ଚଳ ଘୋଷଣା କରାଯାଇଛି। ଯାଜପୁର ଜିଲାରେ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଅଞ୍ଚଳକୁ ଆବଦ୍ଧ ଅଞ୍ଚଳ ଘୋଷଣା କରାଯାଇଛି। କେନ୍ଦ୍ରାପଡ଼ା ଜିଲାର ଆଳି ଅଞ୍ଚଳରୁ ଜଣେ ଚିହ୍ନଟ ହୋଇଥିବାରୁ ରାଧାନଗର, ବଳଭଦ୍ରପୁର, ଶୀତଳେଶ୍ୱର, ଶିଳାସ୍ତମ୍ଭ, ନିଆଳ, ଗଉଡ଼ପାଟଣା, ଭାଟପଡ଼ା, ମେଣ୍ଟପୁର, କଣ୍ଟିପୁର, ଗୋପ ଅଞ୍ଚଳକୁ ଆବଦ୍ଧ ଅଞ୍ଚଳ ଭାବେ ଘୋଷଣା କରାଯାଇ ସିଲ୍ କରାଯାଇଛି। ସେହିପରି ପୁରୀରୁ ଜଣେ କରୋନା ପଜିଟିଭ୍ ଜଣାପଡିବା ପରେ ଦାନଗହୀର ଗାଁ ଛକ, ଜୟପୁର ଶାସନ ଛକ, ପିପିଲି ବ୍ଲକ୍‌ର ଜୟପୁର ଛକ ଶାସନ ଛକକୁ ଆବଦ୍ଧ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଭଦ୍ରକର ୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ପୁରୁଣା ବଜାର, ଚରମ୍ପା ରେଲୱେ ଷ୍ଟେଶନ ଅଞ୍ଚଳ, ଏରନ୍ ଗ୍ରାମ ପଞ୍ଚାୟତ ଅଞ୍ଚଳକୁ ଆବଦ୍ଧ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ସେହିପରି କଳାହାଣ୍ଡି ଜିଲାର ଗୋଲମୁଣ୍ଡା ବ୍ଲକ୍‌ରୁ ଗୋଟିଏ ପଜିଟିଭ୍ ଚିହ୍ନଟ ହୋଇଥିବାରୁ ବେହେରାଗୁଡ଼ା, ପର୍ଜିୟା ଏବଂ ଖମାର ହଳଦୀକୁ ଆବଦ୍ଧ ଅଞ୍ଚଳ ଭାବେ ଘୋଷଣା କରାଯିବା ସହ ସିଲ୍ କରାଯାଇଛି।

### କରୋନା: ଭାରତରେ ୧୬ ସ୍ଥାନରେ ଓଡ଼ିଶା

**ଭୁବନେଶ୍ୱର, ୮।୪(ବ୍ୟୁରୋ):** ସାରା ବିଶ୍ୱରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଭାରତରେ ମଧ୍ୟ ଉଭୟ ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ତେବେ ଏହି କ୍ଷେତ୍ରରେ ଭାରତରେ ଓଡ଼ିଶା ୧୬ତମ ସ୍ଥାନରେ ରହିଛି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ତାଙ୍କ ସୂଚନାନୁଯାୟୀ, ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୨୪୪୧ ନମୁନା ପରୀକ୍ଷଣ ହୋଇ ରିପୋର୍ଟ ଆସିଛି। ଏଥିମଧ୍ୟରୁ ପଜିଟିଭ୍ ବ୍ୟକ୍ତିଙ୍କ ସଂଖ୍ୟା ୪୨ ରହିଥିବାବେଳେ ୨ଜଣ ସୁସ୍ଥ ହୋଇ ଡାକ୍ତରଖାନାରୁ ଫେରିଛନ୍ତି। ଜଣେ ବ୍ୟକ୍ତି କରୋନା ଭୂତାଣୁରେ ସଂକ୍ରମିତ ହୋଇ ପ୍ରାଣ ହରାଇଛନ୍ତି। ଅନ୍ୟପଟେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ଏବେ ୩୯ ରହିଥିବାବେଳେ ୯୧ ଜଣ ସନ୍ଦିଗ୍ଧ ହସ୍ପିଟାଲ ଆଇସୋଲେଶନରେ ଅଛନ୍ତି।




## ସ୍ୱତନ୍ତ୍ର କାର୍ଗୋ ବିମାନରେ ଆସିଲା କୋଭିଡ୍-୧୯ କିଟ୍

**ଭୁବନେଶ୍ୱର, ୮।୪(ବ୍ୟୁରୋ):** ଲକ୍‌ଡାଉନ୍ ଜାରି ରହିଥିବାରୁ କାର୍ଗୋ ବିମାନ ଯୋଗେ ଓଡ଼ିଶାକୁ ଔଷଧ ଓ ମେଡିକାଲ ସାମଗ୍ରୀ ପରିବହନ ଜାରି ରହିଛି। ତେବେ ବୁଧବାର ଏକ ସ୍ୱତନ୍ତ୍ର କାର୍ଗୋ ବିମାନରେ କୋଭିଡ୍-୧୯ ପାଇଁ ଟେଷ୍ଟିଂ କିଟ୍ ସହ ଅନ୍ୟ ମେଡିକାଲ ସରଞ୍ଜାମ ଆସିଛି। ଏୟାର ଇଣ୍ଡିଆର ଏଆଇ-୧୪୭୩ ବିମାନରେ ଏହି ସାମଗ୍ରୀ ଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଓଡ଼ିଶା ରାଜ୍ୟ ଔଷଧ ନିଗମ ଓ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟରକୁ ପଠାଯାଇଛି।

## କଳାକାରଙ୍କୁ ଆଗୁଆ ମିଳିବ ୪ ମାସର ଭତ୍ତା

**ଭୁବନେଶ୍ୱର, ୮।୪ (ବ୍ୟୁରୋ):** ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ଭତ୍ତା ପ୍ରଦାନ କରାଯାଉଛି। କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଯୋଜନା ଅନ୍ତର୍ଗତ ରାଜ୍ୟର ୩୪,୬୫୩ଜଣ ଦୁସ୍ଥ କଳାକାରଙ୍କୁ ଆଗୁଆ ଭତ୍ତା ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଚଳିତ ମାସରେ ମାର୍ଚ୍ଚରୁ ଜୁନ୍ ୪ ମାସର ଭତ୍ତା ଆଗୁଆ ପ୍ରଦାନ କରାଯିବ। ଭତ୍ତା ବାବଦକୁ ହିତାଧିକାରୀଙ୍କୁ ମାସିକ ୧୨ଶହ ଲେଖାଏ ହିସାବରେ ୪ ମାସ ପାଇଁ ୪୮୦୦ ଟଙ୍କା ଏକକାଳୀନ ମିଳିବ। ଏଥିପାଇଁ ମୋଟ ୧୬କୋଟି ୬୩ଲକ୍ଷ ୩୪ହଜାର ୪ଶହ ଟଙ୍କାର ଆବଣ୍ଟନ ପତ୍ର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଜାରି କରାଯାଇଛି। ଚଳିତମାସ ୧୫ ତାରିଖ ମଧ୍ୟରେ ସଂପୃକ୍ତ କଳାକାରଙ୍କ ବ୍ୟାଙ୍କ୍ ଜମା ଖାତାକୁ ଇ-ଟ୍ରାନ୍ସଫର୍ ଜରିଆରେ ପଇଠ କରିବାକୁ ଜିଲାପାଳମାନେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ନିୟମ-୮(୫) ଅନୁଯାୟୀ ମାର୍ଚ୍ଚ ମାସରେ କଳାକାରମାନେ ନିଜ ସପକ୍ଷରେ କରିବାକୁ ଥିବା ଜୀବିତ ପ୍ରମାଣପତ୍ର ଦାଖଲକୁ ମଧ୍ୟ ଛାଡ଼ କରାଯାଇଛି। କଳାକାର ଭତ୍ତା ପ୍ରଦାନକୁ ସୁନିଶ୍ଚିତ କରିବା ଏବଂ ନିର୍ଦ୍ଧାରିତ ସମୟରେ ଭତ୍ତା ବଣ୍ଟନ ରିପୋର୍ଟ ଇମେଲ୍ ଓ ହ୍ୱାଟସ୍‌ଆପ୍ ମାଧ୍ୟମରେ ବିଭାଗକୁ ତୁରନ୍ତ ପ୍ରେରଣ କରିବାକୁ ଜିଲା ସଂସ୍କୃତି ଅଧିକାରୀ ଓ ଭାରପ୍ରାପ୍ତ ସଂସ୍କୃତି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ଲକ୍‌ଡାଉନ୍ ଯୋଗୁ ପଶୁପକ୍ଷୀ ମଧ୍ୟ ଖାଦ୍ୟ ପାଉନାହାନ୍ତି। ଆଗ୍ରାର ତାଜମହଲ ନିକଟ ଯମୁନା ନଦୀ କୂଳରେ ଜଣେ ବ୍ୟକ୍ତି ବୁଧବାର ପକ୍ଷୀମାନଙ୍କୁ ଖାଦ୍ୟ ଦେଉଛନ୍ତି।

> ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ। ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ। ସେଠାରେ ହିଁ ମୋତେ ଦେଖିପାରିବ। —ଶ୍ରୀମା

# ପାରାଙ୍କ ବୁଦ୍ଧିମତ୍ତା

**ମାନେକା ଗାନ୍ଧୀ**

ଗାଈ ଭାରି ବୁଦ୍ଧିଆ ବୋଲି ଆମେ ସମସ୍ତେ ଜାଣିଥିବାବେଳେ ଖୁବ୍ କମ୍ ଲୋକ ପାରାର ଦକ୍ଷତା ଓ ବୁଦ୍ଧିମତ୍ତା ସମ୍ପର୍କରେ ଜାଣନ୍ତି। ପାରା ଏକ ସଙ୍ଗରେ ଅନେକ କାର୍ଯ୍ୟ କରିପାରେ। ମଣିଷଠାରୁ ବି ଅଧିକ କାର୍ଯ୍ୟ କରିପାରନ୍ତି ପାରା। ରୁର୍ହ୍ର ବିଶ୍ୱବିଦ୍ୟାଳୟ(ବୋକ୍‌ହାମ୍)ରେ ବୈଜ୍ଞାନିକମାନଙ୍କ ଦ୍ୱାରା ଏକ ଗବେଷଣା କରାଯାଇଥିଲା। ସେମାନେ ମଣିଷ ଓ ପାରା ଗ୍ରୁପ୍ ଉପରେ ପରୀକ୍ଷା କରିଥିଲେ। ଗୋଟିଏ ବଲ୍‌ବ ଜଳିବା କ୍ଷଣି ମଣିଷ ଓ ପାରାଙ୍କୁ ଏକ କିବୋର୍ଡ ଦବାଇବା ଲାଗି ପ୍ରଶିକ୍ଷଣ ଦିଆଯାଇଥିଲା। ସେମାନଙ୍କୁ ଏଭଳି ଏକ ଅବସ୍ଥାରେ ରଖାଯାଇଥିଲା ଯେଉଁଠି ସେମାନେ ଗୋଟିଏ କାର୍ଯ୍ୟ ବନ୍ଦ କରି ଆଉ ଏକ କାର୍ଯ୍ୟ ସାଙ୍ଗେ ସାଙ୍ଗେ କରିବାକୁ ସ୍ଥିର କରାଯାଇଥିଲା। ଏଠାରେ ପାରା ଓ ମଣିଷ ଗ୍ରୁପ୍ ଗୋଟିଏ କାର୍ଯ୍ୟରୁ ଅନ୍ୟଟିକୁ ସମାନ ବେଗରେ ପରିବର୍ତ୍ତନ କରିବା ଲକ୍ଷ୍ୟ କରାଯାଇଥିଲା। ପରିବର୍ତ୍ତନ କରିବାର ସମୟ ୧ ସେକେଣ୍ଡ ରଖାଯାଇଥିଲେ ବି ପାରାମାନେ ଏହି ସମୟ ପୂର୍ବରୁ ଖୁବ୍ ଶୀଘ୍ର କାର୍ଯ୍ୟଟିକୁ ଗ୍ରହଣ କରିନେଇଥିଲେ।

ପାରା କ୍ୟାନ୍‌ସର ଚିହ୍ନଟ କରିପାରନ୍ତି ଏବଂ କେଉଁ କ୍ୟାନ୍‌ସର ଘାତକ ଓ ସାମାନ୍ୟ ସ୍ତରରେ ଅଛି ତାହା ବାରି ପାରିଥାନ୍ତି ବୋଲି ୨୦୧୫ରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଡେଭିସ୍ ମେଡିକାଲ ସେଣ୍ଟର୍‌ରେ ସମ୍ଭାବ୍ୟ ବ୍ରେଷ୍ଟ କ୍ୟାନ୍‌ସର ନିରୂପଣ କରିବାର ପଦ୍ଧତି ସହ ଗୋଟିଏ ପାରାକୁ ରଖା ଯାଇଥିଲା। କ୍ୟାନ୍‌ସର ଘାତକ କିମ୍ବା ସାମାନ୍ୟ ତାହା ପାରା ଜାଣିପାରୁଛି କି ନାହିଁ ସେଥିଲାଗି ଏଭଳି ବ୍ୟବସ୍ଥା କରାଯାଇଥିଲା ଏବଂ ସେମାନେ ଏହା କରିପାରିଥିଲେ। ସାଇଣ୍ଟିଫିକ୍ ଆମେରିକାନ ଅନୁସାରେ ଥରେ ପାରାଙ୍କୁ ରୋଗ ନିରୂପଣ କରିବାର ଉପାୟ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଗଲା ପରେ ସେମାନେ ତାହା ହାରାହାରି ୮୫ ପ୍ରତିଶତ ଠିକ୍ ଭାବେ କରିପାରିଥିଲେ। କିନ୍ତୁ ଯେତେବେଳେ ଦଳ ଦଳ ପାରାଙ୍କୁ ଅନେକ କାର୍ଯ୍ୟ କରିବା ଲାଗି ଦିଆଯାଇଥିଲା ଓ ସବୁ ବିଷୟ ପାଇଁ ଏକ ସାଧାରଣ ଉତ୍ତର ରଖାଯାଇଥିଲା, ସେ କ୍ଷେତ୍ରରେ ପାରାଦଳ ଆଶ୍ଚର୍ଯ୍ୟଜନକ ଭାବେ ୯୯ ପ୍ରତିଶତ ଠିକ୍ ଉତ୍ତର ନିର୍ଣ୍ଣୟ କରିପାରିଥିଲେ। ତେବେ ଜଣେ ପାଥୋଲୋଜିଷ୍ଟଙ୍କଠାରୁ ଅଧିକ କ'ଣ ବା ଆଶା କରିବା।

ପାରା ମଧ୍ୟ ଅବାସ୍ତବ ଛବି ବିଷୟରେ ଜାଣିବାରେ ତା' ବୁଦ୍ଧି ପ୍ରୟୋଗ କରିବାକୁ ସକ୍ଷମ ବୋଲି ଲକ୍ଷ୍ୟ କରାଯାଇଥିଲା। ପାରାମାନଙ୍କୁ ସାଧାରଣତଃ ମନେରଖିବା ପାଇଁ ବାରମ୍ବାର ଶିକ୍ଷାଦେଇ ଏହି ସିଦ୍ଧାନ୍ତ ହାସଲ କରାଯାଇନଥିଲା।

ପାରା ମେଟ୍ରୋରେ ସେମାନଙ୍କ ଆହାରସ୍ଥଳୀକୁ ଯାଇଥାନ୍ତି ଓ ଦୈନିକ ସେହି ସ୍ଥାନରେ ହିଁ ଓହ୍ଲାଇଥାନ୍ତି। ଏହାର ଅର୍ଥ ସେମାନେ ଗଣିପାରନ୍ତି, ସେମାନଙ୍କ ସାଥିରେ ଯାଉଥିବା ଯାତ୍ରୀମାନଙ୍କୁ ମନେରଖନ୍ତି ଏବଂ ସ୍ଥାନର ସୀମା ଓ କେଉଁଠାରେ ଓହ୍ଲାଇବେ ସେ ସମ୍ପର୍କରେ ବି ଜାଣିପାରନ୍ତି। ୨୦୧୧ରେ ପ୍ୟାରିସ୍‌ରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି ଯେ,ଯେଉଁ ଲୋକମାନେ ସେମାନଙ୍କୁ ଭଲ ଲାଗନ୍ତି ସେମାନେ ତାଙ୍କୁ ଚିହ୍ନି ମନେରଖନ୍ତି ଏବଂ ଯେଉଁମାନେ ସଂକୀର୍ଣ୍ଣମନା ସେମାନଙ୍କଠାରୁ ଦୂରେଇ ରହନ୍ତି। ସମାନ ବୟସର ଏକା ଭଳି ଦେଖାଯାଉଥିବା ଏକାବର୍ଣ୍ଣର ଗବେଷକମାନଙ୍କ ମଧ୍ୟରୁ କେତେଜଣ ପାରାଙ୍କୁ ଭୟ ପ୍ରଦର୍ଶନ କରିଥିଲେ ତ ଆଉ କେତେକ ସେମାନଙ୍କୁ ଖାଦ୍ୟ ଦେଇଥିଲେ। ଗବେଷକମାନେ ଏହା ଅନେକ ଦିନ ଯାଏ କରିଥିଲେ। ପରେ ପାରାମାନେ ସେମାନଙ୍କୁ ଭୟ ଦେଖାଇଥିବା ଓ ଖାଦ୍ୟ ଦେଇଥିବା ଗବେଷକମାନଙ୍କୁ ପୃଥକ ଭାବେ ଜାଣିପାରିଥିଲେ। ଏପରି କି ଯେତେବେଳେ ଗବେଷକମାନେ ପୋଷାକ ବଦଳାଇଲେ ଏବଂ ଦଳଗତ ଭାବେ କିମ୍ବା ପରସ୍ପରଠାରୁ ଦୂରେଇ ରହିଲେ ସେତେବେଳେ ପାରାମାନେ ସେମାନଙ୍କୁ ମଧ୍ୟ ଠାବ କରିପାରିଥିଲେ। ପୋଷାକର ରଙ୍ଗ ମଣିଷକୁ ଭିନ୍ନ ଭାବରେ ଉପସ୍ଥାପନ କରିବାର ବାଟ ନୁହେଁ ବୋଲି ପାରା ଜାଣିପାରିଥିଲେ ବୋଲି ଡ. ଡଲିଲାଙ୍କ ତତ୍ତ୍ୱାବଧାନରେ ଗବେଷକ ଦଳ ସିଦ୍ଧାନ୍ତରେ ପହଞ୍ଚିଥିଲେ। ବିଶେଷକରି ମଣିଷ ମଧ୍ୟରେ ରହିଥିବା ପ୍ରଭେଦକୁ ଜାଣିପାରିବାର ଦକ୍ଷତା ସେମାନଙ୍କ ପାଖରେ ରହିଛି।

ପାରାଙ୍କର ଅସାଧାରଣ ଦୂରଦୃଷ୍ଟି ରହିଛି ଏବଂ ଏକା ପ୍ରକାର ଦେଖାଯାଉଥିବା ରଙ୍ଗ ମଧ୍ୟରେ ଥିବା ପ୍ରଭେଦକୁ ଏମାନେ ଜାଣିପାରନ୍ତି। ଯଦି ପାରାଙ୍କୁ ଶିକ୍ଷା ଦିଆଯାଏ ତେବେ ସେମାନେ ଅକ୍ଷର ବି ଚିହ୍ନିପାରିବେ। ୨୦୧୬ରେ କରାଯାଇଥିବା ଏକ ଅନୁଧ୍ୟାନରେ ବୈଜ୍ଞାନିକମାନେ ସ୍ପଷ୍ଟ କରିଥିଲେ ଯେ, ପାରା ଅକ୍ଷରମାଳା ଏବଂ ପ୍ରକୃତ ଶବ୍ଦ ମଧ୍ୟରେ ଥିବା ଭିନ୍ନତାକୁ ନିର୍ଣ୍ଣୟ କରିପାରନ୍ତି। ଅନୁଧ୍ୟାନରେ ସାମିଲ ପାରାଙ୍କ ମଧ୍ୟରୁ ୪ଟି ପାରା ଅକ୍ଷରକୁ ନେଇ ୨୬ରୁ ୫୮ ଯାଏ ଇଂଲିଶ ଶବ୍ଦ ଗଢିପାରିଥିଲେ। ଏପରି କି ପାରାମାନେ ପୂର୍ବରୁ ଦେଖି ନ ଥିବା ଶବ୍ଦଗୁଡିକୁ ବି ଚିହ୍ନଟ କରିପାରିଥିଲେ। ସେମାନେ ଗାଣିତିକ ଅବଧାରଣାକୁ ମଧ୍ୟ ବୁଝିପାରନ୍ତି। ସଂଖ୍ୟା ମଧ୍ୟରେ ଥିବା ପ୍ରଭେଦକୁ ଜାଣିପାରନ୍ତି ଏବଂ ପରିମାଣକୁ ବି ଠିକ୍ ଭାବେ ନିର୍ଣ୍ଣୟ କରନ୍ତି। ପାରାର ଏଭଳି ଦକ୍ଷତା କେବଳ ରିସସ୍ ମାଙ୍କଡ଼ଙ୍କଠାରେ ରହିଛି।

୧୯୫୦ରେ ମନସ୍ତତ୍ତ୍ୱବିତ୍ ବି.ଏଫ୍. ସ୍କିନର୍ ତାଙ୍କ ପୋଷା ପାରାଙ୍କୁ ଅଧିକ ସ୍ଥାନବିଶେଷ ଜ୍ଞାନ ଓ କୌଶଳ ଆବଶ୍ୟକ ଥିବା ପିଙ୍ଗ୍‌ପଙ୍ଗ୍ ଖେଳ ସମ୍ପର୍କରେ ଶିକ୍ଷା ଦେଇଥିଲେ। ପାରା ସ୍ଥାନ ଓ ସମୟର ଅବଧାରଣକୁ ବୁଝିପାରନ୍ତି ବୋଲି ୨୦୧୭ରେ 'କରେଣ୍ଟ ବାୟୋଲୋଜି'ରେ ପ୍ରକାଶିତ ଏକ ଅନୁଧ୍ୟାନଭିତ୍ତିକ ତଥ୍ୟରୁ ଜଣାପଡିଥିଲା। କ୍ଲଉଡେ ମୋନେଟ୍ ଓ ପାବ୍ଲୋ ପିକାଶୋର ଚିତ୍ରକୁ ଚିହ୍ନିବା ଓ ଚିତ୍ରକରଙ୍କ ମଧ୍ୟରେ ରହିଥିବା ପ୍ରଭେଦକୁ ଜାଣିବା ଲାଗି ୧୯୯୫ରେ ଜାପାନର ମନସ୍ତତ୍ତ୍ୱବିତ୍ ଶିଗେରୁ ୱାଣ୍ଟୋବେ ଓ ତାଙ୍କର ଦୁଇଜଣ ସାଥୀ ପାରାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏପରିକି ସେମାନେ କାରିଗରି ବୁଦ୍ଧି ପ୍ରୟୋଗ କରି ଚିତ୍ରଗୁଡିକୁ ଚିହ୍ନଟ କରିପାରିଥିଲେ ଏବଂ ସେଥିମଧ୍ୟରୁ ୱାଟର କଲର୍‌କୁ ବି ଜାଣିପାରିଥିଲେ। ୨୦୦୯ରେ କରାଯାଇଥିବା ଏକ ଅନୁଧ୍ୟାନରେ ଟୋକିଓ ଏଲିମେଣ୍ଟାରୀ ସ୍କୁଲ୍‌ର ଜଣେ ଛାତ୍ରଙ୍କ ଦ୍ୱାରା ଅଙ୍କାଯାଇଥିବା ପ୍ରାୟ ଦୁଇ ଡଜନ ଚିତ୍ରକୁ ପାରାଙ୍କ ସମ୍ମୁଖରେ ପ୍ରଦର୍ଶିତ କରାଯାଇଥିଲା। ଏହି ଚିତ୍ରଗୁଡିକ ମଧ୍ୟରୁ କେଉଁଟି ଭଲ ଓ କେଉଁଟି ଖରାପ ତାହା ଜାଣିବା ଲାଗି ସେମାନଙ୍କୁ ଶିକ୍ଷା ଦିଆଯାଇଥିଲା। ତା'ପରେ ପାରାଙ୍କ ସମ୍ମୁଖରେ ୧୦ଟି ନୂଆ ଚିତ୍ର ରଖାଯାଇଥିଲା ଓ ପାରାମାନେ ସେହି ଚିତ୍ରଗୁଡିକ ମଧ୍ୟରୁ କେଉଁଟି ସ୍କୁଲ ଶିକ୍ଷକ ତଥା ବିଚାରକ ମଣ୍ଡଳୀଙ୍କଠାରୁ ଖରାପ ଗ୍ରେଡ୍ ମିଳିଥିଲା ତାହା ଠିକ୍ ଭାବେ ଅନୁମାନ କରିପାରିଥିଲେ। ମଣିଷଙ୍କ ଭଳି ପାରା ରଙ୍ଗ,ଆକାର ଓ ଉପସ୍ଥିତିକୁ ଆଧାର କରି ବର୍ଗୀକରଣ ପ୍ରକ୍ରିୟା ସମ୍ପାଦନ କରିଥାନ୍ତି। ଫଟୋରେ ଥିବା ଭିନ୍ନତାକୁ ବି ପରଖିପାରନ୍ତି, ଏପରି କି ଗୋଟିଏ ଫଟୋରେ ଥିବା ଦୁଇ ଭିନ୍ନ ମଣିଷଙ୍କ ମଧ୍ୟରେ ଥିବା ପ୍ରଭେଦକୁ ଜାଣିପାରନ୍ତି। ପାରା 'ମିରର୍ ଟେଷ୍ଟ' ବି ପାସ୍ କରିବା ଦେଖାଯାଇଛି। ପ୍ରତିବିମ୍ବକୁ ଆଇନାରେ ଚିହ୍ନିପାରିବାର ଦକ୍ଷତା ସେମାନଙ୍କ ପାଖରେ ରହିଛି। ୬ଟି ପ୍ରଜାତିର ଜୀବଙ୍କ ମଧ୍ୟରେ କେବଳ ଅଣ ସ୍ତନ୍ୟପାୟୀ ଭାବେ ପାରାଠାରେ ଏହି ଦକ୍ଷତା ରହିଛି।

ସେମାନେ ବସାରେ ସେମାନଙ୍କ ଦାୟିତ୍ୱ ସମାନ ଭାବେ ନିର୍ବାହ କରନ୍ତି। ଏପରି କି ଅଣ୍ଡା ଉଷୁମାଇବା ସମୟରେ ସେମାନେ ଖାଇବା ଓ ବିଶ୍ରାମ ନେବାରେ ପରସ୍ପରକୁ ସୁଯୋଗ ଦେଇଥାନ୍ତି। ଆପଣ କେବେ ବି ପାରା ଶାବକକୁ ଦେଖି ନ ଥିବେ। କାରଣ ଶାବକଟି ବଡ଼ହେବା ଯାଏ ସେମାନେ ତାକୁ ବସାରେ ଲୁଚାଇ ରଖନ୍ତି। ଶାବକ ବୟସ୍କ ଭଳି ଦେଖାଯିବା ପରେ ଶାବକଙ୍କୁ ପଦାକୁ ଆଣିଥାନ୍ତି। ସେମାନେ ସଙ୍ଗମ କରନ୍ତି ଓ ଏହି ପ୍ରେମରେ ଧୈର୍ଯ୍ୟ ବା ସହନଶୀଳତା ପ୍ରକାଶ ପାଇଥାଏ। ଏହି ସମୟରେ ଯଦି ଜଣେ ରୋଗଗ୍ରସ୍ତ ହୋଇଯାଏ ତେବେ ଅନ୍ୟଟି ତା ଜୀବନ ପ୍ରତି ଯେତେ ବିପଦ ଥିଲେ ମଧ୍ୟ ବାହାରେ ଅପେକ୍ଷା କରି ରହେ।

ପାରାଙ୍କ ବୁଦ୍ଧିମତ୍ତାରେ ଚାର୍ଲସ ଡାରୱିନ୍ ମୁଗ୍ଧ ହୋଇଯାଇ ସେମାନଙ୍କୁ ପୋଷିଥିଲେ। ସେ ପାରା କ୍ଲବ୍‌ରେ ଯୋଗ ଦେଉଥିଲେ ଏବଂ ପାରାଙ୍କ ସମ୍ପର୍କରେ ବହୁତ ଲେଖିଥିଲେ। ଏବେ ପାରାମାନେ ସମସ୍ୟାବହୁଳ ସହରରେ ବଞ୍ଚିରହିଛନ୍ତି। ଭୋକ ସହୁଛନ୍ତି ଏବଂ ଅବିବେକୀ ଓ ଭ୍ରଷ୍ଟ ନଗରନିଗମ ଦ୍ୱାରା ମୃତ୍ୟୁର ଶିକାର ହେଉଛନ୍ତି। ରାସ୍ତାରେ ଯାତାୟାତ କରୁଥିବା ବ୍ୟକ୍ତି ତଥା ଗାଡି ଦ୍ୱାରା ଅତ୍ୟାଚାରିତ ହେବା ସହ ଦୁର୍ଘଟଣାରେ ଅପଙ୍ଗ ହେଉଛନ୍ତି। ତଥାପି ସେମାନେ ଏକ ଜିଦ୍ ନେଇ ମଣିଷଙ୍କ ସହ ଏକାଠି ରହିବା ଜାରି ରଖିଛନ୍ତି। ଆମେ ଯେଉଁ ଅଦରକାରୀ ଦ୍ରବ୍ୟ ଫିଙ୍ଗିଦେଉଛୁ ତାହାକୁ ସେମାନେ ଖାଉଛନ୍ତି। ପିଲାଙ୍କ ପଛରେ ଯାଇ ତାଙ୍କଠାରୁ ଗୋଇଠା ଓ ମାଡ ଖାଆନ୍ତି। ତଥାପି ସେମାନେ ବନ୍ଧୁତା ଲାଗି ଆଗକୁ ଆସନ୍ତି। ସହରାଞ୍ଚଳ ଛାଡି ଗ୍ରାମାଞ୍ଚଳରେ ରହୁଥିବା ଅଧିକାଂଶ ପକ୍ଷୀଙ୍କ ଭଳି ସେମାନେ ହୁଏତ ତାଙ୍କ ବାଟ ବାଛି ନେଇପାରନ୍ତି, କିନ୍ତୁ ଯାହାହେଲେ ବି ସେମାନେ ମଣିଷଙ୍କ ସହ ରହିବାକୁ ପସନ୍ଦ କରିବେ। ମୋ ଉପରେ ଛାଡିଦେଲେ ମୁଁ ସେମାନଙ୍କୁ ସହରର ମାସ୍‌କଟ କରିଦେବି। ସେମାନଙ୍କୁ ଖାଇବାକୁ ଦିଅ। ସେମାନେ ଆମ ଆତ୍ମାର ପ୍ରତିନିଧିତ୍ୱ କରନ୍ତି।

Email: gandhim@nic.in

# ସଭିଏଁ ହୋଇ ଏକମୁଖ

**ଶ୍ରୀ ସନ୍ୟାସୀ**

ପୂର୍ବରୁ ମୁଖ୍ୟମନ୍ତ୍ରୀ ଓଡ଼ିଶା ପାଇଁ ୭ ଦିନିଆ ଲକ୍‌ଡାଉନ୍ ଘୋଷଣା କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଦେଶରେ ଏହାକୁ ୨୧ ଦିନକୁ ବୃଦ୍ଧି କରିଛନ୍ତି। ଏଥିରୁ ଜଣାପଡୁଛି ଯେ, କରୋନା ଆସନ୍ତା ଦିନମାନଙ୍କରେ କିଭଳି ବିସ୍ଫାରିତ ରୂପ ନେବ। ଏବେ ଇଟାଲୀ ଉପରକୁ ହାତ ଟେକି ଦେଲାଣି। ଇଟାଲୀର ଜନସଂଖ୍ୟା ମାତ୍ର ୬ କୋଟି। ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପାଇଁ ବିଶ୍ୱର ମାନ୍ୟତା ତାଲିକାରେ ୪ ନମ୍ବର ସ୍ଥାନରେ ସେ ଅଛି। ତଥାପି ସେ ଦେଶ କରୋନାର ମୁକାବିଲା କରିପାରୁନି। ଭାରତର ଜନସଂଖ୍ୟା ୧୩୦ କୋଟି। ଯଦି ଇଟାଲୀ ପରି ପରିସ୍ଥିତି ସୃଷ୍ଟି ହୁଏ, ତେବେ କ'ଣ ହେବ ତାହା ଜଗନ୍ନାଥଙ୍କୁ ଜଣା। ଏଇଭଳି ପରିସ୍ଥିତିରେ କରୋନାରୁ ମୁକ୍ତି ପାଇବା ପାଇଁ ସେହି 'କରୋନା' ମନ୍ତ୍ର ହିଁ ଜପିବାକୁ ପଡିବ। ସେ ମନ୍ତ୍ର ହେଉଛି 'କୌଣସି କାମ ନ ଥିଲେ ଘରୁ ରାସ୍ତା ଉପରକୁ ଆସନ୍ତୁ ନାହିଁ'। 'କରୋନା' ବାବଦରେ ଆମ ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶିତାକୁ ନିଶ୍ଚେ ଧନ୍ୟବାଦ ଦେବାକୁ ହେବ। ସେ ବର୍ତ୍ତମାନ ସବୁ ପ୍ରକାର ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଜାରି କରିସାରିଛନ୍ତି। ସବୁଠାରୁ ବଡ଼କଥା ହେଉଛି ଦୀର୍ଘ ୩ ବର୍ଷ ତଳୁ ଚାଇନାଠାରୁ ଆମଦାନୀ ହେଉଥିବା ବିଭିନ୍ନ ଦ୍ରବ୍ୟ ଉପରେ କଡ଼ା କଟକଣା ଜାରି କରିଛନ୍ତି ମୋଦି। ଏହାସହ 'କରୋନା'ର କ'ଣ ସମ୍ପର୍କ ଅଛି ବୋଲି ସାଧାରଣ ପାଠକେ ନିଶ୍ଚେ ଭାବୁଥିବେ। ଯଦି ଏଇ କଟକଣା ଲଗାଯାଇ ନ ଥା'ନ୍ତା, ଭାରତର ଅବସ୍ଥା ଆଜି ବି ଇଟାଲୀ ପରି ହୋଇଥା'ନ୍ତା। ଭୌଗୋଳିକ ଦୂରତାରେ ଇଟାଲୀ ଚାଇନାଠାରୁ ପ୍ରାୟତଃ ୮ ହଜାର କିଲୋମିଟର ଦୂରରେ ଅବସ୍ଥିତ। ଚାଇନା ସୀମା ଭାରତକୁ ଲାଗିଛି। ଇଟାଲୀ ଅପେକ୍ଷା ଖୁବ୍ ନିକଟରେ ଅଛି ଭାରତ। ତେବେ ଏ 'କରୋନା' ଭୂତାଣୁ ଇଟାଲୀକୁ ଏତେ ପରିମାଣରେ କାହିଁକି ଗ୍ରାସ କଲା ? ଇଟାଲୀରେ ବହୁ ପରିମାଣରେ ଥିବା ବୟନଶିଳ୍ପ କାରଖାନାରେ ଚାଇନାର ବହୁ ଲୋକ କାମ କରନ୍ତି। ଏପରି କି ଚାଇନା ଓ ଇଟାଲୀ ସହ ସିଧାସଳଖ ବିମାନ ଯାତାୟାତ ବି କରୁଛି। ବୁଲିବା ପାଇଁ ବଙ୍ଗାଳୀମାନଙ୍କର ପୁରୀ ଯେମିତି ପ୍ରଥମ ପସନ୍ଦ, ଠିକ୍ ସେମିତି ଚାଇନାମାନଙ୍କ ଭ୍ରମଣ ପାଇଁ ଇଟାଲୀ ହିଁ ସର୍ବୋତ୍କୃଷ୍ଟ ସ୍ଥାନ। ଚାଇନା ଓ ଇଟାଲୀ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଉତ୍ତମ ଥିବାରୁ 'କରୋନା' ଏହି ବାଟଦେଇ ଇଟାଲୀରେ କାୟା ବିସ୍ତାର କରିଛି। ଯଦି ଚାଇନା ସହ ଭାରତର ବାଣିଜ୍ୟିକ ସମ୍ପର୍କ ଏମିତି ଥାନ୍ତା ତେବେ ଏତେବେଳକୁ ଭାରତର ଅବସ୍ଥା ବେହାଲ ହୋଇସାରନ୍ତାଣି। ଭାରତର ଚିରଶତ୍ରୁ ପାକିସ୍ତାନର ପ୍ରତିଟି ଭାରତ ବିରୋଧୀ ପଦକ୍ଷେପକୁ ଚାଇନା ଆଖିବୁଜା ଅନ୍ୟାୟ ସମର୍ଥନ ଦେଉଥିବାରୁ ଗତ କିଛିବର୍ଷ ହେଲା ଚାଇନାରୁ ହେଉଥିବା ଆମଦାନୀ ପଦାର୍ଥଗୁଡିକ ଉପରେ ଦୃଢ଼ କଟକଣା ଲଗାଇଛି ଭାରତ। ଚାଇନାଠାରୁ ମୁଖ୍ୟତଃ ଧୂପକାଠିଠୁ ଆରମ୍ଭ କରି ବାଣ, ରାଖୀ, ହୋଲି ରଙ୍ଗ, ଅଳତା, ଚାଇନା ମୂର୍ତ୍ତି, ଶସ୍ତା ଫାଇବର ବାସନକୁସନ, ଛୋଟବଡ଼ ଖେଳଣା ଆଦି ଆମଦାନୀ କରିଥାଏ ଭାରତ। ଆମ ଦେଶର ଲୋକଙ୍କଠାରୁ ଚାଇନା ବାର୍ଷିକ ୩୦ ଭାଗ ଅର୍ଥ ଲାଭ ଉଠାଇଥାଏ। ପାକିସ୍ତାନକୁ ସମର୍ଥନ ଦେଉଥିବା କାରଣରୁ ଚାଇନାକୁ ହାତରେ ନ ମାରି ଭାତରେ ମାରିବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ କଟକଣା ଲଗାଇଥିଲେ, ସେଥିପାଇଁ ଭାରତ ଆଜି ଏକ ବଡ଼ ବିପଦରୁ ବର୍ତ୍ତି ଯାଇଛି। ନଚେତ୍ ଆମଦାନୀ ହେଉଥିବା ଜିନିଷ ମଧ୍ୟ ଦେଇ 'କରୋନା' ଭୂତାଣୁ କେବେଠୁ ଭାରତକୁ ଆସି ଲକ୍ଷ ଲକ୍ଷ ମୁଣ୍ଡ ନେଇ ସାରନ୍ତାଣି। ତେବେ ଲକ୍‌ଡାଉନ୍‌କୁ ୨୧ ଦିନକୁ ବୃଦ୍ଧି କରି 'କରୋନା'କୁ ଦ୍ୱିତୀୟ ମାଷ୍ଟର ଷ୍ଟ୍ରୋକ ଦେବାକୁ ଚେଷ୍ଟା କରିଛନ୍ତି ପ୍ରଧାନମନ୍ତ୍ରୀ। 'ଘରେ ରୁହ-ସୁରକ୍ଷିତ ରୁହ' ର ବାର୍ତ୍ତା ସେ ଦେଇଛନ୍ତି। କିନ୍ତୁ ବଡ ଦୁଃଖର କଥା ଥୋକେ ଏଇ ନିୟମକୁ ଖାମଖିଆଲ ଭାବୁଛନ୍ତି। ଫଳରେ ବିଭିନ୍ନ ଜାଗାରେ ପୋଲିସ କର୍ଫ୍ୟୁ ଜାରି କରିବା ସହିତ ସ୍ଥଳ ବିଶେଷରେ ଅମାନିଆ ଜନତାଙ୍କୁ ଉଠବସ୍ ବା ଲାଠି ଧରି ପିଟୁଥିବାର ଦେଖାଯାଉଛି। ଯଦିଓ ଅଦ୍ୟାବଧି କରୋନା ପାଇଁ ସେମିତି କିଛି ଠୋସ୍ ଔଷଧ ବାହାରି ନାହିଁ, ଏହାର ଏକମାତ୍ର ଉପାୟ ହେଉଛି 'ସଙ୍ଗରୋଧତା'। ଅର୍ଥାତ୍ ଘରେ ରହିବା। ପ୍ରକୃତି ଆଗରେ ମଣିଷର ସକଳ ଔଦ୍ଧତ୍ୟ ଆଜି ଫିକା ପଡିଯାଇଛି। ତେଣୁ ଘର ଭିତରେ ରହି କେବଳ ହାତ ଯୋଡି ଈଶ୍ୱରଙ୍କୁ ଡାକିବା ଛଡ଼ା ଗତ୍ୟନ୍ତର ନାହିଁ। ସକଳେ ହୋଇ ଏକମୁଖ, ଡାକିବେ ନାରାୟଣ ରଖ- ଭାଗବତର ଏହି ବାଣୀ ହିଁ ଆଜିର ସମୟର ବଡ଼ ଔଷଧ। ବଡ଼ ବିଚିତ୍ର କଥା ହେଉଛି ଏୟା ଯେ, ପୂର୍ବରୁ ପଶୁ ପକ୍ଷୀମାନେ ଯେମିତି ସ୍ୱାଧୀନତାର ସହ ବିଚରଣ କରୁଥିଲେ, ଏବେ ବି ସେମିତି କରୁଛନ୍ତି। କିନ୍ତୁ ନିଜ ମନଇଚ୍ଛା ବୁଲି ପ୍ରତି ମୁହୂର୍ତ୍ତରେ ପ୍ରକୃତିକୁ ଧ୍ୱଂସ କରୁଥିବା ମଣିଷ ଘର ପିଞ୍ଜରା ଭିତରେ ଅନିଚ୍ଛାକୃତ ଭାବେ ଆଜି ଆବଦ୍ଧ। ଏବେ ମଣିଷ ବୁଦ୍ଧି ଶିଖୁ ଯେ, ପ୍ରକୃତି ଉପରେ ଅତ୍ୟାଚାର କରିଲେ ଫଳ କେତେ ଭୟଙ୍କର ହୋଇପାରେ। ଏଇ ପ୍ରସଙ୍ଗରେ ମନେପଡିଯାଉଛି ମହାଭାରତର ଏକ କଥା। ଯୁଦ୍ଧରେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ନିଧନ ହେଲା। ଖବର ପହଞ୍ଚିଲା ପୁତ୍ର ଅଶ୍ୱତ୍ଥାମାଙ୍କ ନିକଟରେ। କ୍ରୋଧରେ ଜ୍ଞାନଶୂନ୍ୟ ହୋଇ ଅଶ୍ୱତ୍ଥାମା ପାଣ୍ଡବମାନଙ୍କ ଉପରକୁ ମହାବିଧ୍ୱଂସୀ 'ନାରାୟଣୀ' ଅସ୍ତ୍ର ଛାଡିଥିଲେ। ଏଇ ଅସ୍ତ୍ରର କରାମତି ଏୟା ଯେ, ଶତ୍ରୁ ହସ୍ତରେ ଅସ୍ତ୍ର ଥିଲେ ଏହା ସେମାନଙ୍କୁ ମାରିବ ହିଁ ମାରିବ। ଚାହେଁ ଶତ୍ରୁ ଯେତେ ଶକ୍ତିଶାଳୀ ହେଉ।

ନାରାୟଣ ଅସ୍ତ୍ର ଶୂନ୍ୟରୁ ମାଡି ଆସୁଥିବା ଦେଖି ପାଣ୍ଡବମାନେ ହତଭମ୍ବ ହୋଇଗଲେ। କ'ଣ କରିବେ କିଛି ବୁଦ୍ଧିବାଟ ଦେଖାଗଲା ନାହିଁ। ଶେଷରେ ଭଗବାନ ଶ୍ରୀକୃଷ୍ଣଙ୍କ ଶରଣ ପଶିଲେ। ପ୍ରଭୁ ଉପାୟ ବତାଇ ଦେଲେ। ପ୍ରଭୁଙ୍କ ନିୟମ ମାନି ସମସ୍ତେ ଅସ୍ତ୍ର ଛାଡି ନୀରବରେ ଦଣ୍ଡାୟମାନ ହେଲେ। ନାରାୟଣ ଅସ୍ତ୍ର ଆସିଲା, କିନ୍ତୁ ନିରସ୍ତ୍ର ପାଣ୍ଡବମାନଙ୍କ ଚତୁଃପାର୍ଶ୍ୱରେ ଚକ୍କର କାଟି ଲେଉଟି ଗଲା। ଏବେ ସେଇ ସମୟ ଆସିଛି। ସରକାରଙ୍କ ନିୟମ ମାନି କର୍ମ ରୂପକ ଅସ୍ତ୍ରକୁ ୨୧ ଦିନ ପାଇଁ ଛାଡି ହାତଯୋଡି ଘରେ ବସିବା। କରୋନା ହେଉଛି ଚାଇନାର ନାରାୟଣୀ ଅସ୍ତ୍ର। ଘରେ ରହିଲେ କରୋନା ଆମର କିଛି କରିପାରିବ ନାହିଁ।

ଦିବ୍ୟାଲୋକ ସନ୍ଧାନେ, ତେଲେଙ୍ଗାପେଣ୍ଠ,
ରାମନଗର, କଟକ
ମୋ: ୯୭୭୭୨୯୭୮୪୧

# ଆପେକ୍ଷିକ ସତ୍ୟର ଅସ୍ୱୀକାରରେ ପରାହତ ସତ୍ୟ

**ଦିଲୀପ କୁମାର ଦାଶ**

୧୯୫୦ରେ ଅକିରା କୁରୋସାବାଙ୍କ ଦ୍ୱାରା ନିର୍ମିତ ଚଳଚ୍ଚିତ୍ର ରଶୋମନ ଏକ ଗୂଢ଼ ଦାର୍ଶନିକ ପ୍ରଶ୍ନ ଉଠାଇଥିଲା। ତାହା ଥିଲା, ସତ୍ୟର ପ୍ରତିଷ୍ଠାକୁ ନେଇ। ସେଥିରେ ଗୋଟିଏ ହତ୍ୟାର ବିଚାର ହେଉଥିଲା। ବିଚାରପତି ଅପରାଧ ସ୍ଥଳରେ ଉପସ୍ଥିତ ପ୍ରତ୍ୟେକ ଚରିତ୍ରଠାରୁ ଘଟଣାର ବିବରଣୀ ଶୁଣିଲେ। ଏପରି କି ଜଣେ ଆଧାର ଜରିଆରେ ଆତ୍ମାକୁ ଆବାହନ କରି ମୃତକର ବିବରଣୀ ଶୁଣାଗଲା। ମୃତକ, ତାଙ୍କ ପତ୍ନୀ ଏବଂ ହତ୍ୟାକାରୀ- ପ୍ରତ୍ୟେକଙ୍କ ବିବରଣୀ ଅନ୍ୟଠାରୁ ଭିନ୍ନ ଥିଲା। ନିର୍ଦ୍ଦେଶକ କୁରୋସାବା ଉକ୍ତ ଚଳଚ୍ଚିତ୍ରରେ ସତ୍ୟକୁ ଜାଣିବାର କୌଣସି ନିର୍ଦ୍ଦିଷ୍ଟ ଉପାୟ ଦେଇ ନାହାନ୍ତି। ଦର୍ଶକ ପାଇଁ ସମସ୍ୟା ହେଉଛି କିଏ ବିଶ୍ୱାସଯୋଗ୍ୟ। ଏଠାରେ ସତ୍ୟ ଓ ବିଶ୍ୱାସର ପ୍ରାକୃତିକ ନୀବିଡ଼ତା ଅନୁପସ୍ଥିତ। ଏ ବିଭାଜନ ଉଲ୍ଲେଖଯୋଗ୍ୟ। କାରଣ ଏଠାରେ ବିଶ୍ୱାସ ଦ୍ୱାରା ହିଁ ସତ୍ୟ ପ୍ରତିଷ୍ଠିତ ହେବ, ଅନ୍ୟଥା ଅସମ୍ଭବ। ଏଥିରେ ସତ୍ୟର ସ୍ୱାତନ୍ତ୍ର୍ୟ ଅପେକ୍ଷା ସତ୍ୟ ନିମିତ୍ତ ବିଶ୍ୱାସର ଆବଶ୍ୟକତା ଅନୁଭୂତ ହେଉଛି। ଫଳତଃ, ସତ୍ୟ ନିମିତ୍ତ ଜଣେ ବିଶ୍ୱସନୀୟ ନୁହେଁ, ବରଂ ଜଣେ ବିଶ୍ୱସନୀୟ ତେଣୁ ସତ୍ୟବାଦୀ ଭଳି ପ୍ରତୀୟମାନ ହେଉଛି। ଏହି ଯୁକ୍ତିରେ ସତ୍ୟ ଅପେକ୍ଷା ବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ ଏବଂ ସତ୍ୟ ବିଶ୍ୱାସର ଆଧାର ଉପରେ ନିର୍ଭରଶୀଳ। ତେବେ ପ୍ରଶ୍ନ ଉଠେ ସତ୍ୟର ସ୍ୱାତନ୍ତ୍ର୍ୟ ନ ରହିବା ଏବଂ ବିଶ୍ୱସନୀୟତା ଦ୍ୱାରା ନିର୍ଦ୍ଧାରିତ ହେବା ଅସତ୍ୟର ଚାବିକାଠି ନୁହେଁ ତ ?

ସତ୍ୟ ଓ ବିଶ୍ୱାସର ଆଲୋଚନାରୁ ଆଉ କିଛି ପ୍ରଶ୍ନ ଆସେ। ସତ୍ୟ ଅପହଞ୍ଚ କାହିଁକି? ସତ୍ୟ ଅପେକ୍ଷା ବିଶ୍ୱାସର ଗୁରୁତ୍ୱ ଅଧିକ କେମିତି ହେଲା ? ବିଶ୍ୱାସର ଆଧାର ସତ୍ୟ ନ ହୋଇ, ସତ୍ୟର ଆଧାର ବିଶ୍ୱାସ କେମିତି ହେଲା ? ପୁରାଣବିତ୍ ଦେବଦତ୍ତ ପଟ୍ଟନାୟକ ପୁରାଣର ସତ୍ୟତା ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ସତ୍ୟର ପ୍ରକାରଭେଦ ସମ୍ବନ୍ଧରେ ଆଲୋଚନା କରିଛନ୍ତି। କିଛି ସତ୍ୟ ସମସ୍ତଙ୍କ ପାଇଁ ସତ୍ୟ ଏବଂ ଆଉ କିଛି କେତେ ଲୋକଙ୍କ ପାଇଁ ସତ୍ୟ। ଦ୍ୱିତୀୟଟି ଅସତ୍ୟ ନୁହେଁ ବରଂ ଆପେକ୍ଷିକ ସତ୍ୟ। ଆପେକ୍ଷିକ ସତ୍ୟ ସ୍ଥାନ, କାଳ ଏବଂ ପାତ୍ର ଉପରେ ନିର୍ଭରଶୀଳ। ଏହା ଦିବା-ରାତ୍ରି ବିଭାଜନ ଭଳି ସର୍ବଜନ ଗୃହୀତ ସତ୍ୟ ନ ହୋଇପାରେ, କିନ୍ତୁ ଏକ ଆପେକ୍ଷିକ ଅବସ୍ଥାର ପ୍ରତିଫଳନ। ସେ ଅବସ୍ଥା ଏକ ସମୟ ହୋଇପାରେ, ସଂସ୍କୃତି ହୋଇପାରେ; ବା ସ୍ନେହ, ପ୍ରେମ କିମ୍ବା କ୍ରୋଧ ଭଳି ବ୍ୟକ୍ତିଗତ ଭାବ ହୋଇପାରେ ଯାହା ଗବେଷଣାଗାରର ବିଭିନ୍ନ ପ୍ରକ୍ରିୟା ଦ୍ୱାରା ପରୀକ୍ଷିତ ହୋଇପାରିବ ନାହିଁ। ସୁଖ ଆଉ ଦୁଃଖର ପରିମାପ କାହାକୁ ଜଣା ? ଏହା କେବଳ ବୈଚାରିକ ସମବେଦନା ଦ୍ୱାରା ଅନୁଭବ କରିହେବ। ଅନୁଭବ ସାର୍ବଜନୀନ ହେବା ଜରୁରୀ ନୁହେଁ। ବ୍ୟକ୍ତିଗତ ବା କୌଣସି ଏକ ଗୋଷ୍ଠୀଗତ ଅନୁଭବ ମଧ୍ୟ ସେ ବ୍ୟକ୍ତି ବା ଗୋଷ୍ଠୀର ସତ୍ୟ। ଆପେକ୍ଷିକ ସତ୍ୟକୁ ଅସ୍ୱୀକାର କରି ସର୍ବଦା ଏକ ସାର୍ବଜନୀନ ସତ୍ୟର ପ୍ରତିଷ୍ଠା ପାଇଁ ପ୍ରଚେଷ୍ଟା ସତ୍ୟର ପ୍ରାଧାନ୍ୟକୁ ଦୁର୍ବଳ କରିଛି। ସାର୍ବଜନୀନତାର ନିଷ୍ଫଳ ପ୍ରଚେଷ୍ଟା ସତ୍ୟକୁ ହିଁ ଅପହଞ୍ଚ କରିଛି।

ଅନୁଭବର ବାହାରେ ସତ୍ୟ ଏକ ଅପହଞ୍ଚ ପ୍ରହେଳିକା, ଯାହା ପାଇଁ ଏକ ଆଧାର ଆବଶ୍ୟକ। ବିଶ୍ୱାସ ହେଉଛି ସେହି ଆଧାର। କାରଣ ବିଶ୍ୱାସର ମୂଳଦୁଆ ଉପରେ ସମାଜ ପ୍ରତିଷ୍ଠିତ ଏବଂ ମଣିଷ ସତ୍ୟ ପ୍ରତିଷ୍ଠାର ଜଟିଳ ପ୍ରକ୍ରିୟା ପରିବର୍ତ୍ତେ ତା' ସାମାଜିକତାର ପ୍ରାଥମିକ ଆଧାର ବିଶ୍ୱାସକୁ ପ୍ରାଧାନ୍ୟ ଦେଇଛି। ବିଶ୍ୱାସ ତା' ଜୀବନର ସାହାରା ଓ ତା' ସତ୍ୟର ମାପକାଠି ହୋଇଛି। ସ୍ୱଭାବତଃ, ଆତ୍ମୀୟତାର ଭାବରେ, ଭାବପ୍ରବଣତାରେ, କାହାର ବା କାହାର ସୁନ୍ଦର ସ୍ୱପ୍ନ ଅଥବା କୋକୁଆ ଭୟରେ ସତ୍ୟ ଏବେ ପର୍ଯ୍ୟବସିତ। ଯିଏ ଯେତେ ବିଶ୍ୱସନୀୟ ସେ ସେତେ ସତ୍ୟ। ବିଶ୍ୱାସ ଏକ ବିନିଯୋଗ। ଅର୍ଥାତ ବିଶ୍ୱାସ ଜିଣିବା ହିଁ ଚାବିକାଠି। ତେଣୁ ଜାତି, ଧର୍ମ ତଥା ଆଞ୍ଚଳିକତା ଭଳି ମୌଳିକ ପରିଚୟରେ, ଅଥବା ସମସାମୟିକତା ବା ସମାସ୍କନ୍ଧ ହେବାର ଦ୍ୱାହିରେ କିମ୍ବା ସାମାଜିକ ଗଣମାଧ୍ୟମ ଭଳି ଯାନ୍ତ୍ରିକ ସୂତ୍ରକୁ ଅନ୍ଧ ଭାବରେ ବିଶ୍ୱାସ କରିବା ଅସମ୍ଭବ ନୁହେଁ। ଫଳତଃ, ଅସତ୍ୟର ପ୍ରଚାର ଏବଂ ପ୍ରସାର ହେବା ଆଶ୍ଚର୍ଯ୍ୟଜନକ ନୁହେଁ। ଏପରି କି ବିଶ୍ୱାସର ଭାବମୟତା ଆଗରେ କୌଣସି ପ୍ରମାଣ ମଧ୍ୟ ଉପଯୁକ୍ତ ଉପଚାର ଭଳି ପ୍ରତୀୟମାନ ହେଉନାହିଁ। ଉତ୍ତର-ସତ୍ୟ ଆଜିର ସାମାଜିକ ତଥା ରାଜନୈତିକ ଜୀବନରେ ସତ୍ୟର ଅନୁପସ୍ଥିତିକୁ ବୁଝାଏ। ଏହା ଆପେକ୍ଷିକତାର ଅସ୍ୱୀକାରରେ ଅସତ୍ୟ କେମିତି ମାତିଛି ସେଥିପ୍ରତି ଇଙ୍ଗିତ କରୁଛି।

ଭାରତୀୟ ଦର୍ଶନରେ ସତ୍ୟର ଅନେକ ରୂପରେଖ ରହିଛି। ବୈଦିକ ଆଲୋଚନାରେ ସତ୍ୟ ଏକ ପ୍ରମୁଖ ବିଷୟ ହୋଇଥିବା ବେଳେ ଉପନିଷଦରେ ଏହାକୁ ଏକ ଉତ୍ତରିତ ଗୁଣ ଭାବେ ଗ୍ରହଣ କରାଯାଇଛି।

ଅଧୁନା, ଆପେକ୍ଷିକତାର ଅସ୍ୱୀକାର କେବଳ ଅସତ୍ୟର ପ୍ରସାର କରିନି, ତା'ସହ ଅନେକ ସାର୍ବଜନୀନ ମୂଲ୍ୟବୋଧକୁ ମଧ୍ୟ ବିପର୍ଯ୍ୟସ୍ତ କରିଛି। ବୈଜ୍ଞାନିକ ଚେତନା, ଧର୍ମନିରପେକ୍ଷତା, ସମାଜବାଦ, ଗଣତନ୍ତ୍ର ଇତ୍ୟାଦି ଆମର ବିଭିନ୍ନ ରାଷ୍ଟ୍ରୀୟ ତଥା ସାମ୍ବିଧାନିକ ମୂଲ୍ୟବୋଧ ମାତିଥିବା ଅସତ୍ୟର ମାୟାଜାଲରେ ବିପର୍ଯ୍ୟସ୍ତ ହେବାକୁ ବସିଛି। ପାରମ୍ପରିକ ଜ୍ଞାନ ପ୍ରତି ହତାଦର ଆଜି ସର୍ବସାଧାରଣରେ ବୈଜ୍ଞାନିକ ଚେତନାକୁ ସୀମିତ କରି ଅଣବୈଜ୍ଞାନିକ ଅସତ୍ୟର ପ୍ରସାରକୁ ସହଜ କରିଛି। ଅଜବ ଗୁଜବର ବିଶ୍ୱାସ କରିବା ଏବେ ପ୍ରାୟତଃ ଏକ ସାଧାରଣ ପ୍ରକ୍ରିୟା ହୋଇଯାଇଛି। ପୁଣି, ଭାରତୀୟ ଜନଜୀବନରେ ଧର୍ମର ରୂପରେଖ ତଥା ଭୂମିକା ପ୍ରତି ସମବେଦନ ନ ହୋଇ, ଇଉରୋପୀୟ ଢାଞ୍ଚାରେ ସର୍ବସାଧାରଣରୁ ଧର୍ମକୁ ପୃଥକ୍ କରିବାର ପ୍ରଚେଷ୍ଟା ଧର୍ମନିରପେକ୍ଷତାକୁ ମୂଲ୍ୟହୀନ କରି କଳୁଷିତ ମୌଳବାଦ ତଥା ସାମ୍ପ୍ରଦାୟିକତା ଇତ୍ୟାଦି ଅଧର୍ମର ଅଭିବୃଦ୍ଧି ଘଟାଇଛି ଏବଂ ଧର୍ମଧାରଣର ମାଧ୍ୟମ ନ ହୋଇ ଘୃଣାର କାରଣ ହୋଇଛି। ଏହାଛଡା, ଶୋଷଣର ସ୍ଥାନୀୟ ତଥା ପରିସ୍ଥିତି ସାପେକ୍ଷ ଚରିତ୍ର ବିଶ୍ଳେଷଣ ନ କରି, ବିଭିନ୍ନ ସିଦ୍ଧାନ୍ତର ଚିନ୍ତାହୀନ ସାର୍ବଜନୀନ ପ୍ରୟୋଗ ଦ୍ୱାରା ସମାଜବାଦ ଦିନକୁ ଦିନ ଅନାଦୃତ ହୋଇଚାଲିଛି ଏବଂ ତା' ସ୍ଥାନରେ ପ୍ରତିକ୍ରିୟାଶୀଳ ମୌଳିକ ପରିଚୟ ଭିତ୍ତିକ ଚେତନାର ଉଦ୍ରେକ ହେଉଛି। ଶେଷରେ, ଗଣତାନ୍ତ୍ରିକ ପ୍ରକ୍ରିୟା କେବଳ ଭୋଟଦାନ ଭଳି ଏକ ଦୃଶ୍ୟମାନ ସାର୍ବଜନୀନ ପ୍ରକ୍ରିୟାରେ ରୂପାନ୍ତରିତ ହୋଇଥିବାରୁ ଏବଂ ବାସ୍ତବ ନୀତି ନିର୍ଦ୍ଧାରଣରେ ବିଭିନ୍ନ ଗଣର ଭୂମିକା ନଗଣ୍ୟ ବା ଔପଚାରିକ ହୋଇଥିବାରୁ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଗମ୍ଭୀର ନିଷ୍ପାର ଦୃଶ୍ୟମାନ ପତନ ଚିନ୍ତାଜନକ। କ୍ଷମତାର ବିକେନ୍ଦ୍ରୀକରଣ ବଦଳରେ ଏବେ କେନ୍ଦ୍ରୀକରଣର ବିଭିନ୍ନ ପ୍ରକ୍ରିୟା ପ୍ରତି ଆଦର ଅଗୋଚର ନୁହେଁ। ଆଜି, କେବଳ ବିଭିନ୍ନ ମୂଲ୍ୟବୋଧର ଅନାଦର ହେଉନି, ତା' ସହିତ ସେଗୁଡିକର ସ୍ତାବକମାନେ ମଧ୍ୟ ବିରୋଧର ସମ୍ମୁଖୀନ।

ଚରମ ସତ୍ୟର ଉଦ୍‌ଘାଟନ ଏକ ଦାର୍ଶନିକ ପ୍ରୟାସ ହୋଇପାରେ, କିନ୍ତୁ ତାହା ଆପେକ୍ଷିକତାକୁ ବଳିଚଢାଇ ନୁହେଁ। ନୈତିକତା ଏବଂ ମୂଲ୍ୟବୋଧରେ ବିଶ୍ୱାସ ପୁନର୍ସ୍ଥାପିତ କରାଇବା ପାଇଁ ପରିସ୍ଥିତିର ଜଟିଳତାକୁ ଆଲୋଚନାର କେନ୍ଦ୍ର କରିବାକୁ ପଡିବ। ଅନ୍ୟଥା ଉଭୟ ସତ୍ୟ ଏବଂ ତା' ସହ ଜଡିତ ବିଭିନ୍ନ ମୂଲ୍ୟବୋଧ ଦୀର୍ଘକାଳୀନ ଭାବେ ସେମାନଙ୍କର ଗୁରୁତ୍ୱ ହରାଇବସିବା ସାର ହେବ।

ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ
ମୋ- ୯୮୬୬୫୬୬୮୨୩

## ଏଇ ଭାରତରେ

ମୁମ୍ବାଇର ଜଣେ ମହିଳା ନିଜସ୍ୱ ଉଦ୍ୟମରେ ବର୍ଜ୍ୟବସ୍ତୁକୁ ରିସାଇକ୍ଲିଂ କରିବାରେ ଯେଭଳି ସଫଳତା ପାଇଛନ୍ତି ତାହା ନିଶ୍ଚୟ ପ୍ରେରଣାଦାୟକ। ଏହି ମହିଳାଙ୍କ ନାମ ମନୀଷା ନାର୍କେ। ତାଙ୍କୁ ବର୍ତ୍ତମାନ ବୟସ ୪୫। ସେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ତାଙ୍କ ଘର ସମ୍ମୁଖରେ ଠୁଳ ହେଉଥିବା ବର୍ଜ୍ୟବସ୍ତୁର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡୁଥିବା ଲକ୍ଷ୍ୟ କରିବା ପରେ ସେ ଏହି ଅଭିଯାନ ଆରମ୍ଭ କରିଥିଲେ। ଅଭିଯାନ ଆରମ୍ଭ ହୋଇଥିଲା ତାଙ୍କ ଘରୁ। ସେ ବର୍ଜ୍ୟବସ୍ତୁକୁ ଉପଯୋଗ କରି ଖତ ପ୍ରସ୍ତୁତ କରୁଥିବା ବ୍ୟକ୍ତିମାନଙ୍କଠାରୁ ଏହାର କୌଶଳ ସମ୍ପର୍କରେ ଜାଣିବା ପରେ ଘରେ ଖତ ପ୍ରସ୍ତୁତ କରିଥିଲେ। ପରେ ତାଙ୍କ ଝିଅ ପଢୁଥିବା ସ୍କୁଲ୍‌ର ପିଲାଙ୍କ ମା'ମାନଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ସେମାନେ ମଧ୍ୟ ମନୀଷାଙ୍କ ସହ ହାତ ମିଳାଇଥିଲେ ଓ ୨୦୦୯ରେ ଏକ ସ୍ୱେଚ୍ଛାସେବୀ ଗ୍ରୁପ୍ 'ରୁର୍' (ଆର୍ ୟୁ ରିଡ୍ୟୁସିଂ, ରିୟୁଜିଂ,ରିସାଇକ୍ଲିଂ) ଗଠନ କରିଥିଲେ। ୧୦ ବର୍ଷ ମଧ୍ୟରେ ଏହି ଗ୍ରୁପ୍ ଆଶାତୀତ ସଫଳତା ହାସଲ କରିପାରିଛି। ବର୍ଷକୁ ୭୫୦ ଟନ୍‌ରୁ ଊର୍ଦ୍ଧ୍ୱ ବର୍ଜ୍ୟବସ୍ତୁ ରିସାଇକ୍ଲିଂ କରାଯାଉଛି ଓ ଏହାଦ୍ୱାରା ୮୦ ଟନ୍ କାର୍ବନ୍‌ଡାଇଅକ୍ସାଇଡ ନିର୍ଗମନ କମ୍ କରାଯାଇପାରୁଛି ବୋଲି କହନ୍ତି ମନୀଷା। ସେମାନେ ୩୦ ଲକ୍ଷରୁ ଅଧିକ ଲୋକଙ୍କୁ କର୍ମଶାଳା ମାଧ୍ୟମରେ ବର୍ଜ୍ୟବସ୍ତୁରୁ ଖତ ପ୍ରସ୍ତୁତି ସମ୍ପର୍କରେ ଶିକ୍ଷା ଦେଇସାରିଲେଣି। ପ୍ରାୟ ୧୦୦ଟି ସ୍ଥାନରେ ବାୟୋ କମ୍ପୋଷ୍ଟର୍ ମଧ୍ୟ ପ୍ରତିଷ୍ଠା କରାଯାଇଛି ଓ ୨୦୦ଟି କେନ୍ଦ୍ରରେ ଖତ ବିକ୍ରି କରାଯାଉଛି। ରୁର୍ ଗ୍ରୀନଲାଇଫ୍ ବ୍ୟବସାୟିକ ପ୍ରତିଷ୍ଠାନ ଗଢି ତା ମାଧ୍ୟମରେ ସେ 'ରୁର୍'ର ଉତ୍ପାଦ ବିକ୍ରି କରୁଛନ୍ତି। ଏହା ମାଧ୍ୟମରେ ବର୍ଜ୍ୟ ପରିଚାଳନା କର୍ମଶାଳା ମୁମ୍ବାଇର ବିଭିନ୍ନ ସ୍କୁଲ, ଅଫିସ୍‌ରେ ଆୟୋଜନ କରାଯାଉଛି। ଟେଟ୍ରାପ୍ୟାକ୍ ଇଣ୍ଡିଆ ସହ ମିଳିତ ଭାବେ ରୁର୍ ବର୍ଜ୍ୟବସ୍ତୁ ସଂଗ୍ରହ କେନ୍ଦ୍ର ପରିଚାଳନା କରୁଛି। ଟେଟ୍ରା ପ୍ୟାକ୍ କାର୍ଟୁନଗୁଡିକୁ ଲୋକମାନଙ୍କଠାରୁ ସଂଗ୍ରହ କରାଯାଇ ତାହାକୁ ରିସାଇକ୍ଲିଂ କରାଯାଉଛି। ସେଥିରୁ ସ୍କୁଲ ଡେସ୍କ,ଗାର୍ଡେନ ବେଞ୍ଚ, ପେନ୍‌ଷ୍ଟାଣ୍ଡ , ଟ୍ରେ ଆଦି ଜିନିଷ ମଧ୍ୟ ତିଆରି କରାଯାଉଛି। ରୁର୍ ମାଧ୍ୟମରେ ଏବେସୁଦ୍ଧା ମୁମ୍ବାଇରେ ୪୪ଟି କେନ୍ଦ୍ରରେ ଟେଟ୍ରା ପ୍ୟାକ୍ କାର୍ଟୁନ ଓ ୧୮୦ଟି କେନ୍ଦ୍ରରେ ଲୋକଙ୍କଠାରୁ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୯ ଏପ୍ରିଲ ୧୯୯୫**

- ଜାତିସଂଘର ମହାସଚିବ ବୁଟ୍ରୋସ ବୁଟ୍ରୋସ ଘାଲିଙ୍କୁ ଅନ୍ତର୍ଜାତୀୟ ଓ ନାସିସ ପୁରସ୍କାର ପାଇଁ ମନୋନୀତ କରାଯାଇଛି।
- ବାଂଲାଦେଶ ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ବାତ୍ୟା ପ୍ରବାହିତ ହେବା ଫଳରେ ୭୦୦ ଧୀବର ନିଖୋଜ।
- ପଞ୍ଜାବ ପ୍ରଦେଶର ଖୁସାବଠାରେ ପାକିସ୍ତାନ ଏକ ଆଣବିକ ରିଆକ୍ଟର ନିର୍ମାଣ କରୁଛି ବୋଲି ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋ ସ୍ୱୀକାର କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | E | | | 2 | B | 7 | | | | | | |
| E | | | A | | 3 | 8 | | | | | 2 | | | D |
| | 1 | D | | | | | | | 9 | | | | C | 6 |
| 5 | | | 4 | | 6 | E | 1 | | A | | C | 8 | | |
| | | 8 | | | | | | | | | | 3 | | E |
| | E | | | | A | | 6 | | | | | | | |
| | C | 7 | | | 5 | | 9 | D | | B | | 0 | | |
| | 9 | A | | | | | 3 | | | C | 1 | 2 | | |
| | | 3 | | | C | | 2 | | | 4 | 8 | | B | |
| 0 | | | | 8 | | | 7 | | | | | | D | |
| | D | 0 | | | | 3 | | | C | | | 4 | 2 | 8 |
| | 7 | | | | 1 | | D | | | 8 | 6 | 5 | | C |
| | | 9 | | | | | A | | | | 3 | 6 | | |
| | | C | | 6 | | | | | | 5 | 4 | | 0 | |
| 3 | | | C | | D | | | | | A | | E | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 2 | 5 | 7 | 9 | B | C | D | E | 0 | 8 | A | 3 | 4 | 1 |
| 9 | 0 | B | A | 3 | E | 2 | 7 | 6 | 1 | 4 | C | 8 | D | 5 |
| A | C | 7 | 5 | 8 | 2 | 4 | B | 1 | 3 | 9 | D | 0 | E | 6 |
| 4 | E | D | C | 1 | 0 | 8 | 3 | A | 6 | 7 | 5 | 9 | 2 | B |
| 3 | 1 | 8 | 6 | D | 4 | 5 | 9 | 0 | B | E | 2 | A | C | 7 |
| C | 4 | 1 | D | B | 5 | 0 | 2 | 3 | 7 | A | 9 | 6 | 8 | E |
| D | 5 | 9 | 0 | 4 | 1 | B | 8 | C | 2 | 6 | E | 7 | 3 | A |
| 0 | 7 | E | 9 | A | C | 6 | 1 | D | 5 | 3 | 8 | 2 | B | 4 |
| 2 | 3 | 6 | 8 | E | 7 | A | 4 | 5 | C | 1 | B | D | 0 | 9 |
| 8 | B | A | 3 | 2 | 6 | 9 | E | 7 | 4 | D | 0 | 5 | 1 | C |
| 7 | D | 4 | B | C | 8 | E | 6 | 9 | A | 0 | 3 | 1 | 5 | 2 |
| 5 | 9 | C | 4 | 6 | D | 1 | 0 | 8 | E | 2 | 7 | B | A | 3 |
| B | A | 0 | 2 | 7 | 9 | 3 | 5 | 4 | D | C | 1 | E | 6 | 8 |
| 1 | 8 | 3 | E | 5 | A | D | C | 2 | 9 | B | 6 | 4 | 7 | 0 |
| E | 6 | 2 | 1 | 0 | 3 | 7 | A | B | 8 | 5 | 4 | C | 9 | D |

ଗତକାଲିର ଉତ୍ତର

## ଚିରନ୍ତନୀ

ଅସ୍ତଗାମୀ ରବି ସମ ନିବିଡ଼ ଏ ଅନ୍ଧାର ମୁଖରେ
ଚାଲିଛି ମୁଁ ଗୋଧୂଳିର ଶୀର୍ଣ୍ଣ କ୍ଳାନ୍ତ କ୍ଷୀଣ ମୟୂଖରେ
ଶୀକର ପବନ ମୋର ଲାଗେ ଗଣ୍ଡେ ଲାଗେ ଭାଲଦେଶେ
ଚାଲିଛି ମୁଁ ଆଜି ନିରୁଦ୍ଦେଶ୍ୟେ! (ଚକ୍ରବାକ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ଧତ୍ୱ ଦୂରୀକରଣ ଯୋଜନା ବିଫଳ

ମହାଶୟ,

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅତ୍ୟାଧୁନିକ ଚିକିତ୍ସାଳୟରେ ପରିଣତ କରିବାକୁ ସରକାର କୋଟି କୋଟି ଟଙ୍କା ବିନିଯୋଗ କରିଥିବା ବେଳେ ଡାକ୍ତର ଅଭାବ ଯୋଗୁ ଏଠାରେ ଚିକିତ୍ସା ସେବା ବ୍ୟାହତ ହୋଇଥିବାର ଜଣାପଡ଼ିଛି। ଜିଲାର ୧୧ ଗୋଟି ବ୍ଲକରୁ ରୋଗୀ ଏଠାରେ ଲମ୍ବା ଲାଇନରେ ଛିଡାହୋଇ ସମୟ ବିତାଇ ମାନସିକ ଭାରସାମ୍ୟ ହରାଉଛନ୍ତି। ଏଠାରେ ଗତ କିଛିବର୍ଷ ହେବ ଡାକ୍ତର ଅଭାବ ଯୋଗୁ ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମ, ଜନନୀ ସୁରକ୍ଷା ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି। ମୁଖ୍ୟତଃ ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମରେ ଜିଲା ସମ୍ପୂର୍ଣ୍ଣ ବିଫଳ ରହିଥିବା ବେଳେ ଜିଲାରେ ଦିନକୁ ଦିନ ଅଧିକ ଘରୋଇ ଚକ୍ଷୁ ଚିକିତ୍ସାଳୟ ଗଢିଉଠୁଛି। ସମସ୍ତେ ସୁସ୍ଥ ରହିବାକୁ ନେଇ ସରକାର ଯେଉଁ ଯୋଜନା କରୁଛନ୍ତି ଆବଶ୍ୟକ ସଂଖ୍ୟକ ଡାକ୍ତର ଅଭାବ ଯୋଗୁ ସମସ୍ତ ଯୋଜନା ବିଫଳ ହେବାରେ ଲାଗିଛି। ଚାକଚକ୍ୟ ଅଟ୍ଟାଳିକା ନିର୍ମାଣ କରିଦେଇ ସରକାର ତାଙ୍କ ଦାୟିତ୍ୱ ଶେଷ କରିଦେଇଥିବା ବେଳେ ରୋଗୀମାନେ ଚିକିତ୍ସା ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି।

ଦେବତିକ୍ତ ମିଶ୍ର, ଦେବ ଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ରତ୍ନବଟ ପୀଠକୁ ରାସ୍ତା ହେଉ

ମାଳିକା ବର୍ଣ୍ଣିତ ରତ୍ନବଟ ପୀଠ ଦରଡା ଗ୍ରାମରେ ଅବସ୍ଥିତ। ଗ୍ରାମ୍ୟରାସ୍ତାକୁ ପୀଠକୁ ମାଟି ରାସ୍ତା ସଂଯୋଗ କରୁଛି। ପଞ୍ଚସଖାଙ୍କ ଆଗମନ ଯୋଗୁ ପବିତ୍ର ତଥା ଗୁରୁତ୍ୱ ବହନ କରୁଅଛି। ପୀଠର ଉନ୍ନତି ପ୍ରତି ସରକାରଙ୍କ ଅନୁଦାନ ମିଳୁ। ଗାଡିଗୁଡିକ ସିଧାସଳଖ ପୀଠକୁ ଚଳାଚଳ ସମ୍ଭବ ହୋଇପାରିବ। ମାଘସପ୍ତମୀ, ଯଜ୍ଞ ତଥା କଳକୀ ନାମ ମଧ୍ୟ ମହାସମାରୋହରେ ପାଳନ କରାଯାଏ। ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ। ସଂସ୍କୃତି ବିଭାଗର ଆନ୍ତରିକତା ରହିଲେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିବର୍ଷ ହୋଇପାରନ୍ତା। ପୀଠଟି ଅତି ଅବହେଳିତ ହୋଇ ରହିଛି। ଜନସାଧାରଣ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ରମେଶ ଚନ୍ଦ୍ର ବେହେରା, ଆୟଡପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କରୋନା ଯୋଗୁ ଅଧିକାଂଶ ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ ଲୋକେ ଘରୁ ନ ବାହାରିବା ପାଇଁ କଟକଣା ଲାଗୁ କରାଯାଇଛି। କିନ୍ତୁ ଦକ୍ଷିଣ ଫ୍ରାନ୍ସର ପେରପିଗ୍ନସ ବଜାରରେ ସିଗାରେଟ୍ ନ ମିଳିବାରୁ ଜଣେ ଯୁବକ ଚାଲି ଚାଲି ଫ୍ରାନ୍ସରୁ ଇଟାଲୀ ପଳେଇଲେ। ଏହି ସମୟରେ ପୋଲିସ ତାଙ୍କୁ ଧରି ନେବା ସହ ତାଙ୍କଠାରୁ ଜରିମାନା ଆଦାୟ କରିଛି। ପୋଲିସ ସଂପୃକ୍ତ ଯୁବକଙ୍କଠାରୁ ପ୍ରାୟ ୧୨୦ ୟୁରୋ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୧,୦୦୦ ଟଙ୍କା ଜରିମାନା ଆଦାୟ କରିଛି।



# ବକେଟ୍ ଟ୍ରକ୍‌ରେ ଗଲେ ମା’ ପାଖକୁ



ଓହିଓ: ମା’ର ମମତାରେ ଏତେ ଆକର୍ଷଣ ଅଛି ଯେ, ବେଳେବେଳେ ଅସମ୍ଭବ ମନେ ହେଉଥିବା କାମ ବି ସହଜରେ ହୋଇଯାଏ। ଏହାର ଏକ ନିଛକ ଉଦାହରଣ ଦେଖିବାକୁ ମିଳିଛି ଆମେରିକାର ଓହିଓଠାରେ। ଏଠାରେ ୟଙ୍ଗ୍‌ସଟାଉନରେ ଥିବା ଚାର୍ଲି ଆଡାମ୍‌ସ ତାଙ୍କ ମା’ ଜୁଲିଙ୍କୁ ଦେଖା କରିବାକୁ ଚାହୁଁଥିଲେ। ୮୦ ବର୍ଷୀୟ ତାଙ୍କ ମା’ ନିୟୁ ମିଡିଲ୍‌ଟାଉନରେ ଏକ ନର୍ସିଂ ହୋମରେ ରହୁଥିଲେ। କିନ୍ତୁ ଲକ୍‌ଡାଉନ୍ ଯୋଗୁ କୌଣସି ସ୍ଥାନକୁ ଯିବାର ଅନୁମତି ନାହିଁ।

କିନ୍ତୁ ମା’ଙ୍କୁ ଦେଖାକରିବା ପାଇଁ ବ୍ୟସ୍ତ ହୋଇ ପଡ଼ିଥିଲେ ଆଡାମ୍‌ସ। ଏଥିପାଇଁ ସେ ଏକ ଉପାୟ ଚିନ୍ତା କରିଥିଲେ। ତାଙ୍କ କମ୍ପାନୀରେ ଥିବା ଏକ ବକେଟ ଟ୍ରକକୁ ଆଣି ସେଥିରେ ସେ ନିଜେ ଉପରକୁ ଯାଇ ତାଙ୍କ ମା’ ରହୁଥିବା ତୃତୀୟ ମହଲାର ଝରକା ପାଖରେ ପହଞ୍ଚିଥିଲେ। ଏହାପରେ ଝରକା ବାହାରୁ ମା’ ପୁଅଙ୍କର ମିଳନ ହୋଇଥିଲା। ଝରକା ବାହାରେ ଥାଇ ସେ ତାଙ୍କ ମାଆ ଜୁଲିଙ୍କୁ ଡାକି ଭାବବିହ୍ୱଳ ହୋଇ ପଡ଼ିଥିଲେ। ଉଭୟଙ୍କର ଏହି ମିଳନର ଭିଡିଓକୁ ତାଙ୍କର ଜଣେ ସମ୍ପର୍କୀୟ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ସୋସିଆଲ ମିଡିଆରେ ଏହି ଭିଡିଓକୁ ବହୁ ସଂଖ୍ୟାରେ ଲୋକ ପସନ୍ଦ କରିଛନ୍ତି।

# ଶେଫାଲୀଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍



**ମୁମ୍ବାଇ :** ହଲିଉଡ୍ ପରେ ଏବେ ବଲିଉଡ୍‌ରେ କରୋନା ଭାଇରସ୍ ନିଜର କାୟା ବିସ୍ତାର କରିଚାଲିଛି। ପୂର୍ବରୁ ଅଭିନେତ୍ରୀ କନିକା କପୁର ଏବଂ ପ୍ରଯୋଜକ କରୀମ ମୋରାନୀ ଓ ତାଙ୍କ ଝିଅ କରୋନାରେ ଆକ୍ରାନ୍ତ ହୋଇସାରିଛନ୍ତି। ବର୍ତ୍ତମାନ ଅଭିନେତ୍ରୀ ଶେଫାଳୀ ଶାହଙ୍କ ଫେସ୍‌ବୁକ ଆକାଉଣ୍ଟରେ କୋଭିଡ୍ –୧୯ ପଜିଟିଭ୍ ହୋଇଥିବା ସୂଚନା ମିଳିଛି। ପରେ ଶେଫାଳୀ ଏହାର ଉତ୍ତର ରଖିଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଲେଖିଛନ୍ତି, ଗତ ରାତିରେ ମୋ’ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍ ହୋଇଥିଲା। ମୁଁ ସକାଳୁ ଉଠିବା ପରେ ଏହା ଦେଖିଲି। ଏହି ଖବର ଫ୍ୟାନ୍‌ମାନଙ୍କୁ ମଧ ଚିନ୍ତାରେ ପକାଇଛି। ସେ କହିଛନ୍ତି, ମୁଁ ଏବଂ ମୋ’ ପରିବାର ସମ୍ପୂର୍ଣ୍ଣ ଠିକ୍ ଅଛୁ। ସାଧାରଣ ଲୋକଙ୍କ ପରି ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କଟକଣା ଏବଂ ସଚେତନତାକୁ ସେ ପୂରା ଗୁରୁତ୍ୱ ଦେଉଛନ୍ତି। ଫେସ୍‌ବୁକ ପୋଷ୍ଟରେ ଯାହା ଲେଖାଯାଇଛି ସମ୍ପୂର୍ଣ୍ଣ ମିଥ୍ୟା। ଏହାକୁ କେହି ହ୍ୟାକ୍ କରି ଏପରି ଭୁଲ ସୂଚନା ଦେଇଛନ୍ତି। ସମସ୍ତଙ୍କୁ ଧନ୍ୟବାଦ ବୋଲି ଶେଫାଳୀ ତାଙ୍କ ଇନ୍‌ଷ୍ଟାରେ ଜରିଆରେ କହିଛନ୍ତି।

# ରଣବୀରଙ୍କୁ ବିଗାଡ଼ିଦେଲେ ଦୀପିକା

ମୁମ୍ବାଇ: କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ଭାରତରେ ୨୧ଦିନ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏଭଳି ପରିସ୍ଥିତିରେ ସମସ୍ତଙ୍କ ଭଳି ବଲିଉଡ୍ ତାରକାମାନେ ମଧ ସରକାରଙ୍କ ନିୟମକୁ ମାନି ଘରେ ରହୁଛନ୍ତି। ହେଲେ ଏହାରି ଭିତରେ ଦୀପିକା ପାଦୁକୋନଙ୍କ ଉପରେ ଅଭିଯୋଗ ଲଗାଇଛନ୍ତି ରଣବୀର ସିଂ। ଲକ୍‌ଡାଉନ୍ ବେଳେ ମୋ ସ୍ତ୍ରୀ ଦୀପିକା ମୋତେ ବିଗାଡ଼ି ଦେଉଛନ୍ତି ବୋଲି ସେ କହିଛନ୍ତି। ନିକଟରେ ଏକ ଲାଇଭ୍ ଚାଟ୍ କରୁଥିବା ସମୟରେ ରଣବୀର ଏପରି କହିଛନ୍ତି। ଏହି ଭିଡିଓଟି ଏବେ ସୋଶିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ରଣବୀର କହୁଛନ୍ତି ଯେ, ଦୀପିକା ମୋତେ ବହୁତ ଜଙ୍କ୍ ଫୁଡ୍ ଖାଇବାକୁ ଦେଉଛନ୍ତି। କେକ୍, ଆଇସ୍‌କ୍ରିମ ଏବଂ ବହୁତ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଏହି ଭିଡିଓଟି ରଣବୀର ସିଂଙ୍କ ଫ୍ୟାନ କ୍ଲବ ପକ୍ଷରୁ ଟୁଇଟରରେ ଶେୟାର କରାଯାଇଛି।



# ଡିଜିଟାଲ ପ୍ଲାଟ୍‌ଫର୍ମରେ ‘ଅଂଗ୍ରେଜୀ ମିଡିୟମ’

ମୁମ୍ବାଇ: ଇର୍‌ଫାନ ଖାନ୍‌ଙ୍କ ଫିଲ୍ମ ‘ଅଂଗ୍ରେଜୀ ମିଡିୟମ୍’ ରିଲିଜ ପୂର୍ବରୁ ଏହାକୁ ନେଇ ପ୍ରଶଂସକଙ୍କ ମଧରେ ଏକ ଜବରଦସ୍ତ କ୍ରେଜ୍ ଦେଖିବାକୁ ମିଳିଥିଲା। ଏହି ଫିଲ୍ମ ଜରିଆରେ ଦୀର୍ଘ ସମୟ ପରେ ଇର୍‌ଫାନ୍ ବଡ଼ ପରଦାକୁ କମ୍ ବ୍ୟାକ୍ କରିଥିଲେ। ହେଲେ ଫିଲ୍ମ ରିଲିଜ ହେବାର ଠିକ୍ ପରଦିନ କରୋନା ଯୋଗୁ ଦେଶର ସମସ୍ତ ସିନେମା ହଲ୍‌ଗୁଡ଼ିକୁ ବନ୍ଦକରି ଦିଆଗଲା। ଫଳରେ ଲୋକମାନେ ଫିଲ୍ମ ଦେଖିବାକୁ ଯାଇପାରି ନ ଥିଲେ। ତେବେ ସେହି ନିରାଶ ଫ୍ୟାନ୍‌ମାନଙ୍କ ପାଇଁ ଖୁସିଖବର। ବର୍ତ୍ତମାନ ଡିଜିଟାଲ ପ୍ଲାଟଫର୍ମରେ ଏହି ଫିଲ୍ମ ରିଲିଜ ହୋଇଛି। ଇର୍‌ଫାନ ଏନେଇ ନିଜେ ଘୋଷଣା କରିଛନ୍ତି। ସେ ଟୁଇଟ କରି ଲୋକଙ୍କୁ କହିଛନ୍ତି ଯେ, ବାପା ଏବଂ ଝିଅ ମଧରେ ଥିବା ସୁନ୍ଦର ସମ୍ପର୍କକୁ ନେଇ ଏହି ମୁଭି କରାଯାଇଛି। ଦର୍ଶକ ଏବେ ହଟ୍‌ଷ୍ଟାର ଭିଆଇପିରେ ଏହି ଫିଲ୍ମର ମଜା ନେଇ ପାରିବେ।



# ସ୍ମାର୍ଟ ଟଏଲେଟ୍



ଆପଣ ଟଏଲେଟ୍ ଯାଇଥିବେ ଆଉ ଟଏଲେଟ୍ ସରିବା ପରେ ହିଁ ନିଜ ସ୍ୱାସ୍ଥ୍ୟ ସୂଚନା ଜାଣିପାରିବେ। ଏଭଳି ଏକକଥା ଶୁଣିବା ପାଇଁ ଅବଶ୍ୟ ଅଡୁଆ ଲାଗିପାରେ। କିନ୍ତୁ ଏଭଳି ସୂଚନା ଦେବାପାଇଁ ବୈଜ୍ଞାନିକମାନେ ତିଆରି କରିଛନ୍ତି ଏକ ସ୍ମାର୍ଟ ଟଏଲେଟ୍। ଏହି ସ୍ମାର୍ଟ ଟଏଲେଟ୍‌କୁ ତିଆରି କରିଛନ୍ତି ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ବୈଜ୍ଞାନିକମାନଙ୍କର ଏକ ଟିମ୍। ଏହି ଟଏଲେଟ୍ ମାଧ୍ୟମରେ ଆପଣ ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ବିଭିନ୍ନ ପ୍ରକାରର ତଥ୍ୟ ଜାଣିପାରିବେ। ସ୍ମାର୍ଟ ଟଏଲେଟ୍‌ରେ ଆପଣ ମଳତ୍ୟାଗ କରିବା ପରେ ଆପେ ଆପେ ପରୀକ୍ଷା ହେଇଯିବ। ଏହାପରେ ବ୍ୟକ୍ତିଜଣଙ୍କର ମଳ, ମୂତ୍ରରେ କେଉଁ ସବୁ ଉପାଦାନ ରହିଛି, ତାହା ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ତଥ୍ୟ ବି ତତ୍‌କ୍ଷଣାତ୍ ବାହାରିଯିବ। ତେଣୁ ଶରୀରର କ’ଣ ସବୁ ଅସୁବିଧା ବା ରୋଗ ରହିଛି ସେନେଇ ସହଜରେ ତଥ୍ୟ ମିଳିପାରିବ। ଏଭଳି ଏକ ସ୍ମାର୍ଟ ଟଏଲେଟ୍ ତିଆରି କରିବାରେ ମୁଖ୍ୟ ଭୂମିକା ନେଇଛନ୍ତି ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ସଞ୍ଜୀବ ଗମ୍ଭୀର। ତାଙ୍କ କହିବା ଅନୁସାରେ ଏହି ଟଏଲେଟ୍ ମାଧ୍ୟମରେ ବ୍ୟକ୍ତିର ପରିଚୟ ବି ମିଳିପାରିବ। ଏହା ସହିତ ୟୁରିନ୍ ଓ ଷ୍ଟୁଲ୍ ପରୀକ୍ଷା ପରେ କୌଣସି ରୋଗ ଥିଲେ ସେ ସମ୍ପର୍କିତ ସୂଚନା ଦେବ ଏହି ଟଏଏଟ୍।

# ପାର୍କରେ ଛେଳିମେଣ୍ଢାଙ୍କ ଭିଡ଼

ଲଣ୍ଡନ: ସବୁ ଦେଶରେ ଏବେ ଲକ୍‌ଡାଉନ୍ ଚାଲିଛି। ସେଥିପାଇଁ ପାର୍କଗୁଡ଼ିକ ବି ବନ୍ଦ ରହିଛି। କିନ୍ତୁ ଲୋକଙ୍କ ଗହଳି ନ ଥିବାରୁ ଏବେ ପାର୍କରେ ବିଭିନ୍ନ ଖେଳର ମଜା ନେଉଛନ୍ତି ଛେଳି ଓ ମେଣ୍ଢାମାନେ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବ୍ରିଟେନର ୱେଲ୍‌ସଠାରେ ଥିବା ରାଗଲାନ୍ ଫାର୍ମ ପାର୍କରେ। ବିଭିନ୍ନ ପାର୍କରେ ଥିବା ବିଭିନ୍ନ ଖେଳ ଉପକରଣ ବି ସେମିତି ପଡ଼ିରହିଛି। ତେବେ ଶୂନଶାନ୍ ପରିବେଶରେ ପାର୍କରେ ବିଭିନ୍ନ ଖେଳର ମଜା ନେବାର ସୁଯୋଗକୁ ହାତଛଡ଼ା କରିନାହାନ୍ତି ଛେଳି ମେଣ୍ଢାମାନେ। ପାର୍କ ପାଖରେ ସାଧାରଣତଃ ସବୁବେଳେ ପ୍ରାୟ ମେଣ୍ଢା ଓ ଛେଳିମାନେ ବୁଲିଥାନ୍ତି। କିନ୍ତୁ ଲୋକଙ୍କ ଗହଳି ଥିବାରୁ ଭିତରକୁ ଆସିବାର ସାହସ କରି ନ ଥାନ୍ତି। ମାତ୍ର ଏବେ ଲକ୍‌ଡାଉନ୍ ଯୋଗୁ ଚାରିଆଡ ଶୂନଶାନ୍ ହୋଇଥିବାରୁ ଏହି ପ୍ରାଣୀମାନେ ଅବାଧରେ ସବୁଆଡେ ବିଚରଣ କରିପାରୁଛନ୍ତି। ଆଉ ପାର୍କରେ ବିଭିନ୍ନ ଖେଳ ଉପକରଣରେ ଏହି ପ୍ରାଣୀମାନଙ୍କ ଖେଳର ଦୃଶ୍ୟକୁ ଦେଖିଲେ ଯେ କେହି ବି ଭିନ୍ନ ଅନୁଭୂତି ହାସଲ କରିପାରିବ। ତେବେ ଏଭଳି ଏକ ଭିଡିଓକୁ ସୋସିଆଲ୍ ମିଡିଆରେ ସେୟାର କରିଛନ୍ତି ସେଠାକାର ଜଣେ ବାସିନ୍ଦା। ତେବେ ଭିଡିଓଟି ସୋସିଆଲ ମିଡିଆରେ ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି ଓ ଏହା ଖୁବଶୀଘ୍ର ଭାଇରାଲ ହେବାରେ ଲାଗିଛି।





# ରିଲିଜ୍ ହେଲା ତାରା-ସିଦ୍ଧାର୍ଥଙ୍କ ନୂଆ ଗୀତ

ମୁମ୍ବାଇ: ବଲିଉଡ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ଏବଂ ଅଭିନେତ୍ରୀ ତାରା ସୂତରିଆ ପୁଣି ଥରେ ଏକାଠି ହୋଇଛନ୍ତି। ଉଭୟଙ୍କ ନୂଆ ଗୀତ ରିଲିଜ୍ ହୋଇଛି। ଗୀତର ନାଁ ହେଉଛି ‘ମସ୍‌କଲି ୨.୦’। ଏହି ଗୀତରେ ପୁଣିଥରେ ଉଭୟଙ୍କ ଜବରଦସ୍ତ କେମେଷ୍ଟ୍ରି ଦେଖିବାକୁ ମିଳିଛି, ଯାହାକୁ ଦର୍ଶକ ପସନ୍ଦ କରୁଛନ୍ତି। ଗୀତଟିକୁ ତୁଲ୍‌ସୀ କୁମାର ଏବଂ ସଚେତ୍ ଟଣ୍ଡନ ଗାଇଛନ୍ତି। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ତନିଷ୍କ ବାଗ୍‌ଚୀ। ତେବେ ଗୀତଟିର ବିଶେଷତ୍ୱ ହେଲା ସମ୍ପୂର୍ଣ୍ଣ ଗୀତଟି ଗୋଟିଏ ଘରେ ଶୁଟ୍ ହୋଇଛି। ଗୀତଟି ବେଶ୍ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ, ଗୀତଟି ଅଭିଷେକ ବଚ୍ଚନ ଓ ସୋନମ କପୁରଙ୍କ ଫିଲ୍ମ ‘ଦିଲ୍ଲୀ-୬’ର ଗୀତ ମସ୍‌କଲିର ରିମିକ୍ସ ଭର୍ସନ। ଏହା ଏ.ଆର. ରେହେମାନଙ୍କ ଗୀତ ଥିଲା। ସେତେବେଳେ ଗୀତଟି ଜବରଦସ୍ତ ହିଟ୍ ହୋଇଥିଲା। ଏହାପୂର୍ବରୁ ତାରା ଏବଂ ସିଦ୍ଧାର୍ଥ ‘ମରଯାଁଓ’ରେ ନଜର୍ ଆସିଥିଲେ। ଫିଲ୍ମରେ ଦର୍ଶକ ଉଭୟଙ୍କ କେମେଷ୍ଟ୍ରିକୁ ବେଶ୍ ପସନ୍ଦ କରିଥିଲେ।

# ପାରସ୍-ମାହିରା ଗରିବଙ୍କୁ ବାଣ୍ଟିଲେ ଖାଦ୍ୟ

ମୁମ୍ବାଇ: ଦେଶରେ କରୋନା ଭାଇରସ୍ ସଂକ୍ରମଣ ପାଇଁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଫଳରେ ଅନେକ ଲୋକ କାମଧନ୍ଦା ହରାଇ ଘରେ ବସି ରହିଛନ୍ତି। ବହୁତ ଲୋକ ଖାଇବାକୁ ମଧ ପାଉନାହାନ୍ତି। ସେମାନଙ୍କୁ ସାହାଯ୍ୟ ପାଇଁ ବଲିଉଡ୍ ଅଭିନେତ୍ରୀ ଅଭିନେତାମାନେ ଆଗକୁ ବାହାରିଛନ୍ତି। ନିକଟରେ ସରିଥିବା ‘ବିଗବସ୍-୧୩’ର ପପୁଲାର ପ୍ରତିଯୋଗୀ ପାରସ୍ ଛାଓ୍ୱଡା ଏବଂ ମାହିରା ଶର୍ମା ମଙ୍ଗଳବାର ଗରିବ ଲୋକଙ୍କୁ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରିଛନ୍ତି। ଏହାକୁ ବଣ୍ଟନ କରି ସେ ଏକ ଭିଡିଓ ମଧ ଶେୟାର କରିଛନ୍ତି। ଏଥିରେ ପାରସ୍ କହିଛନ୍ତି ଯେ, ଆମେ ଏହି ଖାଦ୍ୟ ବଣ୍ଟନ କାମ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଗାଇଡ୍‌ଲାଇନ୍ ଅନୁସାରେ ମାସ୍କ ଏବଂ ଗ୍ଲୋଭ୍ସ ପିନ୍ଧି କରିଛୁ। ଏହାଛଡ଼ା ସାମାଜିକ ଦୂରତା ମଧ ବଜାୟ ରଖିଛୁ। ଏପରି ଲୋକ ଅଛନ୍ତି ଯେଉଁମାନେ ଏହି ସମୟରେ ଖାଇବାକୁ ପାଉନାହାନ୍ତି। ସମସ୍ତେ ଏଭଳି ଗରିବ ଏବଂ ଯାଯାବରଙ୍କୁ ସାହାଯ୍ୟ ଏବଂ ସହଯୋଗ କରିବା ଦରକାର।



ଭାରତ ଏହାର ରପ୍ତାନି ବଜାରକୁ କେବେ ହରାଇବାକୁ ଚାହିଁବ ନାହିଁ। ଏହାକୁ ଧ୍ୟାନରେ ରଖି ରପ୍ତାନିକୁ ସରକାର ପ୍ରୋତ୍ସାହିତ କରୁଛନ୍ତି।

– ପୀୟୂଷ ଗୋୟଲ, ବାଣିଜ୍ୟ ମନ୍ତ୍ରୀ



ବର୍ତ୍ତମାନ କରୋନା ଯୋଗୁ ଭାରତୀୟ ବଜାର ଚ୍ୟାଲେଞ୍ଜିଂ ସ୍ଥିତି ଦେଇ ଗତି କରୁଛି। ବଜାରରେ ପ୍ରଭାବ କମ୍ କରିବା ଲାଗି ୨୦୦ରୁ ୩୦୦ ବିଲିୟନ ଡଲାରର ଏକ ପ୍ୟାକେଜ ଆବଶ୍ୟକ।

– ଦୀପକ ସୁଦ, ଆସୋଚାମ ମହାସଚିବ



# ରାଜ୍ୟଗୁଡ଼ିକୁ ୧୪,୧୦୩ କୋଟିର ଜିଏସ୍‌ଟି କ୍ଷତିପୂରଣ

ନୂଆଦିଲ୍ଲୀ,୮।୪

ବର୍ତ୍ତମାନ କରୋନା ଭାଇରସ ଲାଗି ଉପୁଜିଥିବା ସ୍ଥିତି ବିରୋଧରେ ଲଢ଼ିବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ମୋଟ ୩୪ ହଜାର କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣ ପ୍ରଦାନ କରିଛନ୍ତି। ଏହା ମଧ୍ୟରୁ ବୁଧବାର ୧୪,୧୦୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଫେବୃୟାରୀ ୧୭ରେ ସରକାର ଏହି ରାଶିର ପ୍ରଥମ କିସ୍ତି ପ୍ରଦାନ କରିଥିଲେ। ଜିଏସ୍‌ଟି ଲାଗୁ ହେବା ପରେ ରାଜ୍ୟଗୁଡ଼ିକ ସହୁଥିବା କ୍ଷତିର ଭରଣା ଲାଗି ସରକାର ଏଭଳି କ୍ଷତିପୂରଣ ପ୍ରଦାନ କରୁଛନ୍ତି। ସରକାର ରାଜ୍ୟଗୁଡ଼ିକୁ ଅକ୍ଟୋବର ଏବଂ ନଭେମ୍ବର ମାସର କ୍ଷତିପୂରଣ ରାଶି ପ୍ରଦାନ କରିଛନ୍ତି। ପର୍ଯ୍ୟାୟ ଭିତ୍ତିରେ ରାଜ୍ୟଗୁଡ଼ିକୁ ଡିସେମ୍ବର ଏବଂ




ଜାନୁୟାରୀ ମାସର କ୍ଷତିପୂରଣ ଶୀଘ୍ର କେନ୍ଦ୍ର ସରକାର ପ୍ରଦାନ କରିବେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ସରକାର ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ବାବଦ ୧.୩୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରି ସାରିଛନ୍ତି। ସେହିଭଳି ୨୦୧୭ ଜୁଲାଇ ପହିଲା ପରଠାରୁ ବିଚାର କରିଲେ ଏହି ରାଶି ୨.୪୫ ଲକ୍ଷ କୋଟି ଟଙ୍କା ହେବ। ଜୁଲାଇ ୨୦୧୭ରୁ ୨୦୧୮ ମାର୍ଚ୍ଚ ମଧ୍ୟରେ ୪୮,୭୮୫ କୋଟି, ଏପ୍ରିଲ ୨୦୧୮ରୁ ମାର୍ଚ୍ଚ ୨୦୨୯ ମଧ୍ୟରେ ୮୧,୧୪୧ କୋଟି ରାଜ୍ୟଗୁଡ଼ିକୁ ଦିଆଯାଇଥିଲା। ଗତ ବର୍ଷର ଏପ୍ରିଲ-ମେ, ଜୁନ-ଜୁଲାଇ ସମୟ ଅବଧି ଲାଗି ୧୭,୭୮୯ କୋଟି ଏବଂ ୨୭,୯୫୬ କୋଟି ଅର୍ଥ ରାଶି ସରକାର ରାଜ୍ୟଗୁଡ଼ିକୁ ଦେଇଛନ୍ତି। ଅଗଷ୍ଟ ସେପ୍ଟେମ୍ବର ମାସ ଲାଗି ୩୫,୨୯୮ କୋଟି ଏବଂ ଅକ୍ଟୋବର ନଭେମ୍ବର ଲାଗି ୩୪,୦୫୩ କୋଟି ଟଙ୍କା ଦିଆଯାଇଛି।

ମାର୍ଚ୍ଚରେ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ କୋଟି ଟଙ୍କାରୁ ନିମ୍ନରେ ରହିଛି। ଲକ୍‌ଡାଉନ ଲାଗି ଟିକସ ସଂଗ୍ରହ ୯୭,୫୯୭ କୋଟି ଟଙ୍କାକୁ ଖସିଛି। ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ସ୍ଥିତି ଲାଗି ରହିଥିବାରୁ ଏହା ଟିକସ ସଂଗ୍ରହ କରିବା ଦିଗରେ ଅଡୁଆ ସାଜୁଛି।

## ବଜାରରୁ ୩.୨ ଲକ୍ଷ କୋଟି ଉଠାଇବେ ରାଜ୍ୟ

**ନୂଆଦିଲ୍ଲୀ,୮।୪:** ଚଳିତ ବର୍ଷ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ରାଜ୍ୟଗୁଡ଼ିକ ବଜାରରୁ ୩.୨ ଲକ୍ଷ କୋଟି ଟଙ୍କା ଉଠାଇବେ। ଏ ନେଇ ଅର୍ଥ ମନ୍ତ୍ରଣାଳୟ ସବୁ ରାଜ୍ୟକୁ ଅନୁମତି ପ୍ରଦାନ କରିଛି। ଏବେ କରୋନା ଭାଇରସ ପାଇଁ ରାଜ୍ୟଗୁଡ଼ିକ ବିଭିନ୍ନ ଚ୍ୟାଲେଞ୍ଜ ସାମ୍ନା କରୁଛନ୍ତି। ରାଜ୍ୟଗୁଡ଼ିକ ଏ ନେଇ କେନ୍ଦ୍ରକୁ ଅର୍ଥ ମାଗିଥିଲେ। ନିଜର ଖର୍ଚ୍ଚ ପୂରଣ କରିବା ଲାଗି ରାଜ୍ୟ ବଜାରରୁ ଅର୍ଥ ଉଠାଇ ପାରିବେ ବୋଲି ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଖୋଲା ବଜାରରୁ ରାଜ୍ୟଗୁଡ଼ିକ ଋଣ କରିବା ପ୍ରସଙ୍ଗରେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ରିଜର୍ଭ ବ୍ୟାଙ୍କକୁ ଏକ ଚିଠି ଲେଖାଯାଇଛି। ଏହି ଯୋଜନା ମୁତାବକ ପଶ୍ଚିମବଙ୍ଗ ୨୦,୩୬୨ କୋଟି, ମହାରାଷ୍ଟ୍ର ୪୬,୧୬୨ କୋଟି, ଉତ୍ତର ପ୍ରଦେଶର ୨୯,୧୬୨ କୋଟି, କର୍ଣ୍ଣାଟକ ୨୭,୦୫୪ କୋଟି, ଗୁଜରାଟ ୨୬,୧୧୨ କୋଟି ଏବଂ ରାଜସ୍ଥାନ ୧୬,୩୮୭ କୋଟି ଟଙ୍କା ବଜାରରୁ ଉଠାଇବେ। ଏହି ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କ ରାଜ୍ୟଗୁଡ଼ିକ ସହ ବିଚାର ବିମର୍ଷ କରିବା ନେଇ ଚିଠିରେ ଉଲ୍ଲେଖ କରାଯାଇଛି।

# ରିଫଣ୍ଡ ଶୀଘ୍ର ଜାରି କରିବ ଆୟକର ବିଭାଗ




ନୂଆଦିଲ୍ଲୀ,୮।୪

ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିରେ ଶୀଘ୍ର ରିଫଣ୍ଡ ଜାରି କରିବା ଲାଗି ଆୟକର ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମୟ ଆୟକର ରିଫଣ୍ଡ ସରକାର ଶୀଘ୍ର ଜାରି କରିବେ। ସେହିଭଳି ଜିଏସ୍‌ଟି ଏବଂ ସୀମା ଟିକସ ବିଭାଗରେ ବିଳମ୍ବ ହେଉଥିବା ରିଫଣ୍ଡକୁ ଶୀଘ୍ର ଜାରି କରିବା ନେଇ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି। ଏହାଦ୍ୱାରା ୧୪ ଲକ୍ଷ ଟିକସଦାତା ଲାଭବାନ ହୋଇ ପାରିବେ। ସେହିଭଳି ଜିଏସ୍‌ଟି ରିଫଣ୍ଡ ପ୍ରଦାନ ନେଇ ହୋଇଥିବା ନିଷ୍ପତ୍ତି ଯୋଗୁ ପ୍ରାୟ ୧ ଲକ୍ଷ ବ୍ୟବସାୟ ସଂସ୍ଥା ଲାଭବାନ ହୋଇ ପାରିବେ। ଟିକସଦାତାଙ୍କୁ ୧୮ ହଜାର କୋଟି ଟଙ୍କାର ରିଫଣ୍ଡ ପ୍ରଦାନ କରିବା ଲାଗି ବ୍ୟବସ୍ଥା କରାଯାଇଥିବା ଅର୍ଥମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି।

## ସାଇବର ଫ୍ରଡ୍ ନେଇ ସତର୍କ କରାଇଲା

ବଢୁଥିବା ସାଇବର ଠକେଇକୁ ନେଇ ସତର୍କ ରହିବାକୁ ଆୟକର ବିଭାଗ ପକ୍ଷରୁ ଟିକସଦାତାଙ୍କୁ ପରାମର୍ଶ ଦିଆଯାଇଛି। ନିକଟରେ ଏ ସମ୍ପର୍କରେ ଏକ ଆଡଭାଇଜରି ମଧ୍ୟ ଜାରି କରାଯାଇଛି। ଇଫାଇଲିଂ ଆକାଉଣ୍ଟର ଅନଧିକୃତ ବ୍ୟବହାର ହେଉଥିବା ଆୟକର ବିଭାଗ ନଜରକୁ ଆସିଛି। ଯଦି ଏଭଳି ଘଟଣା ସାମ୍ନାକୁ ଆସେ ତେବେ ପୋଲିସକୁ ତୁରନ୍ତ ଖବର ଦେବାକୁ କୁହାଯାଇଛି। ସେହିଭଳି ଏସ୍‌ବିଆଇକୁ ମଧ୍ୟ ଏକ ଆଡଭାଇଜରି ଜାରି କରାଯାଇଛି। ଗ୍ରାହକଙ୍କ ଋଣ ଇଏମ୍‌ଆଇ ଟାଳିବା ଲାଗି କେହି କେହି ଓଟିପି ମାଗୁଥିବା ଦେଖାଯାଇଛି। ଏଭଳି ସ୍ଥିତିରେ ଓଟିପି ନ ଦେବାକୁ ଗ୍ରାହକଙ୍କୁ ସଚେତନ କରାଇବା ଲାଗି ସରକାର ବ୍ୟାଙ୍କଗୁଡ଼ିକୁ କହିଛନ୍ତି।

# ୩ ଲକ୍ଷ କୋଟିର ଅତିରିକ୍ତ ପ୍ୟାକେଜ ଲୋଡ଼ା

**ନୂଆଦିଲ୍ଲୀ,୮।୪:** କୋଭିଡ୍-୧୯ ବିରୋଧରେ ଲଢ଼ିବା ଲାଗି ଦେଶର ଅର୍ଥ ବ୍ୟବସ୍ଥାକୁ ଅତିରିକ୍ତ ୩ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଲୋଡା ପଡୁଥିବା ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ବୁଧବାର କୁହାଯାଇଛି। ସରକାର ନିକଟରେ କରୋନା ପ୍ରଭାବକୁ କମ୍ କରିବା ଲାଗି ୧.୭୫ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ଏହା ମଧ୍ୟରେ ୭୩ ହଜାର କୋଟି ଟଙ୍କା କେବଳ ନୂଆ ଘୋଷଣା। ଅନ୍ୟ ଘୋଷଣାଗୁଡ଼ିକ ବଜେଟରେ ବ୍ୟବସ୍ଥା କରାଯାଇଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାକୁ ଦେଖିଲେ ସରକାରଙ୍କ ଘୋଷଣା ପର୍ଯ୍ୟାପ୍ତ ନୁହେଁ। ଏଭଳି ସ୍ଥିତିରେ ଅର୍ଥ ବ୍ୟବସ୍ଥା ଲାଗି ଅଧିକ ପ୍ୟାକେଜ ଆବଶ୍ୟକ ବୋଲି ଏସ୍‌ବିଆଇ ରିସର୍ଚ୍ଚର ଅର୍ଥନୀତିଜ୍ଞମାନେ ଗୁରୁତ୍ୱାରୋପ କରିଛନ୍ତି।

ରିପୋର୍ଟରେ କୁହାଯାଇଛି ଯେ, ପ୍ରଭାବିତ ଶିଳ୍ପ ଜଗତ ଲାଗି ବଡ ଆର୍ଥିକ ପ୍ୟାକେଜର ଆବଶ୍ୟକତା ରହିଛି। କୋଭିଡ-୧୯ ପୂର୍ବରୁ ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଲାଗି ରହିଥିଲା। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତି ବଜାରକୁ ଆହୁରି କ୍ଷତିଗ୍ରସ୍ତ କରିବ ବୋଲି ଆଶଙ୍କା କରାଯାଇଛି। କେତେକ ବଜାର ବିଶେଷଜ୍ଞ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୨%କୁ ଖସିଯିବ। ଶିଳ୍ପ ଜଗତ ସହ ଦେଶର ଅଣ ବ୍ୟାଙ୍କିଂ ବିତ୍ତ ପ୍ରତିଷ୍ଠାନଗୁଡ଼ିକ ଲାଗି କିଛି ବ୍ୟବସ୍ଥା କରିବା ନେଇ ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସ୍ଥିତି ବିଗିଡିଲେ ଏହି ସଂସ୍ଥାଗୁଡ଼ିକର ପୁଞ୍ଜି ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ଆସିବାର ଆଶଙ୍କା କରାଯାଉଛି। ସେହିଭଳି ହୋଟେଲ ଶିଳ୍ପ, ବ୍ୟବସାୟ, ଶିକ୍ଷା ପେଟ୍ରୋଲିୟମ ଏବଂ କୃଷି କ୍ଷେତ୍ରକୁ ମଧ୍ୟ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ମତବ୍ୟକ୍ତ କରିଛନ୍ତି।

# ଏସ୍‌ବିଆଇ ସ୍ଥାୟୀ ଜମାରେ ସୁଧହାର କମିଲା




**ନୂଆଦିଲ୍ଲୀ,୮।୪:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏସ୍‌ବିଆଇ ପକ୍ଷରୁ ସ୍ଥାୟୀ ଜମା ସୁଧହାର ଉପରେ ହ୍ରାସ ଘୋଷଣା କରାଯାଇଛି। ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ହ୍ରାସ କରିବା ପରେ ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଘୋଷଣା କରାଯାଇଛି। ବ୍ୟାଙ୍କ ଏହାର ସମସ୍ତ ସଞ୍ଚୟ ଖାତା ଉପରେ ସୁଧହାର ୦.୨୫% ହ୍ରାସ କରିବା ସହ ୨.୭୫%କୁ ଖସାଇ ଦେଇଛି। ଏହାର ପ୍ରଭାବ ୪୪.୫୧ କୋଟି ଆକାଉଣ୍ଟଧାରୀଙ୍କ ଉପରେ ପଡିବ। ଏହା ପୂର୍ବରୁ ୧ ଲକ୍ଷ ଏହାଠାରୁ ଅଧିକ ପରିମାଣର ଜମା ହୋଇଥିବା ଆକାଉଣ୍ଟଗୁଡ଼ିକ ଲାଗି ସୁଧହାର ୩% ରହିବା ନେଇ ବ୍ୟାଙ୍କ ନିଷ୍ପତ୍ତି ନେଇଥିଲା। ବ୍ୟାଙ୍କର ନୂଆ ସୁଧହାର ନିଷ୍ପତ୍ତି ଚଳିତ ମାସ ୧୫ରୁ ଲାଗୁ ହେବ।

# ନାଲ୍‌କୋ ପକ୍ଷରୁ ୧୦.୨ କୋଟି ପ୍ରଦାନ




ଭୁବନେଶ୍ୱର,୮।୪

ରାଷ୍ଟ୍ରାୟତ୍ତ ଆଲୁମିନିୟମ କମ୍ପାନୀ ଲିମିଟେଡ ନାଲ୍‌କୋ ପକ୍ଷରୁ କୋଭିଡ-୧୯ ଲଢେଇ ଲାଗି ୧୦.୨ କୋଟି ଟଙ୍କା ସରକାରଙ୍କୁ ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ ପିଏମ୍ କେୟାର୍ସ ପାଣ୍ଠିକୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଛି। କମ୍ପାନୀର କର୍ମଚାରୀମାନେ ସେମାନଙ୍କ ଗୋଟିଏ ଦିନର ବେତନ ୨.୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହାବାଦ କମ୍ପାନୀର କର୍ମଚାରୀମାନେ ଓଡିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୨.୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। କୋଭିଡ-୧୯ ଲଢେଇରେ ଦେଶବାସୀଙ୍କ ସହ ନାଲକୋ ରହିଛି ବୋଲି କମ୍ପାନୀ ପକ୍ଷରୁ ଏକ ଟୁଇଟ ଯୋଗେ କୁହାଯାଇଛି।

# ରିଲିଫ ପାଣ୍ଠିକୁ ଡାଲମିଆ ସିମେଣ୍ଟର ଦାନ

**ଭୁବନେଶ୍ୱର,୮।୪:** ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ ପକ୍ଷରୁ କୋଭିଡ-୧୯ ବିରୋଧୀ ଲଢେଇ ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ସୁନ୍ଦରଗଡ ଜିଲାର ରାଜଗାଙ୍ଗପୁର ଏବଂ କଟକ ଜିଲାର ବିଶ୍ୱାଳୀଠାରେ ଥିବା ମାନୁଫାକଚରିଂ ୟୁନିଟ ଆଖପାଖର ଲୋକମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯାଇଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିରେ ଯଥାସମ୍ଭବ ସହାୟତା କରିବା ଲାଗି ଉଦ୍ୟମ କରାଯାଇଛି ବୋଲି କମ୍ପାନୀର ପୂର୍ବାଞ୍ଚଳ ମାନୁଫାକଚରିଂ ମୁଖ୍ୟ ସୁନୀଲ ଗୁପ୍ତା କହିଛନ୍ତି। କମ୍ପାନୀ ପକ୍ଷରୁ ଶୁଖିଲା ଖାଦ୍ୟ ପ୍ୟାକେଟ ବଣ୍ଟନ, ଆବଶ୍ୟକ ସାମଗ୍ରୀ ଯୋଗାଣ, ଟ୍ରକ ଚାଳକଙ୍କୁ ସହାୟତା ଯୋଗାଣ, ରନ୍ଧାଖାଦ୍ୟ ଯୋଗାଣ କରାଯାଇଛି। ଏହାବାଦ ପିଏମ୍ କେୟାର୍ସ ଫଣ୍ଡକୁ ମଧ୍ୟ ଗ୍ରୁପ ପକ୍ଷରୁ ୨୫ କୋଟି ଟଙ୍କା ପ୍ରଦାନ କରାଯାଇଛି।

# ୱାରେଣ୍ଟି ବଢ଼ାଇଲା ହିରୋ ମୋଟୋକର୍ପ

ଭୁବନେଶ୍ୱର,୮।୪




ହିରୋ ମୋଟୋକର୍ପ ପକ୍ଷରୁ ଏହାର ସବୁ ପ୍ରକାରର ୱାରେଣ୍ଟିକୁ ବୃଦ୍ଧି କରାଯାଇଛି। ସେହିଭଳି ବର୍ତ୍ତମାନର ଲକ୍‌ଡାଉନ ସମୟରେ ମାଗଣା ସର୍ଭିସ ସମୟକୁ ମଧ୍ୟ ବଢାଯାଇଛି। ବର୍ତ୍ତମାନ ଲକ୍‌ଡାଉନ ସମୟରେ ଲୋକମାନେ ଫସି ରହିଥିବାରୁ କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। ଡିଲରଶିପଗୁଡ଼ିକରେ ଭିଡ ନ ଲଗାଇ ସାମାଜିକ ଦୂରତ୍ୱ ରକ୍ଷା କରିବା ଉପରେ କମ୍ପାନୀ ପକ୍ଷରୁ ସୂଚନା ରହିଛି। ମାଗଣା ସର୍ଭିସ ସମୟ ସୀମାକୁ କମ୍ପାନୀ ଜୁନ ୩୦ ଯାଏ ବଢାଇ ଦେଇଛି। ସେହିଭଳି ଜଏ ରାଇଡରେ ସମସ୍ତ ସର୍ଭିସ ସୀମା ଜୁନ ଶେଷ ଯାଏ ବଢିଛି। ଲକ୍‌ଡାଉନ ସମୟ ଅବଧିରେ ଶେଷ ହେଉଥିବା ଯାନଗୁଡ଼ିକର ଅବଧିକୁ ମଧ୍ୟ ଜୁନ ଶେଷ ଯାଏ ବୃଦ୍ଧି କରାଯାଇଛି। ଗ୍ରାହକଙ୍କୁ ରୋଡ ସାଇଡ ଆସିଷ୍ଟାନ୍ସ ସହ ବିଭିନ୍ନ ସେବା ଲାଗି ୨୪ ଘଣ୍ଟିଆ ହେଲପ ଲାଇନ ନମ୍ବର ସୁବିଧା କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ସର୍ବକାଳୀନ ନିମ୍ନ ସ୍ତରରେ ଟଙ୍କା

**ନୂଆଦିଲ୍ଲୀ,୮।୪:** କରୋନା ଭାଇରସ ପ୍ରଭାବରେ ଦେଶର ଆର୍ଥିକ କାର୍ଯ୍ୟକଳାପ ଏବେ ଠପ୍ ହୋଇଯାଇଛି। ଏଭଳି ସ୍ଥିତିରେ ବୁଧବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବକାଳୀନ ନିମ୍ନ ସ୍ତରକୁ ଖସିଛି। ବୁଧବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୭୦ ପଇସା ଖସିବା ଯୋଗୁ ୭୬.୩୪ ସ୍ତରରେ ରହିଛି। ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ବଢିବା ଯୋଗୁ ଆମେରିକା ଡଲାର ଇଣ୍ଡେକ୍ସ ମଜଭୁତ ହୋଇଛି। ଇଣ୍ଟରବ୍ୟାଙ୍କ ଫରେକ୍ସ ଏକ୍ସଚେଞ୍ଜ ମାର୍କେଟରେ ଟଙ୍କା ୭୫.୮୩ ସ୍ତରରୁ କାରବାର ଆରମ୍ଭ କରିଥିଲା। ଏହା ପରେ ଟଙ୍କା ମୂଲ୍ୟରେ ହ୍ରାସ ଧାରା ଜାରି ରହିଥିଲା। କାରବାର ଶେଷ ବେଳକୁ ଟଙ୍କା ୭୦ ପଇସା ଖସିବା ସହ ଡଲାର ତୁଳନାରେ ୭୬.୩୪ ସ୍ତରରେ ରହିଛି। ମଙ୍ଗଳବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୭୫.୬୪ ସ୍ତରରେ ରହିଥିଲା।

# ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକଙ୍କ ସ୍ଥିତି ବିଗିଡ଼ିବା ଆଶଙ୍କା

ନୂଆଦିଲ୍ଲୀ,୮।୪

କରୋନା ଯୋଗୁ ଦେଶର ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ପ୍ରାୟ ୪୦ କୋଟି ଶ୍ରମିକଙ୍କ ସ୍ଥିତି ବିଗିଡ଼ିବାର ଆଶଙ୍କା କରାଯାଉଛି। ଜାତିସଂଘ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି ଯେ, ଏହି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ମଧ୍ୟରୁ ଗରିବୀ ହାର ବଢ଼ିଯିବାର ସ୍ଥିତି ଏବେ ଦେଖାଯାଇଛି। ଚଳିତ ବର୍ଷ ସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ପ୍ରାୟ ୧୯.୫ କୋଟି ଲୋକଙ୍କ ଚାକିରି ଉପରେ ଏବେ କଳାବାଦଲ ଛାଇ ରହିଥିବା ରିପୋର୍ଟରେ କୁହାଯାଇଛି। କରୋନା ଯୋଗୁ ବିଶ୍ୱର ଅର୍ଥ ବ୍ୟବସ୍ଥାର ସ୍ଥିତି ଏବେ ସମ୍ପୂର୍ଣ୍ଣ ବିଗିଡି ଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସବୁଠାରୁ ଖରାପ ସମୟ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।



ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନର ମହାନିର୍ଦ୍ଦେଶକ ଗାୟ ରାଇଡର କହିଛନ୍ତି ଯେ, ସାରା ବିଶ୍ୱର ଅର୍ଥ ବ୍ୟବସ୍ଥାଗୁଡ଼ିକ ଏବେ ଚ୍ୟାଲେଞ୍ଜିଂ ସ୍ଥିତି ଦେଇ ଗତି କରୁଛନ୍ତି। ବିକଶିତ ଏବଂ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକର ସ୍ଥିତି ଏବେ ସମାନ ରହିଛି। ଏଭଳି ସ୍ଥିତିରେ ରାଷ୍ଟ୍ରଗୁଡ଼ିକୁ ଏକତ୍ର ହୋଇ ଲଢିବାର ଆବଶ୍ୟକତା ରହିଛି। ଅଣସଙ୍ଗଠିତ କ୍ଷେତ୍ରରେ ସାରା ବିଶ୍ୱରେ ବୃହତ୍ ସଂଖ୍ୟକ ଲୋକ କାମ କରୁଛନ୍ତି। ଭାରତ, ନାଇଜେରିଆ, ବ୍ରାଜିଲ ଭଳି ଦେଶଗୁଡ଼ିକରେ ଲକ୍‌ଡାଉନ ଯୋଗୁ ଦିନ ମଜୁରିଆ ବର୍ଗର ଲୋକଙ୍କସ୍ଥିତି ଏବେ ବିଗିଡିଛି। ଭାରତର ଅଣସଙ୍ଗଠିତ କ୍ଷେତ୍ରଗୁଡ଼ିକରେ ଅଧିକାଂଶ ଲୋକ କାମ କରୁଛନ୍ତି। ଏହା ଦ୍ୱାରା ପ୍ରାୟ ୪୦ କୋଟି ଲୋକଙ୍କ ସ୍ଥିତି ସଙ୍କଟାପନ୍ନ ହେବ ବୋଲି କୁହାଯାଇଛି। ଗତ ୭୫ ବର୍ଷ ମଧ୍ୟରେ ବିଶ୍ୱ ସମୁଦାୟ ଲାଗି ଏହା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏହି ସମୟରେ ସବୁଠାରୁ ବଡ ଧରଣର ନିଯୁକ୍ତି ହ୍ରାସ ଆରବ ଦେଶଗୁଡ଼ିକରେ ହେବା ନେଇ ଆକଳନ କରାଯାଇଛି। ଏହାବାଦ ୟୁରୋପ ଏବଂ ଏସିଆ ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକର ସ୍ଥିତି ମଧ୍ୟ ବିଗିଡିବ ବୋଲି ରିପୋର୍ଟରେ କୁହାଯାଇଛି।

## ୧.୬%କୁ ଖସିପାରେ ବିକାଶ ହାର

୨୦୨୦-୨୧ରେ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୧.୬%କୁ ଖସିପାରେ। ଗୋଲ୍ଡ ମ୍ୟାନ୍ ସ୍ୟାଚ୍ ପକ୍ଷରୁ ଏଭଳି ଅନୁମାନ କରାଯାଇଛି। ୨୦୧୯-୨୦ ଲାଗି ଘରୋଇ ବଜାରର ବିକାଶ ହାର ୫% ରହିବା ନେଇ ଏହା ପୂର୍ବରୁ ଅନୁମାନ କରିଛି।




କରୋନା ଆସିବା ପରେ ଦେଶର ଅର୍ଥ ବ୍ୟବସ୍ଥାର ସ୍ଥିତି ଏବେ ବିଗିଡି ଯାଇଛି। ବିଭିନ୍ନ ରେଟିଂ ଏଜେନ୍ସି ଏବେ ଭାରତର ବିକାଶ ହାର ଅନୁମାନକୁ ଲଗାତର ଭାବେ କମାଉଛନ୍ତି। ପ୍ରଥମ ତ୍ରୈମାସ ଲାଗି ବିକାଶ ହାର ପୂର୍ବାନୁମାନ କିଛି ଏଜେନ୍ସି ଏବେ ସ୍ଥଗିତ ରଖିଛନ୍ତି। କରୋନା ଯୋଗୁ ବଜାରରେ ଉପୁଜିଥିବା ସ୍ଥିତିକୁ ସମ୍ଭାଳିବା ଲାଗି ସରକାର ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ନେଇ ନାହାନ୍ତି। ଏ ଦିଗରେ ସୁଚିନ୍ତିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଛି। ୨୨ ମାର୍ଚ୍ଚରେ ଏହି ଏଜେନ୍ସି ଭାରତର ବିକାଶ ହାର ୨୦୨୦-୨୧ରେ ୩.୩% ରହିବା ନେଇ କହିଥିଲା। ମାତ୍ର ବର୍ତ୍ତମାନ ଏହାକୁ ପରିବର୍ତ୍ତନ କରି ୧.୬%କୁ ଖସାଇ ଦେଇଛି।

## ୫ ବର୍ଷ ତଳକୁ ଚାଲିଯିବ ବିମାନ ଶିଳ୍ପ କାରବାର

ନୂଆଦିଲ୍ଲୀ,୮।୪

କରୋନା ଭାରତୀୟ ବିମାନ ଚଳାଚଳ ଶିଳ୍ପରକୁ କ୍ଷତିଗ୍ରସ୍ତ କରିଛି। ଏଥି ଲାଗି ବଜାରର କାରବାର ୫ ବର୍ଷ ତଳକୁ ଖସିଯିବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଗତବର୍ଷ ଦେଶର ବିମାନ ଚଳାଚଳ କ୍ଷେତ୍ରରେ ୧୪ କୋଟି ଯାତ୍ରୀ ରହିଥିଲେ। ଚଳିତ ବର୍ଷ ଏହା ୮ରୁ ୯ କୋଟିକୁ ଖସିଯିବ ବୋଲି ସେଣ୍ଟର ଫର ଏସିଆ ପାସିଫିକ ଆଭିଏଶନ ପକ୍ଷରୁ କୁହାଯାଇଛି। ଏବେ ବିମାଳ ଚଳାଚଳ ଠପ୍ ହୋଇଥିବା ବେଳେ କମ୍ପାନୀଗୁଡ଼ିକ ପରିଚାଳନା ନେଇ କ୍ଷତି ସହୁଛନ୍ତି। କମ୍ପାନୀଗୁଡ଼ିକ କାର୍ଯ୍ୟକ୍ଷମ ହେଲେ କାହାର ସ୍ଥିତି କଣ ରହିବ ସେ ନେଇ ଦେଖିବାକୁ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଏହି ସମୟରେ ଦେଶର ବିମାନ ଶିଳ୍ପ ୫ ବର୍ଷକୁ ଚାଲିଯିବ ବୋଲି ଆକଳନ କରାଯାଇଛି। ବିମାନ ଚଳାଚଳ କ୍ଷେତ୍ର ସ୍ୱାଭାବିତ ସ୍ଥିତିକୁ ଫେରିବା ଲାଗି ଅନ୍ତତଃ ପକ୍ଷେ ଗୋଟିଏ ବର୍ଷ ଲାଗିଯିବ। ସେହିଭଳି ଅନ୍ତଜାତୀୟ ବଜାରରେ ଯାତ୍ରୀ ଟ୍ରାଫିକ କମିବ ବୋଲି ଏହି ଏଜେନ୍ସି ପ୍ରକାଶ କରିଛି।

## ଲକ୍‌ଡାଉନ ଅବଧି ଏପ୍ରିଲ ୩୦କୁ ବଢୁ: ସିଏଆଇଟି

**ନୂଆଦିଲ୍ଲୀ,୮।୪:** କରୋନାର ବର୍ତ୍ତମାନ ସ୍ଥିତିକୁ ନଜରରେ ରଖି ଲକ୍‌ଡାଉନ ଅବଧି ଚଳିତ ମାସ ଶେଷ ଯାଏ ବଢାଇବାକୁ କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ପକ୍ଷରୁ ସରକାରଙ୍କ ନିକଟରେ ଦାବି ରଖାଯାଇଛି। ଏ ନେଇ ସବୁ ରାଜ୍ୟର ବ୍ୟବସାୟୀଙ୍କ ସହ ସିଏଆଇଟି ଆଲୋଚନା କରିଥିବା କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସଂଘ ପକ୍ଷରୁ ଏ ପ୍ରସଙ୍ଗରେ ଚିଠି ଲେଖାଯାଇଛି। ଲକ୍‌ଡାଉନ ଅବଧି ବଢିଲେ ଏହା ଦ୍ୱାରା କରୋନା ପ୍ରଭାବକୁ କମ୍ କରାଯାଇ ପାରିବ ବୋଲି ସଂଘ



ମତ ରଖିଛି। ସଂଘର ମହାସଚିବ ପ୍ରଭୀନ ଖଣ୍ଡେଲୱାଲ କହିଛନ୍ତି ଯେ, କୋଭିଡ-୧୯ ମାନବ ସମାଜ ଲାଗି ଏକ ବଡ ଚ୍ୟାଲେଞ୍ଜ। ପ୍ରମୁଖ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ସହ ବିଶ୍ୱର ବିକଶିତ ରାଷ୍ଟ୍ରଗୁଡ଼ିକ କରୋନା କବଳରୁ ନିଜକୁ ବଞ୍ଚାଇ ପାରି ନାହାନ୍ତି। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଲୋକମାନେ ସରକାରଙ୍କ ନିୟମ ମାନି ଚଳିଲେ ସ୍ଥିତିକୁ କାବୁ କରିବାରେ ସହଜ ହେବ। ସରକାରଙ୍କ ଏହି ଲଢେଇରେ ବ୍ୟବସାୟୀ ସଂଘ ପକ୍ଷରୁ ସମସ୍ତ ପ୍ରକାରର ଯୋଗଦାନ ରଖାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ସମୟରେ ବ୍ୟବସାୟୀମାନେ ସହିଥିବା କ୍ଷତିକୁ ମଧ୍ୟ ସରକାର ବିଚାର କରନ୍ତୁ ବୋଲି ସଂଘ ପକ୍ଷରୁ ନିବେଦନ କରାଯାଇଛି। ଏଥି ଲାଗି ଏକ ସ୍ୱତନ୍ତ୍ର ପ୍ୟାକେଜ ଆସୁ ବୋଲି ଚିଠିରେ ସଂଘ ଦାବି ରଖିଛି।

## ମହଙ୍ଗା ହେଉଛି ବିଭିନ୍ନ ସାମଗ୍ରୀ

**ନୂଆଦିଲ୍ଲୀ,୮।୪:** କରୋନା ଯୋଗୁ ଟିଭି, ଫ୍ରିଜ, ଔଷଧ ସମେତ ଘରୋଇ ବଜାରରେ ବିଭିନ୍ନ ସାମଗ୍ରୀ ମହଙ୍ଗା ହେଉଥିବା ଦେଖାଯାଇଛି। ଇଲେକଟ୍ରୋନିକ୍ସ ଶିଳ୍ପରେ କାର୍ଯ୍ୟରତ କମ୍ପାନୀଗୁଡ଼ିକ ପ୍ରାୟ ୭୦% କଞ୍ଚାମାଲ ଚାଇନାରୁ କିଣୁଥିବାରୁ ଏବେ ଚାପରେ ରହିଛନ୍ତି। ଟିଭି ପ୍ୟାନେଲର ଦର ୧୫% ବଢିଥିବା ବେଳେ ଏପିଆଇର ମୂଲ୍ୟ ୪୦ରୁ ୫୦% ବଢିଥିବା ସୂଚନା ରହିଛି। କରୋନା ଯୋଗୁ ବଜାରର ସ୍ଥିତି ପ୍ରଭାବିତ ରହିଲେ ଟିଭି ସମେତ ଫ୍ରିଜ, ଏସି, ୱାଶିଂମେଶିନ ଭଳି ସମାଗ୍ରୀ ପ୍ରସ୍ତୁତି ଆହୁରି ମହଙ୍ଗା ହେବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

## ସଂକ୍ଷେପରେ

### ଆଜିଠୁ ରାଜମହଲରୁ ମାଷ୍ଟରକ୍ୟାଣ୍ଟିନ୍ ରାସ୍ତା ପାର୍ଶ୍ୱରେ ବସିବେ ୩୫ ବ୍ୟବସାୟୀ

ଭୁବନେଶ୍ୱର, ୮।୪(ବ୍ୟୁରୋ): ଗୁରୁବାରଠାରୁ ରାଜ ମହଲଠାରୁ ମାଷ୍ଟରକ୍ୟାଣ୍ଟିନ୍ ରାସ୍ତା ପାର୍ଶ୍ୱରେ ୩୫ ବ୍ୟବସାୟୀଙ୍କୁ ବ୍ୟବସାୟ କରିବାକୁ ଅନୁମତି ମିଳିଛି। ଏଥିମଧ୍ୟରେ ୨୨ ପରିବା ଦୋକାନ, ୯ ଗ୍ରସେରି ଦୋକାନ ଏବଂ ୨ଟି ଲେଖାଏ ଫଳ ଓ କ୍ଷୀର ଦୋକାନ ରହିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବୁଧବାର ସୂଚନା ଦେଇଛି। ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ୍‌ଙ୍କ ତତ୍ତ୍ୱାବଧାନତାରେ ଡେପୁଟି କମିଶନର ଅଶୋକ ମହାନ୍ତି ଓ ଦକ୍ଷିଣ ପୂର୍ବ ଜୋନର ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ ଏହାର ତଦାରଖ କରିବେ। ଇତିମଧ୍ୟରେ ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନ ଆବଣ୍ଟନ କରଯାଇଛି। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିଏମ୍‌ସି ଏହି ପଦକ୍ଷେପ ନେଇଥିବା ଆଡିଶନାଲ କମିଶନର ମଲ୍ଲିକ କହିଛନ୍ତି।

### ଆବଦ୍ଧ ଅଞ୍ଚଳର ଦୈନିକ ୫୦ ପ୍ରତିଶତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଉଛି

ଭୁବନେଶ୍ୱର, ୮।୪(ବ୍ୟୁରୋ): ଭୁବନେଶ୍ୱରରେ ୩୪ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୂର୍ଯ୍ୟନଗର, ବମିଖାଲ, ସତ୍ୟନଗର, ସୁନ୍ଦରପଦା ଓ ଯଦୁପୁର ଅଞ୍ଚଳକୁ ଆବଦ୍ଧ ଅଞ୍ଚଳ ଘୋଷଣା ସହ ସିଲ୍ କରାଯାଇଛି। ଏଥିସହ କେନ୍ଦ୍ରିୟ ଗୋଇନ୍ଦା ବ୍ୟୁରୋ ଓ କର୍ମଚାରୀ କଲୋନୀକୁ ମଧ୍ୟ ସିଲ୍ କରିଦିଆଯାଇଛି। ଏସବୁ ସିଲ୍ ଅଞ୍ଚଳରେ ବିଏମ୍‌ସି ଦ୍ୱାରା ନିୟୋଜିତ ମେଡିକାଲ ଟିମ୍ ଦୈନିକ ସର୍ବନିମ୍ନ ୫୦% ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛି। ଯାହାର ସ୍ୱାସ୍ଥ୍ୟାବସ୍ଥା ଖରାପ ରହୁଛି ସଙ୍ଗେ ସଙ୍ଗେ ଚିକିତ୍ସା ଯୋଗାଇ ଦିଆଯାଉଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଏସବୁ ଅଞ୍ଚଳରେ ମୋଟ ୯୦୫୫ ପରିବାର ବସବାସ କରୁଥିବାବେଳେ ବର୍ତ୍ତମାନ ସୁଦ୍ଧା ସୂର୍ଯ୍ୟନଗର, ବମିଖାଲ, ଆଇବି କଲୋନୀ, ସୁନ୍ଦରପଦା ଓ ଯଦୁପୁରର ପାଖାପାଖି ସମସ୍ତ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସରିଛି। ପୁର୍ନବାର ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏଥିସହ ସତ୍ୟନଗରରେ ବୁଧବାରଠାରୁ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ୨୫ଶହ ନମୁନା ସଂଗ୍ରହ କରାଯାଇଥିବା କମିଶନର ଚୌଧାରୀ କହିଛନ୍ତି। ବୁଧବାର ୪ହଜାରରୁ ଉର୍ଦ୍ଧ୍ୱ ନମୁନା ସଂଗ୍ରହ କରାଯାଇଥିବାବେଳେ ଏଥିମଧ୍ୟରେ ଆଜାଦନଗରରୁ ୪୩୦, ବମିଖାଲରୁ ୨୭୭୭ ଓ ଆଇବି କଲୋନୀରୁ ୧୦୭ ନମୁନା ରହିଛି।

# ଅସହାୟଙ୍କ ପାଇଁ ଅଭିଶାପ

ଜ୍ୟୋତିରଞ୍ଜନ ମହାପାତ୍ର
ଭୁବନେଶ୍ୱର,୮।୪ (ବ୍ୟୁରୋ)




ସମଗ୍ର ଦେଶରେ ୨୧ଦିନିଆ ଲକ୍‌ଡାଉନ ବଳବତ୍ତର ରହିଛି। ରାଜ୍ୟ ତଥା ବାହାର ରାଜ୍ୟର ପ୍ରାୟ ୪୭ହଜାର ଅତିଥି ଶ୍ରମଜୀବୀ ଏବଂ ଅସହାୟଙ୍କୁ ବିଭିନ୍ନ ଜିଲାର ୧୭୬୫ ଶିବିରରେ ରଖାଯାଇଛି। ସେମାନଙ୍କ ରହିବା ଏବଂ ଖାଇବା ବ୍ୟବସ୍ଥା ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଛି। ବିଶେଷକରି ଭୁବନେଶ୍ୱରରେ ଅସହାୟ ଏବଂ ବାହାର ରାଜ୍ୟ ଶ୍ରମିକଙ୍କ ସଂଖ୍ୟା ଅଧିକ ରହିଛି। ହେଲେ ସାମାଜିକ ଦୂରତା ଠିକ୍‌ଭାବେ ପାଳନ ହୋଇପାରୁ ନ ଥିବାରୁ ରାଜଧାନୀବାସୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢିଛି। ମହାରାଷ୍ଟ୍ର, ଦିଲ୍ଲୀ, କଲିକତା, ଆନ୍ଧ୍ରପ୍ରଦେଶ ଏବଂ ଅନେକ ସ୍ଥାନର ଅନେକ ଠିକା ଶ୍ରମିକ ଓ ଯାତ୍ରୀ ରାଜଧାନୀରେ ରୁଣ୍ଡ ହୋଇଛନ୍ତି। ମାଷ୍ଟର କ୍ୟାଣ୍ଟିନ ରେଲୱେ ଷ୍ଟେଶନ, ବରମୁଣ୍ଡା ଓଭରବ୍ରିଜଠାରୁ ରସୁଲଗଡ ଓଭରବ୍ରିଜ ତଳିଆ ସ୍ଥାନ, ସାଲିଆ ସାହି ସମେତ ରାଜଧାନୀର ଅନେକ ବସ୍ତି ଓ ନିର୍ମାଣାଧୀନ କୋଠାରେ ଏମାନେ ମୁଣ୍ଡ ଗୁଞ୍ଜିଛନ୍ତି। ଲକଡାଉନ ଏମାନଙ୍କ ପାଇଁ ଅଭିଶାପ ପାଲଟିଛି। ଟ୍ରେନ୍ ଓ ବସ୍ ବନ୍ଦ ହୋଇଯିବା ପରେ ଅନେକ ଯାତ୍ରୀ ଏବଂ ଠିକାଶ୍ରମିକଙ୍କ ପାଇଁ ଘରକୁ ଫେରିବା ସ୍ୱପ୍ନ ହୋଇଯାଇଛି। ହୋଟେଲ ବଜାର ବନ୍ଦ ରହିଥିବାରୁ ସରକାରଙ୍କ ସହଯୋଗ ଏମାନଙ୍କ ଏକମାତ୍ର ସାହାରା।

## ସମସ୍ୟା ବଢ଼ାଇଛି ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ

**ଲକ୍‌ଡାଉନ୍**

ଲକ୍‌ଡାଉନର ଆରମ୍ଭ ଦିନରେ ଭୁବନେଶ୍ୱରରେ ରହୁଥିବା ଅସହାୟଙ୍କୁ ଅନେକ ସ୍ୱେଚ୍ଛାସେବୀ ଓ ପୋଲିସ ପକ୍ଷରୁ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ମାତ୍ର ସଂକ୍ରମଣ ଆଶଙ୍କାରୁ ସ୍ୱେଚ୍ଛାସେବୀମାନଙ୍କୁ ଖାଦ୍ୟ ବିତରଣ କରିବାକୁ ସରକାରଙ୍କ ପକ୍ଷରୁ ମନା କରାଯାଇଥିଲା। ଏବେ ରାଜଧାନୀର ବିଭିନ୍ନ ସ୍ଥାନରେ ଫସି ରହିଥିବା ଅସହାୟଙ୍କୁ ରନ୍ଧା ଖାଦ୍ୟ ଯୋଗାଉଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଖାଦ୍ୟ ଯୋଗାଉଥିବା ଆହାର କେନ୍ଦ୍ରର କର୍ମଚାରୀଙ୍କ ସୂଚନା ମୁତାବକ ପ୍ରାରମ୍ଭିକ ଦିନରେ ଏଠାରେ ୫୦ରୁ ୧୦୦ ଜଣଙ୍କୁ ଖାଦ୍ୟ ଦିଆଯାଉଥିଲା। ମାତ୍ର ୩ରୁ ୪ଦିନ ପରେ ଏଠାରେ ୩୦୦ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଗଲା। ଏବେ ପ୍ରତିଦିନ ମଧ୍ୟାହ୍ନରେ ଓ ରାତିରେ ୩୦୦ଲୋକଙ୍କୁ ଖାଦ୍ୟ ଯୋଗାଇଦିଆଯାଉଛି। ମାତ୍ର ଲୋକମାନେ ଖାଦ୍ୟ ନେବାବେଳେ ଭିଡ ଜମାଇବାରୁ ସାମାଜିକ ଦୂରତା ଠିକ୍‌ଭାବେ ଅନୁପାଳନ ହୋଇପାରୁ ନାହିଁ। ତଥାପି ଏହାକୁ ଗୁରୁତ୍ୱ ଦିଆଯାଇ ପୋଲିସ ଉପସ୍ଥିତିରେ ଖାଦ୍ୟ ବଣ୍ଟନ କରାଯାଉଛି। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ ଅସହାୟମାନେ ସେଠାରେ ସଙ୍ଗରୋଧ ନିୟମକୁ ଫୁ କରି ଦେଇ ଏକାଠି ତାସ ଖେଳିବା ସହ ଅନେକ ମଉଜ କରୁଛନ୍ତି। ଗତ ୨୨ ଓ ୨୪ ତାରିଖଠାରୁ ଏଠାରେ ସମସ୍ତ ଲୋକ ଫସି ରହିଛନ୍ତି। ଯଦି ସେମାନଙ୍କ ଭିତରୁ କେହି ସଂକ୍ରମିତ ହୋଇଥାନ୍ତି ତେବେ ସମସ୍ତ ଲୋକ ସଂକ୍ରମଣ ହେବାରେ ଡେରି ହେବନି। ଯାହାକୁ ନେଇ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଏନେଇ ବିଏମ୍‌ସି ଆସିଷ୍ଟାଣ୍ଟ କମିଶନର ଲିଲନ ପ୍ରସାଦ ସାହୁ କହିଛନ୍ତି ଯେ, ରାଜଧାନୀରେ ବିଭିନ୍ନ ସ୍ଥାନରେ ଫସି ରହିଥିବା ଅସହାୟ ଲୋକଙ୍କୁ ରନ୍ଧା ଖାଦ୍ୟ ଓ ରାଶନ ଯୋଗାଇ ଦିଆଯାଉଛି। ସମସ୍ତ ସ୍ଥାନରେ ଭ୍ରାମ୍ୟମାଣ ଗାଡି ପହଞ୍ଚି ଖାଦ୍ୟ ଦେଉଥିବାରୁ କିଛି ସ୍ଥାନରେ ସାମାନ୍ୟ ବିଳମ୍ବ ହେଉଛି। ରେଲୱେ ଷ୍ଟେଶନ ଅଞ୍ଚଳ ଓ ଅନ୍ୟ ସମ୍ବେଦନଶୀଳ ସ୍ଥାନଗୁଡିକରେ ଫସି ରହିଥିବା ଲୋକଙ୍କ ଥଇଥାନ ପାଇଁ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଖୁବ ଶୀଘ୍ର ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାହୁ କହିଛନ୍ତି।

## ସେମାନଙ୍କ ମୁହଁରୁ...

### ବୁଲିବାକୁ ଆସି ଫସିଯାଇଛୁ



ପୁରୀ ଓ ଭୁବନେଶ୍ୱର ବୁଲିବାକୁ ଆସିଥିଲୁ, ଲକ୍‌ଡାଉନ ପରେ ପୁରୀରେ ଫସିଗଲୁ। ବଡ଼କଷ୍ଟରେ ଭୁବେନେଶ୍ୱରରେ ପହଞ୍ଚିଲୁ। ସେବେଠାରୁ ଆହାରକେନ୍ଦ୍ର ଖାଦ୍ୟ ଆମ ପାଇଁ ସବୁକିଛି। ଖୋଲା ଆକାଶତଳେ ଦିନ ରାତି କଟୁଛି। କିଛି ସାମାଜିକ କର୍ମୀ ଖାଇବାକୁ ଦେଉଥିଲେ। ମାତ୍ର ପୋଲିସ ସେମାନଙ୍କୁ ବାରଣ କରିବା ପରେ ଆହାର ଖାଦ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛୁ। ଅନେକ ସମୟରେ ଖାଇବା ଠିକ୍ ସମୟରେ ନ ଆସିବାରୁ ଅନେକ ସମସ୍ୟା ଦେଖାଯାଉଛି। ଘଣ୍ଟା ଘଣ୍ଟା ଧରି ଶତାଧିକ ଲୋକ ଉପାସ ରହୁଛୁ।

– ଶଶିକାନ୍ତ ସୁବାସନାଏର, ଚେମ୍ବୁର, ମୁମ୍ବାଇ, ମହାରାଷ୍ଟ୍ର

### ଟଙ୍କାପଇସା ଥାଇ ମଧ ଆମେ ନିରାଶ୍ରୟ



ଜିନ୍ଦଲ କମ୍ପାନୀ କାମରେ ଅନୁଗୋଳ ଆସିଥିଲି। ହେଲେ ଲକ୍‌ଡାଉନ ପରେ ଆଉ ଫେରିପାରୁ ନାହିଁ। ହୋଟେଲରେ ରୁମ୍ ନେଇ ରହିବାକୁ ଗଲେ ମନା କରିଦେଉଛନ୍ତି। ଆଶ୍ରୟସ୍ଥଳକୁ ଗଲେ ମେଡିକାଲ ସାର୍ଟିଫିକେଟ ମାଗୁଛନ୍ତି। ତେଣୁ ପାଖରେ ଟଙ୍କା ଥାଇ ବି ଆମେ ନିରାଶ୍ରୟ ଜୀବନ କାଟୁଛୁ। ରେଲୱେ ଷ୍ଟେଶନ ଭିତରକୁ ଯିବାର ଅନୁମତି ନ ଥିବାରୁ ଖରାବେଳେ ପାଣି ପାଇଁ ଲୋକ ଅନେକ ହନ୍ତସନ୍ତ ହେଉଛନ୍ତି। ତେଣୁ ଏନେଇ ପ୍ରଶାସନ ପାଣିର ବନ୍ଦୋବସ୍ତ କରିବା ସହ ରହିବାର ସୁବିଧା କରିବାକୁ ଅନୁରୋଧ।

– ବିପିନ ସିଂ, ମଧ୍ୟପ୍ରଦେଶ

### ଜୀବନ ପ୍ରତି ଭୟ ରହିଛି



ପୁରୀ ବୁଲିବାକୁ ଆସିଥିଲୁ। ମାତ୍ର ଲକ୍‌ଡାଉନ ପରେ ଚାହିଁଲେ ବି ଘରକୁ ଫେରିପାରିଲୁନି। ଏଠାରେ ବହୁ ଲୋକ ଏକାଠି ରହୁଥିବା କାରଣରୁ ସଙ୍ଗରୋଧ କରିବା ସମ୍ଭବ ହେଉ ନାହିଁ। ଫଳରେ ଜୀବନ ପ୍ରତି ଭୟ ରହିଛି। ଏନେଇ ସରକାର ସହାୟତା ଯୋଗାଇଦେବା ସହ ଡାକ୍ତରୀ ଯାଞ୍ଚ କରି ରହିବାର ବ୍ୟବସ୍ଥା କରିବାକୁ ଅନୁମତି ଦେବାକୁ ଅନୁରୋଧ।

– ରାଜେଶ କୁମାର, ଦିଲ୍ଲୀ

# ଦିଲ୍ଲୀରେ ଓଡ଼ିଆ ଶ୍ରମିକଙ୍କ ପାଇଁ ଲଢୁଛି ଓଡ଼ିଆ ସମାଜ

ଭୁବନେଶ୍ୱର, ୮।୪(ବ୍ୟୁରୋ)

କୋଭିଡ-୧୯ ଏବେ ବିଶ୍ୱ ମହାମାରୀ ରୂପ ନେଇଥିବାବେଳେ ଏହାର କଡ଼ା ମୁକାବିଲା କରିବା ନିମନ୍ତେ ସମଗ୍ର ଦେଶରେ ୨୧ ଦିନିଆ ଲକ୍‌ଡାଉନ୍ ଜାରି ରହିଛି। ରୋଜଗାର ପାଇଁ ଯାଇ ବିଭିନ୍ନ ରାଜ୍ୟରେ କାର୍ଯ୍ୟ କରୁଥିବା ହଜାର ହଜାର ଓଡ଼ିଆ ଲକ୍‌ଡାଉନ୍‌ରେ ଫସି ରହି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳିସ୍ଥଳେ ବିଭିନ୍ନ ପ୍ରବାସୀ ଓଡ଼ିଆ ସଂଗଠନ ସେମାନଙ୍କୁ ସହଯୋଗର ହାତ ବଢ଼ାଇଛି। ନୂଆଦିଲ୍ଲୀସ୍ଥିତ ଓଡ଼ିଆ ସମାଜ ଦିଲ୍ଲୀ ଏନ୍‌ସିଆର୍‌ରେ ବାସ କରୁଥିବା ଓ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ବହୁ ଓଡ଼ିଆ ଶ୍ରମିକଙ୍କ ଅଧିକାର ନିମନ୍ତେ ଆଇନଗତ ସହାୟତା ପ୍ରଦାନ କରିବାକୁ ପଦକ୍ଷେପ ନେଇଛି। ଏଥିସହ ଅସୁବିଧାରେ ପଡ଼ିଥିବା ଓଡ଼ିଆଙ୍କୁ ରିଲିଫ୍ ଯୋଗାଇବା, ସେମାନଙ୍କ ଅଭିଯୋଗ ଶୁଣିବାରେ ସକ୍ରିୟ ଭୂମିକା ଗ୍ରହଣ କରିଛି। ଦିଲ୍ଲୀ ଏନ୍‌ସିଆର୍‌ରେ ଥିବା ଓଡ଼ିଆମାନଙ୍କୁ ଗତ ମାର୍ଚ୍ଚ ୩୦ରୁ ପ୍ରତିଦିନ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିର, ସ୍କୁଲଗୃହ ଓ ବିଭିନ୍ନ ଗୋଷ୍ଠୀ କେନ୍ଦ୍ରଗୁଡ଼ିକରେ ଶୁଖିଲା ରାଶନ ପ୍ୟାକେଟ ବଣ୍ଟନ କରାଯାଉଛି। ଏହି ସଂଗଠନ ଗୁରୁଗାଓଁ, ମନେସାର, ଫରିଦାବାଦ, ଭିୱାଡ଼ି, ଗାଜିଆବାଦ, ନୋଏଡା, ଗ୍ରେଟର ନୋଏଡା, ଆୟାନଗର, ଉତ୍ତମନଗର, ପୀରାଗର୍ହି, କୋଟଲା, ନାଗଲୋଇ, ତୁଗଲକବାଦ ଓ ଦିଲ୍ଲୀର ଆଖପାଖ ଅଞ୍ଚଳର ପ୍ରାୟ ୩୨୫୦ ପରିବାରକୁ ଶୁଖିଲା ରାଶନ ଯୋଗାଇଦେଇଛି। ଏହାବ୍ୟତୀତ ଓଡ଼ିଆ ସମାଜ ପକ୍ଷରୁ ଏକ ଲିଗାଲଏଡ଼ ସେଲ୍ ଖୋଲାଯାଇଛି। ରୋଜଗାର ହରାଇଥିବା ଓଡ଼ିଆ ଶ୍ରମିକ ଓ ଘରଭଡ଼ା ଦେଇପାରୁ ନ ଥିବା ଓଡ଼ିଆ ପରିବାରକୁ ଘର ମାଲିକ ଘର ଛାଡ଼ିବାକୁ ଧମକ ଦେଉଥିବାରୁ ଏହି ଲିଗାଲଏଡ୍ ସେଲ୍ ସହଯୋଗ କରୁଛି। ଏନେଇ ଜିଲା ପ୍ରଶାସନ ସହ ଆଲୋଚନା ଜାରି ରଖିଛି। ଓଡ଼ିଆ ସମାଜ ପକ୍ଷରୁ ଜୋନାଲ ସଂଯୋଜକଙ୍କୁ ନେଇ ଗଠିତ ଏକ କମିଟିରେ ରବି ପ୍ରଧାନ, ମୀନକେତନ ମିଶ୍ର, ପି.କେ. ଦାଶ, ବିଦ୍ୟାଧର ସାହୁ, ଅଫିସାର ରାଉତ, ଉମାକାନ୍ତ ଦାସ ପ୍ରମୁଖ ରହିଛନ୍ତି। ଦିଲ୍ଲୀ ଏନ୍‌ସିଆର୍‌ରେ ୧୫ରୁ ୧୮ ଜଗନ୍ନାଥ ମନ୍ଦିର ଓ ବିଭିନ୍ନ ଓଡ଼ିଆ ସଂଗଠନ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୭୦ରୁ ୮୦ ଜଣ ସ୍ୱତଃପ୍ରବୃତ୍ତ ଭାବେ ଆସି ଏହି ସେବାକାର୍ଯ୍ୟରେ ଓଡ଼ିଆ ସମାଜ ସହ ହାତ ମିଳାଇଥିବା ଏହାର ଟ୍ରଷ୍ଟି ହିରଣ୍ୟ ମହାନ୍ତି କହିଛନ୍ତି।

## ବ୍ୟବସାୟୀଙ୍କୁ ଅଟକାଇ ଗ୍ରାମରେ ହାଟ ବସାଇଲେ ସରପଞ୍ଚ

ପୁରୁଣା ଭୁବନେଶ୍ୱର,୮।୪(ଡି.ଏନ.ଏ.)

ରାଜ୍ୟରେ ଲକଡାଉନ ଚାଲିଥିବାବେଳେ ସହରରେ ଅଧିକ ଦରରେ ପରିବା ବିକ୍ରି ପାଇଁ ଉପକଣ୍ଠ ବ୍ୟବସାୟୀ ରାଜଧାନୀମୁହାଁ ହେଉଛନ୍ତି। କିନ୍ତୁ ଏବେ ରାଜଧାନୀରେ ହିଁ କରୋନା ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଉଥିବାରୁ ବ୍ୟବସାୟୀଙ୍କ ସଂକ୍ରମିତ ଆଶଙ୍କା ନେଇ ପୁରୁଣା ଭୁବନେଶ୍ୱର ନିକଟସ୍ଥ ଲକ୍ଷ୍ମୀନାରାୟଣପୁର ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏଥିପାଇଁ ସରପଞ୍ଚ ସୁଭାଶିଷ ରଥ ଭୋରୁ ଭୁବନେଶ୍ୱର ଯାଉଥିବା ସମସ୍ତ ପରିବା ବ୍ୟବସାୟୀଙ୍କୁ ଅଟକାଇବା ସହ ପଞ୍ଚାୟତ ମଣ୍ଡିରେ ହିଁ ହାଟ କରିବାକୁ କହିଥିଲେ। ସମଦୂରତା ଗାଇଡ ଲାଇନ ଅନୁଯାୟୀ ଗ୍ରାହକ ଏବଂ ଦୋକାନୀଙ୍କୁ ବ୍ୟବସାୟ କରିବାକୁ ସରପଞ୍ଚ କହିଥିଲେ। ଏଭଳି ହେବା ଦ୍ୱାରା ସହରରୁ ପରିବା ବ୍ୟବସାୟୀ ସଂକ୍ରମଣଠାରୁ ଦୂରେଇ ରହିବା ସହ ନିରାପଦ ରହିବେ ବୋଲି ସରପଞ୍ଚ ରଥ କହିଛନ୍ତି।

## ମୋ ବସ୍ ଷ୍ଟାଣ୍ଡ ଏବେ ପରିବା ଦୋକାନ



ଭୁବନେଶ୍ୱର, ୮।୪(ବ୍ୟୁରୋ): ସାମାଜିକ ଦୂରତ୍ୱକୁ ବଜାୟ ରଖିବା ସହ ସଂକ୍ରମଣକୁ ଏଡ଼ାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଲୋକଙ୍କ ପାଇଁ ନୂଆ ବ୍ୟବସ୍ଥା କରିଛି। ଭୁବନେଶ୍ୱରର ପ୍ରାୟ ସମସ୍ତ ମୋ ବସ୍ ଷ୍ଟାଣ୍ଡକୁ ପରିବା ଦୋକାନ ଭାବେ ବ୍ୟବହାର କରାଯାଇଛି। ଭୁବନେଶ୍ୱରରେ ଥିବା ପରିବା ଦେକାନୀମାନଙ୍କୁ ବିଭିନ୍ନ ବସ୍ ଷ୍ଟାଣ୍ଡରେ ଥଇଥାନ କରିବା ସହ ସାମାଜିକ ଦୂରତ୍ୱ କିପରି ବଜାୟ ରଖି ଲୋକମାନେ ପରିବା କିଣିବେ ସେଥିପ୍ରତି ଧ୍ୟାନ ରଖିବାକୁ ବିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ମୋ ବସ୍ ଓ ଷ୍ଟାଣ୍ଡର ପରିଚାଳନା ଦାୟିତ୍ୱରେ ଥିବା କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ନିଜ ଟୁଇଟର ହ୍ୟାଣ୍ଡେଲରେ କହିଛି ଯେ, ମୋ ବସ୍ ଏବେ ଲୋକଙ୍କୁ ସେବା ଯୋଗାଇ ପାରୁନି। ଏପରି ସମୟରେ ମୋ ବସ୍ ଷ୍ଟାଣ୍ଡରୁ ଲୋକେ ପରିବା କିଣିବାର ସୁଯୋଗ ପାଉଥିବାରୁ ବେଶ୍ ଖୁସି ଅନୁଭବ କରୁଛି ବୋଲି କ୍ରୁଟ୍ କହିଛି।



ନିଜ ଅଞ୍ଚଳକୁ ଯାଇ ନ ପାରି ଅଟକି ରହିଥିବା ଲୋକେ ଓ ଆଉକିଛି ଅସହାୟ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡରେ ଆଶ୍ରୟ ନେଇଛନ୍ତି।




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ରିଲାଏନ୍ସ ମଲ୍‌ରୁ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଲୋକେ ଲମ୍ବା ଧାଡ଼ିରେ ଅପେକ୍ଷା କରି ରହିଛନ୍ତି।



ଲକ୍‌ଡାଉନ୍ ଯୋଗୁ ଭୁବନେଶ୍ୱର ରାସ୍ତାକଡ଼ରେ ଆଶ୍ରୟ ନେଇଥିବା ଲୋକେ ବୁଧବାର ଖରାବେଳେ ଫୁଟ୍‌ପାଥ ଗଛମୂଳେ ବିଶ୍ରାମ ନେଉଛନ୍ତି।



ଲୋକେ ବଜାରରୁ ପରିବା କିଣି ମୁଣ୍ଡ ଓ ସାଇକେଲରେ ଧରି ଭୁବନେଶ୍ୱର ରାଜମହଲ ଓଭରବ୍ରିଜ ପାର୍ଶ୍ୱ ଦେଇ ଘରକୁ ଫେରୁଛନ୍ତି।



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସତ୍ୟନଗରକୁ ଆବଦ୍ଧ ଅଞ୍ଚଳ ଘୋଷଣା କରାଯିବା ପରେ ବୁଧବାର ବାଉଁଶ ବ୍ୟାରିକେଡ ଦ୍ୱାରା ସିଲ୍ କରାଯାଇଛି।

# ଅଧକୋଟିରୁ ଉର୍ଦ୍ଧ୍ୱ ଟଙ୍କା ହରାଇଲାଣି ଶ୍ରୀମନ୍ଦିର

ପୁରୀ ଅଫିସ,୮।୪

## ଭକ୍ତଙ୍କ ଦର୍ଶନ ବନ୍ଦକୁ ୨୦ ଦିନ ପୂରିଲା



## ହୁଣ୍ଡିରୁ ମିଳୁନି ଟଙ୍କା, ଅଳଙ୍କାର

ବିଶ୍ୱ ମହାମାରୀ କରୋନାକୁ ନେଇ ଏବେ ସବୁଆଡେ ଆତଙ୍କ। ସମଗ୍ର ବିଶ୍ୱ ଏବେ କରୋନା ସହିତ ଲଢ଼େଇ କରୁଛି। ଭାରତ ବି ଏଦିଗରେ ପ୍ରାଣମୂର୍ଚ୍ଛା ଚେଷ୍ଟା ଚଳାଇଛି। ଭାରତରେ ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ବଢୁଥିବାବେଳେ ଏବେ ସାରା ଦେଶ ୨୧ଦିନିଆ ଲକ୍‌ଡାଉନ ମଧ୍ୟରେ ରହିଛି। ଏହିକ୍ରମରେ ଗତମାସ ୨୦ ତାରିଖରୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। ଯାହାର ସିଧାସଳଖ ପ୍ରଭାବ ପଡ଼ିଛି ବଡ଼ଦେଉଳ ହୁଣ୍ଡିରେ। ଇତିମଧ୍ୟରେ ଭକ୍ତଙ୍କ ଦର୍ଶନ ବନ୍ଦକୁ ୨୦ଦିନ ବିତିଥିବା ବେଳେ ଏହି ସମୟ ମଧ୍ୟରେ ପ୍ରାୟ ଅଧକୋଟିରୁ ଅଧିକ ଟଙ୍କା ହରାଇଛି ଶ୍ରୀମନ୍ଦିର ହୁଣ୍ଡି। ଲକ୍‌ଡାଉନ୍ କେବେ ଉଠିବ ତାକୁ ନେଇ ଅନିଶ୍ଚିତତା ଦେଖାଦେଇଥିବାବେଳେ ଶ୍ରୀମନ୍ଦିର ଏକ ସିଂହଭାଗ ଅର୍ଥ ହରାଇଥିବା ଆଲୋଚନା ହେଉଛି।

କରୋନା ସଂକ୍ରମଣରୁ ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ଦେବା ପାଇଁ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନକୁ ବନ୍ଦ ରଖାଯାଇଛି। କେବଳ ସେବାୟତମାନେ ମନ୍ଦିରକୁ ଯାଇ ଠାକୁରଙ୍କ ନୀତିକାନ୍ତି କରୁଛନ୍ତି। ଗତମାସ ୧୬ତାରିଖଠାରୁ କେତେକ କଟକଣା ଜାରି କରାଯାଇଥିଲା। ଯେପରିକି ଶ୍ରଦ୍ଧାଳୁ ମାସ୍କ ପିନ୍ଧିବେ। ପ୍ରବେଶ ପୂର୍ବରୁ ଏକ ଫର୍ମରେ ନିଜ ସମ୍ପର୍କରେ ତଥ୍ୟ ଦେବେ। ହାତକୁ ଭଲ ଭାବେ ସଫା କରିବେ। ଏଥିସହ ଗରୁଡ଼ ସ୍ତମ୍ଭ କିମ୍ବା ଅରୁଣ ସ୍ତମ୍ଭକୁ ଯେପରି ଛୁଇଁବେ ନାହିଁ ଏମିତି ଏକାଧିକ କଟକଣା ଜାରି କରାଯାଇଥିଲା। କିନ୍ତୁ ଏହି କଟକଣା କାର୍ଯ୍ୟକ୍ଷମ କରାଇବାରେ ସମସ୍ୟା ହେବାରୁ ଗତମାସ ୨୦ତାରିଖରୁ ଭକ୍ତଙ୍କ ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ କରିଥିଲା ଜିଲା ପ୍ରଶାସନ। ପ୍ରଥମେ ଏପ୍ରିଲ ୧ ଏବଂ ପରେ ଏହି କଟକଣାକୁ ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସାଧାରଣ ଦର୍ଶନ ବନ୍ଦ ଥିବାରୁ ହୁଣ୍ଡିର ଆଉ ପୂର୍ବପରି ଦାନଅର୍ଥ ବାହାରୁ ନାହିଁ। ଫଳରେ ଶ୍ରୀମନ୍ଦିର ପ୍ରାୟ ଅଧକୋଟିରୁ ଅଧିକ ଟଙ୍କା ହରାଇଲାଣି ବୋଲି ଆଲୋଚନା ହେଉଛି। କାଁ ଭାଁ ଭକ୍ତ ସିଂହଦ୍ୱାରକୁ ବୁଲି ଆସୁଥିବାବେଳେ ହୁଣ୍ଡିରୁ ସମୁଦ୍ରକୁ ଶଙ୍ଖେ ଭଳି ଅର୍ଥ ବାହାରୁଛି।

ଶ୍ରୀମନ୍ଦିରକୁ ସାଧାରଣ ଦିନରେ ପ୍ରାୟ ୫୦ରୁ ୬୦ ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ତେଣୁ ପ୍ରତିଦିନ ହୁଣ୍ଡିରୁ ପ୍ରାୟ ଅଢେଇରୁ ତିନିଲକ୍ଷ ପର୍ଯ୍ୟନ୍ତ ଟଙ୍କା ବାହାରିଥାଏ। ଏହାବାଦ୍ ଛୁଟିଦିନ କିମ୍ବା ଅନ୍ୟାନ୍ୟ ପର୍ବପର୍ବାଣି ଦିନରେ ଭକ୍ତଙ୍କ ସଂଖ୍ୟା ଲକ୍ଷେ ଟପୁଥିବାବେଳେ ହୁଣ୍ଡି ଟଙ୍କା ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ୍ୱ ବାହାରିଥାଏ। ଗତମାସ ୨୦ରୁ ଚଳିତମାସ ୮ ତାରିଖ ପର୍ଯ୍ୟନ୍ତ ଏହି ୨୦ ଦିନରେ ଯଦି ପୂର୍ବଭଳି ଦୈନିକ ୨.୫ଲକ୍ଷ ଟଙ୍କା ହିସାବକୁ ନିଆଯାଏ ତେବେ ଶ୍ରୀମନ୍ଦିର ପ୍ରାୟ ହୁଣ୍ଡିରୁ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମିଳିବା କଥା। ହେଲେ ଇତିମଧ୍ୟରେ ହୁଣ୍ଡି ଅର୍ଥକୁ ମିଶାଇଲେ ଲକ୍ଷେ ଟଙ୍କା ବି ମିଳିପାରି ନାହିଁ। କେବଳ ଗତମାସ ୨୦ ତାରିଖ ଅର୍ଥାତ ଦର୍ଶନ ବନ୍ଦର ପ୍ରଥମ ଦିନ ସର୍ବାଧିକ ୨୩,୨୧୪ ଟଙ୍କା ବାହାରିଥିଲା। କାରଣ ପ୍ରତିଦିନ ସନ୍ଧ୍ୟା ପୂର୍ବରୁ ହୁଣ୍ଡି ଗଣତି ହେଉଥିବାରୁ ୧୯ ତାରିଖ ସନ୍ଧ୍ୟା ପରଠାରୁ ରାତ୍ର ପର୍ଯ୍ୟନ୍ତ ଟଙ୍କା ହିଁ ୨୦ ତାରିଖ ହୁଣ୍ଡି ଗଣତିରେ ସାମିଲ ଥିଲା। ସେହିପରି ଏହି ୨୦ ଦିନ ମଧ୍ୟରେ ବୁଧବାର ସର୍ବନିମ୍ନ ୨୮୪ଟଙ୍କା ବାହାରିଛି।

ସୂଚନାଥାଉ କି, ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ହୁଣ୍ଡିରେ ଟଙ୍କା, ସୁନା, ରୂପା ଇତ୍ୟାଦି ପକାଇଥାନ୍ତି। କେହି କେହି ମାନସିକ କରି ବିଭିନ୍ନ ପ୍ରକାର ବସ୍ତ୍ର ମଧ୍ୟ ପକାଇଥାନ୍ତି। ଏହି ଦାନ ଅର୍ଥ ଏବଂ ସୁନା, ଅଳଙ୍କାର ଆଦି ପ୍ରତିଦିନ ସନ୍ଧ୍ୟାରେ ଗଣତି କରାଯାଇଥାଏ। ଶ୍ରୀମନ୍ଦିର ବେଢ଼ା ପରିସର ଶାଖା କାର୍ଯ୍ୟାଳୟରେ ଏହା ଗଣତି ହୁଏ। ପ୍ରତିଦିନ ହୁଣ୍ଡିରୁ କେତେ ଟଙ୍କା ମିଳେ ତାହାକୁ ଶ୍ରୀମନ୍ଦିର ପ୍ରଶାସନ ସର୍ବସାଧାରଣରେ ଅବଗତ କରାଇଥାଏ। ତେବେ ଗତ ୨୦ତାରିଖଠାରୁ ଭକ୍ତଙ୍କ ଦର୍ଶନ ବନ୍ଦ ଥିଲେ ମଧ୍ୟ ହୁଣ୍ଡିରୁ କିପରି ଦାନ ଅର୍ଥ ବାହାରୁଛି ତାକୁ ନେଇ ଅନେକଙ୍କ ମନରେ ଦ୍ୱନ୍ଦ୍ୱ ରହିଛି। ତେବେ ଏସମ୍ପର୍କରେ ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ଭକ୍ତଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଉ ନାହିଁ। ମାତ୍ର ଅନେକ ଶ୍ରଦ୍ଧାଳୁ ଅଛନ୍ତି ଯେଉଁମାନେ ପ୍ରତ୍ୟହ ଦର୍ଶନ ପାଇଁ ଆସୁଛନ୍ତି। ସେମାନେ ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନଙ୍କୁ ଦର୍ଶନ କରିବା ସହ ପତିତପାବନ ବାନାକୁ ମୁଣ୍ଡିଆ ମାରି ଫେରୁଛନ୍ତି। ଏହି ଭକ୍ତମାନଙ୍କ ମଧ୍ୟରୁ ଅନେକ ମହାପ୍ରଭୁଙ୍କୁ ଦାନ ଦେବାକୁ ଚାହିଁଥାନ୍ତି। ହେଲେ ଭିତରକୁ ଯାଇପାରୁ ନ ଥିବାବେଳେ ସେମାନେ ସେବାୟତ, ଶ୍ରୀମନ୍ଦିର କର୍ମଚାରୀ, ପୋଲିସଙ୍କୁ ଦାନ ଅର୍ଥ ଦେଇ ହୁଣ୍ଡିରେ ପକାଇ ଦେବାକୁ କହିଥାନ୍ତି। ତେଣୁ ଏହିପରି ଭାବେ ପ୍ରତ୍ୟହ ହୁଣ୍ଡିରୁ ଯାହା କିଛି ଦାନ ଅର୍ଥ ବାହାରୁଛି।

## ପଦଚାଳିତ ହାତସଫା ମେଶିନ୍ ରଖିବ ସ୍ୱଚ୍ଛ



**ଜଟଣୀ,୮।୪(ଡି.ଏନ.ଏ):** କୋଭିଡ-୧୯ ମୁକାବିଲା ଓ ରେଳ କର୍ମଚାରୀଙ୍କୁ ଏହି ଭୂତାଣୁ ସଂକ୍ରମଣରୁ ମୁକ୍ତ ରଖିବା ପାଇଁ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏହି ଡିଭିଜନ ଅନ୍ତର୍ଗତ ଅନୁଗୋଳ ଲୋକୋଶେଡ୍‌ରେ ନିଜସ୍ୱ ସାଧନରେ ପଦଚାଳିତ ହାତସଫା ମେଶିନ୍ ଉତ୍ପାଦନ କରିବା ସକ୍ଷମ ହୋଇପାରିଛି। ଏହାଦ୍ୱାରା ଟ୍ୟାପ୍‌ରେ ହାତ ନ ଲଗାଇ ଲିକ୍ୟୁଇଡ୍ ସାନିଟାଇଜରରେ ହାତସଫା କରିବା ସହିତ ସଂକ୍ରମଣ ଭୟ ରହିବ ନାହିଁ । କର୍ମଚାରୀଙ୍କ ବ୍ୟବହାର ପାଇଁ ଡିଭିଜନର ଭୁବନେଶ୍ୱର ଓ ପୁରୀ କୋଚିଂ ଡିପୋରେ ଏଯାବତ୍ ୭୦୦ ମାସ୍କ ସହ ଅନୁଗୋଳରେ ୫୦ ଲିଟର ସାନିଟାଇଜର ପ୍ରସ୍ତୁତ କରାଯାଇଛି। ନିୟମିତ ଭାବେ ରେଳ ଇଞ୍ଜିନ, ବିଭିନ୍ନ ଉପକରଣ, କାର୍ଯ୍ୟାଳୟ, ଷ୍ଟେଶନ ବିଲ୍ଡିଂଗୁଡ଼ିକୁ ବିଶୋଧନ କରାଯାଉଛି। ଏହାଛଡ଼ା ମାଲବାହୀ ଟ୍ରେନ୍ ମାଧ୍ୟମରେ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ ନିରବଚ୍ଛିନ୍ନ ଭାବେ ପରିବହନ ଜାରି ରହିଛି । ୧୧୮ଟି କୋଚ୍‌କୁ ଆଇସୋଲେଶନ୍ ସୁବିଧା ଲକ୍ଷ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି। ଜରୁରୀ ପରିସ୍ଥିତିରେ ବ୍ୟବହାର ପାଇଁ ପୁରୀ ଓ ଭୁବନେଶ୍ୱର କୋଚିଂ ଡିପୋ ଦ୍ୱାରା ୩୦ଟି ଅଲ୍‌ଟ୍ରାଭେନସ ଷ୍ଟାଣ୍ଡ ପ୍ରସ୍ତୁତ କରାଯାଇଛି। ଜଟଣୀସ୍ଥିତ ରେଲୱେ ମେଡିକାଲରେ ସମସ୍ତ ସୁବିଧା ଉପଲବ୍ଧ ଥାଇ ୮୦ ଶଯ୍ୟା ବିଶିଷ୍ଟ ଆଇସୋଲେଶନ୍ ୱାର୍ଡ କାର୍ଯ୍ୟ ଜାରି ରହିଛି।

## କରୋନା ଭୟ ଆଣିଛି ଆନ୍ଧ୍ର ଟ୍ରକ

**କୃଷ୍ଣପ୍ରସାଦ, ୮।୪.(ଡି.ଏନ.ଏ.):** ଓଡ଼ିଶାରେ ବେଳକୁ ବେଳ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ବ୍ୟବସାୟୀମାନେ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳକୁ ଆସି ଚାଷୀମାନଙ୍କଠାରୁ ଚିନାବାଦାମ ଖରିଦ କରିନେଉଛନ୍ତି। ପ୍ରତିଦିନ ଉକ୍ତ ବ୍ଲକକୁ ୮ରୁ ୧୦ଟି ଗାଡ଼ି ଆସୁଛି। ଚାଷୀ ଚିନାବାଦାମ ଅମଳ କରି ଘରେ ରଖିଥିବା ବେଳେ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ମଣ୍ଡି ଖୋଲାଯାଇନାହିଁ। କରୋନା ସୁରକ୍ଷାରେ ସରକାରଙ୍କ ନଜର ବାହାରେ ରହିଛନ୍ତି ଏହି ଚିନାବାଦାମ ଚାଷୀ। କାମଧନ୍ଦା ଛାଡ଼ି ଲକଡାଉନ ସମୟରେ ଚିନାବାଦାମ ବିକ୍ରି ସେମାନଙ୍କୁ କିଛି ରୋଜଗାର ଦେଇପାରୁଛି। ଏଭଳି ସ୍ଥଳେ ଆନ୍ଧ୍ରପ୍ରଦେଶରୁ ଆସୁଥିବା ବ୍ୟବସାୟୀ ଓ ଟ୍ରକ ଡ୍ରାଇଭରମାନଙ୍କ ଦ୍ୱାରା କରୋନା ଭାଇରସ ଆସିଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

## ୩,୩୮,୪୦୭ ପରିବାରକୁ ଦିଆଯାଇଛି ୩ ମାସର ଚାଉଳ

**ପୁରୀ ଅଫିସ,୮।୪:** ଲକ୍‌ଡାଉନ ଯୋଗୁ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଲୋକେ ଘରୁ ନ ବାହାରିବା ଲାଗି ପରାମର୍ଶ ଦିଆଯାଇଛି। ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସେମାନଙ୍କ ଘର ନିକଟରେ ସେବା ପ୍ରଦାନ କରାଯାଉଛି । ପୁରୀ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଏହାକୁ ପ୍ରାଥମିକତା ଦିଆଯାଇଛି। ବୁଧବାର ସୁଦ୍ଧା ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ୩,୩୮,୪୦୭ ପରିବାରକୁ ୩ ମାସର ଚାଉଳ, ୨,୪୫,୮୬୭ ପରିବାରକୁ ପ୍ରତ୍ୟେକ ୧ହଜାର ଟଙ୍କା ଏବଂ ୧୧,୦୫୦ ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପ୍ରତ୍ୟେକ ଦେଢ଼ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କରୋନା ମୁକାବିଲା ନିମନ୍ତେ ଜିଲାର ୨୭୧ଟି ବିଦ୍ୟାଳୟ ଏବଂ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ଗୁରୁବାର ସକାଳ ୭ଟାରୁ ବାହାରକୁ ବାହାରିଲେ ମାସ୍କ, ରୁମାଲ, ଗାମୁଛା ଆଦିରେ ମୁହଁ ଘୋଡ଼ାଇ ରଖିବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

**ଜଟଣୀ,୮।୪(ଡି.ଏନ.ଏ):** ଖୋର୍ଦ୍ଧାରୋଡ଼ ରେଳଷ୍ଟେଶନଠାରୁ ପ୍ରାୟ ୪ କିଲୋମିଟର ଦୂର ରଥିପୁର ଲେଭଲକ୍ରସିଂ ନିକଟରେ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ବବ୍‌ଲୁ ପାଇକରାୟ (୨୫)। ଜଟଣୀ ଥାନା ଅନ୍ତର୍ଗତ ରଥିପୁର ଗ୍ରାମରେ ତାଙ୍କ ଘର। ମଙ୍ଗଳବାର ସନ୍ଧ୍ୟାରୁ ଘରୁ ବାହାରି ଆଉ ସେ ଫେରି ନ ଥିଲେ । ବୁଧବାର ସକାଳେ ଗ୍ରାମର କିଛି ଦୂରରେ ଥିବା ଲେଭଲ କ୍ରସିଂ ରେଳ ଧାରଣାରେ ତାଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଜାରି ରଖିଛି।

# ରିଲିଫ ପାଣ୍ଠିକୁ ପୁରୀ-ନିମାପଡ଼ା ସମବାୟ ବ୍ୟାଙ୍କ ଦେଲା ୫ ଲକ୍ଷ

ପୁରୀ ଅଫିସ,୮।୪

ବିଶ୍ୱ ମହାମାରୀ କରୋନା ଭୂତାଣୁ ସଂକ୍ରମଣକୁ କିପରି ରୋକାଯାଇପାରିବ ସେଥିପାଇଁ ସମଗ୍ର ଦେଶରେ ୨୧ଦିନିଆ ଲକ୍‌ଡାଉନ ଚାଲିଛି। ବୁଧବାର ଲକ୍‌ଡାଉନକୁ ୧୫ଦିନ ବିତିଯାଇଛି। ଲକ୍‌ଡାଉନ ଯୋଗୁ ଦେଶର ଅର୍ଥନୀତି ଉପରେ ଏହାର ବିଶେଷ ପ୍ରଭାବ ପଡ଼ିଛି। ତେଣୁ ଏଭଳି ସମୟରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତାର ହାତ ବଢ଼ିଛି। ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥରାଶି ପ୍ରଦାନ କରୁଛନ୍ତି। ବୁଧବାର ପୁରୀ ଜିଲା ପ୍ରଶାସନ ମାଧ୍ୟମରେ ୟୁନାଇଟେଡ ପୁରୀ-ନିମାପଡ଼ା ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ୫ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛି। ବ୍ୟାଙ୍କ ସଭାପତି ସତ୍ୟବାଦୀ ମହାପାତ୍ର, ସମ୍ପାଦକ ଅମୂଲ୍ୟାନନ୍ଦ ମହାନ୍ତି, ଏଷ୍ଟାବ୍ଲିଶମେଣ୍ଟ ଅଫିସର ବୀରେନ୍ଦ୍ର ମହାନ୍ତି ଏହି ଚେକ୍ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପ୍ରଦାନ କରିଛନ୍ତି। ସେହିପରି ଗୋପ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀମାନେ ୫୧ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳକଣ୍ଠ ମିଶ୍ର ଏବଂ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅପରାଜିତା ପାଢ଼ୀ ଏଡିଏମ୍‌ଓଙ୍କୁ ଏହି ଅର୍ଥ ପ୍ରଦାନ କରିଥିଲେ। ପୁରୀ ଜିଲା ଧାନକଳ ମାଲିକ ସଂଘର ୧୬ଜଣ ସଦସ୍ୟ ୩.୨୩ଲକ୍ଷ ଟଙ୍କା ଦାନ କରିଛନ୍ତି। ସେହିପରି ସତ୍ୟନଗର ଉନ୍ନୟନ କମିଟି ୨୧ହଜାର ଏବଂ ଆନନ୍ଦ କୁମାର ମହାପାତ୍ର ୫ହଜାର ଟଙ୍କାର ଚେକ୍ ମଧ୍ୟ ପ୍ରଦାନ କରିଛନ୍ତି। ଏପର୍ଯ୍ୟନ୍ତ ଜିଲା ପ୍ରଶାସନ ମାଧ୍ୟମରେ ୧୬,୦୩,୨୮୪ଟଙ୍କା ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

# କଟକଣାକୁ ଫୁଁ, ବ୍ୟାଙ୍କ ଆଗରେ ଲୋକଙ୍କ ଭିଡ଼



ବ୍ୟାଙ୍କ୍ ସାମ୍ନାରେ ଲୋକଙ୍କ ଭିଡ଼।

ନିରାକାରପୁର,୮।୪(ଡି.ଏନ୍.ଏ.)

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ବିଶେଷ କରି ସାମାଜିକ ଦୂରତା ରକ୍ଷା କରିବାକୁ ଲୋକଙ୍କୁ ନିବେଦନ କରୁଛନ୍ତି। କିନ୍ତୁ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳର ଅଧିକାଂଶ ଲୋକ ଏହାକୁ ପାଳନ କରୁନାହାନ୍ତି। ବୁଧବାର ଏଠାରେ ଏକ ବ୍ୟାଙ୍କ ସାମ୍ନାରେ ଲୋକଙ୍କ ଗହଳି ଦେଖିବା ପରେ ଏହା ସ୍ପଷ୍ଟ ହୋଇଯାଇଥିଲା। ବ୍ୟାଙ୍କ ଖୋଲିବା କ୍ଷଣି ଶତାଧିକ ଲୋକ ସାମାଜିକ ଦୂରତା ରକ୍ଷା ନ କରି ବ୍ୟାଙ୍କ ଭିତରକୁ ପଶୁଥିବା ଦେଖାଯାଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଉକ୍ତ ସ୍ଥାନରେ ପହଞ୍ଚିଥିଲେ ମଧ୍ୟ ଲୋକଙ୍କ ଭିଡ଼ କମି ନ ଥିଲା।

# ନରେନ୍ଦ୍ରରୁ କଢ଼ାଗଲା ୫ ଡଙ୍ଗା

ପୁରୀ ଅଫିସ,୮।୪




ନରେନ୍ଦ୍ର ପୁଷ୍କରିଣୀରୁ ଡଙ୍ଗା କଢ଼ାଯାଉଛି।

ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ବାହାର ଚନ୍ଦନ ଯାତ୍ରାରେ ମହାପ୍ରଭୁ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବେ। ତେଣୁ ଠାକୁରଙ୍କ ନନ୍ଦା ଓ ଭଦ୍ରା ଚାପ ନିର୍ମାଣ ନିମନ୍ତେ ଆରମ୍ଭ ହୋଇଛି ପ୍ରସ୍ତୁତି। ପରମ୍ପରା ମୁତାବକ, ଚୈତ୍ର ପୂର୍ଣ୍ଣିମାରେ ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ବୁଡ଼ାଯାଇଥିବା ୫ ଡଙ୍ଗା (୨ଟି ଲେଖାଏ ଡଙ୍ଗାକୁ ଯୋଡ଼ି ନନ୍ଦା ଓ ଭଦ୍ରା ଚାପ ଏବଂ ଅନ୍ୟଟି ବୈଜୟନ୍ତୀ)କୁ ଶ୍ରୀମନ୍ଦିରର ଭୋଇ ସେବକମାନେ ବୁଧବାର ଉପରକୁ କାଢ଼ିଛନ୍ତି। ୩୦ଜଣ ଭୋଇ ସେବକ ୯ ଘଣ୍ଟାରୁ ଉର୍ଦ୍ଧ୍ୱ ପରିଶ୍ରମ କରି ଡଙ୍ଗାଗୁଡ଼ିକୁ ପାଣି ଭିତରୁ ବାହାର କରିଛନ୍ତି।

ଏସମ୍ପର୍କରେ ଭୋଇ ସର୍ଦ୍ଦାର ରବି ଭୋଇ କୁହନ୍ତି, ଚନ୍ଦନ ଯାତ୍ରା ଶେଷ ହେବା ପରେ ଚାପ ୨ଟିକୁ ଖୋଲାଯାଏ। ଚନ୍ଦନ ଯାତ୍ରାରେ ସାମିଲ ୫ଟି ଡଙ୍ଗାକୁ ନରେନ୍ଦ୍ର ପୁଷ୍କରିଣୀରେ ବର୍ଷତମାମ ବୁଡ଼ାଇ ରଖାଯାଏ। ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମା ଦିନ ଡଙ୍ଗାଗୁଡ଼ିକୁ ବାହାର କରିଥାଉ। ସେଗୁଡ଼ିକୁ ଆଣି ନରେନ୍ଦ୍ର କଡ଼ରେ ରଖାଯାଏ। ଶୁଖିବା ପରେ ସେଥିରେ ଆବଶ୍ୟକ ମରାମତି ସହ ରଙ୍ଗ ଦିଆଯାଏ। ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ଚନ୍ଦନ ଯାତ୍ରାର ୪ଦିନ ପୂର୍ବରୁ ଚାପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ। ବିଶ୍ୱକର୍ମାମାନେ ଚାପ ନିର୍ମାଣ କରନ୍ତି। ଦୁଇଟି ଡଙ୍ଗାକୁ ନେଇ ଗୋଟିଏ ଗୋଟିଏ ଚାପ ପ୍ରସ୍ତୁତ ହୁଏ। ଦୁଇ ଚାପ ନନ୍ଦା ଓ ଭଦ୍ରା ଆଗରେ ବୈଜୟନ୍ତୀ ଡଙ୍ଗା ରହିଥାଏ। ନନ୍ଦା ଚାପରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଅବସ୍ଥାନ କରନ୍ତି ଏବଂ ଭଦ୍ରା ଚାପରେ ରାମକୃଷ୍ଣ ଏବଂ ପଞ୍ଚ ମହାଦେବ ବିଜେ କରି ଚାପ ଖେଳିଥାନ୍ତି। ବୈଜୟନ୍ତୀରେ ତେଲିଙ୍ଗି ବାଜା ବଜାଯାଏ।

# ହଇରାଣ ହେଉଛନ୍ତି ୨ହଜାର ମତ୍ସ୍ୟଜୀବୀ ପରିବାର

ପୁରୀ ଅଫିସ,୮।୪

ପୁରୀ ପେଣ୍ଠକଟା ଅଞ୍ଚଳରେ ପ୍ରାୟ ୧୦ ହଜାରରୁ ଅଧିକ ମତ୍ସ୍ୟଜୀବୀ ପରିବାର ରହୁଛନ୍ତି । ଯେଉଁମାନଙ୍କର ମୁଖ୍ୟ ବେଉସା ହେଉଛି ମାଛ ମାରିବା । ସମୁଦ୍ରରୁ ମାଛ ମାରି ଏହାକୁ ବିକ୍ରି କଲେ ସେମାନଙ୍କ ପରିବାର ଚଳେ। ହେଲେ ବର୍ତ୍ତମାନ ଲକ୍‌ଡାଉନ ଯୋଗୁ ମାଛ ବିକ୍ରି ହେଉ ନ ଥିବାରୁ ପ୍ରାୟ ମତ୍ସ୍ୟଜୀବୀ ମାଛ ଧରିବାକୁ ଯାଉନାହାନ୍ତି। ଫଳରେ ସେମାନଙ୍କ ଜୀବନ ଜୀବିକା ଏବେ ଦୁର୍ବିସହ ହୋଇପଡିଛି। ସରକାରଙ୍କ ପକ୍ଷରୁ ଯେଉଁମାନଙ୍କ ରାଶନ କାର୍ଡ ରହିଛି ସେମାନଙ୍କୁ ପିଡିଏସ୍ ସାମଗ୍ରୀ ଏବଂ ଅନ୍ୟାନ୍ୟ ସହାୟତା ମିଳୁଛି । ମାତ୍ର ଯେଉଁମାନଙ୍କର କାର୍ଡ ନାହିଁ ସେମାନଙ୍କୁ କୌଣସି ସହାୟତା ମିଳୁନାହିଁ। ଏହିପରି ପେଣ୍ଠକଟାର ପ୍ରାୟ ୨ ହଜାର ମତ୍ସ୍ୟଜୀବୀ ପରିବାର ହଇରାଣ ହେଉଛନ୍ତି । ତେଣୁ ବର୍ତ୍ତମାନ ଲକ୍‌ଡାଉନ ସମୟରେ ରାଶନ କାର୍ଡ ନୁହେଁ, ଆଧାର କାର୍ଡ ଦେଖି ସରକାରୀ ସହାୟତା ଦିଆଯାଉ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି।

# ୱାର୍ଡସ୍ତରରେ ଗଠନ ହେବ ଆର୍‌ଆର୍‌ଟି

ଖୋର୍ଦ୍ଧା ଅଫିସ, ୮।୪

ରାଜ୍ୟରେ କରୋନା ଭୂତାଣୁ ସଂକ୍ରମଣ ସଂଖ୍ୟା ବଢିବାରେ ଲାଗିଛି। ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସଂକ୍ରମଣ ନିୟନ୍ତ୍ରଣ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। କାର୍ଯ୍ୟକୁ ଜୋରଦାର କରିବା ଲାଗି ପ୍ରତି ପଞ୍ଚାୟତ ଏବଂ ୱାର୍ଡ ସ୍ତରରେ 'ରାପିଡ୍ ରେସ୍ପନ୍ସ ଟିମ୍' (ଆର୍‌ଆର୍‌ଟି) ଗଠନ କରାଯିବ ବୋଲି ଜିଲାପାଳ ଶୀତାଂଶୁ କୁମାର ରାଉତ କହିଛନ୍ତି। ଏଥିସହିତ ଏନ୍‌ଏସ୍‌ଏସ୍, ଏନ୍‌ସିସି, ଭାରତ ସ୍କାଉଟ ଆଣ୍ଡ ଗାଇଡ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଜୁ ଯୁବ ବାହିନୀ ପ୍ରଭୃତି ଅନୁଷ୍ଠାନଙ୍କୁ ଏଥିରେ ସାମିଲ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ଲାଗି ଖୋର୍ଦ୍ଧା ଉପଜିଲାପାଳ ଏବଂ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍ ସଦସ୍ୟଙ୍କୁ ନେଇ ହ୍ୱାଟସ୍ ଆପ ଗ୍ରୁପ କରାଯିବ । ଏହି ଟିମ୍ ନିଜ ଅଞ୍ଚଳର ସମସ୍ତ ଖବର ଉପରେ ନଜର ରଖିବେ। ପ୍ରତି ସମୟର ଟିକିନିଖି ଡାଟା ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବେ। ପଞ୍ଚାୟତ ସ୍ତରରୁ ଆସୁଥିବା ଖବରକୁ ଉପଜିଲାପାଳଙ୍କ ସମେତ ବ୍ଲକ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯାଞ୍ଚ କରି ବିହୀତ ପଦକ୍ଷେପ ଗ୍ରହଣ କରିବେ। ଜିଲାପାଳ ରାଉତ କହିଛନ୍ତି ଯେ, ଏହି ଟିମ ବିଦେଶ, ବାହାର ରାଜ୍ୟ ଫେରନ୍ତା ବ୍ୟକ୍ତିଙ୍କ ଉପରେ ଉପରେ ନଜର ରଖିବେ। ହୋମ କ୍ୱାରାଣ୍ଟାଇନରେ ଥିବା ପରିବାର, ବ୍ୟକ୍ତିଙ୍କ ସହ ନିୟମିତ ଯୋଗାଯୋଗ, ଦାଦନ ଶ୍ରମିକ, ଗରିବ, ଅସହାୟଙ୍କ ତାଲିକା ପ୍ରସ୍ତୁତି ସହ ନିଜ ଅଞ୍ଚଳର ସାନିଟାଇଜ, ସ୍ୱଚ୍ଛତା, ପରିମଳ ଉପରେ ଦୃଷ୍ଟି ଦେବେ। ଦୀର୍ଘ ଦିନ ଧରି ଥଣ୍ଡା କାଶ ଜ୍ୱରରେ ପୀଡ଼ିତଙ୍କ ସମ୍ପର୍କରେ ଖବର ସଂଗ୍ରହ କରି ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବା ସହ ଆବଶ୍ୟକ ପଦକ୍ଷେପ ନେବେ।

# ବାଇପାସ୍ ରାସ୍ତାରେ ହୋଲ୍‌ସେଲ ପରିବା ମାର୍କେଟ

ପୁରୀ ଅଫିସ,୮।୪

## ବସିବେ ୨୫ ବ୍ୟବସାୟୀ, କିଣିବେ ରିଟେଲର



ଜିଲାପାଳ ଓ ଏସ୍‌ପି ପରିବା ହାଟ ପାଇଁ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ପୁରୀ ଜିଲାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଅଧିକ ସତର୍କ ହୋଇଯାଇଛି ଜିଲା ପ୍ରଶାସନ। ଆଗକୁ ଯେପରି ଏହି ସଂଖ୍ୟା ବୃଦ୍ଧି ନ ଘଟେ ସେଥିଲାଗି ପ୍ରଶାସନିକ ଅଧିକାରୀ ପ୍ରଚେଷ୍ଟା ଜାରି ରଖିଛନ୍ତି। ତେବେ ସାମାଜିକ ଦୂରତାକୁ ରକ୍ଷା କରିବା ଏବଂ ଯଥା ସମ୍ଭବ ଘରେ ରହିବା ଲାଗି ଜିଲାବାସୀଙ୍କୁ ପରାମର୍ଶ ଦିଆଯାଉଛି । ଜନସାଧାରଣଙ୍କ ସୁବିଧା ପାଇଁ ମଙ୍ଗଳାଘାଟ-ଷ୍ଟର୍ଲିଂ ବାଇପାସ୍ ରାସ୍ତାରେ ହୋଲ୍‌ସେଲ ପରିବା ମାର୍କେଟ ବସିବା ଲାଗି ବୁଧବାର ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ମଙ୍ଗଳାଘାଟଠାରୁ ଷ୍ଟର୍ଲିଂ ପଟକୁ ଗୋଟିଏ ପାର୍ଶ୍ୱ ରାସ୍ତାରେ ଆସନ୍ତା ଶୁକ୍ରବାରଠାରୁ ହୋଲ୍‌ସେଲ ପରିବା ମାର୍କେଟ ବସିବ ବୋଲି ସ୍ଥିର କରାଯାଇଛି। ବୁଧବାର ଜିଲାପାଳ ବଳୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଉପଜିଲାପାଳ ଭବତାରଣ ସାହୁ,ପୌର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଏହି ସ୍ଥାନ ବୁଲି ଦେଖିଛନ୍ତି ।

ବ୍ୟବସାୟୀ ଏବଂ ଗ୍ରାହକ ସାମାଜିକ ଦୂରତାକୁ ନ ମାନିବାରୁ ବଡ଼ଶଙ୍ଖ, ମାର୍କେଟ ଛକ ଏବଂ ଲକ୍ଷ୍ମୀ ବଜାର ପରିବା ମାର୍କେଟକୁ ଆସନ୍ତା ୧୪ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବନ୍ଦ ରଖିଛି ପ୍ରଶାସନ। ଏହା ପରଠାରୁ ଦେବୀଗଡ଼ାରେ ପରିବା ବ୍ୟବସାୟୀ ବସୁଥିଲେ। କିନ୍ତୁ ସେଠାରେ କମ୍ ଜାଗା ଯୋଗୁ ଗହଳି ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ବୁଧବାର ପ୍ରଶାସନିକ ଅଧିକାରୀ ପରିବା ବ୍ୟବସାୟ ଲାଗି ଜାଗା ଚିହ୍ନଟରେ ବାହାରିଥିଲେ। ପ୍ରଥମେ କୃଷକ ବଜାରକୁ ଯାଇଥିଲେ। ମାତ୍ର ସେଠାରେ ୨୫ହୋଲ୍‌ସେଲ ପରିବା ବ୍ୟବସାୟୀ ସାମାଜିକ ଦୂରତା ରଖି ବସିବା ପାଇଁ ପର୍ଯ୍ୟାପ୍ତ ଜାଗା ନ ଥିବାରୁ ମଙ୍ଗଳାଘାଟ-ଷ୍ଟର୍ଲିଂ ବାଇପାସ୍‌କୁ ବୁଲି ଦେଖିଥିଲେ। ବର୍ତ୍ତମାନ ଏହି ରାସ୍ତାରେ ଗାଡି ଚଳାଚଳ କରୁନାହିଁ । ତେଣୁ ଏହି ରାସ୍ତାରେ ୨୫ଜଣ ହୋଲ୍‌ସେଲ ପରିବା ବ୍ୟବସାୟୀ ବସିବେ । ପ୍ରତ୍ୟେକ ବ୍ୟବସାୟୀଙ୍କ ମଧ୍ୟରେ ୧୦ରୁ ୧୫ ଫୁଟ ଦୂରତା ରହିବ। କେବଳ ରିଟେଲରମାନେ ଏମାନଙ୍କଠାରୁ ପରିବା କିଣିବେ। ରିଟେଲରମାନେ ବିଭିନ୍ନ ସାହିଗଳିରେ ନେଇ ପରିବା ବିକ୍ରି କରିପାରିବେ । ସେହିପରି ୧୩ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି । ସେମାନେ ମଧ୍ୟ ଏହି ହୋଲସେଲ୍ ବ୍ୟବସାୟୀଙ୍କଠାରୁ ପରିବା କିଣି ନେଇ ସହରର ବିଭିନ୍ନ ସ୍ଥାନରେ ବିକ୍ରି କରିପାରିବେ ।

**ସଂକ୍ଷେପରେ**

## ବଜ୍ରପାତରେ ନାବାଳିକାଙ୍କ ମୃତ୍ୟୁ

**କଣ୍ଟାପଡା, ୮।୪(ଡି.ଏନ୍.ଏ.):** ଓଲଟପୁର ଥାନା ଅନ୍ତର୍ଗତ ଇଛାପୁର ଗ୍ରାମରେ ବୁଧବାର ମଧାହ୍ନ ପ୍ରାୟ ସାଢ଼େ ୧୨ଟା ବେଳେ ବଜ୍ରପାତ ଘଟି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ ସୁଜିତ ବେହେରାଙ୍କ ଝିଅ ପ୍ରିୟଙ୍କା(୧୩)। ସୂଚନା ଅନୁଯାୟୀ, ପ୍ରିୟଙ୍କା କୌଣସି କାମ ପାଇଁ ଘରର ବାଡ଼ିପଟକୁ ଯାଇଥିବାବେଳେ ବଜ୍ରପାତ ହୋଇଥିଲା। ଫଳରେ ପ୍ରିୟଙ୍କା ସେଠାରେ ଟଳିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଓଲଟପୁର ପୋଲିସ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। କଣ୍ଟାପଡ଼ା ସରପଞ୍ଚ ପ୍ରୀତି ବେହେରା ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

**କଟକ ଅଫିସ,୮।୪:** ନିଗମାନନ୍ଦ ସାରସ୍ୱତ ବିଭାଗୀୟ ଆଶ୍ରମ ପକ୍ଷରୁ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଏକ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଲୋକଙ୍କ ସେବା ଉଦ୍ଦେଶ୍ୟରେ ଏହି ଅର୍ଥରାଶି ପ୍ରଦାନ କରାଯାଇଥିବା ପୁରୀ ଆଶ୍ରମର ଅଧକ୍ଷ ଡ. ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ ସୂଚନା ଦେଇଛନ୍ତି। ସେହିପରି ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ପ୍ରଫେସର ଅନନ୍ତ ଚରଣ ସାହୁ କୋଭିଡ-୧୯ ଆକ୍ରାନ୍ତଙ୍କ ଚିକିତ୍ସା ନିମନ୍ତେ କଟକ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଏକ ଲକ୍ଷ ଟଙ୍କା ଦାନ କରିଛନ୍ତି । ଜିଲାପାଳ ଭବାନୀ ଶଙ୍କର ଚୟନୀ ନିଜେ ସାହୁଙ୍କ ସେଲଟର୍ ଛକ ନେତାଜୀ ନଗର ବାସଭବନକୁ ଯାଇ ଏହି ଚେକ ସହାୟତା ରାଶି ଗ୍ରହଣ କରିଛନ୍ତି। ସେହିଭଳି ଓଡିଶା ରାଜ୍ୟ ଆଶା ସାଥୀ ସଂଘ ତରଫରୁ ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ସାହୁ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ କୋଭିଡ-୧୯ ଚିକିତ୍ସା ନିମନ୍ତେ ୧୦ହଜାର ଟଙ୍କା ଦାନ କରିଛନ୍ତି। ସେହିପରି ବନ୍ଧ ବାଶେଳୀ କ୍ଲବ ତରଫରୁ ସଭାପତି ଆଶିଷ ସାହୁ ଏବଂ ସମ୍ପାଦକ ଉପେନ୍ଦ୍ର ବେହେରା ଜିଲାପାଳଙ୍କୁ ଭେଟି ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

## ବାଇକ ଜବତ

**ଖୋର୍ଦ୍ଧା ଅଫିସ, ୮।୪:** ଲକ୍‌ଡାଉନ ନିୟମ ଉଲ୍ଲଂଘନ କରି ବାହାରେ ବୁଲୁଥିବା ଅନେକ ବାଇକ୍ ଚାଳକଙ୍କ ବାଇକ୍ ଜବତ କରିଛି ପୋଲିସ। ହାବେଳି ପଡିଆ, ପୋଷ୍ଟ ଅଫିସ ଛକ, ନୂଆବସ୍‌ଷ୍ଟାଣ୍ଡରେ ବିନା କାରଣରେ ବୁଲୁଥିବା ବାଇକ ଚାଳକଙ୍କୁ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଧରିଥିଲେ। କେଉଁ କାମରେ ବାହାରକୁ ବାହାରିଛ, କାଗଜପତ୍ର ଦେଖାଅ ବୋଲି କହିଥିଲେ। ଅନେକ ବାଇକ ଚାଳକ କାଗଜପତ୍ର ଦେଖାଇ ନ ପାରି ହଟହଟା ହୋଇଥିଲେ। ପ୍ରଶାସନ ସେମାନଙ୍କ ବାଇକକୁ ଜବତ କରିଥିଲା।

## ଭୁବନେଶ୍ୱର ଫେରନ୍ତାଙ୍କୁ ନେଇ ଗ୍ରାମବାସୀ ଚିନ୍ତାରେ

**ନିରାକାରପୁର,୮।୪(ଡି.ଏନ୍.ଏ.):** ରାଜ୍ୟରେ କରୋନା ସଂକ୍ରମଣଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିମଧରେ ଭୁବନେଶ୍ୱରର ସଂକ୍ରମିତଙ୍କ ସଂଖ୍ୟା ଅଧିକ। ଭୟରେ ଭୁବନେଶ୍ୱରରେ ଥିବା ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳର ଲୋକମାନେ ଗ୍ରାମକୁ ଫେରୁଛନ୍ତି। ହେଲେ କରୋନା ସଂକ୍ରମଣ ଭୟରେ ଗ୍ରାମବାସୀ ଚିନ୍ତିତ ହୋଇପଡିଛନ୍ତି। ସେମାନେ ଏ ସମ୍ପର୍କରେ ଆଶା, ଅଙ୍ଗନୱାଡି କର୍ମୀଙ୍କଠାରୁ ଆରମ୍ଭ କରି ଜିଲା, ବ୍ଲକ୍ ପ୍ରଶାସନ ସହ ପୋଲିସକୁ ଫୋନ୍ କରି ଜଣାଉଛନ୍ତି । ଏପରି କି ଏହାକୁ ନେଇ ଗାଁ ଲୋକଙ୍କ ମଧରେ ବିବାଦ ଦେଖାଦେଲାଣି। ପୋଲିସ ଭୁବନେଶ୍ୱର ଫେରନ୍ତାଙ୍କୁ ଡାକି ତାଗିଦ୍ କରି ଛାଡିଥିବା ସୂଚନା ଦେଇଛି ।

# କୁଜଙ୍ଗ ଓକିଲ ସଂଘ କର୍ମକର୍ତ୍ତାଙ୍କୁ ନୋଟିସ୍

### ଆର୍ଥିକ ସହାୟତା ନେଇ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ

**କଟକ ଅଫିସ୍,୮।୪**

ଆଇନ୍‌ଜୀବୀଙ୍କୁ ଆର୍ଥିକ ସହାୟତା ନେଇ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ ଅଭିଯୋଗ। ହ୍ୱାଟସ୍‌ଆପ୍‌ରେ ଏଭଳି ତଥ୍ୟ ପଠାଇ ଫସିଛନ୍ତି କୁଜଙ୍ଗ ଓକିଲ ସଂଘର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ବେହେରା ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ କୈଳାସ ଚନ୍ଦ୍ର ମହାପାତ୍ର। ଓଡ଼ିଶା ରାଜ୍ୟ ଆଇନ୍‌ଜୀବୀ ପରିଷଦ ତରଫରୁ ଏନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପରିଷଦର ସମ୍ପାଦକ ଜେ.କେ. ସାମନ୍ତସିଂହାରଙ୍କଠାରୁ ମିଳିଥିବା ସୂଚନାଅନୁଯାୟୀ, ପରିଷଦର ସ୍ୱତନ୍ତ୍ର କମିଟିର ବୈଠକ ଗତ ୧ତାରିଖରେ ଅନୁଷ୍ଠିତ ହୋଇଥିଲା। କରୋନା ଭୂତାଣୁ ସଂକ୍ରମଣରୁ ବର୍ତ୍ତିବା ପାଇଁ କୋର୍ଟଗୁଡ଼ିକ ବନ୍ଦ ରହିଛି। ଫଳରେ ଆଇନ୍‌ଜୀବୀମାନେ ଆର୍ଥିକ କ୍ଷତି ସହୁଛନ୍ତି। ଏଣୁ ଆବଶ୍ୟକ କରୁଥିବା ଆଇନ୍‌ଜୀବୀ(୧୦ବର୍ଷରୁ କମ୍)ଙ୍କୁ ଆର୍ଥିକ ସହାୟତା ପ୍ରଦାନ ନେଇ ଏହି କମିଟି ନିଷ୍ପତ୍ତି ନେଇଥିଲା। ଏଥିପାଇଁ ଆଇନ୍‌ଜୀବୀଙ୍କୁ ସମ୍ପୃକ୍ତ ଓକିଲ ସଂଘର ସଭାପତି କିମ୍ବା ସମ୍ପାଦକଙ୍କ ପାଖରେ ଆବେଦନ ଏବଂ ଯାଞ୍ଚ କରାଇବାକୁ ହେବ। ତେବେ ବର୍ତ୍ତମାନ ସୁଦ୍ଧା ପରିଷଦ ତରଫରୁ ଆର୍ଥିକ ସହାୟତା ରାଶୀ ନେଇ କୌଣସି ପ୍ରକାର ଘୋଷଣା କରାଯାଇ ନାହିଁ। କିନ୍ତୁ ପରିଷଦ ନାମରେ କେତେକ ହ୍ୱାଟ୍‌ସଆପ୍ ମେସେଜ୍ ପଠାଯାଉଥିବା ନଜରକୁ ଆସିଥିଲା, ଯେଉଁଥିରେ ଆଇନ୍‌ଜୀବୀଙ୍କୁ ୨୫ ହଜାର ଟଙ୍କାର ସହାୟତା ରାଶୀ/ଋଣ ପ୍ରଦାନ ସମ୍ପର୍କରେ ଉଲ୍ଲେଖ ରହିଥିଲା। ଏହି ମେସେଜ୍‌କୁ କୁଜଙ୍ଗ ଓକିଲ ସଂଘର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ବେହେରା ଏବଂ କାର୍ଯ୍ୟକାରୀ କମିଟିର ସଦସ୍ୟ କୈଳାସ ଚନ୍ଦ୍ର ମହାପାତ୍ର ପଠାଇଥିବା ତଥ୍ୟ ହସ୍ତଗତ ହୋଇଥିଲା। ଏକ ଅନୁବନ୍ଧିତ ଓକିଲ ସଂଘର କର୍ମକର୍ତ୍ତା ଭାବେ କର୍ତ୍ତବ୍ୟରେ ଅଧିକ ଯତ୍ନଶୀଳ ହେବା ପରିବର୍ତ୍ତେ ଏଭଳି ମେସେଜ୍ ପଠାଇ ଆଇନଜୀବୀଙ୍କୁ ବିଭ୍ରାନ୍ତ ପାଇଁ ଉଦ୍ୟମ କରାଯାଇଛି। ପରିଷଦ ନିଷ୍ପତ୍ତିର ମଧ୍ୟ ଅବମାନନା ହୋଇଛି। ଏହା ଆଡଭୋକେଟ୍ସ ଆକ୍ଟର ଧାରା ୩୫ର ଉଲ୍ଲଂଘନ। ଏଣୁ ସାଧାରଣ ସମ୍ପାଦକ ବେହେରା ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ମହାପାତ୍ରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଦୁଇ ସପ୍ତାହ ମଧରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଓଡ଼ିଶା ରାଜ୍ୟ ଆଇନ୍‌ଜୀବୀ ପରିଷଦର ସମ୍ପାଦକ ସାମନ୍ତସିଂହାର ସୂଚନା ଦେଇଛନ୍ତି ।



ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଉଥିବା ଆଶାକର୍ମୀଙ୍କୁ ପୋଲିସ ସ୍କାନିଂ କରୁଛି।

## ପଟାପୋଲରେ ଚାଲିଛି ସ୍ୱାସ୍ଥ୍ୟ ପରୀକ୍ଷା

**କଟକ ଅଫିସ୍,୮।୪**

ପଟାପୋଲ ଅଞ୍ଚଳକୁ ସିଲ୍ କରିବା ପରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଉକ୍ତ ଅଞ୍ଚଳକୁ ବିଶୋଧନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ନିୟମିତ ବିଶୋଧନ ସ୍ପ୍ରେ କରାଯାଉଛି। ସେହି ଅଞ୍ଚଳରେ ବସବାସ କରୁଥିବା ପ୍ରାୟ ୧୦ ହଜାରରୁ ଅଧିକ ଲୋକଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବିକ୍ରି କରାଯାଉଛି। ଏଥିସହିତ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ କରାଯିବା ସହ ଘରକୁ ଘର ବୁଲି ଲୋକମାନଙ୍କ ସ୍କ୍ରିନିଂ କରାଯାଉଛି। ଦୁଇଜଣ ଡାକ୍ତରଙ୍କୁ ନେଇ ଗଠିତ ଏକ ଟିମ୍ ନିୟୋଜିତ ହୋଇଛନ୍ତି। ଏତଦ୍‌ବ୍ୟତିତ ୩୬ଜଣ ଆଶାକର୍ମୀଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ସେମାନେ ଘରକୁ ଘର ବୁଲି ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି। ଆବଶ୍ୟକତା ଅନୁଯାୟୀ ମାଗଣାରେ ଔଷଧ ବଣ୍ଟନ କରାଯାଉଛି। ଯାହାଙ୍କ ପାଖରେ କରୋନା ଭୂତାଣୁ ସଂକ୍ରମଣର ଲକ୍ଷଣ ଦେଖାଦେବ, ତାଙ୍କର ସ୍ୱାବ୍ ନମୁନା ସଂଗ୍ରହ ହେଉଛି।

# ଲୋକଙ୍କୁ ମାସ୍କ ବାଣ୍ଟିଲା ପୋଲିସ

**ଖୋର୍ଦ୍ଧା ଅଫିସ,୮।୪**

ଖୋର୍ଦ୍ଧା ବ୍ଲକ ତୋଟାପଡା ଗ୍ରାମରେ ଗରିବ, ଅସହାୟ ଲୋକଙ୍କୁ ସହଯୋଗର ହାତ ବଢାଇଛି ପୋଲିସ। ଆଦର୍ଶ ଥାନା ଅଧିକାରୀ ଉମାଶଙ୍କର ସିଂ ବୁଧବାର ଏହି ଗ୍ରାମରେ କରୋନା ଭୂତାଣୁ ସଂକ୍ରମଣ ନେଇ ଲୋକଙ୍କୁ ସଚେତନ କରିଥିଲେ। ହାତକୁ ବାରମ୍ବାର ଧୋଇବା ସହ ପରିବେଶକୁ ସ୍ୱଚ୍ଛ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଗ୍ରାମରେ ଘରକୁ ଘର ବୁଲି ବୃଦ୍ଧା, ବୃଦ୍ଧ, ବରିଷ୍ଠ ନାଗରିକ, ଗରିବ ଶ୍ରେଣୀର ଲୋକଙ୍କୁ ୨ଶହରୁ ଊର୍ଦ୍ଧ୍ୱ ମାସ୍କ ବାଣ୍ଟିଥିଲେ। ଏସ୍‌ଆଇ ଆର୍ତ୍ତତ୍ରାଣ ନନ୍ଦ, ଏଏସ୍‌ଆଇ କୁମର ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଜଣେ ଲୋକଙ୍କୁ ପୋଲିସ ମାସ୍କ ପିନ୍ଧାଉଛନ୍ତି।

## କୁସପଙ୍ଗି ରାଉଳ ସାହିରେ ଘୁଷୁରି ମଡ଼କ

### ୨ ଦିନରେ ୨୦ ମୃତ

**ଖୁଣ୍ଟୁଣୀ,୮।୪(ଡି.ଏନ.ଏ.)**

ଆଠଗଡ଼ ବ୍ଲକ କୁସପଙ୍ଗି ପଞ୍ଚାୟତର ରାଉଳ ସାହିରେ ଘୁଷୁରି ମଡ଼କ ଦେଖାଦେଇଛି । ଗତ ଦୁଇଦିନ ମଧରେ ୨୦ରୁ ଊର୍ଦ୍ଧ୍ୱ ଘୁଷୁରି ଚରିବାକୁ ଯାଇଥିବାବେଳେ ସ୍ଥାନୀୟ କୁସପଙ୍ଗି ଗହିର ମଧରେ ବିଭିନ୍ନ ସ୍ଥାନରେ ମରି ପଡ଼ିଥିଲେ। ଖବର ପାଇ ଗୁରଡ଼ିଝାଟିଆ ପ୍ରାଣୀ ନିରୀକ୍ଷକ ଡା. ଶ୍ରୀନିବାସ ଆଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ଘୁଷୁରୀଙ୍କ ରକ୍ତ ନମୁନା ସଂଗ୍ରହ କରିଥିବା ଜଣାପଡ଼ିଛି। ଏହି ଘୁଷୁରିମାନେ ପ୍ରଥମେ ଘୁମେଇବା ସହ ଚାଲି ନ ପାରି ଛଟପଟ ହୋଇ ମରିଥିବା ସ୍ଥାନୀୟ ଲୋକ ଦେଖିଥିବା ଡା. ଆଚାରୀ କହିଛନ୍ତି। ମୃତ ଘୁଷୁରିଙ୍କ ରକ୍ତ ନମୁନାକୁ ଫୁଲନଖରାସ୍ଥିତ ଲାବରେଟୋରିକୁ ପଠାଇ ଦିଆଯାଇଛି। ସେଠାରୁ ପରୀକ୍ଷା ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆଚାରୀ କହିଛନ୍ତି। ଘୁଷୁରି ମୃତ୍ୟୁକୁ ନେଇ ସ୍ଥାନୀୟ କୁସପଙ୍ଗି, ପହିଲାବର, ଜେମାଦେଇପୁର, ଚରାଭଉଁରୀ ଗ୍ରାମର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏବେ କରୋନା ଭୟରେ ଲୋକେ ଘରୁ ପଦାକୁ ବାହାରୁ ନ ଥିବାବେଳେ ସ୍ୱାଇନ ଫ୍ଲୁ ଆତଙ୍କ ପ୍ରକାଶ ପାଇଛି। ଏଥିପ୍ରତି ପଦକ୍ଷେପ ନେବାକୁ ଯୁବନେତା ପ୍ରତାପ ସେନ ରାଉତ, ସୁବାସ ସାମଲ, ନୃସିଂହ ରାଉତ ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଶିଶୁଙ୍କ ପାଇଁ କୋଭିଡ଼ ହସ୍ପିଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା ଜରୁରୀ

**କଟକ ଅଫିସ, ୮।୪**

ଦେଶରେ ପ୍ରଥମ କରୋନାଜନିତ ଶିଶୁ ମୃତ୍ୟୁ ଖବର ମଙ୍ଗଳବାର ହସ୍ତଗତ ହୋଇଛି। ଗୁଜରାଟର ଜୁନାଗଡରେ ଏକ ୧୪ମାସର ଶିଶୁଠାରେ କରୋନା ଭୂତାଣୁ ଚିହ୍ନଟ ହେବା ପରେ ତାକୁ ଲାଇଭ ସପୋର୍ଟିଂ ସିଷ୍ଟମରେ ରଖି ଚିକିତ୍ସା କରାଯାଇଥିଲା। କିନ୍ତୁ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଶିଶୁଟିର ମୃତ୍ୟୁ ଘଟିଥିଲା। ଶିଶୁର ମାତାପିତା ଶ୍ରମିକ ଶ୍ରେଣୀର ଓ ସେମାନଙ୍କ କୌଣସି ଟ୍ରାଭେଲ ହିଷ୍ଟ୍ରି ନ ଥିଲା। ଏହାବ୍ୟତୀତ ସେମାନେ ବସବାସ କରୁଥିବା ଗାଁ ଲକ୍‌ଡାଉନ କରାଯାଇଥିଲା। ଏ ସବୁ ସତ୍ତ୍ୱେ ଶିଶୁଟି କିପରି ସଂକ୍ରମିତ ହେଲା, ତା'ର କାରଣ ନ ଜାଣି ପାରିବାରୁ ଡାକ୍ତରଙ୍କ ଚିନ୍ତା ବଢିଯାଇଛି।

ଏପରିସ୍ଥଳେ ଓଡ଼ିଶାର କୋଭିଡ ହସ୍ପିଟାଲଗୁଡ଼ିକରେ ଏଯାଏ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳୁନାହିଁ। କାରଣ ଶିଶୁଙ୍କ ନିମନ୍ତେ ଏନଆଇସିୟୁ (ନିଓନେଟାଲ ଇଣ୍ଟେନସିଭ କେୟାର ୟୁନିଟ) ଏବଂ ପିଆଇସିୟୁ(ପେଡିଆଟ୍ରିକ ଇଣ୍ଟେନସିଭ କେୟାର ୟୁନିଟ)ରେ ମିଳୁଥିବା ସମସ୍ତ ସୁବିଧା ଏବଂ ପ୍ରାପ୍ତବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଆଇସିୟୁ ମଧରେ ଅନେକ ପାର୍ଥକ୍ୟ ଥାଏ। ମୁଖ୍ୟତଃ ପ୍ରାପ୍ତବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ମନିଟର ପ୍ରୋବ, ଭେଣ୍ଟିଲେଟର, ଅକ୍ସିଜେନ ମାସ୍କ, ଭେନଫ୍ଲାମ ଆଦି ଶିଶୁଙ୍କ ଠାରେ ଲାଗି ପାରିବ ନାହିଁ। ସେହିପରି ଆହୁରି ଅନେକ ବୈଷୟିକ ବ୍ୟବସ୍ଥା ଯାହା ବଡ଼ଙ୍କ ପାଇଁ ଜରୁରୀ ତାହା ଶିଶୁଙ୍କ ନିମନ୍ତେ ଉପଯୋଗ ହୋଇପାରିବ ନାହିଁ। ତେଣୁ ଶିଶୁଙ୍କ ନିମନ୍ତେ କୋଭିଡ ହସ୍ପିଟାଲ ଆଇସିୟୁରେ ସ୍ୱତନ୍ତ୍ର ଭାବେ କିଛି ଶଯ୍ୟା ସଂରକ୍ଷିତ ରଖି ଏସବୁ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯିବା ଦରକାର ବୋଲି କେତେଜଣ ଶିଶୁରୋଗ ବିଶେଷଜ୍ଞ ମତ ଦେଇଛନ୍ତି।

# ବିନା ମାସ୍କରେ ଘରୁ ବାହାରିଲେ ଜରିମାନା

**ଖୋର୍ଦ୍ଧା ଅଫିସ,୮।୪**

ଅତି ଜରୁରୀ ନ ଥିଲେ ଘରୁ ବାହରକୁ ବାହରନ୍ତୁ ନାହିଁ। ଔଷଧ କିଣିବା, ଚିକିତ୍ସାଳୟ ବାହାନାରେ ଏଣିକି ବାଇକ ଧରି ବୁଲିଲେ, କଠୋର ପଦକ୍ଷେପ ଗ୍ରହଣ କରାଯିବ। ଜରୁରୀ କାମରେ ବାହାରିଲେ, ମାସ୍କ, ରୁମାଲ ଗୁଡାଇ ବାହାରନ୍ତୁ। ପନିପରିବା ହାଟ ହେଉ କି ଗ୍ରସେରି ଦୋକାନରେ ସାମାଜିକ ଦୂରତା ରକ୍ଷା କରି କିଣାବିକା କରନ୍ତୁ ବୋଲି ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି। ବିନା ମାସ୍କରେ ଆସିଲେ, ଜରିମାନା ଆଦାୟ କରାଯିବ ବୋଲି ଉପଜିଲାପାଳ ଶାନ୍ତନୁ ମହାନ୍ତି କହିଛନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ ଜନସାଧାରଣ ବିଭିନ୍ନ ବାହାନା ଦେଖାଇ ବାହାରେ ବୁଲୁଛନ୍ତି। ଏଣିକି ବିନା କାରଣରେ ବାଇକରେ ଆସିଲେ ଏବଂ ଯାତାୟାତ ଲାଗି ପାସ୍ ନ ଥିଲେ, ବାଇକ ଜବତ କରାଯିବ ବୋଲି ଉପଜିଲାପାଳ ପ୍ରକାଶ କରିଛନ୍ତି। ବୁଧବାର ନୂଆବସଷ୍ଟାଣ୍ଡ, ଏସ୍‌ବିଆଇ ଛକ, ମାରୱାଡି ଛକ, ଚଣ୍ଡିତୁଆ ଓ ଟିଏଲ୍‌ସି ଛକରେ ପ୍ରଶାସନ ପକ୍ଷରୁ ଉପଜିଲାପାଳ ଶାନ୍ତନୁ ମହାନ୍ତି, ତହସିଲଦାର ଶୁଭେନ୍ଦୁ ସାମଲ, ଖୋର୍ଦ୍ଧା ଆଦର୍ଶ ଥାନାଧିକାରୀ ଉମାଶଙ୍କର ସିଂ ପ୍ରମୁଖ ବାଇକ ଧରି ଯାତାୟତ କରୁଥିବା ଲୋକଙ୍କୁ କଡା ତାଗିଦ୍ କରିଛନ୍ତି।

# ପୁଣି ଟୁଇନ୍‌ସିଟିରୁ ଧରାହେଲେ ୧୩୫୫ ଅମାନିଆ ଚାଳକ

**ଭୁବନେଶ୍ୱର,୮।୪ (ବ୍ୟୁରୋ)**

ସଂକ୍ରମଣ ରୋକିବାକୁ କମିଶନରେଟ ପୋଲିସ ଯେତେ କଡ଼ା ଆଭିମୁଖ୍ୟ ଗ୍ରହଣ କଲେ ମଧ ଅମାନିଆଙ୍କୁ କାଟୁ କରୁନି। ଲକ୍‌ଡାଉନ୍ ସତ୍ତ୍ୱେ ଗାଡ଼ି ଧରି ରାସ୍ତାକୁ ବାହାରୁଛନ୍ତି। ନିୟମ ଓ କଟକଣା ନ ମାନି ନାନା ବାହାନାରେ ଘୂରି ବୁଲୁଛନ୍ତି। ଇତିମଧରେ ଭୟ ଦେଖାଇବାକୁ ପୋଲିସ କେତେଜଣଙ୍କୁ ଲାଠିରେ ପିଟିବା ସହ ବସ୍‌ଉଠ କରିବା, ଗାଡ଼ି ଜବତ ଓ ଜରିମାନା କରିଛି। ତଥାପି ସେମାନେ ସୁଧୁରୁନାହାନ୍ତି। ବୁଧବାର କଟକ ଓ ଭୁବନେଶ୍ୱର ଟୁଇନ୍‌ସିଟିରୁ ୧୩୫୫ ଅମାନିଆ ଗାଡ଼ି ଚାଳକ ଧରାପଡିଛନ୍ତି। ଭୁବନେଶ୍ୱରରେ ୭୩୩ ଗାଡି ଓ କଟକରେ ୬୨୨ ଗାଡି ଜବତ ହୋଇଛି। ନିୟମ ଉଲ୍ଲଂଘନ କରିଥିବା ଚାଳକଙ୍କଠାରୁ ୧୫୦୦ରୁ ୨ ହଜାର ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଇଛି। ତେବେ ଲକ୍‌ଡାଉନ୍‌ଠାରୁ ଏପର୍ଯ୍ୟନ୍ତ ଭୁବନେଶ୍ୱରରେ ୬୨୩୫ ଗାଡି ଜବତ ହୋଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିମଧରେ ଦୁଇଚକିଆ ଓ ଚାରି ଚକିଆ ଯାନ ରହିଛି। ବୁଧବାର ରାଜଧାନୀର ବିଭିନ୍ନ ସ୍ଥାନରେ ଯାଞ୍ଚ ଚାଲିଥିବାବେଳେ ଅମାନିଆ ଚାଳକ ଧରାପଡିବା ପରେ ଖସିବାକୁ ଚେଷ୍ଟା କରିଥିଲେ। କୌଣସି ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ଗାଡି ଧରି ନ ବାହାରିବା ପାଇଁ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି।

# ରାଜଧାନୀରେ ଘରେ ପହଞ୍ଚିବ ମେଡ଼ିସିନ

**ଭୁବନେଶ୍ୱର,୮।୪ (ବ୍ୟୁରୋ)**

ଲକ୍‌ଡାଉନ୍ କଟକଣା ପାଇଁ ଲୋକେ ବାହାରକୁ ବାହାରିପାରୁ ନ ଥିବାରୁ ଏବେ ଭୁବନେଶ୍ୱରବାସୀ ଔଷଧ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ନଜରକୁ ଆସିବା ପରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଔଷଧର ହୋମ୍ ଡେଲିଭରି ବ୍ୟବସ୍ଥା ଆରମ୍ଭ କରାଯାଇଛି। ଓଡ଼ିଶା ଡ୍ରଗ୍ କଣ୍ଟ୍ରୋଲୋର୍ ସହଯୋଗରେ ଏହି ସୁବିଧା ପ୍ରଦାନ କରାଯିବ। ଏଥିପାଇଁ ସହରରେ ଥିବା ୧୨୧ଟି ଔଷଧ ଦୋକାନକୁ ଚିହ୍ନଟ କରାଯାଇଛି। ସେସବୁ ଦୋକାନ ସହ ଫୋନ୍ ନମ୍ବର ବିଏମ୍‌ସି ତା'ର ୱେବ୍‌ସାଇଟ୍ ଓ ସୋସିଆଲ ମିଡିଆରେ ଜାରି କରିଛି। ଫୋନ୍ କଲ୍ କିମ୍ବା ସେହି ନମ୍ବର ସହ ଥିବା ହ୍ୱାଟ୍‌ସଆପ୍ ଜରିଆରେ ସହରବାସୀ ଆବଶ୍ୟକ ଔଷଧ ନିକଟ ଦୋକାନକୁ ଅର୍ଡର ଦେଇପାରିବେ। ତେବେ ପାଖରେ ଡାକ୍ତରଙ୍କ ପ୍ରେସ୍‌କ୍ରିପଶନ ଥିବା ଜରୁରୀ। ହ୍ୱାଟ୍‌ସଆପ୍‌ରେ ନିଜ ନାମ, ରୋଗୀଙ୍କ ନାମ, ପ୍ରେସ୍‌କ୍ରିପ୍‌ଶନର ଫଟୋ, ଠିକଣା ଓ ଯୋଗାଯୋଗ ଫୋନ୍ ନମ୍ବର ପଠାଇଲେ ୨୪ ଘଣ୍ଟା ମଧରେ ଘରେ ଔଷଧ ପହଞ୍ଚିଯିବ। ପ୍ରେସ୍‌କ୍ରିପ୍‌ଶନ ଦେଖାଇ ଔଷଧ ନେଇପାରିବେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି ।

# ବିଶୋଧନ ହେଲା ଝାରପଡ଼ା କେଶୁରା ଅଞ୍ଚଳ

**କଟକରୋଡ,୮।୪(ଡି.ଏନ.ଏ.)**



ଭୁବନେଶ୍ୱର ଝାରପଡ଼ା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ କରୋନା ଆକ୍ରାନ୍ତରେ ମୃତ୍ୟୁ ପରେ ବୁଧବାର ସକାଳୁ ଉକ୍ତ ଅଞ୍ଚଳରେ ବିଶୋଧନ କାର୍ଯ୍ୟକୁ ବ୍ୟାପକ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ସାନିଟାରି ଇନ୍ସପେକ୍ଟର ବିଜୟ ମହାପାତ୍ର ଓ ଅଗ୍ନିଶମ ବିଭାଗ ଡେପୁଟି ଫାୟାର ଅଫିସର ରମେଶ ଚନ୍ଦ୍ର ମାଝିଙ୍କ ସମେତ ୩ଜଣ ଅଧିକାରୀ, ୨୫ଜଣ ଅଗ୍ନିଶମ କର୍ମଚାରୀ ୫ଟି ଦମକଳ ମାଧମରେ ଝାରପଡ଼ା କେଶୁରା, ମଙ୍ଗରାଜ ପଏଣ୍ଟ ଆଦି ଅଞ୍ଚଳରେ ବିଶୋଧନ କାର୍ଯ୍ୟ କରିଛନ୍ତି। ସେହିଭଳି ବମିଖାଲ ଅଞ୍ଚଳରେ ବିଶୋଧନ କାର୍ଯ୍ୟ ଜାରି ରହିଥିବାବେଳେ ସତ୍ୟନଗର ଓ ଶହୀଦ ନଗର ଅଞ୍ଚଳରେ ମଧ ସାନିଟାଇଜ କରାଯାଉଥିବା ସୂଚନା ମିଳିଛି।

## ୬୪୯୮ ହିତାଧିକାରୀଙ୍କୁ ଦିଆଯିବ ଟଙ୍କା

**ଖୋର୍ଦ୍ଧା ଅଫିସ, ୮।୪**

ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ବୁଧବାରଠାରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନୁଯାୟୀ ଖାଉଟିଙ୍କୁ ରାଶନ କାର୍ଡ ପିଛା ଏକ ହଜାର ଟଙ୍କା ଲେଖାଏ ଦେବା ଆରମ୍ଭ ହୋଇଛି। ଖୋର୍ଦ୍ଧା ସହରରେ ୬୪୯୮ ହିତାଧିକାରୀଙ୍କୁ ପର୍ଯ୍ୟାୟ କ୍ରମେ ଟଙ୍କା ପ୍ରଦାନ କରାଯିବ। ଏନେଇ ୧୬ଟି ଜୋନ କରାଯାଇଛି। ସକାଳ ୭ରୁ ୯ ଏବଂ ଅପରାହ୍ନ ୪ରୁ ୬ଟା ପର୍ଯ୍ୟନ୍ତ ଟଙ୍କା ବଣ୍ଟାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ସୂଚନା ଦେଇଛନ୍ତି। ସେହିପରି ବୁଧବାର ଲକଡାଉନ ଉଲ୍ଲଂଘନ ନେଇ ୧୧ଟି ଦୋକାନ ସିଲ କରାଯାଇଛି। ଏଥିରେ ମୁକୁନ୍ଦପ୍ରସାଦ, ଘଡଘଡି ଖୋର୍ଦ୍ଧା ଏବଂ ନୂଆପବସଷ୍ଟାଣ୍ଡରେ ଖୋଲା ରହୁଥିବା ଚା,ପାନ ଦୋକାନ ଓ ଗୋଟିଏ ଗ୍ରସେରି ଦୋକାନ ରହିଛି।

**ଫଟୋରେ ଖବର**



କଟକ ଚାନ୍ଦିନୀଚୌକ ରାସ୍ତା ପାର୍ଶ୍ୱରେ ଜଣେ ବ୍ୟକ୍ତି ପଣା ସଂକ୍ରାନ୍ତି ପାଇଁ ଶିକାଲଗା ଘଡ଼ି ବିକ୍ରି କରୁଛନ୍ତି।





କଟକ ସୟିଦ ସେମିନାର ଛକ ନିକଟରେ ଥିବା ମାଛ ଦୋକାନରେ ବୁଧବାର ଲୋକଙ୍କ ଭିଡ଼।





କଟକ ବକ୍ସିବଜାର ଛକଠାରେ ସ୍କୁଟିରେ ଯାଉଥିବା ଦୁଇଜଣ ମହିଳାଙ୍କୁ ଟ୍ରାଫିକ ପୋଲିସ ଯାଞ୍ଚ କରୁଛନ୍ତି।

## ସଚେତନ କଲେ ଆଇଆଇସି



ଜନଶୂନ୍ୟ ମାଧପୁର ବଜାର।

**ମାଧପୁର, ୮।୪:** ଲକ୍‌ଡାଉନ କଟକଣାକୁ ସମ୍ପୂର୍ଣ୍ଣ ଭାବେ ମାନିବାକୁ ଆଠମଲ୍ଲିକ ଥାନା ଆଇଆଇସି ପ୍ରିୟବ୍ରତ ଦାସଙ୍କ ପକ୍ଷରୁ ମାଧପୁର ଅଞ୍ଚଳବାସୀଙ୍କୁ ପରାମର୍ଶ ଦିଆଯାଇଛି। କୌଣସି ବାହାନା କରି ଘରୁ ବାହାରିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ଚେତାଇ ଦେଇଛନ୍ତି।

## ବଲଣ୍ଡା ଡିସ୍‌ପେନ୍ସାରି ବନ୍ଦ

**ତାଳଚେର,୮।୪(ନି.ପ୍ର.):** ତାଳଚେର ବଲଣ୍ଡା ଠାରେ ଥିବା ଏମ୍‌ସିଏଲ୍ ଭୁବନେଶ୍ୱରୀ କୋଇଲା ଖଣିର ବଲଣ୍ଡା ଡିସ୍‌ପେନ୍ସାରିକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମଙ୍ଗଳବାର ଠାରୁ ବନ୍ଦ କରି ଦିଆଯାଇଛି। ସାମାଜିକ ଦୂରତା ରକ୍ଷା କରାଯାଉ ନ ଥିବାରୁ ଏହାକୁ ବନ୍ଦ କରାଗଲା ବୋଲି କୁହାଯାଇଛି। ଜରୁରିକାଳୀନ ସମୟରେ ରୋଗୀମାନେ ସେଣ୍ଟ୍ରାଲ ହସ୍ପିଟାଲର ଡାକ୍ତରମାନଙ୍କ ସହ ପରାମର୍ଶ କରିବାକୁ ଅନୁରୋଧ କରାଯାଇଛି। ଜଗନ୍ନାଥ ଏରିଆର ମହାପ୍ରବନ୍ଧକ ଏମ.ଜି. ବ୍ରହ୍ମପୁରକର ଏ ସମ୍ପର୍କରେ ଭୁବନେଶ୍ୱରୀ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ, ସିଏମ୍‌ଏସ୍ ସେଣ୍ଟ୍ରାଲ ହସ୍ପିଟାଲକୁ ଲିଖିତ ଭାବେ ଅବଗତ କରିଛନ୍ତି।

## ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ବଇଣ୍ଡା,୮।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ହଣ୍ଡପା ଥାନା ଅଞ୍ଚଳର ଜଣେ ଯୁବକ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ନଂ. ୫୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଖୁବ୍‌ଶୀଘ୍ର ଛାତ୍ରୀଙ୍କୁ ଉଦ୍ଧାର କରାଯିବ ବୋଲି ଆଇଆଇସି ଲବ ବୋଡା ପ୍ରକାଶ କରିଛନ୍ତି।

## ଗଣ୍ଡଗୋଳ, ୩ ଗିରଫ

**କଣିହାଁ,୮।୪(ଡି.ଏନ.ଏ.):** କଣିହାଁ ଥାନା ପୋଲିସ ଗଣ୍ଡଗୋଳ ଅଭିଯୋଗରେ ୨ଟି ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ପୋଲିସ କହିଛି, ମସୁଣୀହତା ଗ୍ରାମର ବିଲୁ ବୋଇତାଙ୍କ ଘର ସମ୍ମୁଖରେ କେତେଜଣ ଏକାଠି ହୋଇ କଥାବାର୍ତ୍ତା ହେଉଥିବା ବେଳେ ବିଲୁ ବାରଣ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ବିଲୁ ଅଭିଯୋଗ କରିବା ପରେ ପୋଲିସ ରବି ବେହେରା, ବିକାଶ ବେହେରା ଓ ବାଉରି ବେହେରାଙ୍କୁ ଗିରଫ କରିଛି। ସେହିପରି ବିଲୁ ଗାଳିଗୁଲଜ କରିଥିବା ବାଉରିଙ୍କ ସ୍ତ୍ରୀ ଅଭିଯୋଗ କରିବାରୁ ନଂ. ୫୬/୨୦ରେ ମାମଲା ରୁଜୁ କରାଯାଇଛି।

## ମାସ୍କ ପିନ୍ଧିବା ବାଧ୍ୟତାମୂଳକ

**ଅନୁଗୋଳ ଅଫିସ, ୮।୪:** ଘରୁ ପଦାକୁ ବାହାରିଲେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ୯ ତାରିଖ ଗୁରୁବାର ସକାଳ ୭ଟାରୁ ରାଜ୍ୟର ସମସ୍ତ ଅଞ୍ଚଳରେ ଏହା ଲାଗୁ କରାଯିବ। ଏ ନେଇ ଅନୁଗୋଳ ପୌରପ୍ରଶାସନ ପକ୍ଷରୁ ଦୁଇ ଦିନ ହେବ ବିଭିନ୍ନ ଅଞ୍ଚଳରେ ପ୍ରଚାର କରାଯାଇଛି। ଏପରି କି ଯେଉଁମାନେ ବାହାରକୁ ବାହାରିବେ ମାସ୍କ ପରିବର୍ତ୍ତେ ରୁମାଲ, ଗାମୁଛା କିମ୍ବା ଓଢ଼ଣୀ ବ୍ୟବହାର କରିପାରିବେ ବୋଲି ମୁଖ୍ୟ ଶାସନ ସଚିବଙ୍କ ଚିଠି ପରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଅବଗତ କରାଯାଇଛି।

## ଅପପ୍ରଚାର କରି ଯୁବକ ଗିରଫ

**ହିନ୍ଦୋଳ, ୮।୪(ଡି.ଏନ.ଏ.):** କରୋନା ସମ୍ପର୍କରେ ଅପପ୍ରଚାର କରି ଗିରଫ ହୋଇଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ହାଣ୍ଡୁରା ପଞ୍ଚାୟତ କୁରୁମିଠା ଗ୍ରାମର ପ୍ରଶାନ୍ତ ସାମଲ। ପ୍ରଶାନ୍ତ ସୋସିଆଲ ମିଡିଆରେ ବଅଁରପାଳ ବ୍ଲକ ମହୀଧରପୁର ଅଞ୍ଚଳରେ କେତେଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ଆସି ରହୁଥିବା ପୋଷ୍ଟ କରିଥିଲେ। ତଦନ୍ତ ବେଳେ ଏହା ମିଛ ବୋଲି ଜଣାପଡ଼ିଥିବା ଥାନାଧିକାରୀ ଅନାଦି ଚରଣ ପଟ୍ଟାୟତ ସୂଚନା ଦେଇଛନ୍ତି।

## ୧୦ ପେଟି ମଦ ଜବତ

**ରାସୋଳ,୮।୪(ଡି.ଏନ.ଏ.):** ରାସୋଳ ଥାନା କାରନ୍ଦା ତଳସାହିର ରମାକାନ୍ତ ପ୍ରଧାନଙ୍କ ଘରୁ ବୁଧବାର ସନ୍ଧ୍ୟାରେ ୧୦ ପେଟି ବିଦେଶୀ ମଦ ଜବତ କରାଯାଇଛି। ଆଇଆଇସି ବିଜୟ କୁମାର ହାଇବ୍ରୁଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏବେ ଲକ୍‌ଡାଉନ ଚାଲିଥିବାବେଳେ ମୁନାଫାଖୋର ବ୍ୟବସାୟୀମାନେ ମଦ ଦୋକାନୀଙ୍କ ସହ ସଲାସୁତରା କରି ଏପରି ବେଆଇନ କାରବାର ଚଳାଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ଅବକାରୀ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଦେବଦୂତ ସାଜିଛନ୍ତି ଘନଶ୍ୟାମ

**ପାଲଲହଡ଼ା, ୮।୪(ଡି.ଏନ.ଏ.)**



ସଂଗୃହୀତ ଖାଦ୍ୟ ନେଇ ଯାଉଛନ୍ତି ଘନଶ୍ୟାମ।

- ଅସହାୟ, ପଶୁପକ୍ଷୀଙ୍କୁ ଦେଉଛନ୍ତି ଖାଦ୍ୟ
- ସାମାଜିକ କାର୍ଯ୍ୟ କରି ପୂର୍ବରୁ ପାଇଛନ୍ତି ପ୍ରଶଂସା

କରୋନା ସଂକ୍ରମଣ ଭୟରେ ଲୋକେ ଘରୁ ବାହାରୁ ନ ଥିବାବେଳେ ପଶୁ ପକ୍ଷୀ ଓ ଅସହାୟଙ୍କ ପାଇଁ ଦେବଦୂତ ସାଜିଛନ୍ତି ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ନିଜିଗଡ ପଞ୍ଚାୟତ ପୁରୁଣାଗଡ଼ସାହିର ଘନଶ୍ୟାମ ନାହାର। ଦୋକାନ ବଜାର, ହୋଟେଲ ଆଦି ବନ୍ଦ ଥିବାରୁ ଖାଇବାକୁ ପାଉ ନ ଥିବା ମାନସିକ ବିକାରଗ୍ରସ୍ତ, ଅସହାୟ, ବୁଲା ଗୋରୁ, କୁକୁର ଓ ରାସ୍ତାରୁ ଶସ୍ୟ ସଂଗ୍ରହ କରୁଥିବା ପକ୍ଷୀମାନଙ୍କୁ ସେ ଖାଦ୍ୟ ପ୍ରଦାନ କରୁଛନ୍ତି।

ନିଜିଗଡ ପଞ୍ଚାୟତ କାର୍ଯ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି ଘନଶ୍ୟାମ। ପଞ୍ଚାୟତ ପକ୍ଷରୁ ଲୋକଙ୍କୁ ଜଳଯୋଗାଣ କାର୍ଯ୍ୟରେ ତାଙ୍କୁ ନିୟୋଜିତ କରାଯାଇଛି। ବିଭିନ୍ନ ସମୟରେ ସାମାଜିକ କାର୍ଯ୍ୟ କରି ସେ ଅଞ୍ଚଳରେ ପରିଚିତ ହୋଇଥିବା ବେଳେ ବର୍ତ୍ତମାନ ସ୍ଥିତିରେ ମଧ୍ୟ ସେହି କାମକୁ ଜାରି ରଖିବାରେ ସେ ସଫଳ ହୋଇଛନ୍ତି। ତାଙ୍କ କହିବା ଅନୁଯାୟୀ, ଏବେ ଲୋକେ ଘରୁ ବାହାରୁ ନ ଥିବାରୁ ଅନେକ ପଶୁପକ୍ଷୀଙ୍କୁ ଖାଦ୍ୟ ମିଳିପାରୁ ନାହିଁ। ସେହିପରି ମାନସିକ ବିକାରଗ୍ରସ୍ତ ଓ ଗରିବ ଶ୍ରେଣୀର ଲୋକେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ଗରିବ ତଥା ଶ୍ରମିକମାନଙ୍କ ପାଇଁ ପଞ୍ଚାୟତ ତରଫରୁ ରନ୍ଧା ଖାଦ୍ୟର ବ୍ୟବସ୍ଥା ହେଉଥିବାରୁ ସେଥିରୁ କିଛି ଖାଦ୍ୟ ଆଣି ଏବଂ ନିଜ ଉଦ୍ୟମରେ କିଛି ଯୋଗାଡ କରି ସହରରେ ବୁଲୁଥିବା କେତେଜଣ ମାନସିକ ବିକାରଗ୍ରସ୍ତଙ୍କ ସହ ବୁଲା କୁକୁର, ଗୋରୁ, ଷଣ୍ଢ, ପକ୍ଷୀଙ୍କୁ ଖାଇବାକୁ ଦେଉଛନ୍ତି। ଆଗକୁ ମଧ୍ୟ ଏହି କାର୍ଯ୍ୟ ଜାରି ରଖିବେ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟମାନେ ମଧ୍ୟ ଉଦାର ହୋଇ କିଛି ବଳକା ଖାଦ୍ୟ ଅସହାୟଙ୍କୁ ଦେବାକୁ କିମ୍ବା ବାହାରେ ରଖିବାକୁ ଘନଶ୍ୟାମ ପରାମର୍ଶ ଦେଇଛନ୍ତି।



ଟ୍ରକ୍ ଧକ୍କାରେ ଭାଙ୍ଗିଯାଇଥିବା ଡାକ୍ତରଖାନା ପାଚେରି ଓ ଫାଟକ।

## ଫାଟକ ଭାଙ୍ଗି ଭିତରକୁ ପଶିଗଲା ଟ୍ରକ୍

**ତାଳଚେର/କଣିହାଁ, ୮।୪(ନି.ପ୍ର.)**

କଣିହାଁସ୍ଥିତ ଏକ କମ୍ପାନୀରେ କୋଇଲା ଅନ୍‌ଲୋଡ କରି ତାଳଚେର ଅଭିମୁଖେ ଯାଉଥିବା ଏକ ଟ୍ରକ୍ ମଙ୍ଗଳବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ କଣିହାଁ ଡାକ୍ତରଖାନା ପାଚେରିକୁ ଧକ୍କା ଦେଇଥିଲା। ଏଥିରେ ପାଚେରି ସହ ଡାକ୍ତରଖାନା ଫାଟକ ଭାଙ୍ଗିଯାଇଛି। ରାତି ପ୍ରାୟ ସାଢେ ୨ଟାରେ ଟ୍ରକ୍(ନଂ. ଓଡି୩୫ଡି-୧୧୧୭)ଟି ପାଚେରିକୁ ଧକ୍କା ଦେଇ ଚିକିତ୍ସାଳୟ ଭିତରକୁ ପଶି ଯାଇଥିଲା। ଶବ୍ଦ ଶୁଣି ବାହାରକୁ ଆସିବା ପରେ ଡାକ୍ତର ସୁମନ୍ତ ପଟେଲ ଘଟଣା ସମ୍ପର୍କରେ ଅବଗତ ହେବା ସହ ଥାନାକୁ ଖବର ଦେଇଥିଲେ। ପୋଲିସ ନଂ. ୫୭/୨୦ରେ ମାମଲା ରୁଜୁ କରି ଚାଳକଙ୍କୁ ଅଟକ ରଖିଛି। ପରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଡାକ୍ତରଖାନାରେ ପହଞ୍ଚିଥିଲେ। ତାଙ୍କ ଉପସ୍ଥିତିରେ ପୋଲିସ, ପ୍ରଶାସନ ଓ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ନୂତନ ପାଚେରି ସହ ଫାଟକ ନିର୍ମାଣ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ଆଇଆଇସି ପ୍ରଭାତ ତ୍ରିପାଠୀ ପ୍ରକାଶ କରିଛନ୍ତି।

## ଅନୁଗୋଳରେ ୩୪୨୨ ବେଡ୍ ପ୍ରସ୍ତୁତ

**ଅନୁଗୋଳ ଅଫିସ, ୮।୪**



ଅସ୍ଥାୟୀ ମେଡିକାଲ କ୍ୟାମ୍ପରେ ପକାଯାଇଥିବା ବେଡ୍।

ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟ ହାତକୁ ନିଆଯାଇଛି। ଜିଲାରେ ମୋଟ୍ ୨୨୫ଟି ଅସ୍ଥାୟୀ ମେଡିକାଲ କ୍ୟାମ୍ପ (ଟିଏମ୍‌ସିଏସ୍) ଖୋଲାଯାଇଛି। ୮ଟି ବ୍ଲକର ପ୍ରତି ପଞ୍ଚାୟତରେ ଏହି ଟିଏମ୍‌ସିଏସ୍ ଥିବାବେଳେ ୯ ହଜାର ୪୦ଟି ବେଡ୍ ଆବଶ୍ୟକ ରହିଛି। କିନ୍ତୁ ଅଦ୍ୟାବଧି ୩ ହଜାର ୪୨୨ ବେଡ୍ ପ୍ରସ୍ତୁତ କରାଯାଇପାରିଛି। ସେହିପରି ଖୋଲାଯାଇଥିବା ଟିଏମ୍‌ସିଏସ୍ ଗୁଡିକରେ ବିଦ୍ୟୁତ୍, ପାନୀୟ ଜଳ, ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଉପଲବ୍ଧ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କେବଳ ଅନୁଗୋଳ ବ୍ଲକର ୩୪ଟି ପଞ୍ଚାୟତରେ ୧ ହଜାର ୨୦ଟି ବେଡ୍ ଆବଶ୍ୟକ ଥିବାବେଳେ ୪୨୦ଟି ବେଡ୍ ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ରହିଛି। ବଅଁରପାଳ ବ୍ଲକରେ ଆବଶ୍ୟକ ୭୫୦ ବେଡ୍ ମଧ୍ୟରୁ ଏବେ ୫୧୫ଟି, ଛେଣ୍ଡିପଦା ବ୍ଲକରେ ୧୭୦୦ ମଧ୍ୟରୁ ୫୪୫, ଆଠମଲ୍ଲିକରେ ୧୮୦୦ରୁ ବର୍ତ୍ତମାନ ସୁଦ୍ଧା ୩୬୫, କିଶୋରନଗର ବ୍ଲକରେ ୯୨୦ରୁ ୪୭୦, ପାଲଲହଡ଼ାରେ ୧୦୮୦ରୁ ୨୭୦, କଣିହାଁରେ ୭୨୦ ବେଡ୍ ମଧ୍ୟରୁ ୪୧୭ ଓ ତାଳଚେର ବ୍ଲକରେ ଆବଶ୍ୟକ ୧୦୫୦ ବେଡ୍‌ରୁ ବର୍ତ୍ତମାନ ସୁଦ୍ଧା ୪୨୦ଟି ଉପଲବ୍ଧ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## କଟକଣା ଉଲ୍ଲଂଘନ, ୭ ଗିରଫ

**ବଇଣ୍ଡା/ କଣିହାଁ/ ମାଧପୁର, ୮।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ଓ ହଣ୍ଡପା ଅଞ୍ଚଳରେ ଲକ୍‌ଡାଉନ୍ ଉଲ୍ଲଂଘନ ଅଭିଯୋଗରେ ମଙ୍ଗଳବାର ରାତିରେ ୩ ଜଣ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ୩ ବାଇକ୍ ଜବତ କରାଯାଇଛି। ବଇଣ୍ଡା ଅଞ୍ଚଳରୁ ୨ଜଣ ଓ ହଣ୍ଡପା ଅଞ୍ଚଳର ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ସେହିପରି କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ୪ଜଣଙ୍କୁ ଗିରଫ କରିବା ସହ ଗୋଟିଏ ବାଇକ୍ ଜବତ କରିଥିବା ଏସ୍‌ଆଇ ରାଜେନ୍ଦ୍ର ବେହେରା ପ୍ରକାଶ କରିଛନ୍ତି। ଆଠମଲ୍ଲିକ ବ୍ଲକ ମାଧପୁର ବଜାରରୁ ପୋଲିସ ୫ ବାଇକ୍ ଜବତ କରିଛି। ଆଠମଲ୍ଲିକ ଆଇଆଇସି ଦେବବ୍ରତ ଦାସଙ୍କ ନେତୃତ୍ୱରେ ଏସଆଇ ଦେବଜାନୀ ଛଟର, ହାବିଲଦାର ଦେବେନ୍ଦ୍ର ସାହୁ, ରମେଶ ବେହେରା ଏବଂ ବିଶ୍ୱଜିତ ଡାଙ୍ଗ ପ୍ରମୁଖ ବାଇକ ଜବତ କରିଥିଲେ।



ନୋଟିସ ପରେ ମାଛ ମାର୍କେଟ ଶୂନଶାନ।

## ମାଛ ମାର୍କେଟ ବନ୍ଦ କଲା ପ୍ରଶାସନ

### ପାଳନ ହେଉନି ସାମାଜିକ ଦୂରତା

**ଅନୁଗୋଳ ଅଫିସ, ୮।୪**

ଅନୁଗୋଳ ପୌରପାଳିକା ଅଧୀନରେ ଥିବା ମାଛ ମାର୍କେଟ (ଆମିଷ ବଜାର)କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବାକୁ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ମାଛ ବ୍ୟବସାୟୀଙ୍କ ସହ ଗ୍ରାହକ ସାମାଜିକ ଦୂରତା ରଖୁ ନ ଥିବାରୁ ପ୍ରଶାସନ ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ପୌର କର୍ତ୍ତୃପକ୍ଷ କହିଛନ୍ତି ଯେ, କରୋନା ଭଳି ମହାମାରୀର ମୁକାବିଲା ପାଇଁ ସମଗ୍ର ରାଜ୍ୟ ଲକ୍‌ଡାଉନ୍ ଥିବାବେଳେ ସାମାଜିକ ଦୂରତା ରକ୍ଷା କରିବାକୁ ସରକାର ଓ ପ୍ରଶାସନ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଉଛି। କିନ୍ତୁ କିଛି ଅମାନିଆ ଲୋକ ବିନା କାରଣରେ ଘରୁ ବାହାରିବା ସହ ସାମାଜିକ ଦୂରତା ରକ୍ଷା କରୁନାହାନ୍ତି। ସେହିପରି ପ୍ରଶାସନର ବାରମ୍ବାର ତାଗିଦ ସତ୍ତ୍ୱେ ମାଛ ମାର୍କେଟର ବ୍ୟବସାୟୀମାନେ ସାମାଜିକ ଦୂରତ୍ୱ ଅବଲମ୍ବନ କରୁନାହାନ୍ତି। ତେଣୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ବୁଧବାର ପୌରପ୍ରଶାସନ ଆମିଷ ବଜାରକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିବା ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଆମିଷ ବଜାରରେ ଏ ସମ୍ପର୍କିତ ନୋଟିସ୍ ଲଗାଯାଇଛି। ଆଗାମୀ ନିର୍ଦ୍ଦେଶ ଦିଆ ନ ଯିବା ପର୍ଯ୍ୟନ୍ତ ମାଛ ମାର୍କେଟ ବନ୍ଦ ରହିବ ବୋଲି ସେ କହିଛନ୍ତି।

## ଫଟୋରେ ଖବର




ଅନୁଗୋଳ ଥାନା ଛକରେ ଥିବା ଏକ ସରକାରୀ କାର୍ଯ୍ୟାଳୟର ସୌନ୍ଦର୍ଯ୍ୟ ବଢ଼ାଉଛି ରାଧାଚୂଡ଼ା ଫୁଲ।

## ୫୧ ୟୁନିଟ୍ ରକ୍ତ ସଂଗ୍ରହ



ଛାତ୍ର ବିଜେଡି ପକ୍ଷରୁ ରକ୍ତଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୮।୪:** ସାମାଜିକ ଜୀବନକୁ ଅବ୍ୟବସ୍ଥିତ କରିଦେଇଛି କୋଭିଡ୍-୧୯। ଗୋଷ୍ଠୀ ସଂକ୍ରମଣ ଭୟ ଥିବାରୁ ରକ୍ତଦାନ ଶିବିର ଆୟୋଜନ କରିବାକୁ ଆଗପରି ଆଗ୍ରହ ଦେଖିବାକୁ ମିଳୁନାହିଁ। ଫଳରେ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହେଲାଣି। ଲକ୍‌ଡାଉନ ସମୟରେ ରକ୍ତ ଅଭାବ ପୂରଣ କରିବାକୁ ଆଗେଇ ଆସିଛି ଢେଙ୍କାନାଳ ଜିଲା ଛାତ୍ର ବିଜେଡି। ଏ ନେଇ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଜିଲା ଛାତ୍ର ବିଜେଡି ସଭାପତି ସୂରଜ ମହାପାତ୍ରଙ୍କ ନେତୃତ୍ୱରେ ନଗର ସଭାପତି ସୋନୁରାମ ସିଂ, ବିଶ୍ୱରଞ୍ଜନ ସାହୁ, ଆଶୁତୋଷ କର, ଅରୁଣ ନାୟକ, ରାଜେଶ ବେହେରା, ଅଭିଳାଷ ସାହୁ, ପାର୍ଥ ଦତ୍ତ, ପ୍ରଦ୍ୟୁମ୍ନ ଦାସ, ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ରକ୍ତଭଣ୍ଡାର ଅଧିକାରୀ ଡା. ଜୟନାରାୟଣ ପାଢ଼ୀ, ଟେକ୍ନିସିଆନ ରାଜେନ୍ଦ୍ର ମଲ୍ଲିକ, ପରମାନନ୍ଦ ପଣ୍ଡା, ରୋହିତ ଦାସ ଶିବିର ପରିଚାଳନା କରିଥିଲେ।

## ଗ୍ୟାସ୍ ଲିକ୍, ଗର୍ଭବତୀ ଦଗ୍ଧ

**ଢେଙ୍କାନାଳ ଅଫିସ, ୮।୪:** ଢେଙ୍କାନାଳ ଜିଲା ସଦର ଥାନା ବେଲଟିକିରି ଗ୍ରାମରେ ବୁଧବାର ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ଯୋଗୁ ଗର୍ଭବତୀ ସମାପିକା ବେହେରା (୨୧) ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏ ନେଇ ତାଙ୍କ ବାପା ନାଗିଆପଶି ଗ୍ରାମର ହରମୋହନ ବେହେରା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ସମାପିକାଙ୍କ ବିବାହ ବେଲଟିକିରି ଗ୍ରାମର ଜୟନ୍ତ ବେହେରାଙ୍କ ସହ ହୋଇଥିଲା। ସମାପିକା ୭ମାସର ଗର୍ଭବତୀ ଥିଲେ। ଅପରାହ୍ନରେ ସେ ରୋଷେଇ ଘରକୁ ଯାଇଥିବାବେଳେ ଗ୍ୟାସ୍ ଲିକ୍ ହୋଇ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ସଦର ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ, ମାଜିଷ୍ଟ୍ରେଟ୍ ଭାବେ ସଦର ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ଏ ନେଇ ନଂ. ୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



ପୋଲିସ ତଦନ୍ତ କରୁଛି।

## ଆରମ୍ଭ ହେଲା ଟେଲି ମେଡିସିନ୍ ହେଲ୍‌ପ ଲାଇନ

**ଅନୁଗୋଳ ଅଫିସ, ୮।୪:** କରୋନା ଭୂତାଣୁର ମୁକାବିଲା ପାଇଁ ଓଡ଼ିଶା ସରକାର ବୁଧବାର କୋଭିଡ-୧୯ ଟେଲି ମେଡିସିନ୍ ହେଲ୍‌ପ ଲାଇନ୍ ନଂ. ୧୪୪୧୦ରେ ଶୁଭାରମ୍ଭ କରିଛନ୍ତି। କରୋନା ସଂକ୍ରମଣର ଲକ୍ଷଣ ପରିଲକ୍ଷିତ ହେଲେ ସମ୍ପୃକ୍ତ ବ୍ୟକ୍ତିମାନେ ଏହି ନିଃଶୁଳ୍କ ନମ୍ବରରେ ଯୋଗାଯୋଗ କରି ମାଗଣାରେ ଚିକିତ୍ସା ସେବା ପାଇପାରିବେ। କୋଭିଡ-୧୯ ଭଳି ମହାବିପତ୍ତିର ଠିକ୍ ମୁକାବିଲା ପାଇଁ ଓଡ଼ିଶା ସରକାରଙ୍କର ଏହା ଏକ ନୂତନ ପ୍ରୟାସ ବୋଲି ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏଭଳି ଏକ ଜନହିତକର କାର୍ଯ୍ୟରେ ସ୍ୱେଚ୍ଛାକୃତ ଭାବେ ଯୋଗଦାନ କରିବା ପାଇଁ ସରକାର ଓଡ଼ିଶାର ଡାକ୍ତରମାନଙ୍କୁ ଆହ୍ୱାନ କରିଛନ୍ତି। ଏହି କାର୍ଯ୍ୟରେ ସହଯୋଗ ନିମନ୍ତେ ଇଚ୍ଛୁକ ଡାକ୍ତର ନମ୍ବର ୮୦୪୭୧୯୨୨୧୯ରେ ନିଜ ନାମ ପଞ୍ଜୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ଅପିଲ୍ କରିଛନ୍ତି। ବୁଧବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଶୁଭାରମ୍ଭ ହୋଇଥିବା ଜିଲାପାଳ ମହାନ୍ତି ପ୍ରକାଶ କରିଛନ୍ତି।

# ଅମାନିଆଙ୍କୁ ସାବାଡ୍ କଲା ପୋଲିସ

**ଢେଙ୍କାନାଳ ଅଫିସ, ୮।୪**



- ୧୪ ଗିରଫ, ୯ ଗାଡ଼ି ଜବତ
- ୧୮,୦୦୦ ଜରିମାନା ଆଦାୟ

ପୋଲିସ ପକ୍ଷରୁ ଦୁଇଚକିଆ ଯାନ ଚଳାଚଳକୁ ବନ୍ଦ କରାଯାଉଛି।

ରାଜ୍ୟରେ କରୋନା କାୟା ବିସ୍ତାର କରିବାରେ ଲାଗିଛି। ଖୋର୍ଦ୍ଧା, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ପୁରୀ, କଳାହାଣ୍ଡି, ଯାଜପୁର ଜିଲାରେ ସଂକ୍ରମଣ ଦେଖାଦେଇଛି। ସୀମାବର୍ତ୍ତୀ ଜିଲାରେ କୋଭିଡ୍-୧୯ର ପଦଧ୍ୱନି ପରେ ସତର୍କ ହୋଇଉଠିଛି ଢେଙ୍କାନାଳ ଜିଲା ପ୍ରଶାସନ। ଜିଲାରେ ଲକ୍‌ଡାଉନ ଏବଂ ସାମାଜିକ ଦୂରତ୍ୱ ନିୟମକୁ ଅଧିକ କଡ଼ାକଡ଼ି କରାଯାଇଛି। ଲୋକମାନଙ୍କୁ ସଚେତନ କରାଯିବା ସହ ସେମାନଙ୍କ ଜୀବନକୁ ସୁରକ୍ଷିତ ରଖିବା ଲାଗି କଠୋର ଆଭିମୁଖ୍ୟ ଗ୍ରହଣ କରାଯାଉଛି।

ସହରରେ ବୁଧବାରଠାରୁ ଦୁଇଚକିଆ ଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ତଥାପି ବିଭିନ୍ନ ଆଳ ଦେଖାଇ ଲକ୍‌ଡାଉନ କଟକଣା ଉଲ୍ଲଂଘନ କରୁଛନ୍ତି ଅମାନିଆ ଯୁବକ। ସମ୍ପୃକ୍ତ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପୋଲିସ। ସନ୍ଧ୍ୟା ସୁଦ୍ଧା ୯ ଗାଡ଼ି ଜବତ କରାଯିବା ସହ ୧୪ ଜଣଙ୍କୁ ଗିରଫ କରାଯାଇଛି। ୧୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଟାଉନ ଥାନା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏସ୍‌ପି ଅନୁପମା ଜେମ୍‌ସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ଅଧିକାରୀମାନେ ଜନଗହଳି ସ୍ଥାନରେ ଯାନବାହନ ଯାଞ୍ଚ କରିଥିଲେ। ଜରୁରୀ କାର୍ଯ୍ୟ ନ ଥିଲେ ବାହାରେ ନ ବୁଲିବାକୁ ଏସ୍‌ପି ସଚେତନ କରିଥିଲେ। ନିୟମ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ଟାଉନ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ, ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ, ପିଏସ୍‌ଆଇ ପ୍ରିୟଦର୍ଶିନୀ ଇପ୍‌ସିତା, ଇତିଶ୍ରୀ ବେହେରା, ଦେବାଶିଷ ଶତପଥୀ, ହିମାଂଶୁ ଶେଖର ପାତ୍ରଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠିତ ହୋଇଛି। ଏହି ସ୍କ୍ୱାଡ୍ ସହରର ମୁଖ୍ୟ ରାସ୍ତା, ଛକ, ଗଳିକନ୍ଦିରେ ପଇଁତରା ମାରିବା ସହ ନିୟମ ଉଲ୍ଲଂଘନ କରୁଥିବା ଯୁବକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।

## ସଂକ୍ଷେପରେ

### ଅସହାୟଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ

ଭଟଲି, ୮।୪ (ଡି.ଏନ.ଏ): ବରଗଡ ଜିଲା ଭଟଲି ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂସ୍ଥା ପକ୍ଷରୁ ୬୦ଜଣ ଅସହାୟ ବୃଦ୍ଧବୃଦ୍ଧା, ଖଟିଖିଆ ଦିନ ମଜୁରିଆଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି । ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଭଟଲି ବ୍ଲକ ଉନ୍ନୟନ ଅଧିକାରୀ ବୀରେନ୍ଦ୍ର ସେଠୀ, ନୂଆଗଡ ସରପଞ୍ଚ ସୁଜାତା ପାଣ୍ଡେ, ଇଓ ତରାଶ ଭୋଇ, ଭଟଲି ସରପଞ୍ଚ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

### ଲକ୍‌ଡାଉନ, ୨ ଗିରଫ

ଜୁନାଗଡ,୮।୪(ଡି.ଏନ୍.ଏ): ଲକ୍‌ଡାଉନ ନିୟମ ଉଲଘଂନ କରିଥିବା ୨ଜଣ ବ୍ୟକ୍ତିଙ୍କୁ ମଙ୍ଗଳବାର ଜୁନାଗଡ ପୋଲିସ ଗିରଫ କରିଛି। ଏହାସହ ସେମାନଙ୍କ ବାଇକକୁ ମଧ ଜବତ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ବେଣୁଧର ଧଙ୍ଗଡାମାଝୀ ଓ ବାଲାଜି ଦାଶ। ଉଭୟ ଜୁନାଗଡ ଥାନା ଅନ୍ତର୍ଗତ ବ୍ରାହ୍ମଣୀଗୁଡା ଗ୍ରାମର ବୋଲି ଜୁନାଗଡ ଥାନାଧିକାରୀ ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି ।

# ଚାଷ ଉପରେ କରୋନା ମାଡ଼

ମହାମାରୀ କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ କଟକଣା ଲାଗୁ ହୋଇଛି। ଫଳରେ ଦେଶର ଉଭୟ ଅର୍ଥନୈତିକ, ସାମାଜିକ ବ୍ୟବସ୍ଥା ପ୍ରଭାବିତ ହୋଇଛି । ଏଥିରୁ କୃଷିକ୍ଷେତ୍ର ମଧ୍ୟ ବାଦ୍ ପଡ଼ିନାହିଁ। ଚାଷକାର୍ଯ୍ୟରେ ଏହାର ପ୍ରଭାବ ପଡ଼ିଛି । ଲକ୍ ଡାଉନ୍ ଯୋଗୁ ଶ୍ରମିକଙ୍କ ଅଭାବ ଏବେ ଚାଷୀଙ୍କ ମୁଖ୍ୟ ସମସ୍ୟା ପାଲଟିଛି । ଶ୍ରମିକ ବାହାରୁ ଆସୁ ନ ଥିବାରୁ ଧାନ ଫସଲରେ ଲଟାବଛା କାର୍ଯ୍ୟ ଠପ୍ ପଡ଼ିଯାଇଛି। ସାର, କୀଟନାଶକ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଚାଷୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଅନ୍ୟପଟେ ପରିବା ଚାଷୀ ଶାଗମାଛ ଦରରେ ଅମଳ ପରିବାକୁ ବିକ୍ରି କରୁଛି ତ ଆଉ କାହାର କିଆରିରେ ତାହା ପଚିସଢ଼ି ନଷ୍ଟ ହୋଇ ଯାଉଛି ।



### ଘରୁ ବାହାରିଲେ ପୋଲିସ ଭୟ

ଧାନ ଫସଲରେ ଅନାବନା ଲଟା ବହୁମାତ୍ରାରେ ହୋଇ ଗଲାଣି । ଲଟାବଛା ପାଇଁ ଶ୍ରମିକମାନେ କଣ ବାହାରିବେ, ଘରୁ ବାହାରିଲେ ତ ପୋଲିସ ଭୟ । ନିଜକୁ ମଧ୍ୟ ଘରୁ ପଦାକୁ ବାହାରିବାକୁ ଡର ଲାଗୁଛି। ଛିନାଛଟା ଦେଖିଲେ ବେଳେବେଳେ ଜମିକୁ ପାଣି ମଡ଼ାଇବାକୁ ଯାଉଛୁ । ଏମିତି ଲାଗି ରହିଲେ ଆଗକୁ ଫସଲ ମାଟିଆ ଗୁଣ୍ଡି(ଟକଡ଼ା), ଗଣ୍ଡିପୋକରେ ଧୂଳିସାତ୍ ହୋଇଯିବ। **—ଏକାଦଶିଆ ସାହୁ, ବରାହଗୋଡ଼ା**



### ମିଳୁନି ସାର, କୀଟନାଶକ

ଚାଷୀଙ୍କ ସବୁ ପ୍ରକାର ସମସ୍ୟା ବଢ଼ି ଯାଇଛି । ଭୟରେ ସାର, କୀଟନାଶକ ଦୋକାନକୁ ଲୋକେ ଖୋଲୁ ନାହାନ୍ତି । ଫଳରେ ଜମିରେ ପ୍ରୟୋଗ ପାଇଁ ତାହା ମିଳିବା କଷ୍ଟସାଧ୍ୟ ହୋଇ ପଡୁଛି। ପରିବହନ ସେବା ବନ୍ଦ ରହିଛି । ଉତ୍ପାଦିତ ପରିବା ବିକ୍ରି ପାଇଁ ବଜାରକୁ ନେଇ ହେଉନାହିଁ । କରୋନା ସଂକ୍ରମଣ ଆଶଙ୍କାରେ ବାଧ୍ୟ ହୋଇ ଘର ଭିତରେ ବସି ରହିବାକୁ ପଡ଼ିଛି ।**—ସଦାନନ୍ଦ ପୂଜାରୀ, ଜାରିଂ**



### ଅସୁବିଧାରେ ପରିବା ଚାଷୀ

ଗାଁ ଗହଳିର ପରିବା ଚାଷୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାଇଗଣ, ଟମାଟୋ, କାକୁଡ଼ି ଭଳି ପରିବାକୁ ସେମାନେ ବିକ୍ରି କରି ପାରୁ ନାହାନ୍ତି । କିଏ ମାଗଣାରେ ଦେଇ ଦେଉଛି ତ ଆଉ କେହି ଅମଳ କରୁନାହିଁ । ଜଡ଼ା ଗ୍ରାମର ଜଣେ ଚାଷୀ ୩୦ ଡେସିମିଲ ଜମିରେ କାକୁଡ଼ି ଚାଷ କରିଥିଲେ । ବିକ୍ରି ସୁବିଧା ହେଉ ନ ଥିବାରୁ ତାହା ଅମଳକ୍ଷମ ହୋଇ କିଆରିରେ ପଡ଼ି ରହିଛି । **—ଜୟକୃଷ୍ଣ ସାହୁ, ସୋହେଲା**



### ଚାଷୀଙ୍କୁ ସହଯୋଗ ଦରକାର

ଲକ୍‌ଡାଉନ୍ କଟକଣା ଚାଷୀଙ୍କୁ ପ୍ରଭାବିତ କରିଛି । ଚାଷୀମାନେ ପରିବା ଅମଳ କରିଥିଲେ ମଧ୍ୟ ତାହା ବିକ୍ରି ପାଇଁ ବଜାରକୁ ଯାଇ ପାରୁ ନାହାନ୍ତି । ବଜାରକୁ ଯିବା ଏବଂ ସେଠାରୁ ଫେରିବା ବାଟରେ ପୋଲିସ କାର୍ଯ୍ୟାନୁଷ୍ଠାନ ଭୟ ରହୁଛି । ଏଭଳି ସ୍ଥଳେ ପ୍ରଶାସନ ଚାଷୀଙ୍କ ଅମଳ ପରିବା ବିକ୍ରିବ୍ୟବସ୍ଥା କରିବା ଦରକାର ।**—ଗୌରଚନ୍ଦ୍ର ଖମାରୀ, ବରଗଡ଼**

*(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ)*



ଅଡ଼ାପଡା ଗ୍ରାମରେ ହତ୍ୟାକାଣ୍ଡ ଘଟଣାରେ ସାଇଣ୍ଟିଫିକ୍ ଟିମ ନମୁନା ସଂଗ୍ରହ କରୁଛନ୍ତି ।

# ପାରିବାରିକ କଳହରୁ ହତ୍ୟାକାଣ୍ଡ

ସମ୍ବଲପୁର, ୮।୪ (ବ୍ୟୁରୋ)

**ସମ୍ବଲପୁର**
- **୩ଦିନ ପୂର୍ବରୁ ପୋଲିସକୁ ଅଭିଯୋଗ କରିଥିଲେ**
- **ଘଟଣାସ୍ଥଳରୁ ଚୁଡ଼ି, ରକ୍ତଲଗା ପଥର ଜବତ**

ସମ୍ବଲପୁର ଧୁଯୁମୁରା ଥାନା ଅଡ଼ାପଡା ଗ୍ରାମରେ ମଙ୍ଗଳବାର ରାତିରେ ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। ରସାନନ୍ଦ ବିରଗଠିଆ (୩୨) ନାମକ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି । ଘାସିରାମ ସପରିବାର ଘରୁ ଫେରାର ହୋଇଯାଇଥିବାରୁ ଏହି ହତ୍ୟାକାଣ୍ଡରେ ଘାସିରାମ ସମ୍ପୃକ୍ତ ଥିବା ନେଇ ପୋଲିସ ସନ୍ଦେହ କରୁଛି। ଘଟଣାସ୍ଥଳରୁ ରକ୍ତଲଗା ପଥର ସହ କାଚ ଚୁଡି ପୋଲିସ ଜବତ କରିଛି । ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି ।

ପୋଲିସ ସୂଚନା ଅନୁସାରେ, କୌଣସି କାରଣରୁ ରସାନନ୍ଦ ଓ ଘାସିରାମଙ୍କ ମଧରେ ବିବାଦ ଲାଗି ରହିଥିଲା। ୪ ଦିନ ତଳେ ବଡଭାଇ ଗ୍ରାମରକ୍ଷୀ ଥିବା ଘାସିରାମଙ୍କୁ ରସାନନ୍ଦ ଗାଳିଗୁଲଜ କରୁଥିବା ଧୁଯୁମୁରା ଥାନାରେ ସାନଭାଇ ଅଭିଯୋଗ ହୋଇଥିଲା । ପୋଲିସ ମଧ ଲକ୍‌ଡାଉନ ଅବଧି ସରିବା ପରେ ଉଭୟ ପରିବାରଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ୪ ଦିନ ପରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ବିବାଦର ରୂପ ହତ୍ୟାକାଣ୍ଡରେ ପରିଣତ ହୋଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ଫଟୋରେ ଖବର...



କରୋନା ପାଇଁ ବୁଧବାର ବରଗଡ଼ ଜିଲା ଭେଡେନ ବ୍ଲକ ସଂକ୍ରୀଡା ବିନ୍ଧ୍ୟବାସିନୀ ଚୈତ୍ର ଯାତ୍ରାକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି । ମନ୍ଦିର ମୁଖ୍ୟ ଗେଟ୍‌ରେ ବାଡ ଦେଇ ପ୍ରଶାସନିକ ଅଧିକାରୀମାନେ ଜଗି ରହିଛନ୍ତି ।

### ଆମ୍ବୁଲାନ୍ସରେ ବୁହା ହେଉଛନ୍ତି ଶ୍ରମିକ

ରେଙ୍ଗାଲି,୮।୪(ଡି.ଏନ.ଏ.)

ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତରେ ତଲାବିରା ୨ ଓ ୩ କୋଇଲା ଖଣିରୁ କୋଇଲା ଉତ୍ତୋଳନ ଦାୟିତ୍ୱ ନେଇଥିବା ଏନଏଲସି କମ୍ପାନୀ ଲକ୍‌ଡାଉନ ନିୟମ ନିୟମ ମାନୁ ନାହିଁ। ବିଭିନ୍ନ ସ୍ଥାନରୁ ଆମ୍ବୁଲାନ୍ସ ଯୋଗେ ଶ୍ରମିକ ଆଣି କାମ କରାଯାଉଛି। ଏଣୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ମଙ୍ଗଳବାର ଏହା ଜାଣିବା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଉକ୍ତ ଆମ୍ବୁଲାନ୍ସ ଭାଙ୍ଗି ଦେଇଥିଲେ। ଏହି ଖବର ପାଇ ଘଟଣାସ୍ଥଳରେ ଠେଲକୁଲି ପୋଲିସ, ରେଙ୍ଗାଲି ତହସିଲଦାର ସୁନୀଲ ମେହେର, ଡାକ୍ତର କୈଳାଶ ମାଝୀ ପ୍ରମୁଖ ପହଞ୍ଚି ଥିଲେ। ସେଠାକୁ ଆସିଥିବା ଶ୍ରମିକମାନଙ୍କ ଡାକ୍ତରୀ ପରୀକ୍ଷା କରି ୧୦ଜଣଙ୍କୁ ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପକୁ ନେଇ ରଖାଯାଇଛି। ୩୦ଜଣଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରଖାଯାଇଛି।

# ଭୋକିଲା ବୁଲା ପ୍ରାଣୀଙ୍କ ମୁହଁରେ ଆହାର

ସମ୍ବଲପୁର,୮।୪(ବ୍ୟୁରୋ)



ବୁଧବାର ବଜରଙ୍ଗୀ ଭକ୍ତମାନେ ଗୋରୁ ଗାଈଙ୍କୁ ଘାସ ଖାଇବାକୁ ଦେଉଛନ୍ତି ।

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ସବୁ କ୍ଷେତ୍ରରେ ପ୍ରସ୍ତୁତି କରୁଛି । ରାଜ୍ୟ ବାହାରେ ଓ ରାଜ୍ୟ ଭିତରେ ଥିବା ଦାଦନ ଶ୍ରମିକ ମାନଙ୍କୁ ସମସ୍ତ ସୁବିଧା କରିବା ଦାୟିତ୍ୱ ନେଇଛନ୍ତି । ଫୁଟପାଥ୍ ଓ ଗରିବ ଶ୍ରେଣୀର ଲୋକମାନଙ୍କୁ ପ୍ରଶାସନ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ରନ୍ଧାଖାଦ୍ୟ ବଣ୍ଟନ କରୁଛନ୍ତି । ହେଲେ ସମ୍ବଲପୁର ସହରରେ ଥିବା ବୁଲା କୁକୁର, ଗୋରୁ ଗାଈ ତଥ୍ୟା ଅନ୍ୟ ପ୍ରାଣୀ ଓ ପକ୍ଷୀ ମାନଙ୍କ ପାଇଁ ଖାଦ୍ୟ ପାନୀୟର ଅଭାବ ଦେଖା ଦେଇଛି । ଜଳଖିଆ ଦୋକାନ, ହୋଟେଲ, ଚା ଦୋକାନ ଗୁଡିକ ବନ୍ଦ ରହିଛି । ସେଥିରୁ ବାହାରୁଥିବା ବାସି ଖାଦ୍ୟ ଓ ସହୃଦୟ ବ୍ୟକ୍ତିମାନେ ଦେଉଥିବା ଖାଦ୍ୟ ମିଳିପାରୁନାହିଁ। ତେଣୁ ପ୍ରାଣୀମାନେ ଭୋକ ଉପାସରେ ଆଉଟୁ ପାଉଟୁ ହୋଇ ଏଣେତେଣେ ବୁଲୁଛନ୍ତି । ଏଭଳି ସମୟରେ ସେମାନଙ୍କ ପାଇଁ ଖାଦ୍ୟ ପାନୀୟ ବ୍ୟବସ୍ଥା କରୁଛନ୍ତି କେତେକ ସାମାଜିକ କର୍ମୀ ଓ ଦୋକାନୀ । ସମ୍ବଲପୁର ବଜରଙ୍ଗ ଦଳ କର୍ମକର୍ତ୍ତାମାନେ ଅଟୋରେ ଚାଆଁରପୁର ଅଞ୍ଚଳରୁ ଘାସ ଆଣୁଛନ୍ତି ଏବଂ ସହରର ଦଲେପଡା, ବୁଥାପଡା, ଚର୍ଚ୍ଚ ଛକ, ରେମେଡ, ଅଇଁଠାପାଲିରେ ଥିବା ବୁଲା ଗାଈ ଗୋରୁ ମାନଙ୍କୁ ଦେଉଛନ୍ତି । ଲକଡାଉନ ଥିବା ପର୍ଯ୍ୟନ୍ତ ସେମାନେ ଏହି ସେବାରେ ନିୟୋଜିତ ହେବେ ବୋଲି କହିଛନ୍ତି । ସେହିପରି ବିଭିନ୍ନ ଦୋକାନ ଓ ଘର ସମ୍ମୁଖରେ ଲୋକମାନେ ପାତ୍ରରେ ପାଣି ରଖିଥିବା ଦେଖିବାକୁ ମିଳିଛି । ସେହିପରି ଧନୁପାଲି ଛକରେ ଥିବା ଏକ କିରାନା ଦୋକାନ ସମ୍ମୁଖରେ ପ୍ରତିଦିନି ପାରା ମାନଙ୍କୁ ଖାଇବାକୁ ଦିଆଯାଉଛି । ଅପରାହ୍ନ ହୋଇଗଲେ ଖାଇବା ସମୟ ହୋଇଗଲା ଭାବି ପାରାମାନେ ନିଜେ ଆସନ୍ତି । ମାତ୍ର ୧୫ରୁ ୨୦ ମିନିଟ ଭିତରେ ଖାଇବାକୁ ଦିଆଯାଇଥିବା ଚାଉଳ, ଗହମ ଖାଆନ୍ତି । ପାତ୍ରରେ ଥିବା ପାଣି ପିଇ ପୁଣି ଉଡି ଯାଆନ୍ତି । ଅପରାହ୍ନ ୫ ଟାରେ ପୁଣି ଥରେ ଖାଇବା ପାଇଁ ଆସି ଯାଆନ୍ତି ଓ ନିର୍ଭୟରେ ଚାଲି ଯାଆନ୍ତି ବୋଲି ଦୋକାନୀ କହନ୍ତି ।

### ଦିନକର ଦରମା ଦେଲେ ସମବାୟ ବ୍ୟାଙ୍କ କର୍ମଚାରୀ

ବରଗଡ଼ ଅଫିସ୍,୮।୪

କରୋନା ମୁକାବିଲାରେ ବିନିଯୋଗ ପାଇଁ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ସଂଘର କର୍ମଚାରୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦିନକର ଦରମା ପ୍ରଦାନ କରିଛନ୍ତି। ୨ଲକ୍ଷ ୬୮ହଜାର ୯୨୫ଟଙ୍କାର ଏକ ଚେକ୍ ବରଗଡ଼ର ଲିଡ୍‌ବ୍ୟାଙ୍କ ମ୍ୟାନେଜର ସୀତାରାମ ମେହେରଙ୍କୁ ପ୍ରଦାନ କରାଯାଇଛି । ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ଡିଜିଏମ ରମେଶ ଚନ୍ଦ୍ର ଆଚାର୍ଯ୍ୟ, ସମବାୟ କର୍ମଚାରୀ ସଂଘର ସମ୍ପାଦକ ନରେଶ ଶତପଥୀ ପ୍ରମୁଖ ଚେକ୍ ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ପାଇକମାଳ ନାଗରିକ କମିଟିର ସଚେତନତା ସଭା



ନୃସିଂହନାଥ ଧର୍ମଶାଳାଠାରେ ନାଗରିକ କମିଟିର ସଚେତନତା ବୈଠକ ଚାଲିଛି ।

ପାଇକମାଳ, ୮।୪ (ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ବୁଧବାର ନାଗରିକ କମିଟିର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଦ୍ମପୁର ଉପଜିଲାପାଳ ତନ୍ମୟ ଦରୱାନ, ତହସିଲଦାର ମନୋଜ କୁମାର ମେହେର, ୱେସ୍କୋ ଏସଡିଓ ପୁରନ୍ଦର ସାହୁ, ରାଜକିଶୋର ସାହୁ, ବିନୋଦ କାଲିଆ, ଯୁଗଳ ମେହେର ଓ ଅନ୍ୟାନ୍ୟ ସଭ୍ୟମାନେ ଯୋଗ ଦେଇଥିଲେ । କମିଟି ସଭାପତି ମନୋଜ ତ୍ରିବେଦୀ କରୋନାକୁ ନେଇ କି କି ପଦକ୍ଷେପ ପାଇକମାଳରେ ନିଆଯାଇଛି ବୋଲି ଉପଜିଲାପାଳଙ୍କୁ ପଚାରିବା ସହ ପଦ୍ମପୁରରୁ ପାଇକମାଳକୁ ନୂତନ ୩୩ କେଭି ଲାଇନ କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ । ଦରୱାନ ପାଇକମାଳ ଅଞ୍ଚଳରେ କରୋନାକୁ ନେଇ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସୂଚନା ଦେଇଥିଲେ । ଏହାସହିତ ସେ ବରଗଡ ୱେସ୍କୋ ଏସ୍‌ଇଙ୍କ ସହ ଫୋନ ଯୋଗେ କଥା ହୋଇ ଶୀଘ୍ର ପାଇକମାଳକୁ ନୂତନ ୩୩ କେଭି କାମ କରିବା ପାଇଁ ପରାମର୍ଶ ଦେଇଥିଲେ । ଏ ଦିଗରେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପଦ୍ମପୁର ଉପଜିଲାପାଳ ଦରୱାନ କହିଛନ୍ତି ।

# ପରିବା ଅଭାବ ପୂରଣ କରୁଛି କିଚେନ ଗାର୍ଡେନ

କର୍ଲାମୁଣ୍ଡା, ୮।୪ (ଡି.ଏନ.ଏ)

ସାରା ଦେଶରେ କରୋନା ଯୋଗୁ ଲକ୍ ଡାଉନ ଘୋଷଣା କରାଯାଇଛି। ଏଭଳି ପରିସ୍ଥିତିରେ ଜନସାଧାରଣଙ୍କ ପାଇଁ ପନିପରିବା ପାଇବା ଏକ ପ୍ରମୁଖ ସମସ୍ୟା ହୋଇଛି । ତେବେ ମହିଳାଙ୍କ ଦ୍ୱାରା ନିଜ ଘର ଅଗଣାରେ କରାଯାଇଥିବା କିଚେନ ଗାର୍ଡେନରୁ କଞ୍ଚା ପନିପରିବା ଅଭାବକୁ ଦୂର କରିପାରିଥିବା କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଚାପାଟି ଗାଁରେ ଦେଖିବାକୁ ମିଳିଛି। ବ୍ଲକ ସଦର ଠାରୁ ୧୫ କିମି ଦୂର ଏହି ଗାଁରେ ୧୨୦ ପରିବାରର ୫୩୦ ଲୋକ ବସବାସ କରନ୍ତି। ଏମାନେ ଆଦିବାସୀ, ହରିଜନ, ପଛୁଆ ବର୍ଗର ପ୍ରାୟ ଅଧିକାଂଶ ଶ୍ରମିକ ଶ୍ରେଣୀର ଲୋକ। ଏହି ଗାଁରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ସହାୟତାରେ ରତ୍ନ ମୋହିନୀ ନାମକ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନାରେ ଆଜକୁ ବର୍ଷେ ତଳେ ଚାରା ଉତ୍ପାଦନ ଓ ଚାରା ବିକ୍ରୟ କେନ୍ଦ୍ର ଖୋଲାଯାଇଥିଲା। ସେଥିରେ ଟମାଟୋ, ବାଇଗଣ, ମରିଚ, ଫୁଲକୋବି, ବନ୍ଧାକୋବି ପ୍ରଭୃତି ଚାରା ଗାଁ ଲୋକଙ୍କୁ ଶସ୍ତା ଦାମରେ ଯୋଗାଇ ଦିଆଯାଉଛି। ଫଳରେ ବର୍ତ୍ତମାନ ଗାଁର ୧୨୦ଟି ପରିବାରର ମହିଳାମାନେ ନିଜ ନିଜର ଘର ଅଗଣା, ବାସନ ଧୋଇବା ସ୍ଥାନ ମାନଙ୍କରେ ବିଭିନ୍ନ କିସମର ପନିପରିବା ଲଗାଇ ବର୍ତ୍ତମାନ ସମୟରେ କଞ୍ଚା ପନିପରିବା ଅଭାବକୁ ପୂରଣ କରିପାରିଛନ୍ତି। ସେମାନେ ବଜାରକୁ ନିର୍ଭର ନ କରି ଘରୁ ବାହାରକୁ ଯାଉ ନ ଥିବା ଦେଖିବାକୁ ମିଳିଛି। ଆମ ଗାଁରେ ସମସ୍ତେ କିଚେନ ଗାର୍ଡେନ କରିଥିବାରୁ ଆମ ଗାଁ ଲୋକ ବଜାରକୁ ନିର୍ଭର କରିନାହାନ୍ତି ଓ ଲକ୍ ଡାଉନକୁ କଡାକଡି ଭାବେ ପାଳନ କରୁଛନ୍ତି ବୋଲି ରେଗଡା ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ଗୌରି ଦୀପ କହିଛନ୍ତି । ସେହିପରି ଜଣେ ମହିଳା ଚାଷୀ ଅଳକା ଦୀପ କୁହନ୍ତି, ଛୋଟ ଜାଗାରୁ ମୁଁ ୧୫ ପ୍ରକାର ପନିପରିବା ପାଉଛି। ମୋ ପରିବାର ବଜାର ଖର୍ଚ୍ଚରୁ ବର୍ଞ୍ଚ ଯାଇଛି । ରତ୍ନ ମୋହିନୀ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଭ୍ୟାମାନଙ୍କ ଉଦ୍ୟମ ଯୋଗୁ ଆମ ଗାଁରେ ପରିବାର କିଛି ଅଭାବ ନାହିଁ ବୋଲି ସଭାନେତ୍ରୀ ମମତା ଭୋଇ ମତ ଦେଇଛନ୍ତି ।



ଜଣେ ମହିଳା ନିଜ ଗାର୍ଡେନରୁ ପରିବା ସଂଗ୍ରହ କରୁଛନ୍ତି ।

# ତାମିଲନାଡୁରେ ଫସିଛନ୍ତି ୪୯ ଶ୍ରମିକ

ବରଗଡ଼ ଅଫିସ୍,୮।୪

**ଉଦ୍ଧାର ପାଇଁ ସରକାରଙ୍କୁ ନିବେଦନ**



ତାମିଲନାଡୁରେ ଫସିଥିବା ଶ୍ରମିକ ।

କରୋନା (କୋଭିଡ୍-୧୯) ଭୂତାଣୁ ପ୍ରତିହତ ପାଇଁ ଦେଶବ୍ୟାପୀ ଲକ୍ ଡାଉନ ହୋଇଛି । ଏଥିପାଇଁ ତାମିଲନାଡୁର ଏକ କପଡ଼ା ମିଲ୍‌ରେ ବରଗଡ଼ ସମେତ ବଲାଙ୍ଗୀର, ନୂଆପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲାର ୪୯ ଶ୍ରମିକ ଫସି ରହିଛନ୍ତି । ଲକ୍ ଡାଉନ୍ ପରେ ସେମାନେ ଖାଇବା ପିଇବା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ଏ ନେଇ ସୂଚନା ପାଇବା ପରେ ବରଗଡ଼ର ଜଣେ ସାମାଜିକ କର୍ମୀ ଆଶିଷ ନାଥ ସମ୍ପୃକ୍ତ ଶ୍ରମିକଙ୍କୁ ରାଶନ ସାମଗ୍ରୀ ଯୋଗାଣ ସହିତ ଅନ୍ୟାନ୍ୟ ବିହିତ ପଦକ୍ଷେପ ନେବା ପାଇଁ ସୋସିଆଲ ମିଡ଼ିଆ ମାଧ୍ୟମରେ ଉଭୟ ଓଡ଼ିଶା ଏବଂ ତାମିଲନାଡୁ ସରକାରଙ୍କୁ ଜଣାଇଛନ୍ତି । ପ୍ରକାଶ ଯେ, ସମ୍ପୃକ୍ତ ଶ୍ରମିକମାନେ ଗତ କିଛିମାସ ତଳୁ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ। ସେମାନେ ତିରପୁର ଜିଲା ଆଣ୍ଡିପାଲାୟମ ନିକଟ ଚିନିୟା ଗୋଡ଼ାଉନ ପୁଡୁର୍ ଅଞ୍ଚଳର ଏକ କପଡ଼ା ମିଲ୍‌ରେ କାମ କରୁଛନ୍ତି । ତେବେ ସେମାନେ ଯାହା କିଛି ରୋଜଗାର କରିଥିଲେ ତାହା ସରିଯାଇଛି । ଅନ୍ୟପଟେ କପଡ଼ା ମିଲ୍ କର୍ତ୍ତୃପକ୍ଷ ମଧ୍ୟ ସେମାନଙ୍କୁ ଲକ୍ ଡାଉନ୍ ପରେ କିଛି ସହଯୋଗ କରୁ ନ ଥିବା ଅଭିଯୋଗ କରିଛନ୍ତି । ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ନିବେଦନ କରିବା ପରେ ସାମାଜିକ କର୍ମୀ ନାଥ ଓଡ଼ିଶା, ତାମିଲନାଡୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଲୋକଙ୍କୁ ମାସ୍କ ବାଣ୍ଟିଲା ବଡ଼ଗାଁ ଆଇଟିଆଇ

ବଡ଼ଗାଁ,୮।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଆଇଟିଆଇ ପକ୍ଷରୁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଲୋକଙ୍କୁ ରନ୍ଧା ଖାଦ୍ୟ ଓ ମାସ୍କ ବଣ୍ଟନ କରାଯାଇଛି। ସେହିଭଳି ବଡ଼ଗାଁ ଡାକ୍ତରଖାନାରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ରନ୍ଧା ଖାଦ୍ୟ ଦେଉଛନ୍ତି। ଅନ୍ୟପକ୍ଷେ କର୍ମଚାରୀମାନେ ମଧ ନିଜର ଗୋଟିଏ ଦିନର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଓ ପ୍ରଧାନମନ୍ତ୍ରୀ ପାଣ୍ଠିକୁ ଦାନ କରିଛନ୍ତି।

### ଦୋକାନ ସିଲ୍ କଲା ପୋଲିସ

ଟିଟିଲାଗଡ଼, ୮।୪ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ପ୍ରଶାସନ କରୋନା କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ କଡା ଆଭିମୁଖ୍ୟ ଗ୍ରହଣ କରିଛି। ବୁଧବାର ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, ଏସ୍‌ଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ, ପୌର ନିର୍ବାହୀ ଅଧିକାରୀ ନରେନ୍ଦ୍ର ପ୍ରଧାନ, ଆଇଆଇସି ବାରିଣୀ ଦାଶ, ଏସଆଇ ମନୋଜ ମୁଣ୍ଡା ପ୍ରମୁଖ ସହରରେ ବୁଲି ଲକ୍‌ଡାଉନ ସୁନିଶ୍ଚିତ କରିଛନ୍ତି। ହାଟପଦା ଦୈନିକ ବଜାର ୟାର୍ଡରେ ବେଆଇନ ଭାବରେ ଭିଡ ଜମାଇ ସାମାଜିକ ଦୁରତା ରକ୍ଷା କଟକଣାକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ଏକ ଗ୍ରୋସରି ଦୋକାନକୁ ସିଲ୍ କରାଯାଇଛି। ଏହା ସହ ପୋଲିସ ପକ୍ଷରୁ ବିଭିନ୍ନ ଛକ ସ୍ଥାନରେ ପହରା ଦେଇ ଲକ୍‌ଡାଉନ ସମୟରେ ବାଇକ ଚଳାଚଳକୁ ନିଷିଦ୍ଧ କରାଯାଇଛି।

### ଟ୍ରାକ୍ଟର ତଳେ ଚାପି ହୋଇ ବାଳକ ମୃତ

ବୌଦ୍ଧ, ୮।୪(ସ୍ୱ.ପ୍ର): ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ପାଟଲିପଡା ଗ୍ରାମରେ ବୁଧବାର ଏକ ବାଲି ବୋଝେଇ ଟ୍ରାକ୍ଟର ତଳେ ଚାପି ହୋଇ ଜଣେ ୧୩ବର୍ଷର ଶିଶୁର ମୃତ୍ୟୁ ଘଟିଛି। ମୃତକ ହେଲେ ଗାଁର ବବୁରୁ ଜାଲଙ୍କ ପୁଅ ପ୍ରଦ୍ୟୁମ୍ନ। ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଟ୍ରାକ୍ଟର ପ୍ରଦ୍ୟୁମ୍ନଙ୍କ ଉପରେ ମାଡି ଯାଇଥିଲା। ବାଉଁଶୁଣୀ ଦମକଳ ବାହିନୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଉଁଶୁଣୀ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମନମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ସଙ୍ଗରୋଧ ଗୃହକୁ ଗଲେ ୧୦ ଟ୍ରକ୍ ଚାଳକ

କୁଆଁରମୁଣ୍ଡା, ୮।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାକି ଛକରେ ୨ ଦିନ ଧରି ଅଟକି ରହିଥିବା ଟ୍ରକ୍ ଚାଳକମାନଙ୍କୁ ସଙ୍ଗରୋଧ ଗୃହକୁ ପଠା ଯାଇଛି। ସ୍ଥାନୀୟ ପଦ୍ମପୁର ପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ ଏମାନଙ୍କୁ ପ୍ରଥମେ ଭେଟି ଭଲମନ୍ଦ ପଚାରି ବୁଝିଥିଲେ। ଏହି ସମୟରେ ଚାଳକମାନେ ସଙ୍ଗରୋଧ ଗୃହକୁ ଯିବାକୁ ସ୍ୱେଚ୍ଛାକୃତ ଭାବେ କହିଥିଲେ। ଏଣୁ ପଦ୍ମପୁର ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରକୁ ଏମାନଙ୍କୁ ପଠାଯାଇଛି।

### ଅସହାୟଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ ଉପହାସ ପାଲଟିଛି

ଲୋଇସିଂହା,୮।୪(ଡି. ଏନ. ଏ.): ଲକ୍‌ଡାଉନ ଯୋଗୁ ଅସହାୟ ବ୍ୟକ୍ତିଙ୍କ ଅବସ୍ଥା ସାଂଘାତିକ ହୋଇପଡ଼ିଛି। ସରକାର ତଥା ବଲାଙ୍ଗୀର ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରି ରନ୍ଧାଖାଦ୍ୟ ଦେବାର ବ୍ୟବସ୍ଥା କରାଯାଇଛି। ହେଲେ ଲୋଇସିଂହା ବ୍ଲକର ବିଭିନ୍ନ ପଞ୍ଚାୟତରେ କମ ହାତ ଗଣତି ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ତାହା ପୁଣି ପେଟପୂରା ହେଉ ନ ଥିବା ଅଭିଯୋଗ ହେଉଛି, ଯାହା କି ଅସହାୟଙ୍କ ପ୍ରତି ଉପହାସ ପାଲଟିଛି। ବିଭିନ୍ନ ପଞ୍ଚାୟତରୁ ଜିଲା ପ୍ରଶାସନ ଓ ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ନିକଟରେ ଅଭିଯୋଗ ହେଉଛି। ଲୋଇସିଂହା ବ୍ଲକର ରତାଖଣ୍ଡି, ବୁର୍ଡା, କନ୍ଦାଜୁରୀ, ଯୋଗୀସର୍ଡା, ସମେତ କେତେକ ପଞ୍ଚାୟତରେ ରନ୍ଧା ଖାଦ୍ୟ ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ମଙ୍ଗଳବାରଠାରୁ ହୀରାପୁର ପଞ୍ଚାୟତରେ ରନ୍ଧା ଖାଦ୍ୟ ବନ୍ଦ କରି ଦିଆଯାଇଛି।

# ଢିଲା ପ୍ରଶାସନ, ଅମାନିଆ ହିତାଧିକାରୀ

- ଭିଡ଼ ସମ୍ଭାଳି ପାରିଲାନି ପୋଲିସ
- ଫେରିଗଲେ ହିତାଧିକାରୀ

ବଲାଙ୍ଗୀର ଅଫିସ, ୮।୪


ଇନ୍ଦିରାନଗର ଠାରେ କରୋନା ସହାୟତା ରାଶି ବଣ୍ଟନ ବେଳେ ଅସମ୍ଭାଳ ଭିଡ଼।

କରୋନା ସଂକ୍ରମଣକୁ କାବୁ କରିବା ଦିଗରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି। ଲକ୍‌ଡାଉନ୍ ଘୋଷଣା କରି ଲୋକଙ୍କୁ ଘରେ ରହିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବାରମ୍ବାର ଜନସାଧାରଣଙ୍କୁ ନିବେଦନ କରୁଛନ୍ତି। ଲକ୍‌ଡାଉନ୍ ଓ ସାମାଜିକ ଦୂରତ୍ୱ କଡାକଡି ପାଳନ କରିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଲୋକଙ୍କ ଅସମ୍ଭାଳ ଭିଡ ପରିଚାଳନା କରିବାରେ ଫେଲ୍ ମାରୁଥିବା ଦେଖା ଯାଉଛି। ଲୋକେ ମଧ ଅମାନିଆ ହୋଇ ସବୁ ନିୟମ କାନୁନ ଉଲଂଘନ କରୁଥିବା ଦେଖା ଯାଉଛି। ଏଭଳି ସ୍ଥିତିରେ କରୋନା ସଂକ୍ରମଣ ରୋକିବା କଷ୍ଟକର ହୋଇପଡିଲାଣି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ କରୋନା ସହାୟତା ରାଶି ଭାବେ ୧ ହଜାର ଟଙ୍କା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହି ସହାୟତା ରାଶିକୁ ଉଚିତ୍ ଭାବେ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହାକୁ ସୁଚାରୁରୂପେ କାର୍ଯ୍ୟକାରୀ କରିବାରେ ସ୍ଥାନୀୟ ପ୍ରଶାସନ ବିଫଳ ହୋଇଥିବା ଦେଖା ଯାଇଛି। ବଲାଙ୍ଗୀର ମୁନିସିପାଲିଟି ୱାର୍ଡ ନମ୍ବର ୨୦ ଅନ୍ତର୍ଗତ ଇନ୍ଦିରାନଗରଠାରେ ପିଡିଏସ୍ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ବଣ୍ଟନ କରାଯାଉଥିବା ନେଇ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଖବର ପ୍ରଚାର ହେବା ପରେ ଶତାଧିକ ହିତାଧିକାରୀ ଓ ଜନସାଧାରଣ ସେଠାରେ ରୁଣ୍ଡ ହୋଇଥିଲେ। ଉପଯୁକ୍ତ ସୂଚନାର ଅଭାବ ଏବଂ ପରିଚାଳନାଗତ ତ୍ରୁଟି ଯୋଗୁଁ ସେଠାରେ ଲୋକଙ୍କ ଭିତରେ ସାମାଜିକ ଦୂରତ୍ୱ ଉଲଂଘନ ହେବା ସହ ଲୋକଙ୍କ ମଧ୍ୟରେ ଠେଲାପେଲା ଓ ହୋହଲ୍ଲା ଆରମ୍ଭ ହୋଇଯାଇଥିଲା। ମ୍ୟୁନିସିପାଲିଟି କର୍ମଚାରୀମାନେ ମାତ୍ର ଅଳ୍ପ କେତେଜଣଙ୍କୁ ଟଙ୍କା ବଣ୍ଟନ କରିଥିବାବେଳେ ଶତାଧିକ ହିତାଧିକାରୀ ସେଠାକୁ ଧସେଇ ପଶିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ଟାଉନ୍ ଥାନା ପୋଲିସକୁ ଖବର ଦିଆଯାଇଥିଲା। ଏହାପରେ ପୋଲିସ ସେଠାକୁ ପହଞ୍ଚି ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲା। ଲୋକଙ୍କ ଅସମ୍ଭାଳ ଭିଡ ଓ ଅମାନିଆଙ୍କ ଉଶୃଙ୍ଖଳତା ଦେଖି ଶେଷରେ ବାଧ ହୋଇ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ପଡିଥିଲା। ଏହାପରେ ଦୀର୍ଘ ସମୟ ଧରି ସେଠାରେ ଲୋକ ଅଟକି ରହି ଘରକୁ ଫେରିଥିଲେ। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କ ଘୋଷିତ ୧ ହଜାର ଟଙ୍କାର କରୋନା ସହାୟତା ରାଶି ବଣ୍ଟନ ପାଇଁ ପର୍ଯ୍ୟାୟକ୍ରମେ ୫୦ ଜଣଙ୍କୁ ଡକାଯାଇଥିଲା। ମାତ୍ର ଶତାଧିକ ଲୋକ ସେଠାକୁ ଆସି ଟଙ୍କା ମାଗିବାରୁ ପରିସ୍ଥିତି ଅସମ୍ଭାଳ ହୋଇପଡିଲା। ଜିଲାପାଳ ଓ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ପଡିଲା ବୋଲି ସେ କହିଛନ୍ତି।

## ଫଟୋରେ ଖବର...


ଲକ୍ ଡାଉନ ସତ୍ତ୍ୱେ ବୁଧବାର ସମ୍ବଲପୁରରେ ଗଙ୍ଗାଧର ମେହେର କଲେଜ ଛକରେ ଭିଡି ଲାଗି ରହିଛି ।

### ୯୫ ହଜାର ଉଜ୍ଜ୍ୱଳା ଉପଭୋକ୍ତା ଟଙ୍କା ପାଇବେ

ନୂଆପଡ଼ା ଅଫିସ,୮।୪

ଲକ୍‌ଡାଉନ ସମୟରେ ଗରିବ ପରିବାରର ଚୁଲି ଜାଳିବାକୁ କେନ୍ଦ୍ର ସରକାର ସହାୟତା କରିଛନ୍ତି। ଉଜ୍ଜ୍ୱଳା ଉପଭୋକ୍ତାଙ୍କୁ ଗରିବ କଲ୍ୟାଣ ଯୋଜନା ମାଧ୍ୟମରେ ସମ୍ପୂର୍ଣ୍ଣ ମାଗଣାରେ ୩ ମାସର ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦେବେ। ଏହିକ୍ରମରେ ନୂଆପଡା ଜିଲାର ୯୫ ହଜାର ଉପଭୋକ୍ତା ଗ୍ରାସ୍ ସିଲିଣ୍ଡର ପାଇବେ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। ଜିଲାରେ ଆଇଓସିଏଲର ୮୨ହଜାର, ବିପିସିଏଲ୍‌ର ୬ହଜାର ଏବଂ ଏଚପିସିଏଲ୍‌ର ୫ହଜାର ଉପଭୋକ୍ତାଙ୍କୁ ୧୫ ଡିଲର ଗ୍ୟାସ୍ ବଣ୍ଟନ ଦାୟିତ୍ୱ ନେଇଛନ୍ତି। ସୂଚନାନୁଯାୟୀ ଉପଭୋକ୍ତା ସଂପୃକ୍ତ ଗ୍ୟାସ୍ ଡିଲରଙ୍କଠାରୁ ଏପ୍ରିଲ, ମେ ଏବଂ ଜୁନର ଗ୍ୟାସ ସିଲିଣ୍ଡର ପାଇପାରିବେ । ଏଥିପାଇଁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରତି ମାସ ଟଙ୍କା ଜମା ହେବ । ସେମାନଙ୍କୁ ରେଜିଷ୍ଟର୍ଡ ମୋବାଇଲ କିମ୍ବା ଆଇଭିଆରଏସ ମାଧ୍ୟମରେ ବୁକିଂ କରିବାକୁ ପଡିବ। ନୂଆପଡା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ଦେବବ୍ରତ ମହାନ୍ତି ଏହା ପ୍ରକାଶ କରିଛନ୍ତି।

# ଗରିବ ଲୋକଙ୍କୁ ରୋଷେଇ ସାମଗ୍ରୀ, ମାସ୍କ ବଣ୍ଟନ

ବଲାଙ୍ଗୀର ଅଫିସ, ୮।୪

କରୋନା ଲକଡାଉନ୍ ସମୟରେ ଦିନମଜୁରିଆମାନେ ଅଡୁଆରେ ପଡିଛନ୍ତ। ଯେଉଁମାନେ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ଚିହ୍ନଟ ହୋଇଛନ୍ତି ସେମାନେ ପିଡିଏସ୍ ଚାଉଳ, ଭତ୍ତା ଟଙ୍କା ପାଉଛନ୍ତି। ମାତ୍ର ଯେଉଁମାନେ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ସାମାଜିକ ସୁରକ୍ଷା ଯୋଜନାରେ ତାଲିକାଭୁକ୍ତ ହୋଇନାହାନ୍ତି ସେମାନଙ୍କ ଦୁଃଖ ବହୁଗୁଣିତ ହୋଇଯାଇଛି। ସେମାନଙ୍କୁ ଭୋକ ଉପାସରେ ରହିବାକୁ ପଡୁଛି। ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ମଲମଣ୍ଡା ଗ୍ରାମ ନିକଟରେ ରହୁଥିବା କମାରବସ୍ତିରେ ଏଭଳି କେତେକ ଅସହାୟ ଲୋକ ରହିଛନ୍ତି। ଏଠାରେ ୧୫ଟି ପରିବାରରେ ପ୍ରାୟ ୫୦ ଜଣ ସଦସ୍ୟ ରହୁଛନ୍ତି। ସେମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ନ ଥିବାରୁ ପିଡିଏସ୍ ଚାଉଳ ପାଉ ନାହାନ୍ତି। ଏହି ଗରିବ ଲୋକମାନେ ଲୁହା କାମ କରି ଗୁଜୁରାଣ ମେଣ୍ଟାଉଥିଲେ। ଏବେ ଲକ୍‌ଡାଉନ୍ ସମୟରେ ଅସହାୟ ଅବସ୍ଥାରେ ଖାଇବାକୁ ପାଉ ନ ଥିବା ଖବର ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍‌ର ସ୍ୱେଚ୍ଛାସେବୀମାନେ ପାଇବା ପରେ ଗତ କିଛି ଦିନ ହେଲା ଏହି ବସ୍ତିର ଲୋକଙ୍କୁ ରନ୍ଧାଖାଦ୍ୟ, ରୋଷେଇ ସାମଗ୍ରୀ ବଣ୍ଟନ ଜାରି ରଖିଛନ୍ତି। ଏବେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିବା ପରେ ସଂଗଠନର ସ୍ୱେଚ୍ଛାସେବୀମାନେ ବୁଧବାର ସକାଳେ ରୋଷେଇ ସାମଗ୍ରୀ ସହ ମାସ୍କ ଧରି କମାରବସ୍ତିରେ ପହଞ୍ଚି ସେଠାକାର ଲୋକଙ୍କୁ ଏହା ବଣ୍ଟନ କରିଥିଲେ। ଏହା ସହିତ ସ୍ୱେଚ୍ଛାସେବୀମାନେ ପୁଇଁତଲା ବିଡିଓଙ୍କୁ ସେମାନଙ୍କ ସମ୍ପର୍କରେ ଅବଗତ କରି ସେମାନଙ୍କୁ ଦୁଇବେଳା ରନ୍ଧାଖାଦ୍ୟ ଯୋଗାଇବାକୁ ଅନୁରୋଧ କରିଥିଲେ। ବିବେକାନନ୍ଦ ପଟେଲ, ବ୍ରଜଗୋପାଳ ସିଂ, ପ୍ରିତମ୍ ବରାଡ ସହଯୋଗ କରିଥିଲେ।

# ପପଙ୍ଗା ବନବିହାର ଯାତ୍ରା ବାତିଲ

## ଗାଁ ବୁଲିବେନି ପ୍ରଭୁ ବୁଢ଼ାରଜା

ଭେଡ଼େନ, ୮।୪(ଡ଼ି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗା ପାହାଡ଼ରେ ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣମୀ ପରଦିନ ହେବାକୁ ଥିବା ପ୍ରଭୁ ବୁଢ଼ାରଜା ଓ କ୍ଷେତ୍ରପାଳଙ୍କ ବନବିହାର ଯାତ୍ରା ଚଳିତ ବର୍ଷ ହେବନାହିଁ। କରୋନା ମହାମାରି ଯୋଗୁ ସାରା ଦେଶରେ ଲାଗିଥିବା ଲକ୍‌ଡ଼ାଉନ ପରିପ୍ରେକ୍ଷୀରେ ତଥା ବରଗଡ଼ ସବଡ଼ିଭିଜନରେ ୧୪୪(ଖ) ଧାରା ବଳବତ୍ତର ଥିବାରୁ ଏହି ଯାତ୍ରା ହେବନାହିଁ। ଏଥିପାଇଁ ମଙ୍ଗଳବାର ପପଙ୍ଗା ପାହାଡ଼ ପାଦଦେଶରେ ଥିବା ପାନ୍ଥନିବାସ ପରିସରରେ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ଭେଡ଼େନ ତହସିଲଦାର ସୀମା ସବିତା କୁଲୁ, ଭେଡ଼େନ ଥାନା ଆଇଆଇସି ହେମନ୍ତ ରାଓ, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ପପଙ୍ଗା ସରପଞ୍ଚ ପୁରୁଷୋତ୍ତମ ସାହୁ, ସମିତି ସଭ୍ୟ ମନୋଜ ପ୍ରଧାନ, ବୁଢ଼ାରଜା ମନ୍ଦିରର ପୂଜକ ଭବାନୀ ଦେହେରୀ, ଡ଼ାକ୍ତର ଦେହେରୀ, ଅଜିତ ଦେହେରୀ, ରୁଷୁଡ଼ା କ୍ଷେତ୍ରପାଳ ମନ୍ଦିରର ପୂଜକ ମାଧୁ ଦେହେରୀ, ଖମାର ଦେହେରୀ, ସାମାଜିକ କର୍ମୀ ସୁରେନ୍ଦ୍ର କର୍ମୀ ଏବଂ ଗ୍ରାମବାସୀ ଯୋଗଦେଇଥିଲେ। କୌଣସି ବ୍ୟକ୍ତି ତଥା ଭକ୍ତଙ୍କୁ ମନ୍ଦିର ତଥା ପାହାଡ଼କୁ ଯିବାକୁ ବାରଣ କରାଯାଇଛି। ତେବେ ଭକ୍ତମାନେ ନିଜ ଘରେ ରହି ପ୍ରଭୁ ବୁଢ଼ାରଜାଙ୍କୁ ପୂଜା କରିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

# ଅମାନିଆଙ୍କ ପାଇଁ କଠୋର


ସମ୍ବଲପୁର ପୋଲିସ ଜିଲା ସ୍କୁଲ ଛକରେ ଯାଞ୍ଚ କରୁଛି ।

ସମ୍ବଲପୁର, ୮।୪(ବ୍ୟୁରୋ)

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଦେଶକୁ ଲକ୍ ଡାଉନ୍ କରି କେତେକ କଟକଣା ଘୋଷଣା କରାଯାଇଛି । ହେଲେ କେତେକ ଏହାକୁ ମାନୁ ନାହାନ୍ତି। ଏଣୁ ଜିଲାରେ ଅମାନିଆଙ୍କୁ ସାବାଡ କରିବା ପାଇଁ ପୋଲିସ ଓ ଜିଲା ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ପ୍ରଶାସନ ପକ୍ଷରୁ କେବଳ ସକାଳ ୭ରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟ ପରେ ଦୋକାନ ଖୋଲା ଥିଲେ ତାହା ସିଲ୍ କରି ଦିଆଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷେ ସମ୍ବଲପୁର ସହରର ଧନୁପାଲି ଛକ, ଜେଲଖାନା ଛକ, ଜିଲାସ୍କୁଲ ଛକ, ଲକ୍ଷ୍ମୀଟକିଜ ଛକ, ଅଇଁଠାପାଲି ଛକ, ଦୁର୍ଗାପାଲି, କଚେରୀ ଛକ, ସିନ୍ଦୂରପଙ୍କ ଛକରେ ପୋଲିସ ଗାଡିମୋଟର କଡାକଡି ଯାଞ୍ଚ କରିଛି। ବୁଧବାର ଆଇନ ଅମାନ୍ୟ କରିବା ଅଭିଯୋଗରେ ପୋଲିସ ୨୦୦ ବାଇକ୍ ଜବତ କରିଛି । ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ ବିଭିନ୍ନ ଅଞ୍ଚଳ ବୁଲି ଦେଖୁଛନ୍ତି। ଜିଲାପାଳ ଶୁଭମ୍ ସକ୍‌ସେନା ଏକ ଭିଡିଓରେ ଜିଲାବାସୀଙ୍କୁ ଲକଡାଉନର କଟକଣା ପାଳନ କରିବାକୁ ଅନୁରୋଧ କରି ସ୍ୱାସ୍ଥ୍ୟ ବିଭାଗ, ପୋଲିସ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନିଜକୁ ଖବରଦାତା କହି ଠକୁଥିବା ବ୍ୟକ୍ତି ଗିରଫ

ବଡ଼ଗାଁ, ୮।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗକଛାର ଗାଁରେ ନିଜକୁ ଖବରଦାତା ବୋଲି ପରିଚୟ ଦେଇ ଲୋକଙ୍କୁ ଠକୁଥିବାବେଳେ ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ସେ ହେଲେ ସୁନ୍ଦରଗଡ଼ର ସୀତାରାମ ବେହେରା। ସେ ଚାକିରି କରାଇ ଦେବାକୁ କହି ଲୋକଙ୍କୁ ଠକୁଥିବାବେଳେ ଗ୍ରାମବାସୀ ଅଟକାଇ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ତାଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଆଇପିସିର ଦଫା ୪୧୯/୨୦ରେ ଏକ ମାମଲା(୩୯) ରୁଜୁ ହୋଇଛି।

# ପାରିବାରିକ ବନ୍ଧନକୁ ସୁଯୋଗ ମିଳିଛି

*ମହାମାରୀ କରୋନାର ମୁକାବିଲା ଲାଗି ଏବେ ବିଶ୍ୱ ସମୁଦାୟ ଚିନ୍ତିତ। ଭାରତରେ ସଂକ୍ରମଣ ରୋକିବାକୁ ୨୧ ଦିନ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହାସହ ସର୍ବସାଧାରଣ ଚଳପ୍ରଚଳରେ କେତେକ କଟକଣା ଲାଗିଛି। ଏଥିଯୋଗୁ ଅନେକ ଲୋକଙ୍କ ନିତିଦିନିଆ ଜୀବନରେ ପରିବର୍ତ୍ତନ ଆସିଛି। ଗ୍ରାମାଞ୍ଚଳରୁ ସହର, ଗରିବଠାରୁ ଧନୀ ସମସ୍ତଙ୍କ ପାଇଁ ସମାନ ହୋଇଛି। ପରିବାର ସହ କିଛିଦିନ ବିତାଇବାକୁ ସୁଯୋଗ ମିଳିଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲାର ୪ ବିଧାୟକ ଓ ଏମ୍‌ପି କିଭଳି କର୍ତ୍ତବ୍ୟ ଓ କଟକଣା ପାଳନ କରୁଛନ୍ତି ତାହାକୁ ନେଇ ଉପସ୍ଥାପନା...*

### ଲୋକଙ୍କ ସମସ୍ୟା ମୋ ପାଇଁ ବଡ଼ ଚ୍ୟାଲେଞ୍ଜ



ସମ୍ବଲପୁର ଧନୁପାଲି ମହାବୀରପଡ଼ାରେ ପରିବାର ସହ ଦିନ କଟୁଛି। ଲକ୍‌ଡାଉନ ନିୟମକୁ ଆମେ ପାଳନ କରୁଛୁ। ପରିବାର ସହ କିଛି ସମୟ ବିତାଇବା ପାଇଁ ସୁଯୋଗ ମିଳିଛି। ହେଲେ ଲୋକମାନଙ୍କ ସମସ୍ୟା ସମାଧାନ କରିବା ଏହି ସମୟରେ ମୋ ପାଇଁ ବଡ ଚ୍ୟାଲେଞ୍ଜ ହୋଇଛି। ଅତି ଆବଶ୍ୟକ ପଡିଲେ ଘରୁ ବାହାରକୁ ଯିବାକୁ ପଡୁଛି। ଗୋସାଲା କ୍ୟାମ୍ପରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରାୟ ୩ ଶହ ଶ୍ରମିକ ଆଶ୍ରୟ ନେଇଛନ୍ତି। ସେଠାରେ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଛି। କରୋନା ସମୟରେ ଘରେ ରହିଲେ ମଧ ଲୋକମାନଙ୍କ ଅଭିଯୋଗ ଆସୁଛି। ପ୍ରଶାସନ ସହ ଆଲୋଚନା କରି ସମାଧାନ କରାଯାଉଛି ବୋଲି ସେ କହିଛନ୍ତି।

–ନାଉରି ନାଏକ, ରେଙ୍ଗାଲି ବିଧାୟକ

### ରାଜ୍ୟ ବାହାରେ ଥିବା ଓଡ଼ିଆଙ୍କ ପାଇଁ ଚିନ୍ତିତ



କରୋନା କଟକଣା ଓ ଲକ୍‌ଡାଉନ୍ ପରେ ସାରା ଦେଶରେ ଗମନାଗମନ ସୁବିଧା ବ୍ୟାହତ ହୋଇଯାଇଛି। ରାଜ୍ୟ ବାହାରକୁ କାମ କରି ଯାଇଥିବା ମୋ ନିର୍ବାଚନମଣ୍ଡଳୀର ଲୋକେ ଫସି ଯାଇଛନ୍ତି। ସେମାନଙ୍କ ପାଇଁ ମୁଁ ଚିନ୍ତିତ। ଫୋନ ଯୋଗେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଛି। ଲକ୍‌ଡାଉନ୍ ନିୟମ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ପ୍ରାୟ ୯୦ ପ୍ରତିଶତ ଲୋକ ଏହାକୁ ପାଳନ କରୁଛନ୍ତି। ମୁଁ ବି ଲକ୍‌ଡାଉନ୍ ଯୋଗୁ ଭୁବନେଶ୍ୱର ଘରେ ବାପା, ସ୍ତ୍ରୀ, ପୁଅ ଓ ଝିଅ ସହ ଅଛି। ହେଲେ ଫୋନରେ କାମ କରିବାକୁ ପଡୁଛି।

ରୋହିତ ପୂଜାରୀ, ରେଢାଖୋଲ ବିଧାୟକ

### ଘରେ ରହି କାମ କରୁଛି



ଲକ୍‌ଡାଉନ୍ ଓ ଅନ୍ୟାନ୍ୟ କଟକଣାକୁ ପାଳନ କରାଗଲେ କରୋନା ଭୂତାଣୁ ମୂଳପୋଛ ହେବ। ଲକ୍‌ଡାଉନ୍ ଯୋଗୁ ମୁଁ ସମ୍ବଲପୁର ନନ୍ଦପଡ଼ାସ୍ଥିତ ଘରେ ପରିବାର ସହ ରହି ନିୟମ ପାଳୁଛି। ନିୟମିତ ଲୋକଙ୍କ ଆପତ୍ତି ଅଭିଯୋଗ ସିଧାସଳଖ ଓ ଫୋନରେ ଶୁଣି ପ୍ରଶାସନ ମାଧ୍ୟମରେ ସମାଧାନ କରିବାକୁ ଚେଷ୍ଟା କରୁଛି। ଲୋକମାନଙ୍କ ପାଖରେ ଖାଇବା, ପିଇବା ପାଣି, ଅନ୍ୟ ସୁବିଧା ପହଞ୍ଚିବା ନେଇ ଅଧିକାରୀଙ୍କ ସହ ଆଲୋଚନା କରୁଛି। ପଡାଗୁଡିକରେ ଥିବା କର୍ମୀଙ୍କୁ ତାଙ୍କ ଅଞ୍ଚଳରେ ଥିବା ସମସ୍ୟା ଉପରେ ପଚାରି ରିପୋର୍ଟ ସଂଗ୍ରହ କରୁଛି।

ଜୟ ନାରାୟଣ ମିଶ୍ର, ସମ୍ବଲପୁର ବିଧାୟକ

### ଲୋକଙ୍କୁ ସାହାଯ୍ୟ ପାଇଁ ଦଳୀୟ କର୍ମୀଙ୍କୁ କହିଛି



ସ୍ତ୍ରୀ, ଭାଇ ଆଉ ଦୁଇ ଝିଅ ସହ ମୋର ପ୍ରାୟ ସମୟ ଘରେ ହିଁ କଟିଯାଉଛି। ହେଲେ ଫୋନରେ ବିଭିନ୍ନ ଅଞ୍ଚଳ ସମସ୍ୟା ନେଇ ଅଭିଯୋଗ ଆସୁଛି। ଅତି ଆବଶ୍ୟକ ପଡିଲେ ଘରୁ ବାହାକୁ ଯାଇ ଲୋକଙ୍କ ସମସ୍ୟା ସମାଧାନ କରୁଛି। ଗାଁ ଗାଁରେ ଥିବା ଦଳୀୟ କର୍ମୀମାନଙ୍କୁ ଲୋକମାନଙ୍କୁ ସହଯୋଗ କରିବାକୁ କହିଛି। ଏଣୁ ସେମାନେ ମଧ କାମ କରୁଛନ୍ତି। ସରକାର ଘୋଷଣା କରିଥିବା ଲକ୍‌ଡାଉନ ପାଳନ କରିବାକୁ ଲୋକମାନଙ୍କୁ ଅନୁରୋଧ କରୁଛି। ସମସ୍ତେ ଘରେ ରହନ୍ତୁ ଓ ସୁରକ୍ଷିତ ରହନ୍ତୁ। ଯଦି ଏବେ ଅବହେଳା କରିବା ଆଗକୁ ଆମର ଭେଳା ବୁଡିଯିବ। ତେଣୁ ଏହି ବିପଦ ସମୟରେ ସମସ୍ତଙ୍କ ସହଯୋଗ ଆବଶ୍ୟକ।

କିଶୋରଚନ୍ଦ୍ର ନାଏକ, କୁଚିଣ୍ଡା ବିଧାୟକ

### ପରିବାର ସହ ହୋମ୍ କ୍ୱାରାଣ୍ଟାଇନରେ ଅଛି



ମୁଁ ଏବେ ଦିଲ୍ଲୀରେ ୨ ପୁଅ ଓ ସ୍ତ୍ରୀଙ୍କ ସହ ହୋମ୍ କ୍ୱାରାଣ୍ଟାଇନରେ ଅଛି। ପୁଅ ବିଦେଶରୁ ଫେରିବା ପରେ ସରକାରଙ୍କୁ ଜଣାଇ ମାର୍ଚ୍ଚ ୨୨ ତାରିଖଠାରୁ କ୍ୱାରାଣ୍ଟାଇନରେ ସପରିବାର ରହିବାକୁ ନିଷ୍ପତ୍ତି ନେଇଛୁ। ତେବେ କରୋନାର ମୁକାବିଲା ଲାଗି ପ୍ରଧାନମନ୍ତ୍ରୀ ସାରା ଦେଶକୁ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏଣୁ ନିଜର ଓ ନିଜ ପରିବାର ତଥା ଦେଶ ଓ ରାଜ୍ୟର ମଙ୍ଗଳ ପାଇଁ ଏହାକୁ ସମସ୍ତେ ପାଳନ କରନ୍ତୁ। ତାହା ହେଲେ ଆମେ କରୋନା ସହ ଲଢେଇ କରି ପାରିବା। ଲକ୍‌ଡାଉନ ନିୟମ ମାନି ସମସ୍ତେ କରୋନା ମୁକାବିଲାରେ ନିଜକୁ ସାମିଲ କରନ୍ତୁ।

–ନୀତେଶ ଗଙ୍ଗଦେବ, ସମ୍ବଲପୁର ଏମ୍‌ପି।

*ରିପୋର୍ଟ– ଶୁଭାଶିଷ ପାଢ଼ୀ*

### ସାମାଜିକ ଦୂରତ୍ୱ ନ ରହିଲେ କାର୍ଯ୍ୟାନୁଷ୍ଠାନ

ବରଗଡ଼ ଅଫିସ୍,୮।୪

ଘାତକ କରୋନା(କୋଭିଡ୍-୧୯) ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ କଟକଣା ଲାଗୁ କରାଯାଇଛି । ଏଥିରୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅର୍ଥାତ୍ ଔଷଧ, ତେଜରାତି, ମାଛ, ମାଂସ, ଅଣ୍ଡା, କ୍ଷୀର, ଫଳ ଦୋକାନକୁ ବାଦ୍ ଦିଆଯାଇଛି । କିନ୍ତୁ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି । ମାତ୍ର ଉପରୋକ୍ତ କେତେକ ଦୋକାନରେ ସାମାଜିକ ଦୂରତ୍ୱ ଅବଲମ୍ବନ କରାଯାଉ ନ ଥିବା ପରିଲକ୍ଷିତ ହୋଇଛି । ତେବେ ଯେଉଁ ଦୋକାନଗୁଡ଼ିକରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉ ନାହିଁ। ନଜରକୁ ଆସିଲେ ସେହି ଦୋକାନଗୁଡ଼ିକୁ ସିଲ୍ କରିବା ସହିତ ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି । ସେହିପରି ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ମଧ୍ୟ ସ୍ଥାନୀୟ ବଣିକ, କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ପ୍ରତିନିଧିମାନଙ୍କୁ ଡାକି ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ ସାମାଜିକ ଦୂରତ୍ୱ ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ଏହାକୁ ବେଖାତିର କଲେ, କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ସାହୁ ମଧ୍ୟ ସେମାନଙ୍କୁ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି।

# ଗଞ୍ଜାମରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ

■ପ୍ରତି ଘର ଘର ବୁଲିବେ ଟିମ୍, ୩ ଦିନରେ ସରିବ ଯାଞ୍ଚ
■ମୃତଦେହ ସଂସ୍କାର ପାଇଁ ଦିଆଯିବ ତାଲିମ, ମାସ୍କ ବାଧ୍ୟତାମୂଳକ

ଛତ୍ରପୁର,୮।୪(ଡି.ଏନ୍.ଏ.)

କରୋନା ସଂକ୍ରମଣ ଆଶଙ୍କା ପ୍ରତିହତ ପାଇଁ ଗଞ୍ଜାମ ଜିଲାରେ ପ୍ରତ୍ୟେକ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ପ୍ରତ୍ୟେକ ଗ୍ରାମ ଓ ସହରାଞ୍ଚଳର ସମସ୍ତ ସାହିରେ ନିର୍ଦ୍ଦିଷ୍ଟ ଟିମ୍ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ । ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟ ସୁପରଭାଇଜର ଓ ନିକଟସ୍ଥ ବିଦ୍ୟାଳୟର ଶିକ୍ଷକ ଏହି ଟିମ୍‌ରେ ରହିବେ। ନିର୍ଦ୍ଦିଷ୍ଟ ଫର୍ମରେ ପରିବାର ସଦସ୍ୟଙ୍କ ନାମ, ଟେଲିଫୋନ ନମ୍ବର ଏବଂ ଯଦି କାହାରି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି ତାହା ଉଲ୍ଲେଖ ରହିବ । ଏଥିସହ ପରିବାର ସଦସ୍ୟ କେଉଁସବୁ ସ୍ଥାନକୁ ଯାଇଥିଲେ ତାହା ମଧ୍ୟ ଉଲ୍ଲେଖ ରହିବ। ପରିବାରରେ କାହାରି ଥଣ୍ଡା, କାଶ ଏବଂ ଜ୍ୱର ହୋଇଥିଲେ ଉକ୍ତ ଟିମ୍‌ର ରିପୋର୍ଟ ଆଧାରରେ ଡାକ୍ତରୀ ଦଳ ସେମାନଙ୍କୁ ଅଧିକ ପରୀକ୍ଷା କରିବେ। ଫଳରେ କରୋନାର ଯଦିକିଛି ସୁପ୍ତ ବାହକ ଥାଏ ତାହା ଜଣାପଡିବ। ୩ ଦିନ ମଧ୍ୟରେ ଏହି ଯାଞ୍ଚ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କରୋନା ମୃତକଙ୍କର ଦାହ ଓ ସଂସ୍କାର ପାଇଁ ବିଡିଓଙ୍କୁ ତାଲିମ ଦିଆଯିବ। ଲକ୍‌ଡାଉନ ପରେ ବାହାରୁ କେତେ ଲୋକ ଜିଲାକୁ ଫେରିବେ ତାର ନିର୍ଦ୍ଦିଷ୍ଟ ତାଲିକା ବିଡିଓ ପ୍ରଦାନ କରିବେ। ଚୋରାମଦ କାରବାର ଉପରେ ନଜର ରଖିବାପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଯେଉଁସବୁ ସ୍ଥାନରେ ରନ୍ଧାଖାଦ୍ୟ ଦିଆଯାଉଛି ତାର ସମ୍ପୂର୍ଣ୍ଣ ତାଲିକା ଜିଲା ପ୍ରଶାସନକୁ ଦେବାପାଇଁ କୁହାଯାଇଛି। ଅଧିକାରୀମାନେ ଗସ୍ତ ସମୟରେ କିଛି ଖାଦ୍ୟ ପଦାର୍ଥ ଗାଡିରେ ମହଜୁଦ ରଖିବେ। ନିରାଶ୍ରୟ ବ୍ୟକ୍ତିଙ୍କୁ ଦେଖିଲେ ତାହା ପ୍ରଦାନ କରିବେ। ଯେଉଁମାନେ ସହାୟତା ଦେବାକୁ ଚାହୁଁଛନ୍ତି, ସେମାନେ ଜିଲା କରୋନା ସେଲରେ ତାହା ପ୍ରଦାନ କରିପାରିବେ ବୋଲି ଜିଲାପାଳ ସ୍ପଷ୍ଟ କରିଛନ୍ତି। ଛୋଟ ପିଲା କିମ୍ବା ବୟସ୍କ ବ୍ୟକ୍ତି ଆଦୌ ବାହାରକୁ ନ ବାହାରିବା ପାଇଁ କୁହାଯାଇଛି। ବାହାରକୁ ବାହାରିଲେ ଜନସାଧାରଣ ମୁହଁକୁ ଆବୃତ୍ତ ନ କଲେ ଜରିମାନା ଦେବାକୁ ହେବ ବୋଲି କଡା ନିର୍ଦ୍ଦେଶ ହୋଇଛି।

କରୋନା ମୁକାବିଲା ସମ୍ପର୍କିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସୁଦାମ ଚରଣ ମଣ୍ଡଳ ଓ ଅମିୟ କୁମାର ସାହୁ, ବ୍ରହ୍ମପୁର ଉପ ଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉମାଶଙ୍କର ମିଶ୍ର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମାନବିକତା ଦେଖାଇଲେ ପୂର୍ବତନ କର୍ପୋରେଟର

ବ୍ରହ୍ମପୁର ଅଫିସ,୮।୪

**ପ୍ରସୂତିଙ୍କୁ ହସ୍ପିଟାଲ ପଠାଇଲେ**

କରୋନା ବିପତ୍ତି ସମୟରେ ମାନବିକତା ଦେଖାଇ ଚର୍ଚ୍ଚାକୁ ଆସିଛନ୍ତି ୩୧ ନଂ. ୱାର୍ଡର ପୂର୍ବତନ କର୍ପୋରେଟର ସୁରେନ୍ଦ୍ର ମହାରଣା। ସୂଚନା ପ୍ରକାରେ, ବୁଧବାର ୩୧ ନଂ. ୱାର୍ଡ ଅନ୍ତର୍ଗତ କମାପଲ୍ଲୀ ଖୋଳାସାହି ବାସିନ୍ଦା ଟି. ଶଙ୍କରଙ୍କ ସ୍ତ୍ରୀ ଟି. ରାଜଶ୍ରୀ ଘରେ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ । ଶିଶୁପୁତ୍ର ଜନ୍ମ ଦେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇପଡିଥିଲା। ଏଭଳି ସ୍ଥିତିରେ ଖବର ପାଇ ସ୍ଥାନୀୟ ପୂର୍ବତନ କର୍ପୋରେଟର ମହାରଣା ଶଙ୍କରଙ୍କ ଘରେ ପହଞ୍ଚି ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ। କିନ୍ତୁ ସାହିକୁ ଆମ୍ବୁଲାନ୍ସ ପଶି ନ ପାରିବାରୁ କର୍ପୋରେଟର ମହାରଣା, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ମିତାଞ୍ଜଳୀ ଶତପଥୀ, ହେଲପର ଗୀତା ନାୟକଙ୍କ ସହଯୋଗରେ ରାଜଶ୍ରୀଙ୍କୁ ଷ୍ଟ୍ରେଚରରେ ୨୦୦ ମିଟର ବୋହି ନେଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ । ପରେ ସେମାନେ ଏମ୍‌କେସିଜିକୁ ଯାଇଥିଲେ। ବର୍ତ୍ତମାନ ଉଭୟ ମା’ ଓ ଶିଶୁଙ୍କ ଅବସ୍ଥା ଭଲ ଥିବା ଜଣାପଡିଛି।


ପ୍ରସୂତିଙ୍କୁ ଷ୍ଟ୍ରେଚର ଯୋଗେ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଯାଉଛି ।

## ସଂକ୍ଷେପରେ

### କୋଭିଡ୍ ଫଣ୍ଡକୁ ୨୦ ହଜାର ଦେଲା ଆର୍‌ଏମ୍‌ସି

ଭଞ୍ଜନଗର,୮।୪(ଡି.ଏନ୍.ଏ.)- ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) କର୍ମଚାରୀମାନେ ଦିନକର ଦରମା ବାବଦକୁ ୨୦,୨୧୦ ଟଙ୍କା କୋଭିଡ୍ ଫଣ୍ଡକୁ ଦେଇଛନ୍ତି। ଭଞ୍ଜନଗର ଆରଏମ୍‌ସି ସମ୍ପାଦକ ଦୀନବନ୍ଧୁ ଗୌଡ଼ ବୁଧବାର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ଉକ୍ତ ଡ୍ରାଫ୍ଟ ପ୍ରଦାନ କରିଛନ୍ତି ।

### ଡାକ ବିଭାଗର ଖାଦ୍ୟ ବଣ୍ଟନ

ଭଞ୍ଜନଗର,୮।୪(ଡି.ଏନ.ଏ.)-ଭଞ୍ଜନଗର ମୁଖ୍ୟ ଡାକଘର ପକ୍ଷରୁ ବୁଧବାର ରାଜକୁଣ୍ଡପଲ୍ଲୀ ଓ ଲାଲସିଂପଲ୍ଲୀରେ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ସାବୁନ ବଣ୍ଟାଯାଇଛି। ସହକାରୀ ଡାକ ଅଧୀକ୍ଷକ ନକୁଳ ବେହେରାଙ୍କ ନେତୃତ୍ୱରେ ଭଞ୍ଜନଗର ପ୍ରଧାନ ଡାକପାଳ ନିତ୍ୟାନନ୍ଦ ନାଥ ଶର୍ମା, ଗ୍ରାମୀଣ ଡ଼ାକ କର୍ମଚାରୀ ସଂଘ ପୂର୍ବତନ ରାଜ୍ୟ ସଭାପତି ହରେକୃଷ୍ଣ ସାହୁ, ଓଭରସିୟର ଗୁଣ୍ଡିଚା ଗୌଡ଼, କୃଷ୍ଣଚନ୍ଦ୍ର ମଲ୍ଲିକ, ଭଞ୍ଜନଗର କଲେଜ ଉପ ଡାକପାଳ ମିହିର ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସାମଗ୍ରୀ ବଣ୍ଟନରେ ସହଯୋଗ କରିଥିଲେ ।

### ବିଶୁଦ୍ଧୀକରଣ ହେଲା ପୌରାଞ୍ଚଳ

ହିଞ୍ଜିଳିକାଟୁ ,୮।୪(ଡ଼ି.ଏନ୍.ଏ.): କରୋନା ଭୂତାଣୁ ସଂକ୍ରମଣ ରୋକିବା ନିମନ୍ତେ ହିଞ୍ଜିଳିକାଟୁ ପୌରାଞ୍ଚଳର ବିଭିନ୍ନ ସର୍ବସାଧାରଣ ସ୍ଥାନ ଓ ସରକାରୀ କାର୍ଯ୍ୟାଳୟକୁ ବୁଧବାର ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ହାଇପୋ କ୍ଲୋରାଇଡ ସିଞ୍ଚନ କରାଯାଇ ବିଶୋଧନ କରାଯାଇଛି। ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜେଏମ୍‌ଏଫ୍‌ସି କୋର୍ଟ, ଏନ୍‌ଏସି ହାଇସ୍କୁଲ ସାମ୍ନା ଅସ୍ଥାୟୀ ପରିବା ବିକ୍ରି ଜୋନ୍, ତାରାତାରିଣୀ ପରିବା ବଜାର, ପୋଲିସ ଷ୍ଟେଶନ, ପୌର କାର୍ଯ୍ୟାଳୟ, ପାର୍କ, ତହସିଲ ଅଫିସ ଆଦି ବିଶୋଧନ କରାଯାଇଛି। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁ ଓ ଆଇଆଇସି ଅଭିମନ୍ୟୁ ଦାଶ ପରିବା ବଜାର ଓ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ସ୍ଥାନକୁ ବୁଲି ସାମାଜିକ ଦୂରତ୍ୱ ରକ୍ଷାର ତଦାରଖ କରିଥିଲେ।

### ମାସ୍କ ବାଣ୍ଟିଲା ରାଇକିଆ ବଣିକ ସଂଘ

ରାଇକିଆ,୮।୪(ଡି.ଏନ୍.ଏ.)- କରୋନା ମୁକାବିଲା ପାଇଁ ବିଭିନ୍ନ ସଙ୍ଗଠନ ଆଗକୁ ଆସୁଛନ୍ତି। ମଙ୍ଗଳବାର ରାଇକିଆ ବଣିକ ସଂଘ ତରଫରୁ ବିଭିନ୍ନ ଅଞ୍ଚଳରେ ମାସ୍କ ବଣ୍ଟନ କରାଯାଇଛି। ଘରୁ କୌଣସି ଜରୁରି କାମରେ ପଦାକୁ ଆସିଲେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯିବା ପରେ ସଂଘ ତରଫରୁ ଏଭଳି ନିଷ୍ପତ୍ତି ନିଆ ଯାଇଛି। ପ୍ରଥମ ପର୍ଯ୍ୟାୟରେ କାଲୁମାହା ଅଞ୍ଚଳରେ ଏହା ବଣ୍ଟନ କରାଯାଇଛି। ସଂଘ ସଭାପତି ସତ୍ୟବାନ ପାତ୍ର, ଉପସଭାପତି ତ୍ରିପତି ସୁବୁଦ୍ଧି, ସମ୍ପାଦକ ବିଜୟ ପଣ୍ଡା ଏବଂ ସଦସ୍ୟମାନେ ମାସ୍କ ବଣ୍ଟନ କରିଥିଲେ।

### ନକଲି ଅଗ୍ନିଶମ କର୍ମଚାରୀ ଗିରଫ

ଫୁଲବାଣୀ ଅଫିସ, ୮।୪- ଜଣେ ନକଲି ଅଗ୍ନିଶମ କର୍ମଚାରୀଙ୍କୁ ଖଜୁରିପଡ଼ା ପୋଲିସ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ଗୁରୁପଦା ଗ୍ରାମର ବାବୁଲ କହଁର। ବାବୁଲ ନିଜକୁ ଅଗ୍ନିଶମ ବିଭାଗର କର୍ମଚାରୀ କହି ନକଲି ୟୁନିଫର୍ମ ପିନ୍ଧି ବୁଲୁଥିଲେ। ଖଜୁରିପଡ଼ା ଥାନା ଅଧିକାରୀ ରମାକାନ୍ତ ପାତ୍ର ବନ୍ଧସାହିରେ କରୋନା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବାକୁ ଯାଇଥିବା ବେଳେ ବାବୁଲଙ୍କୁ ଦେଖି ତାଙ୍କ ପରିଚୟପତ୍ର ମାଗିଥିଲେ। ବାବୁଲ ତାହା ଦେଖାଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିଲା। ଜାମିନରେ ମୁକୁଳିବା ପରେ ବାବୁଲଙ୍କୁ ଦୁଡ଼ିପଡ଼ା ପଞ୍ଚାୟତର କରୋନା ଆଇସୋଲେଶନ ସେଣ୍ଟରରେ ୧୪ ଦିନ ପାଇଁ ରଖାଯାଇଛି। ଏ ନେଇ ନଂ.୩୪/୨୦ରେ ମାମଲା ରୁଜୁ ହୋଇଛି।



### ପ୍ରବାସୀ ଓଡ଼ିଆ ସଙ୍ଗଠନ ପକ୍ଷରୁ ସହାୟତା

ଭଞ୍ଜନଗର,୮।୪(ଡି.ଏନ.ଏ.)- ସୁରାଟରେ ଅନେକ ଓଡିଆ ଲକ୍‌ଡାଉନ ପରଠୁ ଅସୁବିଧାରେ ଅଛନ୍ତି। ସେଠାରେ ପ୍ରବାସୀ ଓଡିଆ ସଙ୍ଗଠନ ପକ୍ଷରୁ ଲକ୍‌ଡାଉନ ପରଠୁ ନିୟମିତ ଭାବେ ଗରିବ ଲୋକଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ପ୍ରବାସୀ ଓଡିଆ ସଙ୍ଗଠନ ସଭାପତି ପ୍ରଦୀପ ସାହୁ, ପ୍ରଶାନ୍ତ ଆରୁଖ, ଶିବରାମ ନାୟକ, ଜୟରାମ ଦଳେଇ, ସନ୍ତୋଷ ଦଳବେହେରା, ଗୁଲୁ ପାତ୍ର ଓ ରୁନୁ ପ୍ରଧାନ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ଆଇଟିଆଇ ପ୍ରଶାସନକୁ ଦେବ ମାସ୍କ

ବ୍ରହ୍ମପୁର ଅଫିସ,୮।୪


ଆଇଟିଆଇ ପକ୍ଷରୁ ମାସ୍କ ପ୍ରସ୍ତୁତ କରାଯାଉଛି ।

କରୋନା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆଂଶିକ ଶଟ୍‌ଡାଉନ୍ ଜାରି ରହିଛି । ଘରୁ ବାହାରିବା ବେଳେ ମାସ୍କ ବ୍ୟବହାରକୁ ମଧ୍ୟ ପ୍ରଶାସନ ବାଧ୍ୟତାମୂଳକ କରିଛି। ଅନ୍ୟପକ୍ଷରେ ବଜାରରେ ମାସ୍କର ଅଭାବ ଦେଖାଦେଇଛି । ଏହାକୁ ପୂରଣ କରିବାକୁ ନେଇ ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠାନ ସିଲେଇ ଟ୍ରେଡର ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରୀମାନେ ମାସ୍କ ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ କରିଛନ୍ତି । ସରକାରଙ୍କ ନିର୍ଦ୍ଦେଶାବଳୀ ପ୍ରକାରେ ସୂତା କପଡାରେ ଏହି ମାସ୍କ ପ୍ରସ୍ତୁତ କରାଯାଉଛି । ଏଥିରେ ବିଭାଗର ୧୦ ଜଣ ପୁରାତନ ଛାତ୍ରୀ ଓ ଶିକ୍ଷୟିତ୍ରୀ ନିୟୋଜିତ ହୋଇଛନ୍ତି । ଅନୁଷ୍ଠାନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୦୦୦ ମାସ୍କ ପ୍ରସ୍ତୁତ କରି ପ୍ରଶାସନକୁ ହସ୍ତାନ୍ତର କରାଯିବାକୁ ଯୋଜନା ରଖାଯାଇଥିବା ଆଇଟିଆଇ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ସୂଚାଇଛନ୍ତି ।

## ଅନ୍‌ଲାଇନରେ ଚିତ୍ରାଙ୍କନ, ସ୍ଲୋଗାନ ପ୍ରତିଯୋଗିତା

ଛତ୍ରପୁର,୮।୪(ଡି.ଏନ୍.ଏ.)

ଟେଲି ମେଡ଼ିସିନ ନେଇ ଡାକ୍ତର ପ୍ୟାନେଲ ହେଉ କି କ୍ୟାରିୟର ପାଇଁ ଏକ୍ସପର୍ଟ ଗ୍ରୁପ ବନାଇ କରୋନା ସମୟରେ ଗଞ୍ଜାମ ଜିଲା ପ୍ରଶାସନ ଚର୍ଚ୍ଚାକୁ ଆସିଛି। ଏବେପୁଣି ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଆରମ୍ଭ ହୋଇଛି। ଫଳରେ ପିଲାମାନେ ଘରେ ବସି ଆଉ ବୋର୍ ହେବେନି ବୋଲି କହିଛନ୍ତି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ। ଜିଲା ପ୍ରଶାସନର ସହଯୋଗରେ ଏକ୍ସଜେନ୍ ପକ୍ଷରୁ ପଞ୍ଚମରୁ ସପ୍ତମ ଶ୍ରେଣୀ, ଅଷ୍ଟମରୁ ଦଶମ ଶ୍ରେଣୀ ଏବଂ ଏକାଦଶରୁ ଯୁକ୍ତ ୩ ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇପାରିବେ। ଘରେ ରହି ଜୀବନ ବଞ୍ଚାଅ, ପ୍ରିୟ ଖେଳାଳି, ନିଜ ବାପା’ ମା, ରାଜନୈତିକ ବ୍ୟକ୍ତିଙ୍କ ଫଟୋ ଉପରେ ଚିତ୍ରଆଙ୍କି ଅନ୍‌ଲାଇନରେ ୧୫ତାରିଖ ମଧ୍ୟରେ ପଠାଇବେ। ବିଭିନ୍ନ କାଟାଗୋରିରେ ୧ ହଜାର, ୨ହଜାର, ୩ ହଜାର ଟଙ୍କା ପୁରସ୍କାର ମିଳିବ। ସେହିପରି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଜେନେରେସ୍ ଫାଉଣ୍ଡେଶନ ସହଯୋଗରେ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଘରେ ରୁହ ଜୀବନ ବଞ୍ଚାଅ କିମ୍ବା ସଡକ ସୁରକ୍ଷା ବିଷୟ ଉପରେ ସ୍ଲୋଗାନ ଲେଖି ଅନ୍‌ଲାଇନରେ ପ୍ରତିଯୋଗିତା ହେବ। ୧୪ ସୁଦ୍ଧା ଏହା ପଠାଇବାକୁ କୁହାଯାଇଛି। କୃତୀଙ୍କୁ ୧ ହଜାର ଟଙ୍କା ପ୍ରତି କାଟାଗୋରୀରେ ପୁରସ୍କାର ମିଳିବ।

## ବୁଲା କୁକୁରଙ୍କୁ ଖାଦ୍ୟ ଦେଉଛନ୍ତି ମା’ ପୁଅ

ଛତ୍ରପୁର,୮।୪(ଡି.ଏନ୍.ଏ.)


ବୁଲା କୁକୁରଙ୍କୁ ଖାଇବାକୁ ଦେଉଛନ୍ତି ମା’ ପୁଅ।

କରୋନା ପାଇଁ ସାରା ଦେଶରେ ଲକ୍‌ଡାଉନ ସହ ଗଞ୍ଜାମରେ ଦିନକୁ ୧୯ ଘଣ୍ଟା ଶଟ୍‌ଡାଉନ କଟକଣା ଲାଗୁ ହୋଇଛି। ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ପାଇଁ ଖାଦ୍ୟ ସଂଗ୍ରହ ଏବେ ଜଟିଳ ସମସ୍ୟା ପାଲଟିଛି। ବେଶୀ ହଇରାଣ ହେଉଛନ୍ତି ପଶୁପକ୍ଷୀ। ଦୋକାନ, ବଜାର, ହୋଟେଲ, ଫାଷ୍ଟଫୁଡ ଷ୍ଟଲ ବନ୍ଦ ପରେ ବୁଲା କୁକୁର ଖାଇବାକୁ ପାଉନାହାନ୍ତି। ଏଭଳି ପରିସ୍ଥିତିରେ ଛତ୍ରପୁରର ମା’ ଓ ପୁଅ ବୁଲା କୁକୁରଙ୍କ ବନ୍ଧୁ ପାଲଟିଛନ୍ତି। ସେମାନେ ହେଲେ ଛତ୍ରପୁର ସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସୁପ୍ରଭା ନାୟକ ଓ ପୁଅ ସୌମ୍ୟରଞ୍ଜନ। ସନ୍ଧ୍ୟାହେଲେ ରୋଷେଇ କରି ଖାଦ୍ୟ ଭର୍ତ୍ତି ବାଲ୍ଟି ଓ ବିସ୍କୁଟ ଧରି ଘରୁ ବାହାରି ପଡ଼ନ୍ତି। ରାସ୍ତାରେ ବୁଲି ସେମାନେ ବହୁ ବୁଲା କୁକୁରଙ୍କୁ ଖାଦ୍ୟ ଦେଇଥାନ୍ତି। ମଣିଷ ତ କେମିତି କ’ଣ ଚଳିଯାଉଛି, ହେଲେ ବୁଲାକୁକୁର କଥା କେହି ବୁଝୁନାହାନ୍ତି ବୋଲି କହିଛନ୍ତି ସୌମ୍ୟ।

## ହୋମ୍ କ୍ୱାରାଣ୍ଟାଇନ୍‌ରେ ପରିବାରର ୪ ସଦସ୍ୟ

ବ୍ରହ୍ମପୁର ଅଫିସ,୮।୪

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଭୁବନେଶ୍ୱରରେ ଅଧିକ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଫେରନ୍ତାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ବୁଧବାର ସକାଳେ ଭୁବନେଶ୍ୱରରୁ ଆସି ବ୍ରହ୍ମପୁରରେ ପହଞ୍ଚିଥିବା ଗୋଟିଏ ପରିବାର ୪ ସଦସ୍ୟଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାପ୍ରକାରେ, ବୁଧବାର ସକାଳେ ଆମ୍ବପୁଆର ନୂଆସାହିରେ ରହୁଥିବା ଗୋଟିଏ ପରିବାରର ୪ ସଦସ୍ୟ ଭୁବନେଶ୍ୱରରୁ ଫେରିଥିବା ନେଇ ସୂଚନା ମିଳିଥିଲା। ଖବରପାଇ ବ୍ରହ୍ମପୁର ତହସିଲଦାର ସିପକ୍ କୁମାର ପାତ୍ର ଓ ଗୋପାଳପୁର ଥାନା କର୍ମଚାରୀମାନେ ପହଞ୍ଚି ଯାଞ୍ଚ କରିବା ସହ ଉକ୍ତ ପରିବାରଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କହିଥିଲେ ।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ଶେରଗଡ଼/ପାଟପୁର, ୮।୪(ଡି.ଏନ୍.ଏ.)

ଶେରଗଡ ଅଞ୍ଚଳରେ ମଙ୍ଗଳବାର ରାତିରେ ବର୍ଷା ସହ ବଜ୍ରପାତ ହୋଇଛି। ଏଥିରେ ରାତି ପ୍ରାୟ ୯ଟା ରତନି ପାହାଡ଼ରେ ଥିବା ମନ୍ଦିରରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶେରଗଡ଼ର ବିନୋଦ ନାୟକ (୩୫)। ଲକ୍‌ଡାଉନ ଚାଲିଥିବାବେଳେ ବିନୋଦଙ୍କ ସମେତ କେତେକ ବ୍ୟକ୍ତି ରତନି ପାହାଡ଼ରେ ଥିବା ମା’ଙ୍କ ନିକଟକୁ ଯାଇଥିଲେ। ବଜ୍ରପାତରେ ବିନୋଦ ଅଚେତ ହୋଇ ପଡିଥିଲେ। ରାତି ହୋଇ ଥିବାରୁ ହଠାତ୍ ତାଙ୍କୁ ଶେରଗଡ଼ ଡାକ୍ତରଖାନାକୁ ଅଣାଯାଇପାରି ନ ଥିଲା। ଭୋର ପ୍ରାୟ ୪ଟାବେଳେ ଶେରଗଡ଼ ଡାକ୍ତରଖାନାକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ରତନି ପାହାଡ଼ଟି ପାଟପୁର ଥାନା ଅଞ୍ଚଳରେ ଯାଉଥିବାରୁ ପାଟପୁର ପୋଲିସ ମୃତଦେହ ଜବତ କରି ନଂ.୬/୨୦ରେ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ କରାଇଛି।

## ଆନ୍ଧ୍ରରୁ ଫେରିଥିବା ମା’, ପୁଅ କ୍ୱାରାଣ୍ଟାଇନ୍‌ରେ

ଦିଗପହଣ୍ଡି,୮।୪(ଡି.ଏନ.ଏ.)

ଆନ୍ଧ୍ର-ଓଡ଼ିଶା ସୀମାନ୍ତକୁ ପୋଲିସ ପକ୍ଷରୁ ସିଲ୍ କରାଯାଇଥିବାବେଳେ ଗଳାବାଟ ଦେଇ ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ ଅଧୀନ ଏକ ଗାଁର ମା’ ଓ ପୁଅ ଚାଲି ଆସିଥିଲେ। ବିଡ଼ିଓ ହଳଧର ଶବର ଏନେଇ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କୁ ଜଣାଇଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ବ୍ଲକ ସହକାରୀ ଯନ୍ତ୍ରୀ ଗଙ୍ଗାଧର ଲେଙ୍କା, ଆର୍‌ଆଇ ଫକୀର ମୋହନ ରାଉତ, ସରପଞ୍ଚ ପ୍ରତିନିଧି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସହ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା. ମୋନାଲିସା ବେହେରା ସମ୍ପୃକ୍ତ ମହିଳା ଓ ତାଙ୍କ ପୁଅଙ୍କ ଚିକିତ୍ସା କରି ଉଭୟଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦେଇ ଫେରିଥିଲେ। ତହସିଲଦାର, ବିଡ଼ିଓ ଝରିପଦର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡାକ୍ତର ନିବେଦିତା ନନ୍ଦଙ୍କ ସହ ଆଲୋଚନା କରିଥିଲେ।

## ରକ୍ତ ଦେଲେ ଗୋଟିଏ ପରିବାରର ୭ ସଦସ୍ୟ

ବ୍ରହ୍ମପୁର ଅଫିସ,୮।୪

କରୋନା ପ୍ରଭାବରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ରକ୍ତଭଣ୍ଡାରରେ ରକ୍ତ ଅଭାବ ଦେଖାଦେଇଛି । ଏହାକୁ ପୂରଣ କରିବାକୁ ବ୍ରହ୍ମପୁରର ସ୍ୱେଚ୍ଛାସେବୀ ସଂଗଠନ ସବୁଜ ବାହିନୀ ନେତୃତ୍ୱରେ ଆସନ୍ତୁ ଗଢିବା ରକ୍ତ ସମ୍ପର୍କ ଅଭିଯାନ ଶୀର୍ଷକ ରକ୍ତଦାନ ଶିବିର ଏପ୍ରିଲ ପହିଲାରୁ ଆରମ୍ଭ ହୋଇଛି । ବୁଧବାର ଏମ୍‌କେସିଜି ରକ୍ତଭଣ୍ଡାରରେ ଆୟୋଜିତ ଚତୁର୍ଥ ରକ୍ତଦାନ ଶିବିରରେ ୧୦ ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ସେଥିମଧ୍ୟରୁ ଗୋଟିଏ ପରିବାରର ୭ ସଦସ୍ୟ ଶିବିରରେ ଏକକାଳୀନ ରକ୍ତଦାନ କରିଛନ୍ତି । ସବୁଜ ବାହିନୀ ସଦସ୍ୟ କେ.ସୁଶୀଲ କୁମାରଙ୍କ ପରିବାରର କେ.ପ୍ରସାଦ ରାଓ, କେ.ହ୍ରିତିକ ରାଓ, କେ.ଶିବ ଶଙ୍କର,ଇ.ଶ୍ରୀ ନିବାସ ଦୋରା, ଅବିନାଶ ରେଡ୍ଡୀ, ଏସ୍. ଆଶିଷ, ଏସ୍.ସତୀଶ, ଜେ.ରାଜୁ ଓ ଶିବ ଶଙ୍କର ବିଶ୍ୱାଳ ପ୍ରମୁଖ ୭ ଜଣ ସଦସ୍ୟ ରକ୍ତ ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ତେବେ ଶିବିରରୁ ୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

## ହୋମ୍ କ୍ୱାରାଣ୍ଟାଇନ୍‌ରେ ବ୍ୟାଙ୍କ କର୍ମଚାରୀ

ଭଞ୍ଜନଗର,୮।୪(ଡି.ଏନ.ଏ.)

**ବିନା ଅନୁମତିରେ ବୁଲିବା ମହଙ୍ଗା ପଡ଼ିଲା**

ଲକ୍‌ଡାଉନ ଲୋକେ ବିନା କାରଣରେ ବାହାରେ ବୁଲିଲେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଭଞ୍ଜନଗର ସହରସ୍ଥିତ ଏକ ବ୍ୟାଙ୍କର ୨ କର୍ମଚାରୀ ବୁଧବାର ମଧ୍ୟାହ୍ନରେ କୌଣସି ଅନୁମତି ନ ନେଇ ଭଞ୍ଜନଗରରୁ ବେଲଗୁଣ୍ଠା ଅଭିମୁଖେ ଯାଉଥିବା ବେଳେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ହାବୁଡ଼ରେ ପଡ଼ିଥିଲେ। ବ୍ୟାଙ୍କ କର୍ମଚାରୀଦ୍ୱୟଙ୍କୁ ସେ ଅଟକାଇ ପାସ୍ ମାଗିଥିଲେ। ହେଲେ ସେମାନେ ଦେଖାଇ ପାରି ନ ଥିଲେ। ତେଣୁ ଉଭୟଙ୍କୁ ଏନ୍‌ଏସି କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ନିଆଯାଇଥିଲା। ପରେ ବ୍ୟାଙ୍କ ପରିଚାଳକଙ୍କୁ ଡାକି ଉପଜିଲାପାଳ ତାଗିଦ୍ କରିବା ପରେ କର୍ମଚାରୀଦ୍ୱୟଙ୍କୁ ୧୪ ଦିନ ପାଇଁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ସେମାନେ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ କହିଛନ୍ତି ।

## ପୋଲିସକୁ ଛତା ଦେଲା ଷ୍ଟେଟବ୍ୟାଙ୍କ

ଫୁଲବାଣୀ ଅଫିସ, ୮।୪

କରୋନା ସଂକ୍ରମଣ ରୋକିବା ପାଇଁ ପୋଲିସ ଖରାକୁ ଖାତିର ନ କରି କାର୍ଯ୍ୟ କରୁଛି । ବରିଷ୍ଠ ଅଧିକାରୀମାନେ ସହରର ଗଳିକନ୍ଦି ଠାରୁ ଆରସ୍କରି ଗ୍ରାମାଞ୍ଚଳରେ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଖରା ପ୍ରକୋପକୁ ଦୃଷ୍ଟିରେ ରଖି ଫୁଲବାଣୀ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ୧୦୦ଟି ଧଳାଛତା କନ୍ଧମାଳ ଏସ୍‌ପି ପ୍ରତୀକ ଗୀତା ସିଂଙ୍କୁ ପ୍ରଦାନ କରାଯାଇଛି। ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ବିକ୍ରମ କେଶରୀ ମାନ୍ଧାତା, ମୁଖ୍ୟ ଶାଖା ଚିଫ ମ୍ୟାନେଜର ଦୀପକ କୁମାର ମଲ୍ଲିକ, ଏଲଡ଼ିଏମ୍ କଳ୍ପତରୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଏସ୍‌ପି ଏବଂ ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନଙ୍କୁ ଛତା ପ୍ରଦାନ କରିଥିଲେ ।

## ନିୟମ ଉଲ୍ଲଂଘନ, ୩୦ ବାଇକ୍ ଜବତ

ଆସିକା,୮।୪(ଡି.ଏନ୍.ଏ.)

ଆସିକା ଥାନା ଇଲାକାରେ ଲକ୍‌ଡାଉନ ନିୟମ ଉଲ୍ଲଂଘନ ଓ ବିଭିନ୍ନ ଜୁଆ ଆଡ୍ଡାରେ ଚଢ଼ାଉ କରି ପୋଲିସ ବହୁ ବ୍ୟକ୍ତିଙ୍କୁ ଗିରଫ କରିଛି। ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ବେଳେ ସେମାନଙ୍କ ବାଇକ୍ ଜବତ ହୋଇଛି। କୌଣସି କାମ ନ ଥାଇ ବୁଲୁଥିବା ୩୦ ବାଇକ୍ ଜବତ କରାଯାଇ ଚାଳକଙ୍କଠାରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

**ଜୁଆ ଆଡ୍ଡାରୁ ୩୮ ଗିରଫ**

ମହାରାଜପୁର ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡାରୁ ୮ଜଣଙ୍କୁ ପୋଲିସ ଗିରଫ କରିବା ସହ ୧୪,୫୦୦ ଟଙ୍କା ଜବତ କରିଛି। ସେହିପରି ବେଣିଆ ଗ୍ରାମରେ ଏକ ଜୁଆଆଡାରୁ ୬ଜଣଙ୍କୁ ଗିରଫ କରିବା ସହ ୧୭ ହଜାର ଟଙ୍କା ଜବତ କରିଛି। ଧନିଜା ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରୁ ୯ଜଣଙ୍କୁ ଗିରଫ କରି ୨୨ ହଜାର ଟଙ୍କା ଜବତ କରିଛି ପୋଲିସ। ମଙ୍ଗଳପୁର ଗ୍ରାମରେ ପୋଲିସ ୨ଶହ ଲିଟର ରନ୍ଧା ମଦ ଜବତ କରି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେହିପରି ଗାଙ୍ଗପୁର ଥାନା ବରପଲ୍ଲୀ ଗ୍ରାମରେ ଚାଲିଥିବା ଏକ ଜୁଆଆଡ୍ଡାରେ ଚଢାଉ କରି ୯ଜଣଙ୍କୁ ଗିରଫ କରିଛି। ସେଠାରୁ ୮୧୦୦ଟଙ୍କା ଓ ଝରପାରୀ ଗ୍ରାମରୁ ଏକ ଜୁଆଆଡ୍ଡାରୁ ୬ଜଣଙ୍କୁ ଗିରଫ କରିବା ସହ ୧୦ ହଜାର ୧୦୦ଟଙ୍କା ଜବତ କରାଯାଇଥିବା ଥାନା ଅଧିକାରୀ ଧୀରେଶ କୁମାର ଦାସ ସୂଚନା ଦେଇଛନ୍ତି।

## କରୋନା ପାଇଁ ବୃତ୍ତି ବଦଳାଇଲେ ବ୍ୟବସାୟୀ

ଦାରିଙ୍ଗବାଡ଼ି, ୮।୪(ଡି.ଏନ.ଏ.)

ଲକ୍‌ଡାଉନ କଟକଣା ପରେ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। କେବଳ ଜନସାଧାରଣ ନୁହନ୍ତି ବ୍ୟବସାୟୀମାନେ ମଧ୍ୟ ବୃତ୍ତି ପରିବର୍ତ୍ତନ କରୁଥିବା ଦେଖିବାକୁ ମିଳୁଛି। ପୋଷାକ, ହୋଟେଲ, ହାର୍ଡୱେର ଷ୍ଟୋର କରିଥିବା ବଡ ବ୍ୟବସାୟୀ ଘରେ ରହିବା ବଦଳରେ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏପରି ଜଣେ ଯୁବ ବ୍ୟବସାୟୀ ହେଲେ ଦାରିଙ୍ଗବାଡିର ବାପି ପାଢ଼ୀ। ତାଙ୍କର ବଜାରରେ ଏକ ବଡ ପୋଷାକ ଶୋରୁମ୍ ରହିଛି। ଲକ୍‌ଡାଉନ୍ ପରେ ଚଳିବାରେ କୌଣସି ଅସୁବିଧା ନ ଥିଲେ ମଧ୍ୟ ସେ ଜନସାଧାରଣଙ୍କୁ ସହଯୋଗ କରିବାକୁ ନିଜ ଶୋରୁମ୍ ବାରଣ୍ଡାରେ ପନିପରିବା ବିକ୍ରି କରୁଛନ୍ତି।

ଏନେଇ ବାପି କହିଛନ୍ତି ଯେ, ମାର୍କେଟ ବନ୍ଦ ଯୋଗୁ ସୋରଡ଼ା ସମେତ ବିଭିନ୍ନ ସ୍ଥାନରୁ ପରିବା ବ୍ୟବସାୟୀ ଦାରିଙ୍ଗବାଡ଼ିରେ ପହଞ୍ଚି ଉଚ୍ଚ ଦରରେ ବିକ୍ରି କରୁଛନ୍ତି। ଏହି ଘଟଣା ଦୃଷ୍ଟିକୁ ଆସିବାପରେ ସେ ତାଙ୍କ କାର୍‌ରେ ପ୍ରତିଦିନ ଭୋରରୁ ଗଞ୍ଜାମ ଜିଲାର ବିଭିନ୍ନ ଗାଁକୁ ଯାଇ ପରିବା ଯୋଗାଡ଼ କରି ୩/୪ କୁଇଣ୍ଟାଲ ଆଣି ଏଠାରେ ଅଳ୍ପ ଦରରେ ବିକ୍ରି କରୁଛନ୍ତି। ଫଳରେ ସମ୍ପୃକ୍ତ ବେପାରୀଙ୍କ ଅସାଧୁ ମନୋବୃତ୍ତି ଓ କଳାବଜାର ପଦାରେ ପଡିବା ସହ ଅଞ୍ଚଳବାସୀ କମ୍ ଦରରେ ପରିବା ପାଉଛନ୍ତି।


ପନିପରିବା ବିକ୍ରି କରୁଛନ୍ତି ବାପି।

## ଏନ୍‌ଏସି ତରଫରୁ ରାଶନ ବଣ୍ଟନ

ସୋରଡା,୮।୪(ଡି.ଏନ୍.ଏ.)

ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡରେ ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳର ୯ ପରିବାରର ୪୫ ସଦସ୍ୟଙ୍କୁ ଏନ୍‌ଏସି ତରଫରୁ ରାଶନ ସାମଗ୍ରୀ କ୍ରମଗତ ବଣ୍ଟନ କରାଯାଉଛି। କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ସାହୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାଛଡା ସହର ସାରା ନିଃସହାୟମାନଙ୍କୁ ରନ୍ଧାଖାଦ୍ୟ ମଧ୍ୟ ବଣ୍ଟନ କରାଯାଉଛି। ସମସ୍ତ ଅଞ୍ଚଳକୁ ବିଶୋଧନ କରାଯାଉଛି। ପୃଥକବାସରେ ଥିବା ବ୍ୟକ୍ତିମାନଙ୍କୁ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ଗାଁ ଗାଁ ବୁଲି ସଚେତନ କରାଉଛନ୍ତି। ଋଷିକୁଲ୍ୟା କ୍ରିକେଟ କ୍ଲବ ତରଫରୁ ଅଞ୍ଚଳର ପ୍ରତିଦିନ ଖାଦ୍ୟ ବଣ୍ଟନ କରାଯାଉଛି। ସମ୍ପାଦକ ରଜନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମଧ୍ୟ ଗୋରୁମାନଙ୍କୁ ଖାଦ୍ୟ ଦିଆଯାଉଛି।

## ସଂକ୍ଷେପରେ

### ସାମଗ୍ରୀ ନେବା ବେଳେ ସଚେତନ କରାଇଲେ ସ୍ୱେଚ୍ଛାସେବୀ



ବନ୍ତ,୮।୪(ସ୍ୱ.ପ୍ର.)-କରୋନା ମହାମାରୀ ସଂକ୍ରମଣ ନେଇ ସରକାର ସାଧାରଣ ଲୋକଙ୍କୁ ସଚେତନ କରାଉଛନ୍ତି। ମଙ୍ଗଳବାର ଭଦ୍ରକ ଜିଲା ବନ୍ତ ବ୍ଲକ ଗୋପୀନାଥପୁର ପଞ୍ଚାୟତରେ ପିଡିଏସ୍ ସାମଗ୍ରୀ ବଣ୍ଟନ ବେଳେ ସିଏଫଡବ୍ଲ୍ୟୁଏସ୍‌ଡି ସେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ହିତାଧିକାରୀଙ୍କୁ ସଚେତନ କରାଯାଉଛି। ପଞ୍ଚାୟତ ସାମଗ୍ରୀ ବଣ୍ଟନ କେନ୍ଦ୍ରରେ ସେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସାମାଜିକ ଦୂରତା ରକ୍ଷା କରାଯିବା ନେଇ ବୃତ୍ତ ତିଆରି କରାଯାଇଛି। ଏଥିସହ ବୃତ୍ତ ଭିତରେ ରହି ସାମାଜିକ ଦୂରତା ରକ୍ଷା କରି ସାମଗ୍ରୀ ନେବାକୁ ପରାମର୍ଶ ଦିଆଯାଉଛି। ଏହି କାର୍ଯ୍ୟରେ ସରପଞ୍ଚ ଅଶୋକ ଦାସ, ସିଏଫଡବ୍ଲ୍ୟୁଏସ୍‌ଡିର ନୃସିଂହ ମହାନ୍ତି, ବରୁଣ ପେରେଇ, ସଞ୍ଜୟ ଦାସ, ଚିତ୍ତରଞ୍ଜନ ଉଦ୍‌ଗାତା, ଅଜୟ ମହାନ୍ତି ନିୟୋଜିତ ଥିଲେ।

### ୩୨ ହଜାର ଜରିମାନା ଆଦାୟ

ବନ୍ତ,୮।୪(ନିପ୍ର) : ଭଦ୍ରକ ଜିଲା ବନ୍ତ ଓ କେନ୍ଦୁଆପଦା ଫାଣ୍ଡି ପୋଲିସ ପକ୍ଷରୁ ବୁଧବାର ୧୬ ଜଣ ବାଇକ୍ ଚାଳକଙ୍କ ଠାରୁ ୩୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବନ୍ତ ପୋଲିସ ପକ୍ଷରୁ ୧୪ ଜଣ ବାଇକ୍ ଚାଳକଙ୍କ ଠାରୁ ୨୮ ହଜାର ଓ କେନ୍ଦୁଆପଦା ଫାଣ୍ଡି ପୋଲିସ ପକ୍ଷରୁ ୨ ଜଣ ବାଇକ୍ ଚାଳକଙ୍କ ଠାରୁ ୪ ହଜାର ଜରିମାନା ଆଦାୟ ହୋଇଛି। ଉଲ୍ଲେଖ ଯେ, କରୋନା ଲକ୍ ଡାଉନ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦେଉଛନ୍ତି। ବିନାକାରଣରେ କୌଣସି ବ୍ୟକ୍ତି ବାହାରେ ବୁଲାବୁଲି ନ କରିବା ସହ ବାଇକ୍ ଓ ୪ ଚକିଆଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଗତ ଦୁଇଦିନ ଧରି ପୋଲିସ ପକ୍ଷରୁ ଏହି କଟକଣାକୁ କଡ଼ାକଡ଼ି କରାଯାଇଛି।

### ଡାକ୍ତରଙ୍କୁ ସହଯୋଗ କରିବାକୁ ନିଷ୍ପତ୍ତି

ଖଇରା, ୮।୪(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ଅଧୀନ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟାଇଲ ମରାମତି କାର୍ଯ୍ୟକୁ ନେଇ କାର୍ଯ୍ୟରତ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ର ଓ ଖଇରାରେ କାର୍ଯ୍ୟରତ କେତେକ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହାର ସମାଧାନ ଲାଗି ଉଭୟପକ୍ଷ ସହମତି ପ୍ରକାଶ କରିଛନ୍ତି। ଖଇରା ପ୍ରେସ କ୍ଲବର ଏକ ବୈଠକ ବରିଷ୍ଠ ଖବରଦାତା ବଳରାମ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନାମ ଚରଣ ପଣ୍ଡା, ମନୋଜ କୁମାର ପ୍ରଧାନ, ବଳରାମ ଲେଙ୍କା, ନିଶିକାନ୍ତ ମହାନ୍ତି, ଉତ୍କଳବନ୍ଧୁ ପଣ୍ଡା, ଛାୟାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଡାକ୍ତରମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ତାଙ୍କୁ ସବୁ ପରିସ୍ଥିତିରେ ସହଯୋଗ କରିବାକୁ ଖବରଦାତାମାନଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଡାକ୍ତର ମିଶ୍ରଙ୍କ ମତାମତ ନିଆଯିବାରେ ଉକ୍ତ ଘଟଣାରେ ତାଙ୍କର ବିଶେଷ କିଛି ଭୂମିକା ନ ଥିବା ବେଳେ ତାଙ୍କ ନାମରେ ଦାଦାଗିରି ଭଳି ଶବ୍ଦ ଯୋଡାଯାଇ ଅପପ୍ରଚାର କରାଯିବା ତାଙ୍କୁ ବ୍ୟଥିତ କରିଥିଲା। ଏଥିପାଇଁ ସେ ଥାନାରେ ଆଶ୍ରୟ ନେଇଥିଲେ।

### ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

ସଜନାଗଡ଼, ୮।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଧୋବଶିଳା ପଞ୍ଚାୟତ ଖଇରବଣି ଗ୍ରାମର ରବୀନ୍ଦ୍ର ସିଂଙ୍କ ପୁଅ ହରିହର(୧୮)ଙ୍କ ବୁଧବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ପ୍ରତିଦିନ ଭଳି ସେ ସକାଳେ ଉଠି ଖାଦ୍ୟ ଖାଇ ଶୌଚ ପାଇଁ ଘର ପାଖ ଜଙ୍ଗଲ ଆଡ଼କୁ ଯାଇଥିଲେ। ପରେ ଫେରି ସେ ପରିବାରବର୍ଗଙ୍କୁ ତାଙ୍କ ଛାତିରେ ଯନ୍ତ୍ରଣା ହେଉଥିବା କହିଥିଲେ। ପରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରିବାରବର୍ଗ ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ଦେଖି ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ. ୧୨/୨୦) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

# ପ୍ରସ୍ତାବିତ କୋଭିଡ ହସ୍ପିଟାଲ ଦେଖିଲେ ୫-ଟି ସଚିବ

■୧୨୦ ବେଡ଼ ପ୍ରସ୍ତୁତ

■କାର୍ଯ୍ୟରେ ଅବହେଳା ଲାଗି ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ନିଲମ୍ବିତ

ଭଦ୍ରକ ଅଫିସ, ୮।୪

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକରେ କରୋନା ସନ୍ଦିଗ୍ଧ ଏବଂ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ଭାବେ ମୋଟେଲ ଛକସ୍ଥିତ ସାଲନ୍ଦୀ ଘରୋଇ ହସ୍ପିଟାଲକୁ ମନୋନୀତ କରାଯାଇଛି। ଯେଉଁମାନେ ସନ୍ଦିଗ୍ଧ ସେମାନଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଏହି ହସ୍ପିଟାଲରେ ରଖି ଚିକିତ୍ସା କରାଯିବ। ଯଦି ସେମାନଙ୍କ ରକ୍ତ ନମୁନା ପଜିଟିଭ ବାହାରିବ ଏବଂ ସେମାନେ ସ୍ୱାଭାବିକ ରହିଥିବେ ତାହେଲେ ମଧ୍ୟ ସେମାନେ ଏହିଠାରେ ଚିକିତ୍ସିତ ହେବେ। ତେବେ ଯେଉଁମାନଙ୍କ ପାଇଁ ଆଇସିୟୁର ଆବଶ୍ୟକ ପଡ଼ିବ ସେମାନଙ୍କୁ କୋଭିଡ଼-୧୯ ଆଇସିୟୁ ସୁବିଧା ଥିବା ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ ଜ୍ଞାନରଞ୍ଜନ ଦାସ ସୂଚନା ଦେଇଛନ୍ତି। ବୁଧବାର ଅପରାହ୍ନରେ ୫-ଟି ସଚିବ ଭି କେ ପାଣ୍ଡିଆନ ପ୍ରସ୍ତାବିତ କୋଭିଡ଼ ହସ୍ପିଟାଲ ସାଲନ୍ଦୀ ହସ୍ପିଟାଲକୁ ବୁଲି ଦେଖିଥିଲେ। ତାଙ୍କ ସହ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ମଧ୍ୟ ଥିଲେ। ଜିଲାପାଳ ଦାସ, ସିଡିଏମ୍‌ଓ ଡ. ଜଗନ୍ନାଥ ପହି, ଏସ୍‌ପି ରାଜେଶ ପଣ୍ଡିତଙ୍କ ଉପସ୍ଥିତିରେ ୫ଟି ସଚିବ ଭିତ୍ତିଭୂମି ଓ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟ ବୁଲି ଦେଖିଥିଲେ। ଏହି ହସ୍ପିଟାଲରେ ୧୦୦ ଶଯ୍ୟା ଓ ୨ଟି ଆଇସିୟୁ ସମେତ ଭେଣ୍ଟିଲେଟର ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ ସଚିବଙ୍କୁ କୁହାଯାଇଥିଲା। ଉକ୍ତ ହସ୍ପିଟାଲରେ ପ୍ରଶାସନ ପକ୍ଷରୁ ୬୮ ଜଣ ଡାକ୍ତର ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଥିବା ସଚିବଙ୍କୁ ସୂଚନା ଦିଆଯାଇଥିଲା। ଏହି ହସ୍ପିଟାଲ ଆଗାମୀ ୩ ମାସ ପର୍ଯ୍ୟନ୍ତ କରୋନା ଓ ସନ୍ଦିଗ୍ଧ ରୋଗୀଙ୍କୁ ସେବା ଯୋଗାଇବ ବୋଲି ଜଣାପଡ଼ିଛି। ହସ୍ପିଟାଲର ଭିତ୍ତିଭୂମି ଦେଖି ପାଣ୍ଡିଆନ ଖୁସିବ୍ୟକ୍ତ କରିଥିଲେ। ଏହାପରେ ଦୁଇ ସଚିବ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଫେରିଯାଇଥିଲେ।



୫-ଟି ସଚିବ ଭି. କେ. ପାଣ୍ଡିଆନ ସାଲନ୍ଦୀ ହସ୍ପିଟାଲକୁ ବୁଲି ଦେଖୁଛନ୍ତି।

ଏହି ଲକଡାଉନ ପିରିୟଡ଼ରେ ଲୋକମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଘରୁ ବାହାରିବାକୁ ମନା କରାଯାଇଛି। ଲୋକଙ୍କ ଆବଶ୍ୟକ ଥିବା ପରିବା, ଗ୍ରୋଶରୀ ସାମଗ୍ରୀ ପ୍ରଶାସନ ପକ୍ଷରୁ ଟ୍ରଲି କିମ୍ବା ଅଟୋ ଯୋଗେ ନେଇ ଗାଁ ଗାଁରେ ପହଞ୍ଚାଇବାର ବନ୍ଦୋବସ୍ତ କରିବାକୁ ଜିଲାପାଳ ଭଦ୍ରକ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲକଡାଉନ ସ୍ଥିତି କୋଭିଡ଼-୧୯ କାର୍ଯ୍ୟରେ ନିୟୋଜିତ ତିହିଡ଼ି ବ୍ଲକରେ କାର୍ଯ୍ୟରତ ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ କାହ୍ନୁଚରଣ ନାୟକ ଅନୁପସ୍ଥିତ ରହିବା ଯୋଗୁ ତାଙ୍କୁ ନିଲମ୍ବନ କରାଯାଇଛି। ପ୍ରଶାସନ ପକ୍ଷରୁ ସମଗ୍ର ଜିଲାରେ ମୋଟ ୨୧୩ଟି କେନ୍ଦ୍ରରେ ୧୭ ହଜାର ୯୪୮ ଜଣଙ୍କୁ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି।

## ୩୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ଭଦ୍ରକ ଅଫିସ, ୮।୪- ବୁଧବାର ପୂର୍ବାହ୍ନରେ ବନ୍ତଛକ ପୋଲ ତଳେ ଟାଉନ ପୋଲିସ ବାଇକ୍ ଯାଞ୍ଚ କରୁଥିବା ବେଳେ ଏକ ବାଇକ୍ ଡିକିରୁ ୩୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ଚାଳକ ଜଣକ ବାଇକ୍ ଛାଡ଼ି ଚତୁରତାର ସହ ଫେରାର ହୋଇଯାଇଛନ୍ତି। ପୋଲିସ



ଉକ୍ତ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଥିବା ଏସ୍‌ପି ରାଜେଶ ପଣ୍ଡିତ ସୂଚନା ଦେଇଛନ୍ତି। ଜବତ ବ୍ରାଉନ ସୁଗାର ୩୨୦ ଗ୍ରାମର ବୋଲି କୁହାଯାଇଛି। ତଦନ୍ତ ଚାଲିଥିବାରୁ ପୋଲିସ ଅଧିକ ତଥ୍ୟ ଦେବାକୁ ମନା କରିଛି।

# ପାହାଡ଼ ଖୋଲରେ ଲୁଚିଥିଲେ ଛତିଶଗଡ ଯୁବକ

**ଧରାପଡ଼ି ସଙ୍ଗରୋଧ କେନ୍ଦ୍ରକୁ ଗଲେ**

କେନ୍ଦୁଝର, ୮।୪(ସ୍ୱ.ପ୍ର.)

ଛତିଶଗଡରୁ ପୁରୀ ଦେଇ କେନ୍ଦୁଝର ଜିଲାକୁ ଆସି ସଦର ବ୍ଲକ ପଳାଶପଙ୍ଗା ନିକଟ ସନ୍ଥେଭଞ୍ଜ ପାହାଡ଼ ଖୋଲରେ ଆତ୍ମଗୋପନ କରିଥିବା ଜଣେ ଯୁବକଙ୍କୁ ପୋଲିସ ଉଦ୍ଧାର କରି ସଙ୍ଗରୋଧ କେନ୍ଦ୍ରକୁ ପଠାଇଛି। ଯୁବକ ଜଣକ ହେଲେ ଛତିଶଗଡ ରାଜ୍ୟର କ୍ଷେମରାଜ ପଟେଲ (୨୪)। ସେ ତାଙ୍କ କେତେକ ସହଯୋଗୀଙ୍କ ସହ ମିଶି ପଳାଶପଙ୍ଗା ନିକଟସ୍ଥ ସନ୍ଥେଭଞ୍ଜ ପାହାଡ଼ ଖୋଲରେ ଗତ କିଛିଦିନ ହେବ ଆତ୍ମଗୋପନ କରିଥିଲେ। ଉକ୍ତ ପାହାଡ଼ ଜନବସତିଠାରୁ ଦୂରରେ ଅବସ୍ଥିତ ଥିବାରୁ ଲକ୍‌ଡାଉନ ଭୟରେ ସେମାନେ ସେଠାରେ ଲୁଚି ରହିଥିବା ଚର୍ଚ୍ଚା ହେଉଛି। ଉକ୍ତ ପାହାଡଖୋଲ ବିପଦପୂର୍ଣ୍ଣ ଥିବାରୁ ସେମାନଙ୍କର ଅବସ୍ଥିତି ଜାଣି ମଧ୍ୟ ସ୍ଥାନୀୟ ଲୋକେ ସେମାନଙ୍କ ପାଖକୁ ଯିବାକୁ ସାହାସ ଜୁଟାଇ ପାରି ନ ଥିଲେ। କରୋନା ପାଇଁ ଲକଡାଉନ ଘୋଷଣା ହୋଇ ବାହାରକୁ ବାହାରିବା ନେଇ କଟକଣା ଲାଗୁ ହୋଇଥିବାରୁ ସ୍ଥାନୀୟ ଲୋକ ସେମାନଙ୍କ ପାଖକୁ ଯାଇ ପାରୁ ନ ଥିଲେ। ରାତିରେ ଉକ୍ତ ପାହାଡ଼ରୁ ଲାଇଟ ଦେଖାଯିବା ଓ ଦିନରେ ସେମାନେ ପାହାଡ଼ରୁ ତଳକୁ ଯିବା ଆସିବା କରୁଥିବା କେତେକ ଲୋକ ଦେଖି ସନ୍ଦେହ କରିଥିଲେ। ବୁଧବାର ସେମାନଙ୍କ ମଧ୍ୟରୁ କ୍ଷେମରାଜ ଖାଦ୍ୟ ସଂଗ୍ରହ ଲାଗି ପଳାଶପଙ୍ଗା ବଜାରକୁ ଆସିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପଳାଶପଙ୍ଗା ବିଟହାଉସ ପୋଲିସ ପହଞ୍ଚି ତାଙ୍କୁ ଗାଡ଼ିରେ ବସାଇ ପ୍ରଥମେ ଝୁମ୍ପୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରେ ପଳାଶପଙ୍ଗା ସନ୍ଥେଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଥିବା ସଙ୍ଗରୋଧ କେନ୍ଦ୍ରରେ ରଖିଥିଲେ। ସେ ଭୋକିଲା ଥିଲେ ଏବଂ ହିନ୍ଦୀରେ କଥାବାର୍ତ୍ତା କରୁଥିଲେ। ଉକ୍ତ ପାହାଡ଼ରେ ଅନ୍ୟମାନେ ଥିବା ଓ ସେମାନେ ତାଙ୍କୁ ଖାଇବାକୁ ଦେଲେନାହିଁ ବୋଲି ସେ ତଳକୁ ଖାଇବା ପାଇଁ ଆସିଥିବା ସ୍ଥାନୀୟ ଲୋକଙ୍କ ଆଗରେ ପ୍ରକାଶ କରିଛନ୍ତି। ତେବେ ଉକ୍ତ ଯୁବକ ଓ ତାଙ୍କ ସହଯୋଗୀମାନେ ଛତିଶଗଡରୁ ପୁରୀ ଦେଇ ପଳାଶଙ୍ଗା ଆସିବା ପଛର କାରଣ କ'ଣ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି। ଉକ୍ତ ପାହାଡ଼ରେ ରହୁଥିବା ଅନ୍ୟମାନଙ୍କ ସମ୍ପର୍କରେ ଯାଞ୍ଚ କରାଯିବ ବୋଲି ଡିଏସପି ଇନ୍ଦୁପ୍ରଭା ପଶ୍ଚିମକବାଟ କହିଛନ୍ତି।

## ଘର ଘର ବୁଲି ପିଡିଏସ୍ ହିତାଧିକାରୀଙ୍କୁ ସହାୟତା

ବନ୍ତ,୮।୪(ସ୍ୱ.ପ୍ର.)

କରୋନା ଲକ୍ ଡାଉନ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପିଡିଏସ୍ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ବୁଧବାର ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଅଧୀନ ୧୧ଟି ୱାର୍ଡର ୧୧୯୫ ଜଣ ପିଡିଏସ୍ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସରପଞ୍ଚ ଅଶୋକ କୁମାର ମହାନ୍ତି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଚନ୍ଦ୍ର ପଣ୍ଡା ଘର ଘର ବୁଲି ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ହିତାଧିକାରୀ ମାନଙ୍କ ଘର ପାଖରେ ଆର୍ଥିକ ସହାୟତା ପହଞ୍ଚାଇଥିବାର ଜଣା ଯାଇଛି। ଅର୍ଥରାଶି ବଣ୍ଟନ ବେଳେ ସାମାଜିକ ଦୂରତା ପ୍ରତି ଗୁରୁତ୍ୱ ଦିଆଯାଇଥିଲା।

## ରିଲିଫ ପାଣ୍ଠିକୁ ଦାନ କଲେ ଏସ୍‌ଏଚଜି



ସିଆଡ଼ି ମଙ୍ଗଳା ଏସ୍‌ଏଚ୍‌ଜି ତରଫରୁ ଜିଲାପାଳଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ବାଲେଶ୍ୱର ଅଫିସ, ୮।୪

କରୋନା ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ରାଶି ପ୍ରଦାନ କରାଯାଇଛି। ବାଲେଶ୍ୱର ପୌରାଞ୍ଚଳ ସିଆଡ଼ି ମଙ୍ଗଳା ଏସ୍‌ଏଚ୍‌ଜି ତରଫରୁ ୧୦ହଜାର, ମଠବାଡ଼ି ଅଞ୍ଚଳର ମା' ତାରିଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ୧୦ହଜାର ଓ ରେମୁଣା ଅଞ୍ଚଳର ରୁଦ୍ରାଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ୬ହଜାର ଟଙ୍କା ଲେଖାଏଁ ଚେକ୍ ମାଧ୍ୟମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରିଛନ୍ତି। ଏତଦ୍‌ବ୍ୟତୀତ ସିଆଡ଼ି ମଙ୍ଗଳା ଏସ୍‌ଏଚ୍‌ଜି ତରଫରୁ ସଦସ୍ୟମାନେ ମାସ୍କ ତିଆରି କରି ୩୫୦ମାସ୍କ ଓ ହର୍ବାଲ ସାନିଟାଇଜର ବିଭିନ୍ନ ଅଞ୍ଚଳରେ ମାଗଣାରେ ବଣ୍ଟନ କରିଥିବା ବେଳେ ସୁଲଭ ମୂଲ୍ୟରେ ୬୦୦୦ଟି ମାସ୍କ ବିକ୍ରୟ କରିଥିବା ଜିଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ଦୀପକ କୁମାର ସାହୁ ଏକ ପ୍ରେସ୍ ବିବୃତିରେ ବୁଧବାର ଜଣାଇଛନ୍ତି। ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମମାଳା ମିଶ୍ର, ବାଲେଶ୍ୱର ପୌରାଞ୍ଚଳ ନିର୍ବାହୀ ଅଧିକାରୀ ପ୍ରଣୟ ଜେନା, ମିଶନ ଶକ୍ତି ଡିପିସି ବିଶ୍ୱଜିତ ପରିଡ଼ା, ସିଡ଼ିପିଓ ସାଗରିକା ଦତ୍ତ, ସବିତା ରାଉତ, ବିପିସି ସତ୍ୟବ୍ରତ ଦେ, ବିଏମଏସସି ଶୁଭଶ୍ରୀ ଦାଶ ପ୍ରମୁଖ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଏଭଳି କାର୍ଯ୍ୟର ପ୍ରଶଂସା କରିଛନ୍ତି।

# ସାମାଜିକ ଦୂରତ୍ୱ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ଦୋକାନ ସିଲ୍

ବାଲେଶ୍ୱର ଅଫିସ, ୮।୪

ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଅଭିଯୋଗରେ ବୁଧବାର ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ପୌରାଞ୍ଚଳରେ ୬ଟି ଦୋକାନକୁ ସିଲ୍ କରାଯାଇଛି। ଦୋକାନଗୁଡ଼ିକ ମଧ୍ୟରେ ନୂଆବଜାର ଅଞ୍ଚଳର ଦୁଇଟି ଦୋକାନ ଓ ମୋତିଗଞ୍ଜ ବଜାରର ୪ଟି ଦୋକାନ ରହିଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ୨ଟି ଏନଫୋର୍ସମେଣ୍ଟ ସ୍କ୍ୱାଡ଼ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣୟ କୁମାର ଜେନାଙ୍କ ନେତୃତ୍ୱରେ ବାଲେଶ୍ୱର ପୌରପାଳିକା କର୍ମଚାରୀଙ୍କ ସମେତ ସହଦେବଖୁଣ୍ଟା ଥାନା ଓ ଟାଉନ ଥାନାର ପୋଲିସ ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ। ଦୋକାନୀ ମାଲିକମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ଜଣାପଡ଼ିଛି। ସେହିପରି ଆସନ୍ତା ଏପ୍ରିଲ ୯ତାରିଖଠାରୁ ମୁହଁରେ ମାସ୍କ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁମାନେ ବାହାରକୁ ବାହାରୁଛନ୍ତି ସେମାନେ ନିଜ ମୁହଁ ଓ ନାକକୁ ମାସ୍କ ବା ଅନ୍ୟ କୌଣସି କପଡ଼ା ଦ୍ୱାରା ଘୋଡାଇ ରଖିବାକୁ ପରାମର୍ଶ ଦିଆଯାଇଛି।




ଜିଲା ପ୍ରଶାସନ ପକ୍ଷରୁ ସିଲ୍ ହୋଇଥିବା ଦୋକାନ।

## ରିଲିଫ ପାଣ୍ଠିକୁ ଆର୍ଥିକ ସହାୟତା

ଖଇରା, ୮।୪ (ଡି.ଏନ.ଏ.)

ସିମୁଳିଆ ଓ ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତର ଅଙ୍ଗନୱାଡ଼ି କେନ୍ଦ୍ରକୁ ଛତୁଆ ଯୋଗାଇ ଆସୁଥିବା ମା' ରାଉତରାଉତାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମଙ୍ଗଳବାର ଭୀମନାଥପୁର ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିସରରେ ସଭାପତି ଗୀତାଞ୍ଜଳି ମହାନ୍ତି ଓ ସମ୍ପାଦିକା ମାନସୀ ମହାନ୍ତି ସ୍ଥାନୀୟ ସମିତିସଭ୍ୟ ପ୍ରକାଶ କୁମାର ଲେଙ୍କାଙ୍କ ମାଧ୍ୟମରେ ୨୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ହରିପୁର ପ୍ରାଣୀ ସହାୟକ କେନ୍ଦ୍ରର ପ୍ରାଣୀଧନ ନିରୀକ୍ଷକ କମଳାକାନ୍ତ ମଲ୍ଲିକ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ୩୦ହଜାର ଟଙ୍କା ଦାନ କରିଛନ୍ତି।

## ଲକ୍‌ଡାଉନ୍ ନ ମାନି କାମ କରୁଥିବା ଟ୍ରାକ୍ଟର ଜବତ

ସୋର, ୮।୪(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସାରା ଦେଶରେ ମହାମାରୀ କରୋନା ଭୂତାଣୁ କୋଭିଡ-୧୯ ସଂକ୍ରମଣକୁ ରୋକିବା ପାଇଁ ଲକ୍‌ଡାଉନ୍ ଲାଗୁ ହୋଇଥିବା ବେଳେ ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଘରୁ ନ ବାହାରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ଏହି ନିୟମକୁ ବେଖାତିର କରି ଜଣେ ଟ୍ରାକ୍ଟର ଡ୍ରାଇଭର ମଙ୍ଗଳବାର ମାଟି ଉଠାଉଥିବା ବେଳେ ତହସିଲଦାରଙ୍କ ନିର୍ଦ୍ଦେଶରେ ପୋଲିସ ଏହାକୁ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିଛି। ଦହିସଡ଼ା ଗ୍ରାମର ବଳରାମ ଦ୍ୱାରୀଙ୍କ ଟ୍ରାକ୍ଟର(ନଂ. ଓଡି୦୧ଏଏ୮୦୯୧)କୁ ନେଇ ତାଙ୍କ ଡ୍ରାଇଭର ଜଡ଼ିଦା ପଞ୍ଚାୟତ ରୋଷ ଗ୍ରାମର ଉଦୟ କୁମାର ରାଉତ ବୁଧବାର ମାଣିପୁର ଗ୍ରାମରେ ମାଟି ଉଠାଉଥିବା ବେଳେ ସୋର ତହସିଲଦାର ଡ.ଅଶୋକ କୁମାର ଦାସଙ୍କ ନିର୍ଦ୍ଦେଶରେ କର୍ମଚାରୀ ଓ ଥାନା ଏଏସ୍‌ଆଇ ପ୍ରତାପ କାଲୋ ଘଟଣାସ୍ଥଳରୁ ଟ୍ରାକ୍ଟରକୁ ଜବତ କରିଛନ୍ତି। ଏହାସହ ଚାଳକ ଉଦୟଙ୍କୁ ଥାନାରେ ଅଟକ ରଖାଯାଇ ମାମଲା (ନଂ.୧୧୪/୨୦) ରୁଜୁ ହୋଇଛି।

## ଲକ୍‌ଡାଉନ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ଭଦ୍ରକ ଅଫିସ, ୮।୪

ବୁଧବାର ସକାଳୁ ଭଦ୍ରକ ପୌରାଞ୍ଚଳରେ ଲକ୍ ଡାଉନ ସ୍ଥିତି ଅନୁଧ୍ୟାନ କରିଛନ୍ତି ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ। ନିଜ ନିର୍ବାଚନ ମଣ୍ଡଳୀର ସହର ଓ ଗ୍ରାମାଞ୍ଚଳରେ ଖୋଲା ହେଉଥିବା ମାର୍କେଟ୍ ପରିଦର୍ଶନ କରି ସାମାଜିକ ଦୂରତ୍ୱ ଉପରେ ତନଖି କରିବା ସହ ଲୋକଙ୍କୁ ସୁବିଧା ଆଉ ଅସୁବିଧା ଉପରେ ପଚାରି ବୁଝିଥିଲେ। ଅନ୍ୟାନ୍ୟ କେତେକ ଅସୁବିଧା ଲୋକଙ୍କଠାରୁ ଶୁଣି ତାହାର ପ୍ରତିକାର ପାଇଁ ପ୍ରଶାସନ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗସ୍ତ ସମୟରେ ଦୋକାନୀମାନଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ।

## ୬ ଘଣ୍ଟାରେ ୨୦ ବାଇକ୍ ଜବତ

ବଡ଼ସାହି,୮।୪(ସ୍ୱ.ପ୍ର.)

କରୋନା ମୁକାବିଲା ପାଇଁ ସାରା ଦେଶ ଲକ୍‌ଡାଉନରେ ରହିଛି। ସରକାରଙ୍କ ନିୟମକୁ ଉଲ୍ଲଂଘନ କରି କେତେକ ଅସାମାଜିକ ଯୁବକ ବାଇକ ଯୋଗେ ଏଣେ ତେଣେ ବୁଲୁଥିବା ବେଳେ ସାମାଜିକ ଦୂରତା ଅବଲମ୍ବନ କରୁନାହାନ୍ତି। ସ୍ଥାନୀୟ ବଜାରକୁ ଆସୁଥିବା ୨୦ଟି ବାଇକ୍‌କୁ ପୋଲିସ ଜବତ କରିବା ସହିତ ସେମାନଙ୍କ ନାମରେ ମାମଲା ରୁଜୁ କରିଛି। କୋଭିଡ-୧୯ ଆଇନ ଅମାନ୍ୟ କରୁଥିବା ଲୋକମାନଙ୍କ ପାଇଁ ବୁଧବାର ବଡ଼ସାହି ପୋଲିସ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା ଗ୍ରହଣ କରାଯାଇଛି।



ଜବତ ପରେ ଥାନାରେ ରଖାଯାଇଥିବା ବାଇକ୍।

## ୧୨୨ ନମୁନାରୁ ୯୦ ନେଗେଟିଭ୍

ବାରିପଦା ଅଫିସ, ୮।୪

କରୋନା ଭାଇରସ୍ ଆକ୍ରାନ୍ତ ହୋଇଥିବା ସନ୍ଦେହରେ ଜିଲାର ୧୨୨ଟି ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୯୦ଟି ନମୁନା ନେଗେଟିଭ୍ ଆସିଥିବା ବେଳେ ବାକିଗୁଡ଼ିକର ରିପୋର୍ଟ ଆସି ନ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଜିଲାରେ ୯୫ ଜଣ ବିଦେଶ ଫେରନ୍ତାଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କୁ ବର୍ତ୍ତମାନ ହୋମ୍ କ୍ୱାରାଣ୍ଟାଇନରେ ରଖାଯାଇଛି। ବୁଧବାରଠାରୁ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ସ୍ୱତନ୍ତ୍ର ଭାବେ ଜ୍ୱର, ଥଣ୍ଡା ଏବଂ କାଶ ପାଇଁ ଓପିଡ଼ି ଖୋଲାଯାଇଛି। ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ସାଧାରଣ ଓପିଡ଼ି ରହିଥିବା ବେଳେ ବର୍ତ୍ତମାନ ଜ୍ୱର ଓ ଥଣ୍ଡା, କାଶ ପାଇଁ ଆଉ ଏକ ଓପିଡ଼ି ଖୋଲାଯାଇଥିବା ସୂଚନା ଦିଆଯାଇଛି। ଜିଲାରେ ହୋମ୍ କ୍ୱାରାଣ୍ଟାଇନରେ ଥିବା ବ୍ୟକ୍ତିମାନଙ୍କୁ ନୋଡ଼ାଲ ଅଫିସରମାନେ ପ୍ରତିଦିନ ତଦାରଖ କରୁଛନ୍ତି।

# ୨୧ ଦିନିଆ ସ୍ୱତନ୍ତ୍ର ଛୁଟିରେ ଗଲେ ୧୧ କଏଦୀ

କେନ୍ଦୁଝର,୮।୪(ଡି.ଏନ୍.ଏ./ ସ୍ୱ.ପ୍ର.)



କଏଦୀମାନେ ଛୁଟିରେ ଯିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି।

କେନ୍ଦୁଝର ଜେଲରେ କଏଦୀଙ୍କ ସଂଖ୍ୟା ଅଧିକ ଥିବାରୁ ଏହା କରୋନା ମୁକାବିଲା ଦିଗରେ ସମସ୍ୟା ସୃଷ୍ଟି କରିବା ଆଶଙ୍କା କରି ସରକାର ବିଚାରାଧିନ ବନ୍ଦୀଙ୍କୁ ଅନ୍ତରୀଣ ଜାମିନ ଓ ପାରୋଲରେ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ନିଶା କାରବାର,ବଳାତ୍କାର,ଯୌନ ନିର୍ଯାତନା,ଏସିଡ୍ ମାଡ଼ ମାମଲାରେ ଅଭିଯୁକ୍ତ କିମ୍ବା ଦଣ୍ଡିତ ବ୍ୟକ୍ତିଙ୍କୁ ବାଦ ଦେଇ ଅନ୍ୟ କଏଦୀଙ୍କୁ ଛାଡ଼ିବାର ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ବିଭିନ୍ନ ଅପରାଧରେ କାରାଦଣ୍ଡ ଭୋଗୁଥିବା ୩୨ଜଣ କଏଦୀଙ୍କୁ ୨୧ ଦିନିଆ ସ୍ୱତନ୍ତ୍ର ଛୁଟିରେ(ଫଲୋ) ଛଡା ଯିବା ପାଇଁ ନିଷ୍ପତ୍ତି ହୋଇଥିଲା। କେନ୍ଦୁଝର ମୁଖ୍ୟ କାରାଗାର କର୍ତ୍ତୃପକ୍ଷ ମଙ୍ଗଳବାର ୩ ଏବଂ ବୁଧବାର ୮ଜଣ କଏଦୀଙ୍କୁ ୨୧ ଦିନଆ ସ୍ୱତନ୍ତ୍ର ଛୁଟିରେ ଛାଡ଼ିଛନ୍ତି। ଏହି କଏଦୀମାନେ ପୂର୍ବରୁ ମଧ୍ୟ ସ୍ୱତନ୍ତ୍ର ଛୁଟିରେ ଯାଇ ଠିକ୍ ସମୟରେ ଫେରି ଆସିଥିଲେ। ବୁଧବାର କାରାଗାର କର୍ତ୍ତୃପକ୍ଷ କଏଦୀମାନଙ୍କ ପରିବାର ଲୋକଙ୍କୁ ଡାକି ଦସ୍ତାବିଜ୍ ଯାଞ୍ଚ କରିଥିଲେ। ବାମେବାରୀ ଥାନା ଅଞ୍ଚଳର ଶତ୍ରୁଘ୍ନ ମାଝୀ,ମାଖନ ମାଝୀ,ସଦର ଥାନା ଅଞ୍ଚଳର ସୁନାକର ବେହେରା, କ୍ଷେତ୍ର ମୁଣ୍ଡା, ବିପିନ ଦେହୁରୀ, ନୟାକୋଟ ଥାନା ଅଞ୍ଚଳର ମାସା ମୁଣ୍ଡା, ତେଲକୋଇ ଥାନା ଅଞ୍ଚଳର ଶିବଚରଣ ମହାନ୍ତ, ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଞ୍ଚଳର ନବକିଶୋର ନାୟକଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କେନ୍ଦୁଝର ଜେଲ କମିଟି ପକ୍ଷରୁ ଏକ ସମୀକ୍ଷା ବୈଠକ ଜିଲା ଜଜ୍ ବେଣୁଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାପାଳ ଆଶିଷ ଠାକ୍‌ରେ,ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୌଦାମିନୀ ବିଶ୍ୱାଳଙ୍କ ସମେତ କେନ୍ଦୁଝର, ଚମ୍ପୁଆ, ଆନନ୍ଦପୁର ଓ ବଡବିଲ କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଲକ୍‌ଡାଉନ ନିୟମ ଉଲ୍ଲଂଘନ: ୭ ବାଇକ୍ ଜବତ



କାଶୀନଗର,୮।୪(ଡି.ଏନ୍.ଏ.)- ଲକ୍‌ଡାଉନ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗଜପତି ଜିଲାପାଳ ଏବଂ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ବୁଧବାରଠାରୁ କାଶୀନଗର ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଭିନ୍ନ ସ୍ଥାନରେ ମୁତୟନ ହୋଇଥିବା ପୋଲିସ କଟକଣା ସତ୍ତ୍ୱେ ନିୟମ ଉଲ୍ଲଂଘନ କରି ବାହାରେ ବୁଲୁଥିବା ସମୟରେ ୭ ବାଇକ୍ ଜବତ କରିଛି। ସକାଳ ୬ଟାରୁ ୧୦ଟା ମଧ୍ୟରେ ସ୍ଥାନୀୟ ଫରେଷ୍ଟ ଛକଠାରେ ଉପସ୍ଥିତ ଏସ୍‌ଆଇ ମମତା ପଣ୍ଡା ଏବଂ ଟିମ୍ ଏହି ବାଇକ୍‌ଗୁଡ଼ିକୁ ଜବତ କରିଛନ୍ତି। ପ୍ରତ୍ୟେକ ବାଇକ୍ ପିଛା ୫୦୦ ଟଙ୍କା ଲେଖାଏ ଜରିମାନା ମଧ୍ୟ ଆଦାୟ କରାଯାଇଥିବା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି।

### ଆଇଓସିଏଲ୍ ପକ୍ଷରୁ ସହାୟତା ଘୋଷଣା

ମାଲକାନଗିରି,୮।୪(ଡି.ଏନ୍.ଏ.)- କୋଭିଡ୍-୧୯ ମହାମାରୀ ଏବେ ସମସ୍ତଙ୍କୁ ଭୟଭୀତ କରି ରଖିଛି। ଜନସାଧାରଣ କିପରି ରନ୍ଧନଗ୍ୟାସ୍ ଏବଂ ନିଜର ଗାଡି ପାଇଁ ଇନ୍ଧନ ସୁବିଧାରେ ପାଇପାରିବେ ସେଥିପାଇଁ ଆଇଓସିଏଲ୍ କମ୍ପାନୀ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଗ୍ୟାସ୍ ଏବଂ ତୈଳ ପରିବହନ କରୁଥିବା ଡ୍ରାଇଭର,କର୍ମଚାରୀ, ଗୋଦାମ ଜଗୁଆଳିଙ୍କ କିଛି କ୍ଷତି ଘଟିଲେ ସେମାନଙ୍କ ପାଇଁ କମ୍ପାନୀ ୫ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଛି।

### ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା



କାଲିମେଲା,୮।୪(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଲା ସଦରସ୍ଥିତ ମା’ ମେଡିକାଲ ଷ୍ଟୋର ମାଲିକ ତପନ କୁମାର ସିକଦାର କରୋନା ମୁକାବିଲା ଲାଗି ବୁଧବାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି । ସେ କାଲିମେଲା ତହସିଲ ଅଫିସ ଯାଇ ତହସିଲଦାର ଅଲୋକ କୁମାର ଅନୁଗୁଳିଆଙ୍କୁ ଏବାବଦ ଚେକ୍ ପ୍ରଦାନ କରିଛନ୍ତି । ଏହି ଟଙ୍କା ଗରିବ ଓ ଅସହାୟ ଲୋକଙ୍କ କାର୍ଯ୍ୟରେ ଲାଗିବ ବୋଲି ସିକଦାର ଆଶା ପ୍ରକାଶ କରିଛନ୍ତି ।

### ଲକ୍‌ଡାଉନ ଯୋଗୁ ଘରେ ପହଞ୍ଚିଲା ଭତ୍ତା




ପାପଡାହାଣ୍ଡି, ୮।୪(ଡି.ଏନ.ଏ.)- କରୋନା ଯୋଗୁ ଚାରିଆଡେ ଜାରି ରହିଛି ଲକ୍‌ଡାଉନ। ଗାଁରୁ ସହର ସମସ୍ତଙ୍କୁ ଘରୁ ବାହାରିବା ମନା। ଏପରିସ୍ଥଳେ ଲୋକେ ବାହାରକୁ ଯାଇ ପାରୁନାହାନ୍ତି। ପ୍ରଶାସନ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ବଣ୍ଟନ କରୁଛି। ପ୍ରଶାସନ ମଧ୍ୟ ଲୋକଙ୍କୁ ଭତ୍ତା ଲୋକଙ୍କ ନିକଟରେ ପହଞ୍ଚାଉଛି। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପ୍ରଶାସନ ଗତ ଦୁଇ ଦିନ ଧରି ୨୩ ଟି ପଞ୍ଚାୟତର ୪୬୫ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛି। ବିଏସଏସଓ ନଗେନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକର ପଞ୍ଚାୟତ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଓ ସରପଞ୍ଚଙ୍କ ଜରିଆରେ ଘରେ ଘରେ ଯାଇ ଭତ୍ତା ପ୍ରଦାନ କରାଯାଉଛି।

# ସୁରକ୍ଷା ପାଇଁ ଆମ ଲଢେଇ ଜାରି ରହିଛି: ଏସ୍‌ପି



- ଆଇନ ମାନି ଘରେ ରହିବାକୁ ଦେଲେ ପରାମର୍ଶ
- ଗୁଜବ ପ୍ରଚାର କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- କେହି ଅସୁବିଧାରେ ନ ପଡନ୍ତୁ

ମାଲକାନଗିରି,୮।୪ (ଡି.ଏନ୍.ଏ.)

କରୋନା ଭାଇରସ ଏବେ ଦେଶବ୍ୟାପୀ ଆତଙ୍କ ସୃଷ୍ଟି କରିଛି। ଏପରି ସ୍ଥଳେ ମାଲକାନଗିରି ଜିଲା ପୋଲିସ ଜନସାଧାରଣଙ୍କ ସୁରକ୍ଷା ପାଇଁ ଲଢେଇ ଜାରି ରଖିଛି। ଆପଣମାନଙ୍କ ସୁରକ୍ଷା ପାଇଁ ଆମ ଲଢେଇ ଜାରି ରହିଛି। ଆପଣମାନଙ୍କ ସହଯୋଗ ମଧ୍ୟ ଆମକୁ ମିଳୁଛି। ଆପଣମାନେ ଆଇନ ମାନି ଘରେ ରୁହନ୍ତୁ ବୋଲି ଏସପି ହ୍ରିଷିକେଶ ଡି. ଖିଲାରି କହିଛନ୍ତି। ସେ କହିଛନ୍ତି ଯେ, ଲକଡାଉନ ନିୟମ ଭାଙ୍ଗିବାରୁ ଆମେ ୨ଜଣଙ୍କୁ ଗିରଫ କରିଛୁ। ସାଧାରଣରେ ଗୁଜବ ପ୍ରଚାର କରି ଶାନ୍ତି ଭଙ୍ଗ କଲେ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆମେମାନେ ନିଶ୍ଚିତ ଅଛୁ ଯେ, ସମାଜର ଭଲ ପାଇଁ ଲୋକମାନେ ଉତ୍ସର୍ଗୀକୃତ ଭାବେ ଏହି ଲକ୍‌ଡାଉନକୁ ସମର୍ଥନ କରିଛନ୍ତି। ଲକ୍‌ଡାଉନ ବେଳେ କେହି ଯେଭଳି ଅସୁବିଧାରେ ନ ପଡିବେ ସେଥିପ୍ରତି ପ୍ରଶାସନ ସଜାଗ ରହିଛି ବୋଲି ଏସପି କହିଛନ୍ତି। ନିୟମ ମାନି କେହି ଘରୁ ବାହାରକୁ ନ ବାହାରିବା, କୌଣସି ସ୍ଥାନରେ ଜନଗହଳି ନ କରିବା, ସାମାଜିକ ଦୂରତା ରକ୍ଷା କରିବା, ଭଲଭାବେ ସାବୁନରେ ହାତ ଧୋଇବା, କଥା ହେବାବେଳେ ଏକମିଟର ଦୂରତା ଅବଲମ୍ବନ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। କୌଣସି ବ୍ୟକ୍ତି ଥଣ୍ଡା, ଜ୍ୱର, କାଶ ଓ ଛିଙ୍କରେ ଆକ୍ରାନ୍ତ ହେଲେ ତୁରନ୍ତ ଡାକ୍ତରଖାନା ଯାଇ ଚିକିତ୍ସିତ ହେବାକୁ ସେ କହିଛନ୍ତି।

# ମାନବିକତାର ପରିଚୟ ଦେଲେ ୨ ଯବାନ

## ନିଜ ପାଇଁ ଆସିଥିବା ଖାଦ୍ୟ ବୃଦ୍ଧଙ୍କୁ ଖୁଆଇଲେ



୨ ଯବାନ ଅସହାୟ ବୃଦ୍ଧଙ୍କୁ ଖାଇବାକୁ ଦେଉଛନ୍ତି।

ମାଲକାନଗିରି,୮।୪ (ଡି.ଏନ୍.ଏ.)

ମାଲକାନଗିରି ସଦର ମହକୁମାସ୍ଥିତ ସ୍ଥାନୀୟ ଆଇଏମ୍‌ଏସ୍‌ଟି ବିଦ୍ୟାଳୟ ନିକଟରେ ବୁଧବାର କାର୍ଯ୍ୟରତ ଥିବା ସମୟରେ ଜଣେ ଅସହାୟ ବୃଦ୍ଧଙ୍କୁ ନିଜ ପାଇଁ ଆସିଥିବା ଖାଦ୍ୟ ଖୁଆଇ ମାନବିକତାର ପରିଚୟ ଦେଇଛନ୍ତି। ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରାମପ୍ରସାଦ ନାଗ ଡ୍ୟୁଟିରେ କୋରୁକୋଣ୍ଡା ଯାଉଥିବା ବେଳେ ଏପରି ଘଟଣା ନଜରକୁ ଆସିଛି। କାର୍ଯ୍ୟରତ ଦୁଇ କନଷ୍ଟେବଲ ବାପି ସରକାର ଓ ରବି ମାଢିଙ୍କୁ ପଚାରିବାରୁ ଉଭୟେ କହିଥିଲେ ଯେ, ଅସହାୟ ଭାବେ ଏହି ବୃଦ୍ଧ ଜଣକ ଖାଇବାକୁ ନ ପାଇ ବୁଲୁଥିଲେ। ସେ କିଛି ଖାଇ ନ ଥିବା ଜାଣିବା ପରେ ସେମାନଙ୍କ ପାଇଁ ଆସିଥିବା ମଧ୍ୟାହ୍ନ ଭୋଜନରୁ ଜଣକର ଖାଦ୍ୟ ବୃଦ୍ଧ ଜଣଙ୍କୁ ଖାଇବାକୁ ଦେଇଥିଲେ। ଅନ୍ୟ ଜଣଙ୍କ ଖାଦ୍ୟକୁ ଉଭୟେ ବାଣ୍ଟି ଖାଇଥିଲେ ବୋଲି ରବି ଓ ବାପି କହିଛନ୍ତି। ଗତ ସୋମବାର ମଧ୍ୟ ଏସ୍‌ଆଇ ଶୁଭଶ୍ରୀ ନାୟକ ମାଲକାନଗିରି-ଜୟପୁର ମୁଖ୍ୟରାସ୍ତାର ପଦ୍ମଗିରି ଛକ ନିକଟରେ ଜଣେ ଅସହାୟ ଓ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ନିଜ ପାଇଁ ଆଣିଥିବା ଖାଦ୍ୟ ତାଙ୍କୁ ଖୁଆଇ ମାନବିକତାର ପରିଚୟ ଦେଇଥିଲେ।

# ପରିବେଶ ସୁଧାରୁଛନ୍ତି ପୂର୍ବତନ ସରପଞ୍ଚ ସମ୍ବାରୁ

ପାଣ୍ଡ୍ରିପାଣି,୮।୪



ନଳକୂପ ଚତୁଃପାର୍ଶ୍ୱ ସଫା କରୁଛନ୍ତି ସମ୍ବାରୁ।

ମାଲକାନଗିରି ଜିଲା ପାଣ୍ଡ୍ରିପାଣିରେ ପୂର୍ବତନ ସରପଞ୍ଚ ସମ୍ବାରୁ ପଡ଼ିଆମି (୭୩)ଙ୍କ ନିକଟରେ ବୟସ ହାର ମାନିଛି। ପରିବେଶ ସୁସ୍ଥ ରଖିବାକୁ ସର୍ବଦା ଗୁରୁତ୍ୱ ଦେଉଥିବା ସମ୍ବାରୁ ଏନେଇ ଗ୍ରାମବାସୀଙ୍କୁ ସଚେତନ କରିବା ସହିତ ଘର ଘର ବୁଲି ବୁଝାଉଛନ୍ତି। କେହି ନଳକୂପ, ପଞ୍ଚାୟତ କାର୍ଯ୍ୟାଳୟ ହେଉ ଅବା ସ୍କୁଲ ଚାରିପାଖ ପରିବେଶ ସଫା କରିବାକୁ ଗୁରୁତ୍ୱ ନ ଦେଲେ ସେ ନିଜେ କୋଦାଳ ଧରି ଆଖପାଖ ସଫା କରିବାରେ ଲାଗିପଡନ୍ତି। ପୂର୍ବରୁ ଦୁଇ ଥର ସରପଞ୍ଚ ଥିବା ସମ୍ବାରୁ ପରିବେଶ ସୁସ୍ଥ ରହିଲେ ଆମେ ସମସ୍ତେ ସୁସ୍ଥ ଓ ନୀରୋଗ ରହିପାରିବା ବୋଲି ଗ୍ରାମବାସୀଙ୍କୁ ପରାମର୍ଶ ଦେଉଛନ୍ତି। କେବଳ ଏବେ ନୁହେଁ, ସେ ସରପଞ୍ଚ ଥିବା ବେଳେ ମଧ୍ୟ ପରିବେଶ ସଫା ଲାଗି ପ୍ରଶାସନକୁ ଅପେକ୍ଷା ନ ରଖି ନିଜେ କରିଦେଉଥିଲେ। ଲୋକଙ୍କ ସମସ୍ୟା ସମୟରେ ଲୋକଙ୍କ ପାଖରେ ପହଞ୍ଚୁଥିବା ଏହି ମଣିଷ ଜଣକ କହନ୍ତି, ଏବେକାର ଜନ ପ୍ରତିନିଧିମାନେ ସରକାରଙ୍କ ଆର୍ଥିକ ସହାୟତାକୁ ହିଁ ଚାହିଁ ବସୁଛନ୍ତି। ତାଙ୍କର ଏଭଳି କାର୍ଯ୍ୟ ସମସ୍ତଙ୍କ ପାଇଁ ପ୍ରେରଣା। ସମସ୍ତେ ତାଙ୍କୁ ଅନୁକରଣ କଲେ ଆମ ଚାରିପାଖର ପରିବେଶ ଖୁବ୍ କମ୍ ଦିନ ମଧ୍ୟରେ ସୁଧୁରିଯିବ ଏଥିରେ ସନ୍ଦେହ ନାହିଁ।

## ଲକ୍‌ଡାଉନ: ଏମ୍‌ଭି-୮୦ ଗ୍ରାମକୁ ପ୍ରବେଶ ମନା

ଏମଭି ୭୯,୮।୪(ଡି.ଏନ.ଏ.)

ସମଗ୍ର ବିଶ୍ୱରେ କରୋନା ର ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସରକାରଙ୍କ ପକ୍ଷରୁ ସମଗ୍ର ଦେଶରେ ଲକ ଡାଉନ ଘୋଷଣା କରାଯାଇଥିଲା। ସମଗ୍ର ଦେଶରେ ଲକ୍‌ଡାଉନ ପରେ ବିଭିନ୍ନ ଗାଁ ରାସ୍ତାରେ ବାଉଁଶ ପକାଇ ବନ୍ଦ କରାଯିବା ସହ କରୋନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଥିବା ଦେଖିବାକୁ ମିଳୁଛି। ଲକ ଡାଉନକୁ ସମର୍ଥନ ଜଣାଇ ମାଲକାନଗିରି ଜିଲା ଏମଭି-୮୦ ଗ୍ରାମର ଯୁବକମାନେ ଗାଁ ମୁଣ୍ଡ ରାସ୍ତାରେ ବାଉଁଶ ପକାଇ ରାସ୍ତା ଅବରୋଧ କରିଛନ୍ତି । ଗ୍ରାମର ଯୁବକମାନେ ସାମିଜକ ଦୂରତା ରକ୍ଷା କରି ଘର ଘର ବୁଲି ସଚେତନତା ସୃଷ୍ଟି କରିବା ସହ ଜରୁରୀ କାର୍ଯ୍ୟ ନ ଥିଲେ ଗ୍ରାମରୁ ବାହାରକୁ ନ ଯିବା ଏବଂ ବାହାର ଅଞ୍ଚଳର କୌଣସି ବ୍ୟକ୍ତି ଗ୍ରାମକୁ ନ ଆସିବାକୁ ମନା କରୁଛନ୍ତି। ଗ୍ରାମର ସନ୍ତୋଷ କୁମାର ପଣ୍ଡା, ପାର୍ଥ ସରକାର, ବିଜୟ ମଣ୍ଡଲ, ଦନିଏଲ ହିଆଲ,ସନ୍ତୋଷ ପୋଡ,ଦେବାଶିଷ ଦେବନାଥ ଆଦି ଯୁବକମାନେ ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

ଡାବୁଗାଁ, ୮।୪ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ନୂଆଗୁଡା ତ୍ରିନାଥ ମନ୍ଦିର ଛକଠାରେ ଡାବୁଗାଁ ପଞ୍ଚାୟତ ସମିତି ତରଫରୁ କରୋନା ମହାମାରୀର ମୁକାବିଲା ପାଇଁ କୋଠବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କୁ ବୁଧବାର ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ଅବସରରେ ସାମାଜିକ ଦୂରତା ରକ୍ଷା କରି ପ୍ରତ୍ୟେକ ଶ୍ରମିକଙ୍କୁ ୧୫ଶହ ଲେଖାଏ ଟଙ୍କା ପ୍ରଦାନ କରାଯାଇଛି । ଏହି ସମୟରେ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝି,ବିଡିଓ ରଞ୍ଜିତାମେରୀ ନାୟକ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଡାବୁଗାଁ ସରପଞ୍ଚ ଉପସ୍ଥିତ ଥିଲେ । ବୁଧବାର ଡାବୁଗାଁ ପଞ୍ଚାୟତରୁ ଆରମ୍ଭ ହୋଇଥିବା ଏହି ସହାୟତା ରାଶି ବଣ୍ଟନ କାର୍ଯ୍ୟ ଆସନ୍ତା ୨୨ ତାରିଖ ସୁଦ୍ଧା ଶେଷ ହେବ ବୋଲି ଏବିଡିଓ ସୂଚନା ଦେଇଛନ୍ତି ।

# ଜିଲା ପ୍ରଶାସନ ପକ୍ଷରୁ ନିଆଗଲା କଡ଼ା ପଦକ୍ଷେପ



ପୋଲିସ ପକ୍ଷରୁ ଜବତ ହୋଇଥିବା ବାଇକ୍।

- ୪୬ ଅମାନିଆଙ୍କ ବାଇକ୍ ଜବତ
- ଆଇନ ଭାଙ୍ଗିଲେ କଠୋର କାର୍ଯ୍ୟାନୁଷ୍ଠାନ
- ସଚେତନ କରୁଛନ୍ତି ଅଧିକାରୀ, ସ୍ୱେଚ୍ଛାସେବୀ

ମାଲକାନଗିରି,୮।୪ (ଡି.ଏନ୍.ଏ.)

ଓଡ଼ିଶାରେ ଦିନକୁ ଦିନ କରୋନା ଭାଇରସ୍ ଉଗ୍ରରୂପ ଧାରଣ କରୁଛି। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲା ପ୍ରଶାସନ ମଧ୍ୟ କଡ଼ା ପଦକ୍ଷେପ ଗ୍ରହଣ କରୁଛି। ଯିଏ ଲକ୍‌ଡାଉନ ନିୟମ ନ ମାନୁଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ମଙ୍ଗଳବାର ଓ ଓ ବୁଧବାର ସହରର ବିଭିନ୍ନ ଛକରେ ଅମାନିଆଙ୍କୁ ପୋଲିସ ସାବାଡ କରିବା ସହ ୪୬ ବାଇକ୍ ଜବତ କରିଛି। ଉପଜିଲାପାଳ ରାମେଶ୍ୱର ପ୍ରଧାନ, ତହସିଲଦାର ଡ. ଗୁଣନିଧି ନାୟକ, ପୌର ନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁ, ସହକାରୀ ଜିଲାପାଳ ପ୍ରମୋଦ କୁମାର ବେହେରା, ଆଇଆଇସି ରାମପ୍ରସାଦ ନାଗ ଏବଂ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହରାଞ୍ଚଳ ସହ ଗ୍ରାମାଞ୍ଚଳରେ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଡାକ୍ତର ଏବଂ କର୍ମଚାରୀ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଜାରି ରଖିଛନ୍ତି। କୌଣସି ସରକାରୀ ଡାକ୍ତର ବେସରକାରୀ କ୍ଲିନିକକୁ ନ ଯିବାକୁ ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାତିରେ ମଧ୍ୟ ପୋଲିସ ବିଭିନ୍ନ ଅଞ୍ଚଳରେ ଚଢାଉକରି ରାସ୍ତାରେ ଗହଳି କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।

# ୧୪୪ ଧାରା ଜାରି କରି କାଜୁ ତୋଳିଲା ପ୍ରଶାସନ



ପୋଲିସ ହେପାଜତରେ କାଜୁ ତୋଳାଯାଉଛି।

## କାଜୁତୋଟାକୁ ନେଇ ତୁଟୁନି ବିବାଦ

- ଆଦିବାସୀ-ଅଣଆଦିବାସୀଙ୍କ ମଧ୍ୟରେ ଲାଗିଛି ବିବାଦ
- ସବୁବର୍ଷ ଗଣ୍ଡଗୋଳ ପୂର୍ବରୁ ପ୍ରଶାସନ ନିଏ ପଦକ୍ଷେପ
- ଆଦିବାସୀଙ୍କ ଗ୍ରାମରେ ରହିଛି ତୋଟା

କାଶୀନଗର,୮।୪(ଡି.ଏନ୍.ଏ.)-

ଗଜପତି ଜିଲା କାଶୀନଗର ଥାନା ଅଧୀନ ଅରମଡ଼ା ଗ୍ରାମର ଥିବା କାଜୁତୋଟାକୁ ନେଇ ୭ ବର୍ଷ ଧରି ଆଦିବାସୀ ଓ ଅଣଆଦିବାସୀଙ୍କ ମଧ୍ୟରେ ବିବାଦ ଲାଗିରହିଛି। ଏଠାରେ ୧୦୬ ଏକର କାଜୁତୋଟା ରହିଛି। ପୁରିଟିକୁଡ଼ା, ଖାଣ୍ଡବା ଗ୍ରାମର ଅଣଆଦିବାସୀ ଓ ଅରମଡ଼ା ଗ୍ରାମର ଆଦିବାସୀଙ୍କ ମଧ୍ୟରେ ଏହାକୁ ନେଇ ବିବାଦ ଲାଗିଛି। ପ୍ରତ୍ୟେକ ବର୍ଷ କାଜୁ ତୋଳା ସମୟରେ ଏହି ବିବାଦ ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଥାଏ। ତେବେ ଗଣ୍ଡଗୋଳର ସୂତ୍ରପାତ ଘଟିବା ପୂର୍ବରୁ ପ୍ରଶାସନ ଏଠାରେ ୧୪୪ ଧାରା ଜାରି କରିବା ସହ ସମ୍ପୂର୍ଣ୍ଣ ତୋଟା ନିଜ ଅକ୍ତିଆରକୁ ନେଇଥାଏ। ଗତ ୫ ତାରିଖରେ ପାରଳାଖେମୁଣ୍ଡି ଉପଜିଲାପାଳ, କାଶୀନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ୧ ପ୍ଲାଟୁନ ପୋଲିସ ଫୋର୍ସ ସହ ପହଞ୍ଚି ଏଠାରେ ୧୪୪ ଧାରା ଜାରି କରିଥିଲେ। ଏଠାରେ ନାଲି ପତାକା ପୋତାଯିବା ସହ ଉଭୟ ଗୋଷ୍ଠୀଙ୍କୁ ତୋଟାରେ ପ୍ରବେଶ ପାଇଁ ବାରଣ କରାଯାଇଛି। ବୁଧବାର ପ୍ରଶାସନ ପକ୍ଷରୁ ତହସିଲଦାର ମିଶ୍ର, ଆଇଆଇସି ପାତ୍ର, ଏସ୍‌ଆଇ ଟି. ରାଙ୍ଗାବାବୁ ଏବଂ ପୋଲିସ ଫୋର୍ସ ଉପସ୍ଥିତିରେ କାଜୁ ତୋଳାଯାଇଛି। ମୋଟ ୯୩ କେଜି କାଜୁ ଆଦାୟ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଅଣଆଦିବାସୀଙ୍କ ନିକଟରେ କାଜୁତୋଟା ପଟ୍ଟା ପାଉତି ରହିଥିବାବେଳେ ଆଦିବାସୀଙ୍କ ଗ୍ରାମ ମଧ୍ୟରେ ତୋଟା ରହିଛି। ତେଣୁ ଆଦିବାସୀମାନେ ତାହା ନିଜର ବୋଲି ଦାବି କରି ଆସୁଛନ୍ତି।

# ଗଜପତି:କାର୍ଯ୍ୟକ୍ଷମ ହେଲା କୋଭିଡ୍-୧୯ ଚିକିତ୍ସାଳୟ

## ୧୧୦ ରୋଗୀ ଚିକିତ୍ସା ସୁବିଧା ପାଇବେ

ପାରଳାଖେମୁଣ୍ଡି, ୮।୪ (ସ୍ୱ.ପ୍ର.)- ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଜସୀତାପୁର ଠାରେ କୋଭିଡ୍-୧୯ ସ୍ୱତନ୍ତ୍ର ଡାକ୍ତରଖାନା ବୁଧବାରଠାରୁ ଆରମ୍ଭ ହୋଇଛି । ଜିଲାପାଳ ଅନୁପମ ଶାହା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ସ୍ୱତନ୍ତ୍ର ଚିକିତ୍ସାଳୟରେ ୧୧୦ ଶଯ୍ୟା ରହିଛି। ସେଥିରୁ ୧୦ଟି ଆଇସିୟୁ ପାଇଁ ଉଦ୍ଦିଷ୍ଟ। ଏହାର ସମସ୍ତ ପରିଚାଳନା ଦାୟିତ୍ୱ ହାଇଟେକ ଗ୍ରୁପକୁ ନେଇଛି। ଏଠାରେ ଡାକ୍ତର, ଟେକ୍ନିସିଆନ, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ୬୩ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଗୁନୁରାଣୀ ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ପି.କେ.ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




ଉଦ୍‌ଘାଟିତ ହୋଇଥିବା କୋଭିଡ-୧୯ ଡାକ୍ତରଖାନା।

# ଚଢ଼ା ଦରରେ ସାମଗ୍ରୀ ବିକୁଛନ୍ତି ଗ୍ରାମାଞ୍ଚଳ ବ୍ୟବସାୟୀ

ଚନ୍ଦାହାଣ୍ଡି,୮।୪ (ଡି.ଏନ୍.ଏ.)

ମହାମାରୀ କରୋନାକୁ ନେଇ ସମଗ୍ର ଦେଶରେ ୨୧ ଦିନ ପାଇଁ ଲକ୍‌ଡାଉନ ଘୋଷଣା କରାଯାଇଛି । ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଲୋକେ ସକାଳ ୭ରୁ ୧୨ ପର୍ଯ୍ୟନ୍ତ ବଜାରକୁ ଆସି ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ କିଣି ନେଉଛନ୍ତି । ଗ୍ରାମାଞ୍ଚଳରେ ଖୁଚୁରା ବ୍ୟବସାୟୀମାନେ ଲକ୍‌ଡାଉନରୁ ଭରପୂର ଫାଇଦା ଉଠାଉଛନ୍ତି । ସେମାନେ ଗ୍ରାମରେ ଆଳୁ କେଜି ୬୦, ପିଆଜ କେଜି ୫୦, ଚିନି କେଜି ୫୦ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚଢା ଦରରେ ବିକ୍ରି କରୁଛନ୍ତି । ଏହି ଲକଡାଉନର ସୁଯୋଗ ନେଇ କେତେଜଣ ବ୍ୟବସାୟୀ ଗାଁ ମୁଣ୍ଡରେ ଗଛ କାଟି ପକାଇ ଦେଉଥିବା ଅଭିଯୋଗ ହେଉଛି । ଏପରି ରାସ୍ତା ଅବରୋଧ ଯୋଗୁ ଗ୍ରାମରେ ଆବଶ୍ୟକସ୍ଥଳେ ଦମକଳ ଗାଡି ପହଞ୍ଚିପାରୁନି । ରୋଗୀଙ୍କ ପାଇଁ ୧୦୮ କିମ୍ବା ଗର୍ଭବତୀଙ୍କ ପାଇଁ ୧୦୨ ଆମ୍ବୁଲାନ୍ସ ଗ୍ରାମକୁ ଆସିପାରୁନାହିଁ। ଗ୍ରାମାଞ୍ଚଳରେ ରୋଗୀ ସେବା ପାଇଁ ନିୟୋଜିତ ଭ୍ରାମ୍ୟମାଣ ଡାକ୍ତରୀ ଟିମ୍ ଗ୍ରାମରେ ପ୍ରବେଶ କରି ନ ପାରି ଫେରିଯାଇଥିବା ଜଣାପଡିଛି । ସରକାର ପଞ୍ଚାୟତ କର୍ମଚାରୀଙ୍କୁ ଗ୍ରାମକୁ ଯାଇ ଭତ୍ତା ଓ ଚାଉଳ ଯୋଗାଇଦେବାକୁ ସୁବିଧା କରିଥିଲେ ମଧ୍ୟ କେତେକ ଗ୍ରାମରେ କର୍ମଚାରୀଙ୍କୁ ଗ୍ରାମରେ ପଶିବାକୁ ଦେଉନାହାନ୍ତି । ଏ ସମ୍ପର୍କରେ ବିଡିଓ ଧର୍ମରାଜ ମାଝିଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିଛନ୍ତି । ଲୋକେ ନ ବୁଝିଲେ ଆମେ କିପରି ଲୋକଙ୍କ ନିକଟରେ ସେବା ପହଞ୍ଚାଇପାରିବୁ । ଗ୍ରାମାଞ୍ଚଳରେ ବିଭିନ୍ନ ସାମଗ୍ରୀ ଚଢା ଦରରେ ବିକ୍ରି ହେଉଥିବା ଖବର ପାଇଛୁ । ଗାଁ ମୁଣ୍ଡରେ ଗଛ ପକାଯାଇଥିବାରୁ ଯୋଗାଣ ବିଭାଗ ଅଧିକାରୀ ଗ୍ରାମରେ ପହଞ୍ଚିପାରୁନାହାନ୍ତି

## ସ୍ୱୟଂସହାୟକ ଗୋଷ୍ଠୀ ବିକ୍ରିକଲେ ପରିବା

ଚିତ୍ରକୋଣ୍ଡା,୮।୪(ଡି.ଏନ.ଏ.)- ଚିତ୍ରକୋଣ୍ଡାରେ ଲକ୍‌ଡାଉନ ଯୋଗୁ ଦୋକାନବଜାର ସବୁ ବନ୍ଦ ରହିଛି। ଏହି ସମୟରେ ଚିତ୍ରକୋଣ୍ଡାର ଆଶା କିରନ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତା ପାଇଁ ଆଗେଇ ଆସିଛନ୍ତି। ସେମାନେ ଅଟୋରେ ବିଭିନ୍ନ ଗ୍ରାମ ବୁଲି ବାଇଗଣ, ଟମାଟୋ, ଫୁଲକୋବି, ପତ୍ର କୋବି, ମାଟି ଆଳୁ, କଞ୍ଚାଲଙ୍କା, କଲରା, କାକୁଡି ଆଦି ପନିପରିବା ଲୋକଙ୍କୁ ଯୋଗାଇ ଦେଉଛନ୍ତି। ଓଡ଼ିଶା ଜୀବିକା ମିଶନ ପ୍ରକଳ୍ପ ସହାୟତାରେ ବିଡିଓ ଲରିମନ ଖରସେଲ ଓ ବିପିଏମ୍ ପର୍ଶୁରାମ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଛି। ଆଶା କିରନର ସଭାପତି ମେରୀ ଟାକ୍ରି ପରିଚାଳନା କରୁଛନ୍ତି। ଗୋଷ୍ଠୀର ସଦସ୍ୟମାନେ ମାସ୍କ,ଗ୍ଲୋଭ୍ସ ବ୍ୟବହାରକରି ସାମାଜିକ ଦୂରତା ରକ୍ଷାକରି ପରିବା ବିକ୍ରୟ କରୁଥିବା ଦେଖିବାକୁ ମିଳିଥିଲା।



# ମାସ୍କ ବନେଇ ମାଗଣା ବାଣ୍ଟୁଛନ୍ତି ଦିବ୍ୟାଙ୍ଗ

ଜୟପୁର,୮।୪(ନି.ପ୍ର.)



କୋରାପୁଟ ବ୍ଲକ ଅନ୍ତର୍ଗତ କୋଲାବନଗର ଡ୍ୟାମ ସାଇଡରେ ରହୁଛନ୍ତି ଦିବ୍ୟାଙ୍ଗ ଭଗବାନ ତନ୍ତି (୩୮)। ଜନ୍ମରୁ ତାଙ୍କର ୨ ଗୋଡ଼ ପୋଲିଓ ଆକ୍ରାନ୍ତ ହୋଇଥିବା ବେଳେ ସେ ଟେଲରିଂ କରି ନିଜ ଗୁଜୁରାଣ ମେଣ୍ଟାଉଛନ୍ତି। ଭଗବାନଙ୍କ ଦୁଇଟି ଝିଅ ଓ ଗୋଟିଏ ପୁଅ ଥିବାବେଳେ ସିଲେଇ କାମରୁ ଯାହା ରୋଜଗାର ହୁଏ, ସେଥିରେ ଘର ଚଳାଇବା ସହ ପିଲାଙ୍କୁ ଉଚ୍ଚଶିକ୍ଷିତ କରିବା ପାଇଁ ଲାଗିପଡ଼ିଛନ୍ତି। ଏଭଳି ପରିସ୍ଥିତିରେ ଏବେ କରୋନା ସମସ୍ତଙ୍କୁ ଚିନ୍ତିତ ଓ ଆତଙ୍କିତ କରିଥିବା ବେଳେ ନିଜ ସ୍ୱଳ୍ପ ଉପାର୍ଜନରେ ଏକ ମହତ୍ କାମରେ ହାତ ଦେଇଛନ୍ତି ଭଗବାନ। କରୋନା ମୁକାବିଲା ପାଇଁ ମାସ୍କର ଆବଶ୍ୟକତା ପଡୁଥିବା ବେଳେ କଟନ କପଡ଼ାରେ ମାସ୍କ ତିଆରି କରି ଦୀର୍ଘ ୧୨ ଦିନ ହେବ ମାଗଣାରେ ବାଣ୍ଟିଚାଲିଛନ୍ତି ଭଗବାନ। ଏଭଳି ମହତ୍ କାର୍ଯ୍ୟରେ ତାଙ୍କ ସ୍ତ୍ରୀ ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। ଦୁହେଁ ମିଶି କପଡ଼ା ଆଣି ମାସ୍କ ସିଲେଇ କରିବା ପରେ ଆଦିବାସୀ ଅଞ୍ଚଳର ମହିଳା ପୁରୁଷଙ୍କୁ ବାଣ୍ଟୁଛନ୍ତି। ଜିଲାରେ ମାସ୍କ ୨୦ରୁ ୩୦ ଟଙ୍କା ଦରରେ ବିକ୍ରି କରାଯାଉଥିବା ବେଳେ ଏଭଳି ନିଅଣ୍ଟିଆ ଓ ବେରୋଜଗାର ସ୍ଥିତିରେ ଗରିବ ଆଦିବାସୀ ତାହାକୁ କିଣିବା କଷ୍ଟକର ହୋଇପଡ଼ିଛି। କେତେକ ଆଦିବାସୀ ଅଞ୍ଚଳର ଲୋକେ ମାସ୍କ କ’ଣ ତାହା ଜାଣି ନାହାନ୍ତି। କିନ୍ତୁ ସେମାନଙ୍କୁ କରୋନାରୁ ରକ୍ଷା କରିବା ପାଇଁ ଭଗବାନ ସେମାନଙ୍କୁ ମାଗଣାରେ ମାସ୍କ ଦେଉଛନ୍ତି। ଗଞ୍ଜେଇପଦର, ବାଲିପଦରଗୁଡ଼ା, ପୁକି, ଡ୍ୟାମସାଇଡ, ବଡ଼ନାୟକଗୁଡ଼ା ଅଞ୍ଚଳର ଲୋକେ ଭଗବାନଙ୍କ ଦୋକାନକୁ ମାସ୍କ ପାଇଁ ଆସୁଛନ୍ତି ଓ ସାମାଜିକ ଦୂରତା ରକ୍ଷା କରି ମାସ୍କ ନେଇ ଫେରୁଛନ୍ତି।

**ଭଗବାନଙ୍କ ମହତ୍ କାମ**

# କରୋନା ପାଇଁ କଏଦୀଙ୍କ ସ୍ୱାସ୍ଥ୍ୟ ଚିନ୍ତା

ରାୟଗଡ଼ା ଅଫିସ,୮।୪

**ଜିଲାସ୍ତରୀୟ ଅଣ୍ଡର ଟ୍ରାଏଲ ରିଭ୍ୟୁ କମିଟି ବୈଠକ**

ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ପାଳନ କରିବା ଦିଗରେ ଜିଲାସ୍ତରୀୟ ଅଣ୍ଡର ଟ୍ରାଏଲ ରିଭ୍ୟୁ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ଜିଲା ଜଜ୍ ଜ୍ଞାନ ରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲା କୋର୍ଟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର, ଜିଲାପାଳ ପ୍ରମୋଦ ବେହେରା, ଏସ୍‌ପି ଡ. ଶ୍ରବଣା ବିବେକ ଏମ୍. ଯୋଗ ଦେଇଛନ୍ତି। ରାୟଗଡ଼ା, ଗୁଣପୁର ଓ ବିଷମକଟକ କାରାଗାରରେ ଥିବା କଏଦୀଙ୍କ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। କରୋନାର ଭୟାବହତାକୁ ଉପଲବ୍ଧି କରି ସୁପ୍ରିମକୋର୍ଟ ଜାରି କରିଥିବା ନିର୍ଦ୍ଦେଶନାମା ଅନୁସାରେ ବିଭିନ୍ନ କାରାଗାରର କଏଦୀଙ୍କୁ ଅନ୍ତରୀଣ ଜାମିନ ଦେବା ପାଇଁ ବିଚାର କରାଯାଇଛି। ବିଭିନ୍ନ କଏଦୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ କାରାଗାର ଅଧୀକ୍ଷକଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟ ଉପରେ ଆଲୋଚନା ପରେ କଏଦୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ପାରୋଲରେ ଯିବା ପାଇଁ ଆଗ୍ରହୀ ତଥା ଉପଯୁକ୍ତ କଏଦୀଙ୍କୁ ଚିହ୍ନଟ ପାଇଁ କାରାଗାର ଅଧୀକ୍ଷକମାନଙ୍କୁ କୁହାଯାଇଛି। ଏଯାବତ୍ ରାୟଗଡ଼ା ଜିଲାର ବିଭିନ୍ନ କାରାଗାରରୁ ୨୫ ଜଣ କଏଦୀ ଜେଲ ମାନୁଆଲ ଆଧାରରେ ମୁକୁଳି ସାରିଛନ୍ତି। ଏହା ବ୍ୟତୀତ କରୋନା ମୁକାବିଲା ପାଇଁ ରାୟଗଡ଼ାରେ ଫସି ରହିଥିବା ରାଜ୍ୟ ଓ ଜିଲା ବାହାର ଶ୍ରମିକଙ୍କ ପାଇଁ ଜିଲା ପ୍ରଶାସନ ନେଇଥିବା ପଦକ୍ଷେପ ଉପରେ ଜିଲାପାଳ ଓ ଏସ୍‌ପି କମିଟିକୁ ରିପୋର୍ଟ ଦେଇଥିଲେ।

# ସ୍ଥାନାନ୍ତର ହେଲା ପରିବା ବଜାର

ଗୁଣପୁର,୮।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରଠାରେ କରୋନାକୁ ଦୃଷ୍ଟିରେ ରଖି ପରିବା ବଜାର ନୂତନ ବସଷ୍ଟାଣ୍ଡକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯାଇଛି। ବୁଧବାର ପୌର ପରିଷଦର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ, ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ ଓ ପୋଲିସ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ବରୁ ପୁରୁଣା ବସ୍‌ଷ୍ଟାଣ୍ଡରେ ଏହି ପରିବା ଦୋକାନ ବସୁଥିଲା। ହେଲେ ଏଠାରେ ପ୍ରବଳ ଜନ ଗହଳି ପରିଲକ୍ଷିତ ହୋଇଥିଲା। ସାମାଜିକ ଦୂରତ୍ୱ ରହୁ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପରିବା ଓ ଫଳ ଦୋକାନ ସ୍ଥାନାନ୍ତର କରାଯାଇଥିଲା। ନୂତନ ବସଷ୍ଟାଣ୍ଡଠାରେ ଦୁଇ ମିଟର ବ୍ୟବଧାନରେ ଦୋକାନଗୁଡ଼ିକ ଖୋଲାଯାଇଛି। ସାମାଜିକ ଦୂରତ୍ୱ ରଖିବା ପାଇଁ ସମସ୍ତଙ୍କୁ କଡ଼ା ତାଗିଦ କରାଯାଇଛି। ଅନ୍ୟପଟେ ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଥିବା ଦୈନିକ ବଜାର ପୂର୍ବଭଳି ଚାଲୁ ରହିବ ବୋଲି କୁହାଯାଇଛି। ଦୁଇଟି ସ୍ଥାନରେ ବଜାର ଖୋଲିବା ଦ୍ୱାରା ଗହଳି କମିବ ବୋଲି ପ୍ରଶାସନ ଆଶା ପ୍ରକାଶ କରିଛି।

# ଡାକ୍ତର, ପୋଲିସଙ୍କ ହାତରେ ରକ୍ଷାକବଚ



ତେନ୍ତୁଳିଖୁଣ୍ଟି ବ୍ଲକର ମା’ ମାଣିକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ରକ୍ଷା କବଚ ବନ୍ଧାଯାଉଛି ।



ସେମିଳିଗୁଡାରେ ବିଭିନ୍ନ ସଂଘର ମହିଳାମାନେ ପୋଲିସ କର୍ମଚାରୀଙ୍କ ହାତରେ ରକ୍ଷାକବଚ ବାନ୍ଧୁଛନ୍ତି ।

**ସମ୍ମାନ, ସୁସ୍ଥତା କାମନା କରି ବାନ୍ଧିଲେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା**

ନବରଙ୍ଗପୁର/ସେମିଳିଗୁଡ଼ା, ୮।୪ (ବି.ପ୍ର./ସ୍ୱ.ପ୍ର.)

କରୋନା ପାଇଁ ପୋଲିସ, ଡାକ୍ତର, ମେଡିକାଲ କର୍ମଚାରୀ ନିଜ ପରିବାରଠାରୁ ଦୂରରେ ରହି ଦିବାରାତ୍ର ଲୋକଙ୍କ ସୁରକ୍ଷା ଓ ସେବାରେ ଲାଗିଛନ୍ତି। ସେମାନଙ୍କୁ ଉତ୍ସାହିତ କରିବା ଓ ଲୋକଙ୍କ ମନରେ ଡାକ୍ତରଖାନା କର୍ମଚାରୀ ଓ ପୋଲିସ ପ୍ରତି ସହଯୋଗର ଚିନ୍ତା ବଢ଼ାଇବା ପାଇଁ ସେମାନଙ୍କ ହାତରେ ମହିଳାମାନେ ରକ୍ଷା କବଚ ବାନ୍ଧିଛନ୍ତି। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଚରାମୂଳା ଗ୍ରାମର ମା’ ମାଣିକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପୂଜା ଥାଳି ଓ ରକ୍ଷା କବଚ ନେଇ ବୁଧବାର ସଦରରେ ପହଞ୍ଚିଥିଲେ। ସେମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କୁ ପୂଜା କରିବା ସହ ହାତରେ ରକ୍ଷା କବଚ ବାନ୍ଧି ସେମାନଙ୍କ ଦୀର୍ଘାୟୁ କାମନା କରିଥିଲେ। ମହିଳାଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ଲୋକଙ୍କ ସୁରକ୍ଷା ପାଇଁ ଡାକ୍ତରଖାନାର ସମସ୍ତ କର୍ମଚାରୀ ସଜାଗ ଥିବା ତେନ୍ତୁଳିଖୁଣ୍ଟି ଡାକ୍ତର ସମଲେଇ ପ୍ରସାଦ ପଣ୍ଡା କହିଛନ୍ତି। ସେହିପରି କୋରାପୁଟ ଜିଲା ସେମିଳିଗୁଡ଼ାରେ ଭାରତ ମାତା ମହାସଂଘର ସଭାପତି ଭି. ବାସନ୍ତାଙ୍କ ନେତୃତ୍ୱରେ ମା’ ଅମ୍ବିକା, ମା’ ସ୍ୱରୂପା, ମା’ ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପୋଲିସ ଅଧିକାରୀ, କର୍ମଚାରୀଙ୍କୁ ପୂଜାର୍ଚ୍ଚନା କରି ରକ୍ଷା କବଚ ବାନ୍ଧିଛନ୍ତି। ମ୍ୟୁନିସିପାଲିଟି ନୋଡାଲ ଅଫିସର ସନ୍ତୋଷ ମହାନ୍ତି, ସ୍ୱଚ୍ଛସାଥି ସୁପରଭାଇଜର ସଙ୍ଗୀତ ଦାଶଙ୍କ ଉପସ୍ଥିତିରେ ସମସ୍ତ ଗ୍ରୁପ ସଦସ୍ୟା ତଥା ଦନାଇ ଜାନୀ, ମାଳତୀ ସାହୁ, ଜାମ୍ବତି ବିଲେଇପାଡିଆ ଓ ମଞ୍ଜୁଲତା ସହଯୋଗ କରିଥିଲେ।

# ୧୩ରୁ ଖୋଲିବ କରୋନା ଚିକିତ୍ସାଳୟ

ଜୟପୁର,୮।୪(ଡି.ଏନ୍.ଏ.)

ଜୟପୁରରେ କୋରାପୁଟ ଜିଲାର ଏକମାତ୍ର କୋଭିଡ-୧୯ ଚିକିତ୍ସାଳୟର ନିର୍ମାଣ କାର୍ଯ୍ୟ ଜୋରଦାର ଚାଲିଛି। ସହରସ୍ଥିତ ପୁରାତନ ଉପଖଣ୍ଡ ଚିକିତ୍ସାଳୟ ଭବନରେ ଚାଲିଥିବା ଏହି ସ୍ୱତନ୍ତ୍ର ଚିକିତ୍ସାଳୟକୁ ବୁଧବାର ଜିଲାପାଳ ମଧୁସୂଦନ ମିଶ୍ର ତଦାରଖ କରିଛନ୍ତି। ୧୩ ତାରିଖରୁ ଏହାର ଶୁଭାରମ୍ଭ ହେବ ବୋଲି ସେ କହିଛନ୍ତି। ୨୦ଟି କ୍ୟାବିନ, ୬ଟି ବଡ଼ ହଲ୍‌ରେ ୧୩୦ଟି ଶଯ୍ୟାକୁ ମିଶାଇ ସମୁଦାୟ ୧୫୦ ଶଯ୍ୟାବିଶିଷ୍ଟ ଏହି ଚିକିତ୍ସାଳୟରେ ୩ଟି ଭେଣ୍ଟିଲେଟର ରହିବ। ଏଠାରେ କାର୍ଯ୍ୟରତ ଡାକ୍ତର, ନର୍ସ, ଫର୍ମାସିଷ୍ଟ, ଲ୍ୟାବ୍ ଟେକ୍‌ନିସିଆନ ନିଜ ଘରକୁ ଯିବେନାହିଁ। ସେମାନେ ରହିବା ପାଇଁ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୁଇଟି ଛାତ୍ରାବାସ, ମହିଳା ମହାବିଦ୍ୟାଳୟ ଛାତ୍ରୀ ନିବାସ କିମ୍ବା ଦୁଇଟି ଉନ୍ନତମାନର ଘରୋଇ ହୋଟେଲ ବ୍ୟବସ୍ଥା କରାଯାଇଛି। ଏହାର ପ୍ରସ୍ତାବ ସରକାରଙ୍କୁ ପଠାଯିବ। ଏହି ଚିକିତ୍ସାଳୟ ପାଇଁ ୫୦ ଜଣ ଡାକ୍ତର ଓ ୨୦୦ ଜଣ କର୍ମଚାରୀ ନିଯୁକ୍ତ ହେବେ। ପ୍ରତ୍ୟେକ ୮ରୁ ୧୨ ଘଣ୍ଟା ଡ୍ୟୁଟିରେ ରହିବେ।

# ୫୪ ୟୁନିଟ୍ ରକ୍ତ ସଂଗ୍ରହ କଲା ଭ୍ରାମ୍ୟମାଣ ଯାନ

ବୈପାରିଗୁଡ଼ା,୮।୪(ଡି.ଏନ୍.ଏ.)

ଲକ୍ ଡାଉନ ପରିସ୍ଥିତିରେ ବ୍ଲଡ୍ ବ୍ୟାଙ୍କରେ ରକ୍ତର ଅଭାବ ଦେଖା ଦେଇଛି। ତାହାର ଭରଣା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଏହିପରିପ୍ରେକ୍ଷୀରେ ବୁଧବାର ବୈପାରୀଗୁଡ଼ା ବ୍ଲକ ମାଠପଡ଼ା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଗୁଡ଼ା ଓ ଦୋରାଗୁଡ଼ା ପଞ୍ଚାୟତ ମୁଣ୍ଡାଗୁଡ଼ାରେ ରକ୍ତଦାନ ଶିବିର ହୋଇଛି। ଏଥିରେ ୫୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ ପକ୍ଷରୁ ଏହାକୁ ଆୟୋଜନ କରାଯାଇଛି। ଜି. ସଞ୍ଜିବ କୁମାର, ରାଜେଶ ଯାଦବ, ଚନ୍ଦ୍ରଶେଖର ରଥ, ନିରାକାର ଜେନା, ନଟବର ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ।

# ଓଡ଼ିଶା-ଆନ୍ଧ୍ର ରାସ୍ତା ସିଲ୍

ନନ୍ଦପୁର,୮।୪(ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଛଲୁଙ୍ଗ ପଞ୍ଚାୟତ ଅନ୍ତର୍ଗତ ସୁଡୁବ ଗ୍ରାମ ଦେଇ ଯାଇଥିବା ଓଡ଼ିଶା-ଆନ୍ଧ୍ର ରାସ୍ତାକୁ ବୁଧବାର ନନ୍ଦପୁର ତହସିଲଦାର ନରସିଂହ ଗାଦବା, ପାଡୁଆ ଥାନା ଅଧିକାରୀ ଗୁରୁଦେବ କର୍ମୀ ଓ ସରପଞ୍ଚ ଧବଳୁ ପାଙ୍ଗିଙ୍କ ଉପସ୍ଥିତିରେ ସିଲ୍ କରାଯାଇଛି। କରୋନା ପାଇଁ ଲକ୍ ଡାଉନକୁ କଡ଼ାକଡ଼ି କରିବା ସହ ନନ୍ଦପୁର ବ୍ଲକର ଚାଟୁଆ ଓ ଜଲାପୁଟ ଦେଇ ଯାଇଥିବା ଆନ୍ଧ୍ର ସୀମାନ୍ତ ରାସ୍ତାକୁ ମଧ୍ୟ ଏହା ପୂର୍ବରୁ ସିଲ କରି ଦିଆଯାଇଛି।

# କରୋନା ପାଇଁ ପିଲାଙ୍କ ଅନ୍‌ଲାଇନ କ୍ଲାସ୍

ରାୟଗଡ଼ା ଅଫିସ/ଟିକିରି, ୮।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ଼ (ୟୁଏଆଇଏଲ୍) ଅଧୀନ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ ପକ୍ଷରୁ ଅନଲାଇନ କ୍ଲାସ ବୁଧବାରଠାରୁ ଆରମ୍ଭ ହୋଇଛି। କୋଭିଡ୍-୧୯ ପାଇଁ ମାର୍ଚ୍ଚ ମାସରେ ଲକ୍ ଡାଉନ ଯୋଗୁ ସମସ୍ତ ସ୍କୁଲ, କଲେଜ ବନ୍ଦ ରହିଛି । ଏହି ସମୟରେ ପାଠପଢ଼ା ଜାରି ରଖିବା ପାଇଁ ବିଭିନ୍ନ ଶ୍ରେଣୀ ଲାଗି ବିଭିନ୍ନ ହ୍ୱାଟ୍‌ସଆପ୍ ଗ୍ରୁପ୍ କରାଯାଇଛି। ୬୩୪ ଛାତ୍ରୀଛାତ୍ରଙ୍କୁ ଟିଏଲଏମ, ପ୍ରୋଜେକ୍ଟସ, ୟୁଟ୍ୟୁବ ଲିଙ୍କ, ୱାର୍କଶିଟ୍ ଭଳି ବିଭିନ୍ନ ପାଠ୍ୟ ଉପକରଣ ଦିଆଯାଇଛି। ମାଇକ୍ରୋସଫ୍ଟ ଟିମ୍ ସଫ୍ଟୱେର ଜରିଆରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ପିଲାଙ୍କ ପାଇଁ ଅନଲାଇନ ଇଣ୍ଟରଆକ୍ଟିଭ କ୍ଲାସେସ ଆରମ୍ଭ କରାଯାଇଛି । ଡ. ଏସ୍. ଗାଙ୍ଗୁଲି, ସିଇଓ ଜିଏଚ୍ ଆର୍. ଏଜୁକେଶନ, ଉତ୍କଳ ଆଲୁମିନାର ୟୁନିଟ ମୁଖ୍ୟ ସଭାପତି ଏନ୍. ନାଗେଶ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଟି.ଏମ୍. ପ୍ରକାଶଙ୍କ ଏଭଳି ପଦକ୍ଷେପକୁ ଅଭିଭାବକମାନେ ପ୍ରଶଂସା କରିଛନ୍ତି।

# କରୋନା ପାଟ୍ରୋଲିଂ ବେଳେ ମିଳିଲା ବିସ୍ଫୋରକ

ସେମିଳିଗୁଡ଼ା,୮।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ପୋଲିସ କରୋନା ପାଇଁ ସ୍ୱତନ୍ତ୍ର ପାଟ୍ରୋଲିଂ ଚଳାଇଥିବା ବେଳେ ଗତ ମଙ୍ଗଳବାର ଅପରାହ୍ନ ୨ଟାରେ ଦୁଧାରି ରାସ୍ତା ଶୁଣ୍ଡିପୁଟ ଛକ ନିକଟରେ ବିସ୍ଫୋରକ ଜବତ କରିଛି। ଅଟୋରୁ ଏସବୁ ବିସ୍ଫୋରକ ସାମଗ୍ରୀ ମିଳିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ଗିରଫ ଅଭିଯୁକ୍ତ ହେଲେ ସେମିଳିଗୁଡ଼ା ବ୍ଲକ ପାକଝୋଲା ଗ୍ରାମର ସଞ୍ଜୟ ନାୟକ (୨୯) ଘଟଣାସ୍ଥଳରୁ ୧୦ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଜବତ ଅଟୋରୁ ଜବତ ହୋଇଥିବା ବହୁ ବିସ୍ଫୋରକ ସାମଗ୍ରୀ ଭିତରେ ୧୦ଟି ନନ ଇଲେକ୍ଟ୍ରିକାଲ ଡିଟୋନେଟର, ୨୧ଟି ଇଲେକ୍ଟ୍ରିକାଲ ଡିଟୋନେଟର, ୧୭ଟି ୨୫ ଏମ୍‌ଏମ୍‌ର ଜିଲୋଟିନ ଷ୍ଟିକ, କ୍ଲାସ ଦୁଇ, ଇଲେକ୍ଟ୍ରିକାଲ ଚାର୍ଜର ଗୋଟିଏ, ଆଇରନର ଗୋଟିଏ ଖଣ୍ଡା, ବିଦ୍ୟୁତ ତାର ରହିଛି। ଏନେଇ ସେମିଳିଗୁଡ଼ା ଥନାରେ କେସ୍ ନଂ ୩୩/୨୦ରେ ଏକ ମାମଲା ରୁଜୁ ହେବା ସହ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଧୀରେନ ବେହେରା କହିଛନ୍ତି।

# ୩ ଧର୍ମର ପର୍ବ ପୂର୍ବରୁ ବୈଠକ

## କରୋନା ପାଇଁ ସମସ୍ତଙ୍କୁ ଜାରି ହେଲା କଟକଣା

ଜୟପୁର,୮।୪(ଡି.ଏନ୍.ଏ.)

ଆସନ୍ତା ଗୁରୁବାର ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ସୁନ୍ନି ମୁସଲମାନଙ୍କ ପର୍ବ ସବେ ବାରାତ, ଶୁକ୍ରବାର ଖ୍ରୀଷ୍ଟିଆନଙ୍କ ଗୁଡ ଫ୍ରାଇଡେ ଓ ଆସନ୍ତା ସୋମବାର ବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ରହିଛି। ତେବେ କରୋନାକୁ ଦୃଷ୍ଟିରେ ରଖି ଏହି ୩ଟି ଧର୍ମର ପର୍ବ ପାଳନ ହେବା ପୂର୍ବରୁ ପ୍ରଶାସନ ବୈଠକ ଡକାଇଛି। କୋରାପୁଟ ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଏସ୍‌ଡିପିଓ ଏସ୍‌ଡିପିଓ ବିମଳ ବ୍ରହ୍ମାଙ୍କ କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ସବୁ ଧର୍ମାବଲମ୍ବୀଙ୍କୁ ନେଇ ଆଲୋଚନା ହୋଇଛି। ଜନଗହଳି ହଟାଇବା ଓ ସାମାଜିକ ଦୂରତା ପାଳନ କରିବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁସଲମାନ ନିଜ ପର୍ବରେ ମସଜିଦ କିମ୍ବା କବରସ୍ଥାନରେ ଏକତ୍ରିତ ହେବା ଉପରେ ରୋକ ଲଗାଯାଇଛି । ସେମାନେ ନିଜ ଘରେ ନମାଜ ପାଠ ସହ ଅନ୍ୟ ପରମ୍ପରା ପାଳନ କରିବେ। କେବଳ ଜଣେରୁ ଦୁଇ ଜଣ କବରସ୍ଥାନ ଯାଇ ପ୍ରାର୍ଥନା କରିପାରିବେ। ସେହିପରି ଖ୍ରୀଷ୍ଟିଆନ ସମ୍ପ୍ରଦାୟ ମଧ୍ୟ ଶ୍ମଶାନରେ ଏକାଠି ହୋଇପାରିବେ ନାହିଁ। ଜଣେ କିମ୍ବା ଦୁଇଜଣ ପର୍ଯ୍ୟାୟକ୍ରମେ ଶ୍ମଶାନକୁ ଯାଇ କ୍ୟାଣ୍ଡେଲ ଜାଳିବେ। ସେହିପରି ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତିକୁ ସାମୂହିକ ପାଳିବା ଉପରେ ମଧ୍ୟ କଟକଣା ଜାରି ହୋଇଛି। କେବଳ ପୂଜକ ଓ ସହାୟକଙ୍କ ଦ୍ୱାରା ପୂଜାର୍ଚ୍ଚନା ହେବ। ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଓ ପଣା ବଣ୍ଟନକୁ ବାରଣ କରାଯାଇଛି।

# ୧୨୦ ବାଇକ୍ ଜବତ

ନବରଙ୍ଗପୁର,୮।୪(ବି.ପ୍ର.)

ଲକ୍ ଡାଉନ ନ ମାନି ମୋଟର ସାଇକେଲରେ ସହର ମଧ୍ୟରେ ଘୁରି ବୁଲୁଥିବା ବେଳେ ୧୨୦ ଗାଡ଼ି ଜବତ କରିଛି ନବରଙ୍ଗପୁର ପୋଲିସ। ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ପୌରସଂସ୍ଥା ଓ ପ୍ରଶାସନ ପକ୍ଷରୁ ପ୍ରତିଦିନ ନିୟମିତ ଭାବେ ସଚେତନ କରାଯାଉଥିଲେ ମଧ୍ୟ ଅମାନିଆଙ୍କ ପ୍ରାଦୁର୍ଭାବ ବଢୁଛି। ଏନେଇ କଡ଼ା ପଦକ୍ଷେପ ନେବାକୁ ଦାବି ହେଉଛି।

# ଦୋକାନୀଙ୍କ ପ୍ରତି କଠୋର ହେଲା ପୋଲିସ

ରାୟଗଡ଼ା ଅଫିସ/ଗୁଣପୁର ୮।୪(ଡି.ଏନ୍.ଏ.)

**ଲକ୍ ଡାଉନ୍ ଅବଜ୍ଞା**
- ୪ ଗ୍ରସେରୀ ଦୋକାନ ସିଲ୍
- ଜଳଖିଆ ଦୋକାନୀଙ୍କ ନାଁରେ ମାମଲା

କରୋନା ପାଇଁ ଜାରି ହୋଇଥିବା ଲକ୍ ଡାଉନକୁ ଅନେକ ସ୍ଥାନରେ ଲୋକେ ଓ ବ୍ୟବସାୟୀ ମାନୁନାହାନ୍ତି। ଗୋଟିଏ ଜାଗାରେ ଏକତ୍ରିତ ହୋଇ ଜନ ଗହଳି କରୁଛନ୍ତି। ତେଣୁ ବାଧହୋଇ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବା ରାୟଗଡ଼ା ଥାନା ଆଇଆଇସି ନିହାର ରଞ୍ଜନ ପ୍ରଧାନ କହିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଦିନ ୧୧ଟା ପରେ ଦୋକାନ ଖୋଲା ରହିବ ନାହିଁ। କିନ୍ତୁ କେତେକ ଦୋକାନୀ ଏହାକୁ ଅମାନ୍ୟ କରିଥିଲେ। ତେଣୁ ରାୟଗଡ଼ା ପୋଲିସ ଓ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ମିଳିତ ଉଦ୍ୟମରେ ବୁଧବାର ୪ଟି ଗ୍ରସରି ଦୋକାନ ସିଲ କରାଯାଇଛି। ସେଗୁଡ଼ିକ ହେଲା ଶାସ୍ତ୍ରୀ ନଗରସ୍ଥିତ ବି. ଶ୍ରୀତମ ନାଇଡୁଙ୍କ ଦୋକାନ, ରଇତ କଲୋନୀର ଭି. ସତ୍ୟନାରାୟଣଙ୍କ ଦୋକାନ, କୋରାପୁଟ ଛକସ୍ଥିତ ସୀମାଞ୍ଚଳ ଖୁଣ୍ଟିଆଙ୍କ ଦୋକାନ ଓ କେ. ତିରୁମାଲାଙ୍କ ଦୋକାନ। ଏହି ଦୋକାନଗୁଡ଼ିକ ଦିନ ୧୧ଟା ପରେ ଦୋକାନ ଖୋଲା ସାମାଜିକ ଦୂରତା ବଜାୟ ନ ରଖି ବେପାର କରୁଥିଲେ। ଏନେଇ ରାୟଗଡ଼ା ଟାଉନ ଥାନାରେ ଦୋକାନୀ ମାଲିକଙ୍କ ନାଁରେ କେସ ନମ୍ବର ୧୩୭/୨୦, ୧୩୮/୨୦, ୧୩୯/୨୦, ୧୪୦/୨୦ରେ ମାମଲା ରୁଜୁ କରାଯାଇଛି। ସେହିପରି ଗୁଣପୁର ପୋଲିସ ବୁଧବାର ମର୍ନିଂ ସାହିର କାଳେଶ୍ୱର ରାଓଙ୍କ ନାମରେ ମାମଲା ରୁଜୁ କରିଛି। ସେ କ୍ରିଷ୍ଟା ଲଜ୍ ନିକଟରେ ଜଳଖିଆ ଦୋକାନ ଖୋଲିବା ବେଳେ ସେଠାରେ ଲୋକେ ଲକ୍ ଡାଉନ ନ ମାନି ଏକାଠି ହୋଇଥିଲେ। ପୋଲିସ ଖବର ପାଇ କାଳେଶ୍ୱରଙ୍କୁ ଥାନାକୁ ନେବା ସହ ତାଙ୍କ ନାମରେ ମାମଲା ରୁଜୁ କରିଥିବା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ କହିଛନ୍ତି।

# ରିଲିଫ ପାଣ୍ଠିକୁ ସହାୟତା

ବିଷମକଟକ,୮।୪(ଡି.ଏନ୍.ଏ.)

କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତାର ହାତ ବଢ଼ିଚାଲିଛି। ରାୟଗଡ଼ା ଜିଲା ବିଷମକଟକର ଅବସରପ୍ରାପ୍ତ ଲ୍ୟାବ୍ ଟେକ୍‌ନିସିଆନ ସୁବାସ ଚନ୍ଦ୍ର ସାହୁ ମାସକର ପେନସନ ସହ ମୋଟ ୩୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ସ୍ଥାନୀୟ ତହସିଲଦାର ଶୁଭେନ୍ଦୁ ଜେନାଙ୍କୁ ସେ ଏହି ଅର୍ଥରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ସେହିପରି ଚାଟିକୋଣା ଗ୍ରାମର ତନ୍ମୟ ମହାପାତ୍ର ଦୁଇ ମାସର ବୃତ୍ତି ଅର୍ଥ ବାବଦକୁ ୧୨୦୦ ଶହ ଟଙ୍କା ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ଦେଇଛନ୍ତି। ଭି. ହରିପ୍ରସାଦ ଗୁପ୍ତା ୨୫ ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦେଇଛନ୍ତି।

**ଫଟୋରେ ଖବର**




ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦର ସଫେଇ କର୍ମଚାରୀମାନେ ପୌର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସଙ୍କ ନେତୃତ୍ୱରେ କରୋନା ପାଇଁ ପ୍ଲାକାର୍ଡ଼ ଧରି ସଚେତନତା ବାଣ୍ଟୁଛନ୍ତି।



ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତରେ ଡଙ୍ଗରିଆମାନେ ପିଡିଏସ୍ ଚାଉଳ ନେବା ପାଇଁ ସାମାଜିକ ଦୂରତ୍ୱ ସର୍କଲରେ ଛିଡ଼ା ହୋଇଛନ୍ତି।

## ସଂକ୍ଷେପରେ

### ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଲାନି ସାମାଜିକ ଦୂରତ୍ୱ

ରତ୍ନଗିରି,୮।୪(ଡି.ଏନ.ଏ): ସାମାଜିକ ଦୂରତ୍ୱ ରକ୍ଷା କରବା ପାଇଁ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଛି। ଏହାକୁ ପାଳନ କରା ନ ଗଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ରହିଛି। ପୋଲିସ ପ୍ରଶାସନ ବିଭିନ୍ନ ବ୍ୟବସାୟିକ ପେଣ୍ଠସ୍ଥଳ, ହାଟ, ବଜାରରେ ବ୍ୟାପକଭାବେ ଚଢ଼ାଉ କରି ସାମାଜିକ ଦୂରତ୍ୱ ରଖୁ ନ ଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ସ୍ୱାସ୍ଥ୍ୟକେନ୍ଦ୍ରରେ। ସୂଚନା ଯେ, ବରୀ ବ୍ଲକ ଅଧୀନ ଅରଙ୍ଗାବାଦ ପଞ୍ଚାୟତରେ ରହିଛି କସ୍ତୁରବା ମାତୃମଙ୍ଗଳ କେନ୍ଦ୍ର (ସେବାଘର)। ଏଠାରେ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ବୁଧବାର ଟୀକା ଦିଆଯିବା ସମୟରେ ସମଦୂରତା ରକ୍ଷା କରିବା ଦାୟିତ୍ୱରେ ଥିବା କର୍ମଚାରୀମାନେ ଏହା ଉପରେ ଗୁରୁତ୍ୱ ଦେଇ ନ ଥିବା ଦେଖିବାକୁ ମିଳିଛି। କରୋନା ଭୂତାଣୁ ସଂକ୍ରମଣ ଉପରେ ସ୍ୱାସ୍ଥ୍ୟ ବିଭାଗର ଗୁରୁ ଦାୟିତ୍ୱ ରହିଥିବାବେଳେ ଏଠାରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ କୌଶିକ ପାତ୍ରଙ୍କୁ ପଚାରିବାରେ, ଯଦି ଅଭିଯୋଗ ସତ୍ୟ ହୋଇଥାଏ ତେବେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଆଗାମୀ ଦିନରେ ଏଭଳି ତ୍ରୁଟି ନ ହେବା ଦିଗରେ ବିଶେଷ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

### ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ପୋଲିସର ସହାୟତା



ରତ୍ନଗିରି,୮।୪(ଡି.ଏନ.ଏ): ଯାଜପୁର ଜିଲା ବରୀ ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବରୀ ପୋଲିସ ସହଯୋଗର ହାତ ବଢ଼ାଇଛି। ବରୀ ଥାନାଧିକାରୀ ମାର୍କଣ୍ଡ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ହୋମଗାର୍ଡ ଦମୟନ୍ତୀ ସେଠି ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଖାଦ୍ୟ ଦେବା ସହ ତାଙ୍କ ସେବା କରିଥିବା ଦେଖିବାକୁ ମିଳିଥିଲା। ଉକ୍ତ ମହିଳା ଜଣକ କିମ୍ବିରିଆପାଳ ପଞ୍ଚାୟତ ଅଧୀନ ଗୋବିନ୍ଦାବାଟି ଗ୍ରାମର ଜଣାପଡିବା ପରେ ତାଙ୍କୁ ତାଙ୍କ ପୈତୃକ ବାସଭବନରେ ବରୀ ପୋଲିସ ତାଙ୍କ ବାପାଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

# ଚାଉଳ ମହଜୁଦ ରଖିବାକୁ ନିର୍ଦ୍ଦେଶ

**କର�ୋନା ମୁକାବିଲା**

- ଅତିରିକ୍ତ ୨୬,୮୪୧ ଏମ୍‌ଟି ଚାଉଳର ରହିଛି ଆବଶ୍ୟକତା
- ମିଲର୍ସଙ୍କଠାରୁ ତ୍ୱରାନ୍ୱିତ ପ୍ରକ୍ରିୟାରେ ଚାଉଳ ସଂଗ୍ରହ କରିବାକୁ ନିର୍ଦ୍ଦେଶ

ଯାଜପୁର ଅଫିସ,୮।୪

ରାଜ୍ୟରେ କରୋନା ଭୂତାଣୁ କୋଭିଡ-୧୯ ଆକ୍ରାନ୍ତ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ରାଜ୍ୟ ଯୋଗାଣ ନିଗମ ଆସନ୍ତା ୬ମାସ ପର୍ଯ୍ୟନ୍ତ ଚାଉଳ ମହଜୁଦ ରଖିବାକୁ ଯୋଜନା କରିଛନ୍ତି। ଏହିକ୍ରମରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅର୍ନ୍ତଗତ ହିତାଧିକାରୀଙ୍କ ପାଇଁ ଆବଶ୍ୟକ ଚାଉଳ ବଣ୍ଟନ କରିବାକୁ ବିଭାଗ(ଏଫଏସ ଆଣ୍ଡ ସିଡବ୍ଲ୍ୟୁ) ପକ୍ଷରୁ ନିର୍ଦ୍ଦେଶ ହେବ ବୋଲି ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ ଦାସ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଯାଜପୁର ଜିଲାରେ ୬ ମାସର ଆବଶ୍ୟକତା ପୂରଣ ପାଇଁ ଅତିରିକ୍ତ ୨୬,୮୪୧ ମେଟ୍ରିକଟନ(ଏମଟି) ଚାଉଳର ଆବଶ୍ୟକତା ରହିଛି। ଏଥିପାଇଁ ମିଲର୍ସଙ୍କଠାରୁ ତ୍ୱରାନ୍ୱିତ ପ୍ରକ୍ରିୟାରେ ଚାଉଳ ସଂଗ୍ରହ କରି ଗୋଦାମଗୁଡ଼ିକରେ ଆବଶ୍ୟକ ପରିମାଣର ଚାଉଳ ମହଜୁଦ ରଖିବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ହୋଇଛି।

ଖାଦ୍ୟ ସୁରକ୍ଷା ଯୋଜନାରେ ଯାଜପୁର ଜିଲାରେ ୩,୯୫,୪୦୦ ଜଣ ହିତାଧିକାରୀ ରହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ସୁଦ୍ଧା ୧,୩୨,୨୬୫ ଜଣ ହିତାଧିକାରୀଙ୍କୁ ଏପ୍ରିଲ ମାସର ଚାଉଳ ଓ ଗହମ ବଣ୍ଟନ କରାଯାଇଛି। ଯାହାକି ୨୮.୮୪ ପ୍ରତିଶତ। ଏଥିରେ ଚାଉଳ ୬୪୮୭୬.୫୧ ଓ ଗହମ ୬୬୮୨ କୁଇଣ୍ଟାଲ ରହିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ତେବେ କରୋନା ସଂକ୍ରମଣ ମୁକାବିଲା କ୍ରମରେ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଉଳ ମହଜୁଦ ରଖିବାର ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱାରୋପ କରାଯାଇଛି। ଜିଲାରେ ୧୮,୨୦୦ ଏମ୍‌ଟି କ୍ଷମତା ବିଶିଷ୍ଟ ଗୋଦାମଗୃହ ରହିଛି। ମାର୍ଚ୍ଚ ୪ ସୁଦ୍ଧା ୧୭,୦୬୯ ଏମ୍‌ଟି ଚାଉଳ ମହଜୁଦ ରହିଥିଲା। ଏପ୍ରିଲରୁ ଜୁନ ୩ ପର୍ଯ୍ୟନ୍ତ ୨୨,୨୪୩ ଏମ୍‌ଟି ଚାଉଳର ଆବଶ୍ୟକତା ରହିଥିବାବେଳେ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ୨୧,୬୬୮ ଏମ୍‌ଟି ଚାଉଳଭାବେ ସମୁଦାୟ ୪୩,୯୧୦ ଏମଟି ପରିମାଣର ଚାଉଳ ଆବଶ୍ୟକତା ରହିଛି। ତେବେ ପୂର୍ବ ମହଜୁଦ ୧୭,୦୬୯ ଏମଟି ଚାଉଳକୁ ବାଦ ଦେଲେ ମୋଟ ୨୬,୮୪୧ ଏମଟି ଚାଉଳର ଏବେ ଆବଶ୍ୟକତା ରହିଛି। ତେଣୁ ବଲାଙ୍ଗୀର, କଳାହାଣ୍ଡି, ମାଲକାନଗିରି, ନୂଆପଡା, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାର ମିଲର୍ସଙ୍କଠାରୁ ଅତିରିକ୍ତ ଚାଉଳ ସଂଗ୍ରହ କରିବାକୁ ନିର୍ଦ୍ଦେଶ ହୋଇଛି। ତେଣୁ ଆସନ୍ତା ୧୦ ତାରିଖ ସୁଦ୍ଧା ଆବଶ୍ୟକ ଚାଉଳ ଗ୍ରହଣ କରିବାକୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଯାଜପୁର ଜିଲାର ବିପିଏଲ, ଅନ୍ନପୂର୍ଣ୍ଣା, ଅନ୍ତ୍ୟୋଦୟ, ମଧ୍ୟାହ୍ନ ଭୋଜନ ଆଦି ହିତାଧିକାରୀଙ୍କ ପାଇଁ ବାର୍ଷିକ ଆବଶ୍ୟକ ୧୦ ଲକ୍ଷ କୁଇଣ୍ଟାଲ ମଧ୍ୟରୁ ଅବଶିଷ୍ଟ ୫ ଲକ୍ଷ କୁଇଣ୍ଟାଲ ଚାଉଳ ବାହାର ଜିଲାରୁ ଆମଦାନୀ କରିବାକୁ ପଡୁଛି। ଏହି ଚାଉଳ ବରଗଡରୁ ଆଣି ଯାଜପୁର ଜିଲାରେ ଦାଖଲ କରିବାକୁ ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଏକ ପରିବହନ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଯାଜପୁର ଜିଲାରେ ସଂଗୃହୀତ ପ୍ରାୟ ୫ ଲକ୍ଷ କୁଇଣ୍ଟାଲ ଚାଉଳ ମାତ୍ର ୬ ମାସ ପାଇଁ ପୂରଣ ହୋଇପାରୁଛି। ବାକି ୬ ମାସର ଆବଶ୍ୟକତା ମେଣ୍ଟାଇବାକୁ ବାହାର ଜିଲା ଉପରେ ପ୍ରଶାସନକୁ ନିର୍ଭର ହେବାକୁ ପଡୁଛି। ଏଥିପାଇଁ ପରିବହନ ଖର୍ଚ୍ଚ ବାବଦକୁ ରାଜକୋଷରୁ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। କରୋନା ମୁକାବିଲା ପାଇଁ ସମ୍ପ୍ରତି ଖାଦ୍ୟର ଯେପରି ଅଭାବ ନ ରହିବ ସେଥିପ୍ରତି ଯୋଗାଣ ନିଗମ ପକ୍ଷରୁ ଉଦ୍ୟମ ଜାରି ରହିଛି। ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଦାସ ସମସ୍ତ ଜିଲା ଯୋଗାଣ ଅଧିକାରୀଙ୍କୁ ତ୍ୱରାନ୍ୱିତ ପ୍ରକ୍ରିୟାରେ ଚାଉଳ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଜୀବନ ବଞ୍ଚାଇଛି କାଇପୋକ, କନ୍ଦା ଆଳୁ



ଖାଦ୍ୟ ସାମଗ୍ରୀ ପାଇନଥିବା ଲୋକେ କନ୍ଦା ଆଳୁ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଉଛନ୍ତି।

**ଲକ୍‌ଡାଉନ ପ୍ରଭାବ**

- ଟିକରପଡ଼ା ଗ୍ରାମରେ ଉପବାସରେ ଅଛନ୍ତି ଆହୁରି ୪୩ ପରିବାର
- ବୁଧବାର ମାତ୍ର ୧୦ ପରିବାର ନିକଟରେ ପହଞ୍ଚିଛି ଶୁଖିଲା ଖାଦ୍ୟ

କାଳିଆପାଣି,୮।୪(ଡିଏନଏ)

ଯାଜପୁର ଜିଲା ସୁକିନ୍ଦା ବ୍ଲକ କଅଁସ ପଞ୍ଚାୟତର ଟିକରପଡ଼ା ଗ୍ରାମରେ ଏବେ ୫୩ ପରିବାର ବସବାସ କରୁଥିବାବେଳେ ବୁଧବାର ମାତ୍ର ୧୦ ପରିବାର ପାଖରେ ପହଞ୍ଚିଛି ଚାଉଳ ଓ ଆଳୁ। ଫଳରେ ଆହୁରି ୪୩ ପରିବାର କାଇ ପୋକ, ବାସି ତୋରାଣି ସହ କନ୍ଦାଆଳୁ ଖାଇ ଜୀବନ ବିତାଉଥିବା ଦେଖିବାକୁ ମିଳିଛି। ଲକଡାଉନର ଏତେଦିନ ପରେ ବି ସେମାନଙ୍କ ନିକଟରେ କୌଣସି ସାହାଯ୍ୟ ସହଯୋଗ ନ ପହଞ୍ଚିବାରୁ ଜଙ୍ଗଲରୁ କାଇପୋକ ଓ କନ୍ଦାଆଳୁ ସଂଗ୍ରହ କରି ତାହାକୁ ଖାଇ ଜୀବନ ବଞ୍ଚାଉଥିବା ସଏଁ ପଧାନ, ଗଙ୍ଗା ପଧାନ, ଘସିଆ ପଧାନ, ବୈଷମ ପଧାନ ପ୍ରକାଶ କରିଛନ୍ତି। ସୂଚନା ଥାଉକି, ଜିଲାର ମାଓପ୍ରବଣ ଅଞ୍ଚଳଭାବେ ପରିଚିତ ଜଙ୍ଗଲଘେରା ଟିକରପଡ଼ା ଗ୍ରାମରେ ଜୁଆଙ୍ଗ ଓ ଆଦିବାସୀ ମିଶି ୫୩ ପରିବାର ବସବାସ କରୁଛନ୍ତି। ଲକଡାଉନ ଯୋଗୁ ଏମାନେ କାମଧନ୍ଦା କରିବାକୁ କି ବାହାରକୁ ଯାଇପାରୁ ନାହାନ୍ତି। ଫଳରେ ଘରେ ରହିଥିବା କିଛି ସଞ୍ଚିତ ଚାଉଳକୁ ରାନ୍ଧି ଖାଉଥିବାବେଳେ ତାହା ଏବେ ଶେଷ ପ୍ରାୟ ହୋଇଗଲାଣି। ଏପରିସ୍ଥଳେ ଏହି ପରିବାର ଜଙ୍ଗଲରୁ କାଇ ପୋକ ଓ କନ୍ଦା ଆଳୁ ଆଣି ଅଳ୍ପ ଚାଉଳ ଫୁଟାଇ କାଇପୋକ ସହ ତୋରାଣି ପିଇ ବଞ୍ଚୁଥିବା ଦେଖିବାକୁ ମିଳିଛି। ଭୋକ ଉପାସରେ ଦିନ କଟୁଥିବାବେଳେ ପ୍ରତିଦିନ ସକାଳୁ ଜଙ୍ଗଲରୁ ଏହି ଖାଦ୍ୟ ସଂଗ୍ରହ କରି ଖାଇବାକୁ ବାଧ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଅସହାୟଙ୍କୁ ରନ୍ଧା ଖାଦ୍ୟ ଯୋଗାଇବା ବ୍ୟବସ୍ଥା ରହିଥିବାବେଳେ ଏମାନଙ୍କ ନିକଟକୁ କୌଣସି ସହଯୋଗ ପହଞ୍ଚି ପାରିନାହିଁ। ସେହିପରି ପ୍ରତିପଞ୍ଚାୟତରେ ଦିଆଯାଉଥିବା ରନ୍ଧା ଖାଦ୍ୟ ମଧ ଏମାନଙ୍କ ନିକଟରେ ଅଦ୍ୟାବଧି ପହଞ୍ଚି ପାରିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ପରିବାର ମଧ୍ୟରୁ ଅଧିକାଂଶ ପରିବାର ଲୋକଙ୍କ ନିକଟରେ ଆଧାର କାର୍ଡ ନ ଥିବାରୁ ପିଡିଏସ ରାଶନରୁ ମଧ ବଞ୍ଚିତ ହେଉଛନ୍ତି। ଏନେଇ କଅଁସ ସରପଞ୍ଚ ରବୀନ୍ଦ୍ର ସାହୁଙ୍କୁ ମଙ୍ଗଳବାର ଯୋଗାଯୋଗ କରାଯାଇଥିବାବେଳେ ବୁଧବାରଠାରୁ ଲେକଙ୍କ ନିକଟରେ ରନ୍ଧାଖାଦ୍ୟ ପହଞ୍ଚିବ ବୋଲି କହିଥିଲେ ହେଁ ମାତ୍ର ୧୦ ପରିବାର ନିକଟରେ ଶୁଖିଲା ଖାଦ୍ୟ ପହଞ୍ଚା ଯାଇଥିବା ଜଣାପଡ଼ିଛି।

### ଜମିବାଡ଼ିକୁ କେନ୍ଦ୍ର କରି ସଂଘର୍ଷ: ୩ ଗୁରୁତର, ୨ଗିରଫ

ବିଞ୍ଝାରପୁର, ୮।୪(ଡି.ଏନ.ଏ.)

ବିଞ୍ଝାରପୁର ଥାନା କଲ୍ୟାଣପୁର ପଞ୍ଚାୟତ କାହ୍ନୁପୁର ଗ୍ରାମରେ ମଙ୍ଗଳବାର ଜମିବାଡିକୁ କେନ୍ଦ୍ରକରି ସଂଘର୍ଷ ଘଟିଥିଲା। ଏଥିରେ ଗୋଟିଏ ପରିବାରର ୩ଜଣ ଗୁରୁତର ହୋଇଥିବାବେଳେ ସେମାନଙ୍କୁ ପ୍ରଥମେ ଯାଜପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ଜିତେନ୍ଦ୍ର ଦାସ, ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଦାସ ଓ ପୁଅ ସଞ୍ଜୀବ। ଏହି ଘଟଣାରେ ଅନ୍ୟଗୋଟିଏ ପରିବାରର ଭାସ୍କର ଦାସ ଓ ପତ୍ନୀ ଜୋସ୍ନା ଦାସଙ୍କୁ ପୋଲିସ ବୁଧବାର କୋର୍ଟଚାଲଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଯଥା ଭାସ୍କରଙ୍କ ଦୁଇ ପୁଅ ଚିତ୍ତରଞ୍ଜନ ଓ ସତ୍ୟରଞ୍ଜନଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ବିଞ୍ଝାରପୁର ପୋଲିସ ଏନେଇ ଏକ ମାମଲା (ନଂ.୧୦୧/୨୦) ରୁଜୁ କରିବା ସହିତ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ବୁଧବାର କୋର୍ଟଚାଲାଣ କରିଛି।

# ୨୫ରୁ ଉର୍ଦ୍ଧ୍ୱ ସନ୍ଦିଗ୍ଧଙ୍କ ନମୁନା ସଂଗ୍ରହ



ପ୍ରଶାସନିକ ଅଧିକାରୀ ଓ ସ୍ୱାସ୍ଥ୍ୟ ଟିମ୍ ନମୂନାସଂଗ୍ରହ କରୁଛନ୍ତି।

ରସୁଲପୁର,୮।୪(ଡିଏନଏ)

ରସୁଲପୁର ବ୍ଲକ ବ୍ରହ୍ମବରଦାକୁ କଣ୍ଟେନମେଣ୍ଟ ଜୋନଭାବେ ଘୋଷଣା କରାଯାଇଛି। ଏହି ଅଞ୍ଚଳରେ ଏପ୍ରିଲ ୧୨ ପର୍ଯ୍ୟନ୍ତ ଶଟଡାଉନ ଅବଧିକୁ ବୃଦ୍ଧି କରାଯାଇଛି। ଏହି ଅବଧି ମଧ୍ୟରେ ବ୍ରହ୍ମବରଦା ଅଞ୍ଚଳକୁ ଯାତାୟାତ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏହି ଅଞ୍ଚଳକୁ ସିଲ କରାଯାଇ କରୋନା ଟିମ୍ ଦ୍ୱାରା ଘରକୁ ଘର ବୁଲି ତଦନ୍ତ କରାଯାଉଛି। ଏହି ତଦନ୍ତ କାର୍ଯ୍ୟର ଅଗ୍ରଗତିକୁ ସମୀକ୍ଷା କରିବା ପାଇଁ ପ୍ରଶାସନ ବ୍ରହ୍ମବରଦାରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରୁଛି। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା, ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଧିର କୁମାର ସାହୁ, ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ, ସିଡିପିଓ ଦୀପ୍ତିମୟୀ ନାୟକଙ୍କ ସମେତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ କରୋନା ଟିମ୍ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ପ୍ରାରମ୍ଭିକ ଅବସ୍ଥାରେ ୧୫ଟି ଟିମ୍ ଗଠନ କରାଯାଇ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୁଧବାର ଆଉ ୭ଟି ଦଳକୁ ବଢାଇବା ସହିତ ମୋଟ ୨୨ଟି ଟିମ୍ ସର୍ଭେ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେମାନଙ୍କଠାରୁ ଆସିଥିବା ରିପୋର୍ଟ ଆଧାରରେ ଏବେ ସୁଦ୍ଧା ମୋଟ ୩୨ ଲୋକ କରୋନା ଆକ୍ରାନ୍ତ ମୌଲବୀ ସଂସ୍ପର୍ଶରେ ଆସିଥିବା ସୂଚନା ମିଳିଛି। ଏହି ସଂଖ୍ୟା ଆହୁରି ବଢିପାରେ ବୋଲି କୁହାଯାଉଛି। ମୌଲବୀ ସଂସ୍ପର୍ଶରେ ଆସିଥିବା କେତେକ ବ୍ୟକ୍ତି ୧୦୪କୁ ଫୋନ କରି ନାମ ପଞ୍ଜୀକରଣ କରିଥିବାରୁ ଏହି ସଂଖ୍ୟା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଏହାଛଡା ଡାକ୍ତରୀ ଦଳ ପକ୍ଷରୁ ୨୫ରୁ ଉର୍ଦ୍ଧ୍ୱ କରୋନା ସନ୍ଦିଗ୍ଧଙ୍କ ନମୁନା ସଂଗ୍ରହ କରାଯାଇଛି। ଏହି ସବୁ ନମୁନାକୁ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଏହି ଅଞ୍ଚଳର କରୋନା ସ୍ଥିତି ସମ୍ପର୍କରେ ଅନୁମାନ ଲଗାଯାଇ ପାରିବ ନାହିଁ। ସନ୍ଦିଗ୍ଧଙ୍କ ମଧ୍ୟରୁ ଯଦି କାହାର ପଜିଟିଭ ଆସେ ତେବେ ତାର ଲିଙ୍କ ବି ଖୋଜାଯିବ। ଏହିଭଳି ଭାବେ କରୋନା ନ ବ୍ୟାପିବା ପାଇଁ ପ୍ରୟାସ ଜାରି ରହିଛି।

## ବିଶୋଧନ ହେଲା ସୟଦପୁର ପଞ୍ଚାୟତ

ବିଞ୍ଝାରପୁର,୮।୪(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ସୟଦପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପଞ୍ଚାୟତ ତରଫରୁ ବିଶୋଧନ କରାଯାଇଛି। ଭୟଙ୍କର କରୋନା ଭୂତାଣୁରୁ ରକ୍ଷା ପାଇବା ପାଇଁ ପଞ୍ଚାୟତର ଉପର ଦଳିତସାହି, ଫାଜଲା ମହଲ୍ଲା, ଭୋଲାମହଲ୍ଲା, ଆଖୁନ୍ଦ ମହଲ୍ଲା, ମେହେବୁବ ମହଲ୍ଲା ସମେତ ବିଭିନ୍ନ ସଂଖ୍ୟାଲଘୁ ବସ୍ତିର ସାହି, ଗଳି ଓ ମସଜିଦର ଆଖପାଖ ସାନିଟାଇଜ କରାଯାଇଛି। ଯୁବ ସଂଗଠକ ମୋଜାହିଦ ଅଲ୍ଲୀ ଖାନଙ୍କ ନେତୃତ୍ୱରେ ବିଞ୍ଝାରପୁର ଅଗ୍ନିଶମ କର୍ମଚାରୀ ଉପସ୍ଥିତ ରହି ସାନିଟାଇଜ କରିଥିଲେ।

## ୬ ମାସର ଦରମା ଦାନ କଲେ ସରପଞ୍ଚ



ବରୀ ,୮।୪(ସ୍ୱ.ପ୍ର)

ବରୀ ବ୍ଲକ ଅଧୀନ ଧାରପୁର ସରପଞ୍ଚ ଟି. ରୋଜାଲିନ ଶାନ୍ତି ସୋମବାର କରୋନା ମୁକାବିଲା ପାଇଁ ନିଜ ୬ ମାସର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ସେ ସମୁଦାୟ ୧୧,୨୮୦ ଟଙ୍କାର ଏକ ଚେକ ବରୀ ବିଡିଓ ଶାଶ୍ୱତ ଜେନାଙ୍କ ଜରିଆରେ ପ୍ରଦାନ କରିଥିବା ଜଣାପଡ଼ିଛି। ସେହିପରି ଧାରପୁରର ବିଶ୍ୱ ସୀତାରାମ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ପ୍ରମିଳା ଶାନ୍ତି, ସମ୍ପାଦକ କନକଲତା ଶାନ୍ତି ବିଡିଓ ଜେନାଙ୍କୁ ୧୦ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି।

# ବଢ଼ିଲା ଶଟ୍‌ଡାଉନ ଅବଧି

ରସୁଲପୁର,୮।୪(ଡିଏନଏ)

ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳର ଜଣେ ମୌଲବୀ କରୋନା ଆକ୍ରାନ୍ତଭାବେ ଚିହ୍ନଟ ହେବା ପରେ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଗତ ଶନିବାରଠାରୁ ସୋମବାର ରାତି ୮ଟା ଯାଏଁ ୪୮ ଘଣ୍ଟା ଶଟଡାଉନ କରାଯାଇଥିଲେ ହେଁ ପରେ ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଅଭିହିତ କରି ଜିଲା ପ୍ରଶାସନ ସଟ୍‌ଡାଉନକୁ ଆଉ ୪୮ଘଣ୍ଟାକୁ ବୃଦ୍ଧି ଘଟାଇଥିଲା। ବୁଧବାର ସନ୍ଧ୍ୟା ୮ଟାରେ ଏହି ଅବଧି ପୂରିବାକୁ ଥିବାବେଳେ ଏହି ଅଞ୍ଚଳରେ କରୋନା ସ୍ଥିତିର ଗମ୍ଭିରତାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଶଟ୍‌ଡାଉନକୁ ଚଳିତ ମାସ ୧୨ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛି। ଏହି ସମୟରେ କେହି ବାହାରକୁ ବାହାରିବେ ନାହିଁ। ଖୋଲାରେ ବୁଲୁଥିବା ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାଛଡ଼ା ଲୋକଙ୍କ ଘରେ ଅତ୍ୟାବଶକୀୟ ସମାଗ୍ରୀ ପହଞ୍ଚାଇବାକୁ ପ୍ରଶାସନ ପକ୍ଷରୁ ନିଶ୍ଚିତ କରାଯାଇଛି। ସେହି ଆଧାରରେ ପ୍ରଶାସନ ପକ୍ଷରୁ ୬ଟି ଗାଡ଼ିର ବ୍ୟବସ୍ଥା କରାଯାଉଛି। ବ୍ରହ୍ମବରଦା ଓ ୩କି.ମି. ବ୍ୟାସାର୍ଦ୍ଧ ଭିତରେ ଥିବା ଅଞ୍ଚଳ ନିଷିଦ୍ଧାଞ୍ଚଳରେ ୪ଟି ଗାଡ଼ି ଗାଁ ଦାଣ୍ଡରେ ବୁଲୁଛି। ୨ଟି ଗାଡିକୁ ରିଜର୍ଭରେ ରଖାଯାଇଛି।

## ହିଙ୍ଗୁଳାଯାତ୍ରା ଜନଶୂନ୍ୟ କରିବାକୁ ପରାମର୍ଶ

ରସୁଲପୁର,୮।୪(ଡି.ଏନ.ଏ.)

ଚୈତ୍ରପୂର୍ଣ୍ଣିମା ହିଙ୍ଗୁଳା ଯାତ୍ରା ପାଇଁ ପ୍ରସିଦ୍ଧ। ଏହି ସମୟରେ ମା'ଙ୍କ ପୀଠରେ ଯଜ୍ଞ, ଯାତ୍ରା, ମେଳା, ମହୋତ୍ସବ ହୋଇଥାଏ। ତେବେ କରୋନା ଯୋଗୁ ହିଙ୍ଗୁଳା ଯାତ୍ରାକୁ ଜନଶୂନ୍ୟ କରିବାକୁ ପ୍ରଶାସନିକ ପରାମର୍ଶ ଦିଆଯାଇଛି। କେବଳ କମିଟି ସଦସ୍ୟ, ପୁରୋହିତ, ଦେହୁରୀଙ୍କୁ ନେଇ ୪/୫ଜଣ ମଧ୍ୟରେ ଯଜ୍ଞକାର୍ଯ୍ୟ ସମାପନ କରିବା ପାଇଁ ରସୁଲପୁର ତହସିଲ ପ୍ରଶାସନ ପକ୍ଷରୁ କୁହାଯାଇଛି। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଏହି ବ୍ଲକ ଅଧୀନ ଭୋଟକା ଓ ମଧୁବନ ହିଙ୍ଗୁଳା କମିଟି ସଦସ୍ୟଙ୍କୁ ଏହି ପରାମର୍ଶ ଦେଇଛନ୍ତି। ତେବେ ଆଇନ ଉଲ୍ଲଙ୍ଘନ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଆଗକୁ ବ୍ଲକ ଅଧୀନ ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ହିଙ୍ଗୁଳା, ପ୍ରଥମାଖଣ୍ଡି ପଞ୍ଚାୟତ ସଡ଼ମ୍ଭା, ଟିକରପଡା, ବରଡାଙ୍ଗୀ ଭଳି ଅନେକ ହିଙ୍ଗୁଳା ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ପ୍ରଶାସନ ଡାକି ସଜାଗ କରାଇବ ବୋଲି ତହସିଲଦାର ଭୁଜବଳ ସୂଚନା ଦେଇଛନ୍ତି।

# ସହାୟତା ରାଶିରୁ ବଞ୍ଚିତ ହେବେ ୭୫ହଜାର ଶ୍ରମିକ

ଯାଜପୁର ଅଫିସ,୮।୪



ଯାଜପୁର ଜିଲାରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଆଇନକୁ କଡାକଡ଼ିଭାବେ ପାଳନ କରାଯାଉଥିବାରୁ ପ୍ରାୟ ୭୫ହଜାର ନିର୍ମାଣ ଶ୍ରମିକ ଆଇନ ଅନୁଯାୟୀ ନବୀକରଣ ହୋଇପାରି ନାହାନ୍ତି। ଫଳରେ ଏବେ ଲକଡାଉନ ଯୋଗୁ କାମଧନ୍ଦା ନ ପାଇ ଆର୍ଥିକ ଅନଟନର ଶିକାର ହୋଇଥିବା ଉକ୍ତ ନିର୍ମାଣ ଶ୍ରମିକମାନେ ଆର୍ଥିକ ସହାୟତା ରାଶି ପାଇବାରୁ ବଞ୍ଚିତ ହେବେ। ଏହାବାଦ ସରକାରଙ୍କ ଦ୍ୱାରା ଘୋଷିତ ମାତ୍ର ୧୫୦୦ ଟଙ୍କା ସହାୟତା ରାଶି ସମୁଦ୍ରକୁ ଶଙ୍ଖେ ସଦୃଶ। ଏଣୁ ୧୫୦୦ ପରିବର୍ତ୍ତେ ସମସ୍ତ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ୪,୫୦୦ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ଯାଜପୁର ଜିଲା ନିର୍ମାଣ ଶ୍ରମିକ ମିଳିତ ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇଛି। ଏହି ମର୍ମରେ ମଞ୍ଚ ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଲକ୍‌ଡାଉନ ଯୋଗୁ ରାଜ୍ୟର ପ୍ରାୟ ୩୦ ଲକ୍ଷ ନିର୍ମାଣ ଶ୍ରମିକଙ୍କ ମଧ୍ୟରୁ ଯାଜପୁର ଜିଲାର ୧ଲକ୍ଷ ୩୭ ହଜାର ୩୦ଜଣ ନିର୍ମାଣ ଶ୍ରମିକଙ୍କ ଆର୍ଥିକ ସ୍ଥିତି ଜଟିଳ ହୋଇପଡିଛି। ସରକାର ନିର୍ମାଣ ଶ୍ରମିକଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଶ୍ରମିକଙ୍କୁ ୧୫୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। କିନ୍ତୁ ସରକାର ଏଠାରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଆଇନକୁ କଡ଼ାକଡି କରିଥିବାରୁ ବହୁ ନିର୍ମାଣ ଶ୍ରମିକ ଅର୍ଥ ପାଇବାରୁ ବଞ୍ଚିତ ହେବେ। ଜିଲାରେ ମାତ୍ର ୫୮,୪୨୫ ନିର୍ମାଣ ଶ୍ରମିକଙ୍କୁ ୧୫୦୦ ଟଙ୍କା ଲେଖାଏଁ ଅର୍ଥ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଶ୍ରମ ବିଭାଗ ପକ୍ଷରୁ ସୂଚନା ମିଳୁଛି। ଫଳରେ ଯେଉଁ ଶ୍ରମିକଙ୍କ ନାମ ନବୀକରଣ କରାଯାଇ ନାହିଁ ସେମାନେ ଏହି ସହାୟତା ରାଶି ପାଇବାରୁ ବଞ୍ଚିତ ହେବେ। ନ୍ୟାଶନାଲ ଇନଫର୍ମେଶନ ସେଣ୍ଟର(ଏନଆଇସି) ନାମରେ ପଞ୍ଜୀକୃତ ଶ୍ରମିକଙ୍କ ପ୍ରତି ସରକାର କଟକଣା ନ ରଖି ସମସ୍ତ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ମଞ୍ଚ ଦାବି କରିଛି। ସଂପ୍ରତି ଶ୍ରମିକମାନେ ଏବେ କାମଧନ୍ଦା ନ ପାଇ ଓଳିଏ ଖାଇଲେ ଅନ୍ୟ ଓଳି ଉପାସରେ ରହୁଛନ୍ତି। ଏଭଳି ସ୍ଥିତିରେ ବାଦ ପଡିଥିବା ଶ୍ରମିକଙ୍କ ନବୀକରଣ ପାଇଁ ଏକମାସ ସମୟ ଧାର୍ଯ୍ୟ କରିବା ଜରୁରୀ ହୋଇପଡିଛି। କାରଣ ଦୀର୍ଘ ୪ ବର୍ଷ ହେଲା ଯାଜପୁରରୋଡ ସହ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ କର୍ମଚାରୀ ଓ ଅଧିକାରୀ ଅଭାବ ଦର୍ଶାଇ କୌଣସି କାର୍ଯ୍ୟ ଠିକଭାବେ କରାଯାଉ ନାହିଁ। ବାର୍ଷିକ ନବୀକରଣ କାର୍ଯ୍ୟ ମଧ ହୋଇପାରି ନାହିଁ। ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଆଇଏନଟିୟୁସିର ବିଦ୍ୟାଧର ମହାନ୍ତି, ସିଟୁର ପ୍ରଫୁଲ୍ଲ ନାୟକ, ଏଆଇଟିୟୁସିର ମଧୁସୁଦନ ଜେନା, ଅବିନାଶ ଦାସ ପ୍ରମୁଖ ଏହି ମର୍ମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଯାଜପୁରରୋଡ ଡେପୁଟୀ ଲେବର କମିଶନର ସୁନୀଲ କୁମାର ସାହୁଙ୍କୁ ପଚାରିବାରେ, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ କାର୍ଯ୍ୟ ଚାଲିଛି। ଯାହାକି ଖୁବଶୀଘ୍ର ପ୍ରଦାନ କରାଯିବ। ଲକଡାଉନ ଯୋଗୁ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବାରୁ ଏଯାଏ ସହାୟତା ରାଶି ପ୍ରଦାନ କରାଯାଇ ପାରିନାହିଁ।

**ଯାଜପୁର ଜିଲାରେ କରୋନା ମୁକାବିଲା**

- ୧୫୦୦ ପରିବର୍ତ୍ତେ ୪୫୦୦ ଟଙ୍କା ପ୍ରଦାନ ଦାବି
- ସମସ୍ତ ନିର୍ମାଣ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ ଦାବି କଲା ମିଳିତ ମଞ୍ଚ
- ହୋଇପାରିନି ବାର୍ଷିକ ନବୀକରଣ

## ସଂକ୍ଷେପରେ

### କୋଭିଡ୍ ହସ୍ପିଟାଲ ପରିଦର୍ଶନ କଲେ ୨ ସଚିବ

ଡେରାବିଶ,୮ା୪(ସ୍ୱ.ପ୍ର.): କରୋନା ମୁକାବିଲା ପାଇଁ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ଛତାଠାରେ ଥିବା କେନ୍ଦ୍ରାପଡ଼ା ପଲି ଟେକନିକ କଲେଜରେ ଏକ ସ୍ୱତନ୍ତ୍ର କୋଭିଡ ହସ୍ପିଟାଲ ପ୍ରସ୍ତୁତ କରାଯାଇଛି। ଏହି ହସ୍ପିଟାଲର ସମସ୍ତ ବ୍ୟବସ୍ଥାକୁ ନିରୀକ୍ଷଣ କରିବାକୁ ବୁଧବାର ଅପରାହ୍ନରେ ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ ପରିଦର୍ଶନ କରିଥିଲେ। ଏକ ସ୍ୱତନ୍ତ୍ର ହେଲିକ୍ୟାପଟର ଯୋଗେ ଉଭୟ ଆସିଥିଲେ। ଜିଲାପାଳ ସମର୍ଥ ବର୍ମା ଉଭୟ ସଚିବଙ୍କୁ ସମସ୍ତ ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ସଚିବଙ୍କ ପରିଦର୍ଶନ ସମୟରେ ଜିଲା ଏସ୍‌ପି ନୀତି ଶେଖର, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତ, ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡା ଓ ଜିଲା ସ୍ୱାସ୍ଥ୍ୟ ଅଧିକାରିଣୀ ଉର୍ମିଳା ମିଶ୍ରଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

### ପରୀକ୍ଷା ପାଇଁ ଗଲା ଆଉ ୭ ଜଣଙ୍କ ସ୍ୱାବ୍ ନମୁନା

ଆଳି,୮ା୪(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ସୋମବାର ରାତିରେ ଜଣେ ଯୁବକ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିବାରୁ ପ୍ରଶାସନ ପକ୍ଷରୁ ତାଙ୍କୁ କଟକ କୋଭିଡ ହସ୍ପିଟାଲ ପଠାଇ ଦିଆଯାଇଥିଲା। ଏହାପରେ ଯୁବକଙ୍କ ପରିବାରରେ ଥିବା ସଦସ୍ୟଙ୍କ ସ୍ୱାବ୍ ଟେଷ୍ଟ ପାଇଁ ନିଆ ଯାଇଥିବାବେଳେ ତାହା ନେଗେଟିଭ ଥିବା ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହଯାଇଛି। ଯାହାକୁ ନେଇ ଆଳି ଅଞ୍ଚଳ ଜନସାଧାରଣ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ସେହିପରି ସମ୍ପୃକ୍ତ ଯୁବକଙ୍କଠାରୁ ଦୂରରେ ଥିବା ତାଙ୍କ ସ୍ତ୍ରୀ, ଶାଶୁ ଓ ସାଙ୍ଗଙ୍କୁ ମିଶାଇ ମୋଟ ୭ ଜଣଙ୍କ ସ୍ୱାବ ନମୁନା ଟେଷ୍ଟ ନିମନ୍ତେ ପଠାଯାଇଥିବା ସୂଚନା ମିଳିଛି। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୂଚନା ଅନୁଯାୟୀ କରୋନା ଆକ୍ରାନ୍ତ ଯୁବକଙ୍କୁ ମେଡିକାଲ ପଠାଯିବା ପରେ ତାଙ୍କ ବାପା, ମା' ଓ ଭଉଣୀଙ୍କ ରକ୍ତ ଏବଂ ସ୍ୱାବ ନମୁନା ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି ନୀତିଶେଖରଙ୍କ ଉପସ୍ଥିତିରେ ସଂଗ୍ରହ କରାଯାଇ ଟେଷ୍ଟ ନିମନ୍ତେ ପଠାଯାଇଥିଲା।

### ପିଏମ୍ କେୟାର୍ସ ଫଣ୍ଡକୁ ୨୫ କୋଟି ଦେଲା ଇଫ୍‌କୋ

ପାରାଦୀପ, ୮ା୪ (ସ୍ୱ.ପ୍ର.): କରୋନା ମୁକାବିଲା ପାଇଁ ପାରାଦୀପ ଇଫ୍‌କୋ କାରଖାନା ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡକୁ ୨୫ କୋଟି ଟଙ୍କା ପ୍ରଦାନ କରିଛି। ଏଥିସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ୧୫ ଲକ୍ଷ ଟଙ୍କାର ଡାକ୍ତରୀ ପୋଷାକ, ମାସ୍କ, ସାନିଟାଇଜର ଆଦି ପ୍ରଦାନ କରାଯାଇଥିବା କମ୍ପାନୀ ସୂତ୍ରରୁ ପ୍ରକାଶ। କରୋନା ପାଇଁ ଲକ୍‌ଡାଉନ୍ ଯୋଗୁ କମ୍ପାନୀ ଉତ୍ପାଦନ ବନ୍ଦ କରିଛି।

### ମନିପର୍ସ ପାଇ ଫେରାଇଲେ

କେନ୍ଦ୍ରାପଡା ଅଫିସ, ୮ା୪: ସହର ସ୍ଥିତ ସୁନାଇଲୋ ଗ୍ରାମର ନୀଳମାଧବ କର୍ମକାର ସଉଦା କିଣିବା ପାଇଁ ବୁଧବାର ଇଚ୍ଛାପୁରସ୍ଥିତ ହାଟକୁ ଯାଇଥିଲେ। ରାସ୍ତାରେ ତାଙ୍କର ମନିପର୍ସ ଖସି ପଡିଥିଲା। ସେ ହାଟରେ ପହଞ୍ଚିବା ପରେ ଏକଥା ଜାଣିଥିଲେ। ପ୍ରାୟ ଦୁଇଘଣ୍ଟା ପରେ ସହରର ବଡହାଟ ଗ୍ରାମର ବଳରାମ ବେହେରା ମନିପର୍ସ ପାଇ ନୀଳମାଧବଙ୍କୁ ଫେରାଇଛନ୍ତି। ପର୍ସରେ ୩୨୩୦ ଟଙ୍କା ଓ ଅନନ୍ୟ କାଗଜପତ୍ର ଥିବା ଜଣାପଡ଼ିଛି।

### ରାହାମା ହାଟ ବନ୍ଦ

କୁଜଙ୍ଗ, ୮ା୪ (ଡି.ଏନ୍.ଏ.): କୋଭିଡ୍-୧୯ ସଂକ୍ରମଣ ରୋକିବାକୁ ଦେଶ ଲକ୍‌ଡାଉନ୍ କରାଯିବା ସହ ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ଅନେକ ସ୍ଥାନରେ ଲୋକମାନେ ନିୟମ ନ ମାନି ଅଯଥାରେ ଘର ବାହାରେ ବୁଲିବା ସହ ହାଟ ବଜାରରେ ଗହଳି କରୁଛନ୍ତି। ଏଥିନିମନ୍ତେ ପୋଲିସ ଓ ପ୍ରଶାସନକୁ ନାକେଦମ ହେବାକୁ ପଡୁଛି। କୁଜଙ୍ଗ ବ୍ଲକ ଅଧୀନ ରାହାମା ସାପ୍ତାହିକ ହାଟରେ ଲୋକଙ୍କ ଭିଡ଼ ଜମିବା ଯୋଗୁ ଏହାକୁ ବନ୍ଦ କରିଦିଆଯାଇଥିବା ଜଣାପଡ଼ିଛି। ଅନ୍ୟାଦେଶ ପର୍ଯ୍ୟନ୍ତ ହାଟ ବନ୍ଦ କରିବା ପାଇଁ ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ମିଲ୍ ପିଛା ୫ରେ କିଣାଯାଇ ୩୦ ଟଙ୍କା ଦର୍ଶାଯାଉଛି

## ଜଗତ୍‌ସିଂହପୁର ପୌର ପରିଷଦରେ ଲାଗୁଛି ଆହାର ଗାଡ଼ି

- ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବିଭିନ୍ନ ମହଲରେ ଦାବି
- ଅସହାୟଙ୍କୁ ପୌର ପରିଷଦ ପକ୍ଷରୁ ଦିଆଯାଉଛି ଖାଦ୍ୟ

ଜଗତ୍‌ସିଂହପୁର ଅଫିସ,୮ା୪:

କରୋନା ଭୂତାଣୁ ସଂକ୍ରମଣକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଜଗତ୍‌ସିଂହପୁର ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଏହି ରୋଗରୁ ଦୂରେଇ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଥିସହ ଗରିବ, ବେସାହାରା ଓ ଶ୍ରମ ଲାଗିବାକୁ ଜିଲାକୁ ଆସିଥିବା ଲୋକଙ୍କୁ ଖାଦ୍ୟ ଯୋଗାଯାଉଛି। ଏହି ଅନୁଯାୟୀ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ପ୍ରତ୍ୟହ ଶତାଧିକ ଲୋକଙ୍କୁ ମାଗଣା ରନ୍ଧାଖାଦ୍ୟ ଯୋଗାଯାଉଥିବା ଦର୍ଶାଯାଉଛି। ଏହି ଖାଦ୍ୟ ଯୋଗାଣ ବାବଦରେ ଯାହା ଖର୍ଚ୍ଚ ଦର୍ଶାଯାଉଛି ବାସ୍ତବରେ ସେଥିରେ ଚଞ୍ଚକତା କରାଯାଉଥିବା ଅଭିଯୋଗ ହେଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଆହାର କେନ୍ଦ୍ରକୁ ପ୍ରତ୍ୟହ ଖାଦ୍ୟ ଆସୁଥିବା ବେଳେ ସେଥିରୁ ସିଂହଭାଗ ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରାଯାଉଛି। ଏହାକୁ ମିଲ ପିଛା ୫ ଟଙ୍କାରେ କିଣାଯାଇ ୩୦ ଟଙ୍କା ଖର୍ଚ୍ଚ ଦର୍ଶାଯାଉଛି। ଯାହାକି ସାଧାରଣରେ ଆଲୋଚନାର ବିଷୟ ହୋଇଛି।

ବୁଧବାର ଆହାର ଗାଡି ପରିଷଦ ପରିସର ପାଠାଗାରରେ ଲାଗିଥିବାବେଳେ ସେଠାରେ କେତେଜଣ ଗଣମାଧ୍ୟମ ପ୍ରତିନିଧି, ପୋଲିସ, ପରିଷଦ ଓ ଜନତା ଉପସ୍ଥିତ ଥିଲେ। ତେବେ ଆହାର ଗାଡିରେ କୋଭିଡ୍-୧୯ ଅନ ଏମର୍ଜେନ୍ସି ଗଭର୍ନମେଣ୍ଟ ଡ୍ୟୁଟି ଆହାର ଜଗତ୍‌ସିଂହପୁର ମ୍ୟୁନିସିପାଲ୍‌ଟି ଲେଖାଥିବା ଷ୍ଟିକର ଦେଖି କେତେଜଣ ଗଣମାଧ୍ୟମ ପ୍ରତିନିଧି ଗାଡ଼ି ନିକଟରେ ପହଞ୍ଚିଥିଲେ। ଜଗତ୍‌ସିଂହପୁର ପୌର ପରିଷଦ କୋଭିଡ୍-୧୯ ଦାୟିତ୍ୱରେ ଥିବା ଅଧିକାରୀ ଡ. ସରୋଜ ଷଡ଼ଙ୍ଗୀ ଏହାର ତଦାରଖ କରୁଥିଲେ। ଆହାର ଗାଡି ପରିଷଦରେ କେଉଁ ନିର୍ଦ୍ଦେଶ ବଳରେ ଲାଗିଲା ଏବଂ କେତେ ମିଲ୍ ଆସିଛି ବୋଲି ତାଙ୍କୁ ପଚାରିବାରୁ ଷଡ଼ଙ୍ଗୀ କହିଥିଲେ, ସରକାରୀ ନିର୍ଦ୍ଦେଶ ଅଛି ଏବଂ ହିସାବ ଏବେ ଦିଆଯାଇ ପାରିବ ନାହିଁ। ପରେ ହିସାବ ହୋଇ ସୂଚନା ଦିଆଯାଇପାରେ। କିନ୍ତୁ ପ୍ରତ୍ୟହ କେତେ ମିଲ୍ ଆସୁଛି ସେ ହିସାବ ନ ରଖିଲେ ପରେ କିପରି ଦେବେ ବୋଲି ପ୍ରଶ୍ନର କୌଣସି ଉତ୍ତର ଦେଇ ନ ଥିଲେ। ଏପରି କି କିଛି ଉତ୍ତର ଦେଇପାରିବେ ନାହିଁ ବୋଲି ଉଚ୍ଚ ସ୍ୱରରେ କହିଥିଲେ। ପରିଷଦ ନିର୍ବାହୀ ଅଧିକାରୀ ବିମଳ ଲେଙ୍କାଙ୍କ ସହ ଯୋଗାଯୋଗ କରିବାରୁ ସତ୍ୟାସତ୍ୟ ପଦାକୁ ଆସିଥିଲା। ପରିଷଦ ପକ୍ଷରୁ କୁହାଯାଇଥିଲା ମାର୍ଚ୍ଚ ୧୭ରୁ ବୁଧବାର ସୁଦ୍ଧା ସହରରେ ରହୁଥିବା ବେସାହାରା, ଗରିବ, ବାହାର ଜିଲା ଓ ରାଜ୍ୟରୁ ଆସିଥିବା ଶ୍ରମିକଙ୍କୁ ମିଶାଇ ମୋଟ ୩,୨୦୭ ଜଣଙ୍କୁ ରନ୍ଧା ଖାଦ୍ୟ ଦିଆଗଲାଣି। ସେଥିରୁ ବୁଧବାର ଦିନବେଳା ୪୫୦ ଓ ମଙ୍ଗଳବାର ୪୦୦ ଲୋକ ଖାଇଛନ୍ତି। ପ୍ରତ୍ୟହ ରୋଷେଇ ହୋଇ ଏହି ୩,୨୦୭ ଜଣଙ୍କୁ ଖାଦ୍ୟ ଦିଆଯାଉଥିବା ବେଳେ ମିଲ୍ ପିଛା ୩୦ ଟଙ୍କା ଖର୍ଚ୍ଚ ଦର୍ଶାଯାଉଛି। ଏହି ହିସାବରେ ପ୍ରତ୍ୟହ ଦିନ ବେଳା ଖାଇବା ବାବଦରେ ୯୬,୨୧୦ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ରାତିରେ କମ ଲୋକଙ୍କୁ ଖାଇବାକୁ ଦିଆଯାଇଥିବା ଅର୍ଥାତ୍ ଏବେ ପ୍ରତ୍ୟହ ପାଖାପାଖି ୬୦ ଜଣଙ୍କୁ ମିଲ୍ ଦିଆଯାଉଥିବା ଦର୍ଶାଯାଇଛି। ଏହି ହିସାବ କଲେ ଖର୍ଚ୍ଚ ଅଧିକ ହେବ ବୋଲି କୁହାଯାଇଛି। ଆହାର ଯୋଗାଇବା ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ସହ ଯୋଗାଯୋଗ କରାଯାଇ ପ୍ରତ୍ୟହ ଦିନବେଳା ୧୫୦ ଓ ରାତିରେ ୪୦ ମିଲ୍ କିଣାଯାଉଥିବା ପରିଷଦ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ପ୍ରତ୍ୟହ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ଆହାର କେନ୍ଦ୍ରକୁ ଦିନବେଳା ୫୦୦ ଓ ରାତିରେ ୨୦୦ ମିଲ୍ ଆସୁଛି। କିନ୍ତୁ ଜଗତ୍‌ସିଂହପୁର ପୌର ପରିଷଦ ପରିସର ନବକୃଷ୍ଣ ଚୌଧୁରୀ ପାଠାଗାରରେ ୧୯୦ ଜଣଙ୍କ ଖାଦ୍ୟ ପହଞ୍ଚାଯାଉଛି। ଆହାର କେନ୍ଦ୍ରକୁ ଆସୁଥିବା ମିଲ୍ କେଉଁ ନିୟମ ବଳରେ ପରିଷଦ କାର୍ଯ୍ୟାଳୟରେ ପହଞ୍ଚୁଛି ଏବଂ ମିଲ ପିଛା ୫ ଟଙ୍କାରେ କିଣାଯାଇ ୩୦ ଟଙ୍କା ଖର୍ଚ୍ଚ ଦର୍ଶାଯାଉଛି ତା'ର ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର ବୋଲି ଦାବି ହୋଇଛି। ଏ ସମ୍ପର୍କରେ ପରିଷଦ ନିର୍ବାହୀ ଅଧିକାରୀ ଲେଙ୍କାଙ୍କୁ ପଚାରିବାରୁ ସେ କହିଥିଲେ, ଆହାର ୫ ଟଙ୍କାରେ କିଣାଯାଇ ୩୦ ଟଙ୍କା ଦର୍ଶାଯାଉଥିବା ସେ ଜାଣି ନ ଥିଲେ। ଏବେ ଜାଣିବାରୁ ପାଇଥିବାରୁ ଏଭଳି ତ୍ରୁଟି ଆଗକୁ କରିବାକୁ ଦିଆଯିବ ନାହିଁ। ଗୁରୁବାରଠାରୁ ଆହାର ଗାଡି ପରିଷଦ କାର୍ଯ୍ୟାଳୟରେ ପଶିବ ନାହିଁ। ଏଥିସହ ଡ. ଷଡ଼ଙ୍ଗୀ ଦେଇଥିବା ବୟାନକୁ ନେଇ ଦୁଃଖପ୍ରକାଶ କରିଥିଲେ।


ଜଗତ୍‌ସିଂହପୁର ପୌର ପରିଷଦ ପରିସର ନବକୃଷ୍ଣ ଚୌଧୁରୀ ପାଠାଗାରକୁ ଯାଉଛି ଆହାର ମିଲ୍।

**ଆଳିରୁ କରୋନା ସଂକ୍ରମିତ ଚିହ୍ନଟ ଘଟଣା**

# ସଂକ୍ରମିତଙ୍କ ପରିବାରର ୩ ଜଣଙ୍କ ରିପୋର୍ଟ ନେଗେଟିଭ୍

କେନ୍ଦ୍ରାପଡା ଅଫିସ, ୮ା୪

କେନ୍ଦ୍ରାପଡ଼ା ଜିଲାର ପ୍ରଥମ କରୋନା ସଂକ୍ରମିତ ଆଳି ଅଞ୍ଚଳରୁ ସୋମବାର ଚିହ୍ନଟ ହେବା ପରେ ତାଙ୍କ ପରିବାରର ୩ ସଦସ୍ୟଙ୍କ ରକ୍ତ ଓ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ସଂଗ୍ରହ ହୋଇଥିଲା। ପରୀକ୍ଷଣ ପରେ ୩ ଜଣଙ୍କର କରୋନା ରିପୋର୍ଟ ନେଗେଟିଭ୍ ବୋଲି ଏଡିଏମଓ ଡା. ମିର୍ଜା ବାବର ବେଗ୍ ବୁଧବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା କରୋନା ପରୀକ୍ଷଣ ପାଇଁ ଜିଲାରୁ ୧୬୫ ନମୁନା ଭୁବନେଶ୍ୱରସ୍ଥିତ ଲ୍ୟାବକୁ ପଠାଯାଇଥିଲା। ଇତିମଧ୍ୟରେ ୮୨ଟି ଟେଷ୍ଟିଂ ରିପୋର୍ଟ ଜିଲା ମୁଖ୍ୟ ଚିକିତ୍ସାଳୟର ହସ୍ତଗତ ହୋଇଛି। ସେଥିରୁ ଆଳି ଅଞ୍ଚଳର ଜଣେ ବ୍ୟକ୍ତି କରୋନା ଭୂତାଣୁ ସଂକ୍ରମିତ ଜଣାପଡିବା ସହ ଅନ୍ୟ ୮୧ ଜଣଙ୍କ ନମୁନା ନେଗେଟିଭ ଆସିଛି। ସୂଚନାଯୋଗ୍ୟ, କେନ୍ଦ୍ରାପଡା ଜିଲାରେ ଜଣେ ବ୍ୟକ୍ତିଙ୍କ କରୋନା ସଂକ୍ରମିତ ଜଣାପଡ଼ିବା ପରେ ତାଙ୍କୁ କଟକ କୋଭିଡ୍ ଚିକିତ୍ସାଳୟକୁ ପଠାଯାଇଛି। ଏଥିସହିତ ଆକ୍ରାନ୍ତ ବ୍ୟକ୍ତିଙ୍କ ଗ୍ରାମ ସହିତ ମୋଟ ୧୨ ଗ୍ରାମକୁ ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରାଯିବା ସହ ପ୍ରତି ଘରେ ସ୍ୱାସ୍ଥ୍ୟକର୍ମୀମାନେ ପହଞ୍ଚି ସ୍ଥାନୀୟ ଅଞ୍ଚଳବାସୀଙ୍କ କରୋନା ସମ୍ପର୍କିତ ତଥ୍ୟ ସଂଗ୍ରହ କରୁଥିବା ଜଣାପଡ଼ିଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ଦାନ

କୁଜଙ୍ଗ, ୮ା୪ (ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ପାରାଦୀପଗଡ଼ ସ୍ଥିତ ସନ୍ତୋଷୀ ମନ୍ଦିର ପକ୍ଷରୁ କୋଭିଡ-୧୯ ମୁକାବିଲା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମନ୍ଦିରର ସହଯୋଗୀ ମିନତୀ ଦାସ ବିଡିଓ ପୂଜା ଲେଙ୍କାଙ୍କୁ ଭେଟି ଉକ୍ତ ଟଙ୍କା ବାବଦ ଏକ ଚେକ୍ ପ୍ରଦାନ କରିଥିବା ଜଣାପଡ଼ିଛି।

# ନବଜାତକର ନାଁ କରୋନା

କେନ୍ଦ୍ରାପଡା ଅଫିସ, ୮ା୪

କରୋନା ଭୂତାଣୁ ସଂକ୍ରମଣ ମହାମାରୀର ରୂପ ନେଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ଲକ୍‌ଡାଉନ୍ ସମୟରେ ଜନ୍ମିତ ଜଣେ ଶିଶୁର ନାଁ କରୋନା ରଖାଯାଇଛି। ମାର୍ଶାଘାଇ ବ୍ଲକ କରିଲୋପାଟଣା ଗ୍ରାମର ଝରଣା ଦାସଙ୍କର ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ରାତି ୧ଟାରେ ଏକ ଝିଅ ଜନ୍ମ ହୋଇଛି। ଝରଣା ଓ ତାଙ୍କ ସ୍ୱାମୀ ଝିଅର ନାମ କରୋନା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ରଞ୍ଜନ କୁହନ୍ତି ଯେ, ସନ୍ତାନଙ୍କ ଜନ୍ମଦିନ ମନେରଖିବା ଏକ ବଡକଥା ନୁହେଁ। ତେବେ ତାଲାବନ୍ଦ ସମୟରେ ଝିଅର ଜନ୍ମ ହୋଇଥିବାରୁ ଏହାକୁ ମନେରଖିବା ପାଇଁ ତା'ର ନାଁ କରୋନା ରଖିଛୁ।



ସେହିପରି ମହାକାଳପଡା ବ୍ଲକ ସୁନିତୀ ପଞ୍ଚାୟତ କୂଳସାହି ଗ୍ରାମର ଜ୍ୟୋସ୍ନାରାଣୀ ରାଉତ ଓ ସ୍ୱାମୀ କୃଷ୍ଣଚନ୍ଦ୍ରଙ୍କ ସୋମବାର ରାତିରେ ଜନ୍ମିତ କନ୍ୟା ସନ୍ତାନର ନାମ କରୋନା ରଖିଛନ୍ତି। ଏ ସମ୍ପର୍କରେ ଜ୍ୟୋସ୍ନାରାଣୀ କୁହନ୍ତି ଯେ, ତାଲାବନ୍ଦ ସମୟରେ କୂଳସାହିରୁ ଚିକିତ୍ସାଳୟରେ ପହଞ୍ଚିବା ନେଇ ହୋଇଥିବା କଷ୍ଟକୁ ମନେରଖିବା ସକାଶେ ଝିଅର ନାମ କରୋନା ରଖିଛନ୍ତି। ସୋମବାର ରାତିରେ ଗର୍ଭକଷ୍ଟ ପରେ ଗାଡି ଯୋଗାଡ ବହୁ କଷ୍ଟସାଧ ଥିଲା। ତେବେ କୌଣସି ପ୍ରକାର ଏକ ଗାଡି ଯୋଗାଡ଼ କରି ଚିକିତ୍ସାଳୟରେ ପହଞ୍ଚି ପାରିଥିଲୁ। ଫଳରେ ମା'ଓ ଶିଶୁଙ୍କ ଜୀବନ ବଞ୍ଚିଯାଇଛି। ସେହିପରି ତାଲାବନ୍ଦ ସମୟରେ ପୁଅ ଜନ୍ମ ହୋଇଥିବାରୁ ଏହା ଭଗବାନଙ୍କ କରୁଣା ବୋଲି ଚିନ୍ତାକରି ପୁଅର ନାମ କରୁଣା ଦିଆଯାଇଥିବା ରାଜନଗର ବ୍ଲକ ଈଶ୍ୱରପୁର ଗ୍ରାମର ବାଦଲ ହାଜରା କହିଛନ୍ତି।

ସାମାଜିକ କର୍ମୀ ବିରଜା ପ୍ରସାଦ ପତି କୁହନ୍ତି ଯେ, ୨୧ ବର୍ଷ ପୂର୍ବେ ମହାବାତ୍ୟା ହୋଇଥିଲା। ଏହି ସମୟରେ ଜନ୍ମିତ ଶିଶୁଙ୍କ ନାମ ବର୍ଷା ଓ ପବନ ରଖିଥିବା ବହୁ ଦୃଷ୍ଟାନ୍ତ ଅଛି। ସେହିପରି ଫନୀ ଓ ବୁଲ୍‌ବୁଲ୍ ସାମୁଦ୍ରିକ ଝଡ଼ ସମୟରେ ଜନ୍ମିତ ଶିଶୁଙ୍କ ନାମ ପରିବାର ଲୋକେ ଫନୀ ଓ ବୁଲ୍‌ବୁଲ୍ ରଖିଛନ୍ତି। କେନ୍ଦ୍ରାପଡା ଜିଲା ସମ୍ପର୍କରେ ଗବେଷଣାରତ ଶିକ୍ଷାବିତ୍ ଡ. ସର୍ବେଶ୍ୱର ସେଣ କୁହନ୍ତି, ବହୁ ସ୍ଥାନ ଓ ଲୋକଙ୍କ ନାମକରଣ ପଛରେ କାହାଣୀ ଅଛି। କେନ୍ଦ୍ରାପଡ଼ା ବା ତୁଳସୀକ୍ଷେତ୍ରର ଜନ୍ମ ପଛରେ କନ୍ଦରାସୁର ଥିବା ବେଳେ ଶ୍ରୀବଳଦେବଜୀଉଙ୍କ ତୁଳସୀ ବିବାହ ହେଉ ଅଥବା କନ୍ଦରାସୁରଙ୍କୁ ହତ୍ୟା ପରେ ବିକ୍ଷିପ୍ତ ଅଙ୍ଗକୁ ନେଇ ସ୍ଥାନର ନାମ ସୃଷ୍ଟି ହୋଇଛି। ସାମ୍ପ୍ରତିକ ସମୟରେ କରୋନାକୁ ନେଇ ସନ୍ତାନଙ୍କ ନାମକରଣ କରିବା ଏକ ପ୍ରତିକାତ୍ମକ ମାତ୍ର।

# ରାଶନ ସାମଗ୍ରୀ ବଣ୍ଟନ ବେଳେ ଜମୁଛି ଭିଡ଼

ନାଉଗାଁ, ୮ା୪ (ସ୍ୱ.ପ୍ର.)

ସାମାଜିକ ଦୂରତ୍ୱ ଦ୍ୱାରା ହିଁ କରୋନା ଭୂତାଣୁ ସଂକ୍ରମଣ ରୋକିହେବ। ଏଥିଲାଗି ସାରା ଦେଶରେ ୨୧ ଦିନ ପାଇଁ ଲକ୍‌ଡାଉନ୍ କରାଯାଇଛି। ଘରେ ରହିବା ସହ କୌଣସି ଜରୁରୀ କାର୍ଯ୍ୟରେ ବାହାରକୁ ଆସିଲେ ସାମାଜିକ ଦୂରତ୍ୱ ରକ୍ଷା କରିବା ପାଇଁ ସରକାରୀ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବସୁଥିବା ହାଟ ସ୍ଥାନାନ୍ତର କରାଯିବା ସହ ଲୋକମାନେ କିପରି ଏକତ୍ର ନ ହେବେ ସେ ନେଇ ପ୍ରଶାସନ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଉଛି। ଏହି ସମୟ ମଧ୍ୟରେ ଲୋକମାନଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦିଆଯିବା ସହ ଲୋକମାନେ ଯେପରି ସାମାଜିକ ଦୂରତ୍ୱ ରକ୍ଷା କରନ୍ତି, ସେ ଦିଗରେ ମଧ୍ୟ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ନାଉଗାଁ ବ୍ଲକ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ହାତଗଣତି କେତେଜଣ ଡିଲରଙ୍କୁ ଛାଡ଼ିଦେଲେ, ଅଧିକାଂଶ ଡିଲର ପଏଣ୍ଟରେ ଲୋକମାନେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଉନାହାନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ରୋହିଆ ପଞ୍ଚାୟତରେ ଖାଉଟି ସାମଗ୍ରୀ ବଣ୍ଟନ କରିବା ପାଇଁ ଗଜରାଜପୁର ପଞ୍ଚାୟତର ବଣ୍ଟନ ଦାୟିତ୍ୱରେ ଥିବା ଡିଲରଙ୍କୁ ଟ୍ୟାଗ୍ କରାଯାଇଛି। ସୋମବାର ସମ୍ପୃକ୍ତ ଡିଲର ଖାଉଟି ସାମଗ୍ରୀ ବଣ୍ଟନ କରୁଥିବା ବେଳେ ସାମାଜିକ ଦୂରତ୍ୱକୁ ଆଦୌ ଗୁରୁତ୍ୱ ଦିଆଯାଇ ନ ଥିଲା। ହିତାଧିକାରୀମାନେ ଖାଉଟି ସାମଗ୍ରୀ ନେବା ପାଇଁ ଭିଡ ଜମାଇ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ପଦ୍ମନ ରାଉତଙ୍କୁ ପଚାରିବାରେ, ଖାଉଟି ସାମଗ୍ରୀ ବଣ୍ଟନ ବେଳେ ସାମାଜିକ ଦୂରତ୍ୱ ରକ୍ଷା କରିବା ନିହାତି ଆବଶ୍ୟକ। ଯଦି ଡିଲରମାନେ ଏହାକୁ ମାନୁନାହାନ୍ତି, ତେବେ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି କହିଛନ୍ତି।


ରାଶନ ସାମଗ୍ରୀ ନେବାବେଳେ ଲୋକେ ସାମାଜିକ ଦୂରତା ପାଳନ କରୁନାହାନ୍ତି।

**ଡିଲର ପଏଣ୍ଟରେ ଲକ୍‌ଡାଉନ୍ ନିୟମକୁ ବେଖାତିର**


ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଲୋକେ।

# ରନ୍ଧାଖାଦ୍ୟ ପାଇଁ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା

ରଘୁନାଥପୁର, ୮ା୪ (ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଅଧୀନ ୧୨ଟି ପଞ୍ଚାୟତରେ ୧୬ଟି ଏସ୍‌ଏଚ୍‌ଜି ଗ୍ରୁପ୍ ସହାୟତାରେ ୫୩୭ଜଣ ବାହାର ରାଜ୍ୟର ଶ୍ରମିକ, ଅସହାୟ ଏବଂ ମାନସିକ ବିକାରଗ୍ରସ୍ତଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ମାତ୍ର ରଘୁନାଥପୁର ପଞ୍ଚାୟତରେ ଅଦ୍ୟାବଧି ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉ ନ ଥିବାରୁ ସୋମବାର ବାହାର ରାଜ୍ୟର ଶ୍ରମିକମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଗଞ୍ଜାମ ଜିଲା ଓ ପଶ୍ଚିମବଙ୍ଗ ରାଜ୍ୟର ଶ୍ରମିକମାନେ ଏହି ଅଞ୍ଚଳକୁ କାର୍ଯ୍ୟ କରିବାକୁ ଆସିଥିଲେ ହେଁ ଘରକୁ ଫେରି ପାରି ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଏବିଡିଓ ଅଶୋକ କୁମାର ମହାନ୍ତି ସେମାନଙ୍କ ନିକଟରେ ପହଞ୍ଚି ତୁରନ୍ତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବଜ୍ରପାତ ଯୋଗୁ ୪ ବଖରା ଜଳିଗଲା

କୁଜଙ୍ଗ,୮ା୩(ଡି.ଏନ.ଏ.)

ବଜ୍ରପାତ ଯୋଗୁ ଏରସମା ବ୍ଲକ ଡିଙ୍କିଆ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଗ୍ରାମର ଛବିନ୍ଦ୍ର ଦଳାଇଙ୍କ ଘର ଉପରେ ବଜ୍ରପାତ ହେବାରୁ ତାଙ୍କର ୪ ବଖରା ଜଳି ପାଉଁଶ ହୋଇଯାଇଛି। ଖବର ପାଇ ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକ, ଏରସମା ତହସିଲଦାର ଚିତ୍ତରଞ୍ଜନ ମହାନ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁଚରଣ ମିଶ୍ର, ବିଡିଓ କୈଳାସ ଚନ୍ଦ୍ର ବେହେରା ପହଞ୍ଚି ତଦନ୍ତ କରିବା ସହ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଛବିନ୍ଦ୍ର ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ପକ୍ଷରୁ ତାଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି।


ପ୍ରଶାସନିକ ଅଧିକାରୀ ତଦନ୍ତ କରୁଛନ୍ତି।

# କ୍ୱାରାଣ୍ଟାଇନ୍ ସେଣ୍ଟରରେ ନାହିଁ ଆବଶ୍ୟକ ସୁବିଧା

ବାଲିଆ, ୮ା୪

ସାରା ବିଶ୍ୱରେ କରୋନା ମହାମାରୀର ରୂପ ନେଇଥିବା ବେଳେ ଏହି ଭୂତାଣୁ ପ୍ରତିହତ କରିବା ପାଇଁ ସାରା ଦେଶରେ ଲକ୍‌ଡାଉନ୍ କରାଯାଇଛି। ଏହି କ୍ରମର ସମସ୍ତ ପଞ୍ଚାୟତରେ ଗୋଟିଏ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲିବାକୁ ସରକାର ପ୍ରତି ପଞ୍ଚାୟତକୁ ୫ଲକ୍ଷ ଲେଖାଏ ଟଙ୍କା ପ୍ରଦାନ କରିଛନ୍ତି। ପଞ୍ଚାୟତ ଅଧୀନ ଏକ ସ୍କୁଲରେ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯିବା ସହ ସେଠାରେ ବେଡ୍ ପକାଇବା, ସାନିଟାଇଜିଂ କରିବା, ପାନୀୟ ଜଳ ଓ ଶୌଚାଳୟ ଆଦି ବ୍ୟବସ୍ଥା କରିବା ଦାୟିତ୍ୱ ସରପଞ୍ଚଙ୍କୁ ଦିଆଯାଇଛି। ହେଲେ ବିରିଡ଼ି ବ୍ଲକ ବାସନ୍ଦରା ପଞ୍ଚାୟତରେ ଖୋଲିଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ନାନା ଅବ୍ୟବସ୍ଥା ଦେଖାଯାଇଛି। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ କରାଯାଇଥିବା କ୍ୱାରାଣ୍ଟାଇନ ସେଣ୍ଟର ଚତୁଃପାର୍ଶ୍ୱରେ ଅନାବନା ଗଛ ଉଠିଥିବା ବେଳେ ଏହି ସେଣ୍ଟରରେ ୨୪ ଘଣ୍ଟା ଧରି ତାଲା ଝୁଲୁଥିବା ଦେଖାଯାଉଛି। ଏହାଛଡ଼ା ଏ ପର୍ଯ୍ୟନ୍ତ ସେଠାରେ ସୂଚନା ଫଳକ ମଧ୍ୟ ଲଗାଯାଇ ନାହିଁ। ଉକ୍ତ ସେଣ୍ଟରରେ ଆବଶ୍ୟକ ବେଡ୍ ନ ଥିବା ବେଳେ ପାନୀୟ ଜଳ ସୁବିଧା ନାହିଁ ଏବଂ ଉକ୍ତ ଘରର ବାହାର ପଟ ରଙ୍ଗ ମଧ୍ୟ କରାଯାଇନାହିଁ। ଏଠାରେ ରୋଗୀମାନଙ୍କୁ ରଖାଯିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ବିଶ୍ୱାଳଙ୍କୁ ପଚାରିବାରେ, ଆଉ ବେଡ୍ ଆସୁଛି, କାମ ଚାଲିଛି ବୋଲି କହିଛନ୍ତି। ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ସେ ସେଠାରେ ପହଞ୍ଚି ତଦନ୍ତ କରିବେ ବୋଲି କହିଛନ୍ତି।



**ଅନ୍ୟ ଅଞ୍ଚଳ ଖବର**

## ତିଗିରିଆ ସମିତି ସଦସ୍ୟଙ୍କ ମାସକର ଦରମା ଦାନ

ତିଗିରିଆ,୮।୪(ଡି.ଏନ.ଏ.): କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବୁଧବାର ତିଗିରିଆ ପଞ୍ଚାୟତ ସମିତି ଅଧକ୍ଷାଙ୍କ ସମେତ ସମସ୍ତ ସଦସ୍ୟ ମାସକର ଦରମା ଦାନ କରିଛନ୍ତି। ଏବାବଦରେ ମୋଟ୍ ୨୭ହଜାର ଟଙ୍କାକୁ ବିଡିଓ ଦିପ୍ତିମୟୀ ବେହେରାଙ୍କ ଜରିଆରେ ସେମାନେ ପ୍ରଦାନ କରିଛନ୍ତି। ପଞ୍ଚାୟତ ସମିତି ଅଧକ୍ଷା ରୂପା ଦଳେଇଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟରେ ବ୍ଲକର ସମସ୍ତ ୧୪ ପଞ୍ଚାୟତର ସମିତିସଭ୍ୟାସଭ୍ୟା ଏବଂ ତାଙ୍କ ପ୍ରତିନିଧିମାନେ ଉପସ୍ଥିତ ରହି ଏହି ଅର୍ଥରାଶିକୁ ବିଡିଓଙ୍କୁ ପ୍ରଦାନ କରିଥିଲେ। ବିନ୍ଧାଣିମା ପଞ୍ଚାୟତ ସମିତିସଭ୍ୟ ବିଭୂତି ଭୂଷଣ ବେହେରା, ବାଲିପୁଟର ଟିକି ଦେଇ, ଭୋଗଡ଼ାର ଝରଣା ଜେନା, ନୂଆପାଟଣାର ସଞ୍ଜୟ କର, ଜେମାଦେଇପୁରର ସଂସାରୀ ବେହେରା, ହାଟମାଳ ପ୍ରଦୀପ ନାଏକ, ବଡ଼ନାଉପୁଟର ସତୋଷ ସାମଲ, ସୋମପଡ଼ାର ଅଶାନ୍ତି ଦେଇ, ପାଞ୍ଚଗାଁ ଅନୁପମା ସ୍ୱାଇଁ, ପୁରୁଣାତିଗିରିଆର ସନ୍ଧ୍ୟାରାଣୀ ନାୟକ, ନିଜିଗଡ଼ର ପ୍ରମୋଦ ମାଝି, ଅଚଳକୋଟ ଗୌରହରୀ ପରିଡ଼ା, ଭିରୁଡ଼ାର ଗୀତାଞ୍ଜଳି ସାହୁ ସେମାନଙ୍କ ଦରମା ପ୍ରଦାନ କରିଛନ୍ତି।

## ଟିକ୍‌ଟକ୍ କରି ଜଣେ ଅଟକ

ତିଗିରିଆ,୮।୪(ଡି.ଏନ.ଏ.): କରୋନା ଭୂତାଣୁକୁ ନେଇ ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି ହୋଇଛି। ମାତ୍ର ଏତିକିବେଳେ ତିଗିରିଆ ଥାନା ଅନ୍ତର୍ଗତ ପୁରୁଣାତିଗିରିଆ ଗ୍ରାମର ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଆକ୍ଷେପ କରି ଟିକଟକ କରିଛନ୍ତି। ଏକଥା ଜଣାପଡ଼ିବା ପରେ ତିଗିରିଆ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବୁଧବାର ଥାନାକୁ ଆଣି ଅଟକ ରଖିଛି। ଉକ୍ତ ଟିକଟକ୍ ଭାଇରାଲ ହେବାପରେ ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳ ଟିକ୍‌ଟକ୍‌ର ଭିଜୁଆଲକୁ ଆଧାର କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରା ଉଚରା ଜାରି ରଖିଛନ୍ତି।

## ମହିଳାଙ୍କୁ ମିଳୁନି ଅନ୍ତ୍ୟୋଦୟ ଚାଉଳ

ତିର୍ତ୍ତୋଲ, ୮।୪(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ତରଜଙ୍ଗା ପଞ୍ଚାୟତ ତେରତାଙ୍ଗ ଗ୍ରାମର ନେତ୍ରମଣୀ ପ୍ରଧାନଙ୍କ ପରିବାରକୁ ଏ ମାସରେ ଅନ୍ତ୍ୟୋଦୟ ଚାଉଳ ମିଳି ନ ଥିବା ଅଭିଯୋଗ ହୋଇଛି। ତାଙ୍କ ପରିବାର ପ୍ରତି ମାସ ୩୫ କେଜି ଚାଉଳ ପାଇ ଆସୁଥିବାବେଳେ ଚଳିତମାସରେ ଡିଲର ଜଣକ ପରିବାରର ତିନିଜଣ ସଦସ୍ୟଙ୍କ ପାଇଁ ୧୫ କେଜି ଚାଉଳ ଆସିଛି ବୋଲି କହିଥିଲେ । ଏ ସମ୍ପର୍କରେ ମଙ୍ଗଳବାର ନେତ୍ରମଣୀ ଅଭିଯୋଗ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ ମଧ ଯୋଗାଣ ନିରୀକ୍ଷକ ଅନୁପସ୍ଥିତ ଥିବାରୁ ଏହାର ପ୍ରତିବାଦ କରିଥିଲେ । ଯୋଗାଣ ନିରୀକ୍ଷଣ ଯୋଶବନ୍ତ ମଲ୍ଲିକଙ୍କ ମତାମତ ନେବାରୁ ତାଙ୍କ ନାମ ଯଦି ଅନ୍ତ୍ୟୋଦୟ ତାଲିକାରେ ଅଛି ତେବେ ତାଙ୍କ ପରିବାରକୁ ୩୫ କେଜି ଚାଉଳ ପ୍ରଦାନ କରାଯିବ ବୋଲି କହିଥିଲେ।

## ମୁନ୍‌ସୀ ମେଳଣ କମିଟି ପକ୍ଷରୁ ୧ଲକ୍ଷ ଟଙ୍କା ପ୍ରଦାନ

ଧର୍ମଶାଳା,୮।୪(ଡିଏନଏ): କରୋନା ମୁକାବିଲା ପାଇଁ ମଙ୍ଗଳବାର ଧର୍ମଶାଳା ମୁନସୀ ମେଳଣ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କମିଟି ସଭାପତି ତଥା ଥାନାଧିକାରୀ ସରୋଜ କୁମାର ସାହୁ, ସମ୍ପାଦକ ଜଳଧର ମହାନ୍ତି, ସହସମ୍ପାଦକ ପ୍ରମୋଦ କୁମାର ଦାସ, ସଭ୍ୟ ଅଜୟ କୁମାର ନାୟକ, ସୁଦୀପ୍ତ କୁମାର ସ୍ୱାଇଁ ଓ ଧନେଶ୍ୱର ସାହୁ ପ୍ରମୁଖ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ଟଙ୍କାର ଏକ ଚେକ ପ୍ରଦାନ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ତିର୍ତ୍ତୋଲ, ୮।୪(ଡି.ଏନ.ଏ.): ଝଙ୍କଡଶାରଳା ପୀଠ କନକପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ବରଦା ପ୍ରସାଦ ସାହୁ(୬୬)ଙ୍କର ମଙ୍ଗଳବାର ରାତିରେ ପରଲୋକ ହୋଇଛି। ମୃତଦେହ ତାଙ୍କ ବାସଭବନରେ ପହଞ୍ଚିବା ପରେ ସରପଞ୍ଚ ନମିତା ରାଉଳ, ଶାରଳା ମନ୍ଦିରର ପଣ୍ଡା ସେବକ, କନକପୁର ହାଟବଜାରର ବ୍ୟବସାୟୀ, ଜନପ୍ରତିନିଧି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଭୁବନେଶ୍ୱର ଫେରନ୍ତା ଚିନ୍ତାର କାରଣ

- ରାସ୍ତା ସିଲ୍ ପରେ ବି ବନ୍ଦ ହେଉନି ପ୍ରବେଶ
- ହୋମ୍ କ୍ୱାରାଣ୍ଟାଇନରେ ନ ରହିବାରୁ ବଢ଼ୁଛି କନ୍ଦଳ



ବାଘମାରୀ-ଦଶପଲ୍ଲା ରାସ୍ତାର ମଣିପୁରଠାରେ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉଛି।

ନୟାଗଡ଼ ଅଫିସ,୮।୪

ନୟାଗଡ଼ ଜିଲାର ବିଭିନ୍ନ ରାସ୍ତା ସିଲ୍ ହୋଇଥିଲେ ବି କଟକ, ଭୁବନେଶ୍ୱର ଫେରନ୍ତାଙ୍କ ଉପରେ ଲଗାମ ଲାଗିପାରୁ ନାହିଁ। ବିଳମ୍ବିତ ରାତି ଓ ଭୋର ସମୟରେ କଟକ, ଭୁବନେଶ୍ୱର ଫେରନ୍ତା ଗାଁକୁ ବାଇକ୍ ଯୋଗେ ଧାଡି ଲଗାଇଛନ୍ତି। ଗାଁରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ନାଁ ପଞ୍ଜୀକରଣ କରୁ ନାହାନ୍ତି। ସାମାଜିକ ଦୂରତ୍ୱ ନ ରଖି ଏଣେତେଣେ ବୁଲି ମଜା ନେଉଛନ୍ତି। ଗାଁ ଲୋକେ ପ୍ରତିବାଦ କରିବାରୁ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ହେଉଛି।

ପେଟପାଟଣା ପାଇଁ ନୟାଗଡ଼ ଜିଲାର ଅଧିକାଂଶ ଲୋକ କଟକ ଓ ଭୁବନେଶ୍ୱରରେ ରହି ବିଭିନ୍ନ କାମରେ ନିୟୋଜିତ ହୋଇଥିଲେ। କରୋନା କଟକଣା ଯୋଗୁ ସମ୍ପୃକ୍ତ ଲୋକମାନେ କାମ ହରାଇବା ପରେ ରୋଜଗାର ଠପ୍ ହୋଇଗଲା। ସରକାରୀ ସହାୟତା ଯାହା ମିଳିଲା ସେଥିରେ ଚଳିବା ସମ୍ଭବ ହେଲା ନାହିଁ। ଅନ୍ୟପକ୍ଷେ ଭୁବନେଶ୍ୱରରେ କରୋନା ରୋଗୀ ସଂଖ୍ୟା ବଢ଼ିଚାଲିବା ପରେ ସେମାନେ ଭୟଭୀତ ହୋଇ ଗାଁକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଡେରିରେ ହେଲେ ବି ମଙ୍ଗଳବାର ରଣପୁର ପୋଲିସ ନୂଆ ଜଗନ୍ନାଥ ସଡକର ସିକୋ, ଦର୍ପନାରାୟଣପୁର ଓ ବଲାଙ୍ଗୀର ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ରାଜସୁନାଖଳା, ଚାନ୍ଦପୁର ଥାନା ପୋଲିସ କୋଲକାତା ମାଡ୍ରାସ ୧୬ନଂ. ଜାତୀୟ ରାଜପଥର ଚମ୍ପାଗଡଠାରେ ରାସ୍ତା ସିଲ୍ କରିଛ। ସେହିପରି ଫତେଗଡ ପୋଲିସ ବାଘମାରୀ ଖଣ୍ଡପଡା ରାଜ୍ୟ ରାଜପଥ, ଇଟାମାଟି ପୋଲିସ ବଲାଙ୍ଗୀର ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବିଜିପୁର ଚେକ୍‌ଗେଟ ଓ ଖୋର୍ଦ୍ଧା ଜିଲାର ବୋଲଗଡ ପୋଲିସ ଦିଘରି ନିକଟରେ ରାସ୍ତା ସିଲ୍ କରିଛି। ଏହା ସତ୍ତ୍ୱେ ପ୍ରତ୍ୟହ ଭୁବନେଶ୍ୱର ଓ କଟକରୁ ଲୋକେ ଗାଁକୁ ଫେରୁଛନ୍ତି। ଏ ନେଇ ଜଣେ ଭୁବନେଶ୍ୱର ଫେରନ୍ତା କୁହନ୍ତି, ଆମ ଜନ୍ମଭୂମିକୁ ଫେରିବାକୁ ଆମକୁ ବିରୋଧ କରାଯାଉଛି। ପୋଲିସ ଆମକୁ ରାସ୍ତାରେ ଜଗୁଛି। ଗାଁକୁ ଆସିବା ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଉଛି। ପରିବାର ଲୋକମାନେ ମଧ ଆମଠାରୁ ଦୂରତ୍ୱ ରକ୍ଷା କରୁଛନ୍ତି। କରୋନା ଭୟରେ ଓ ବଞ୍ଚିବା ପାଇଁ ଗାଁକୁ ଫେରିଛୁ। ଗୋଡିପଡାର ଜୟକୃଷ୍ଣ ସାହୁ ଓ ମଝିଆଖଣ୍ଡର ପ୍ରଭାକର ବେହେରା କୁହନ୍ତି, କଟକ ଓ ଭୁବନେଶ୍ୱର ଫେରନ୍ତା ଗାଁକୁ ନ ଆସି ସେଠାରେ ରହିଥିଲେ ଭଲ ହୋଇଥାନ୍ତା। ଯେଉଁମାନେ ଆସିନାହାନ୍ତି ସେମାନେ ସେଠାରେ ରୁହନ୍ତୁ। ଗାଁ ଲୋକମାନେ ବାଉଁଶ ପକାଇ ବାହାର ଲୋକଙ୍କୁ ଗାଁକୁ ଛାଡୁନାହାନ୍ତି। କରୋନା ପ୍ରତିକାର ପାଇଁ ସେମାନେ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରି ସହଯୋଗ କରୁଛନ୍ତି। ଅଥଚ କଟକ ଓ ଭୁବନେଶ୍ୱର ଫେରନ୍ତା ସରକାର ଓ ଗାଁ ଲୋକଙ୍କ ନିଷ୍ପତ୍ତି ମାନୁ ନାହାନ୍ତି। ଯଦି କେହି ରୋଗୀ ଚାଲି ଆସିବେ ଗାଁରେ ତାହାକୁ ରୋକି ହେବନି। ଏଣୁ ପ୍ରଶାସନ ପକ୍ଷରୁ ଏଥିରେ ଲଗାମ ଲଗାଯାଉ। ନୟାଗଡ ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ପ୍ରଶାସନ ପକ୍ଷରୁ ବିଭିନ୍ନ ରାସ୍ତା ସିଲ୍ କରାଯାଇଛି। ତଥାପି କିଛି ଲୋକ ଭୁବନେଶ୍ୱର ଓ କଟକରୁ ଗାଁକୁ ଚାଲି ଆସୁଛନ୍ତି। ପ୍ରଶାସନ ପକ୍ଷରୁ ଏଥିରେ ଲଗାମ ଲଗାଇବାକୁ ଉଦ୍ୟମ ଜାରି ରହିଛି। ଯେଉଁମାନେ ଗାଁକୁ ଆସିସାରିଲେଣି ସମସ୍ତଙ୍କ ଭଲ ପାଇଁ ସେମାନେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ସେ ନିବେଦନ କରିଛନ୍ତି।

## ବଦଳିଲା ହାଟର ସମୟ ନିର୍ଘଣ୍ଟ, ମାସ୍କ ପିନ୍ଧିବା ବାଧ୍ୟତାମୂଳକ

ନୟାଗଡ ଅଫିସ,୮।୪

ନୟାଗଡ ଜିଲା ସଦର ମହକୁମା ସମେତ ଜିଲାସାରା ସମସ୍ତ ପନିପରିବା ହାଟର ସମୟ ନିର୍ଘଣ୍ଟ ବଦଳିଛି। ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅସ୍ଥାୟୀ ପନିପରିବା ହାଟ, ମାଛ ମାଂସ ଦୋକାନ ଓ ତେଜରାତି ବଜାର ଖୋଲିବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ପୂର୍ବରୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅସ୍ଥାୟୀ ପନିପରିବା ହାଟ ଖୋଲୁଥିଲା। ପୁଣି ସମାଜିକ ଦୂରତ୍ୱକୁ କଡାକଡି କରାଯାଇଛି। ଏସ୍‌ପିଙ୍କ ପକ୍ଷରୁ ସମୟ ନିର୍ଘଣ୍ଟ ବଦଳିବା ନେଇ ମଧ ସୂଚନା ଦିଆଯାଇଛି। ସେହିପରି କଟନ୍ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ୯ ତାରିଖରୁ ଏହା କଡାକଡି ଲାଗୁ କରାଯିବ। ଏଥିରେ ଅଣଦେଖା କଲେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ଗ୍ରାମାଞ୍ଚଳରେ ପାଟ୍ରୋଲିଂ ଦାବି

ନୟାଗଡ଼ ଅଫିସ,୮।୪

କରୋନା ପାଇଁ ଗ୍ରାମାଞ୍ଚଳରେ ପାଟ୍ରୋଲିଂ କରାଯାଉ ନାହିଁ। ଯେଉଁ କିଛି ସ୍ଥାନରେ କରାଯାଉଛି ତା'ର ପ୍ରଭାବ ପଡୁନି। ଅମାନିଆ ଲୋକଙ୍କୁ ସାବାଡ କରିବା ପାଇଁ ନୟାଗଡ ଜିଲାର ବିଭିନ୍ନ ଥାନା ପକ୍ଷରୁ ଗାଁରେ ପାଟ୍ରୋଲିଂ କରିବା ନିହାତି ଦରକାର ବୋଲି ମତ ପ୍ରକାଶ ପାଇଛି। ଖେଳରେ ଅସୁବିଧା କାରଣରୁ କିଛି ଗାଁରେ ବାଡ ପକାଯାଇଛି। ହେଲେ କେତେକ ସ୍ଥାନରେ ଭଲି, କ୍ରିକେଟ ଖେଳ ଚାଲୁ ରହିଛି ବୋଲି ଅଭିଯୋଗ ଉଠିଛି। ଅନ୍ୟପକ୍ଷେ ଲାଠିମାଡ ପରେ ବି ସୁଧୁରିଲେ ନାହିଁ ଅମାନିଆ। ସେମାନେ ବାଇକ୍ ଯୋଗେ ବଜାରରେ ପଇଁତରା ମାରୁଛନ୍ତି। ବିନା କାରଣରେ ବଜାରକୁ ଆସୁଥିବା ଜଣାପଡିଲେ ବାଇକ୍ ରଖାଯାଇ ସେମାନଙ୍କୁ କିଛିଦିନ ଥାନାରେ ଅଟକ ରଖାଯାଉ ବୋଲି ସାଧାରଣରେ ଦାବି ହେଉଛି।

## ରାଶନ ସାମଗ୍ରୀ ବଣ୍ଟନ ବେଳେ ନାହିଁ କଟକଣା



ରାଶନ ସାମଗ୍ରୀ ଆଣିବା ପାଇଁ ଗହଳି ଲଗାଇଛନ୍ତି ଲୋକେ।

ନୟାଗଡ଼ ଅଫିସ,୮।୪

ନୟାଗଡ଼ ସହରର ବିଭିନ୍ନ ୱାର୍ଡରେ ରାଶନ ସାମଗ୍ରୀ ବଣ୍ଟନ ବେଳେ ସାମାଜିକ ଦୂରତ୍ୱ ରକ୍ଷା କରାଯାଉନି। ଏଥିପାଇଁ କେହି ବି ପରାମର୍ଶ ଦେଉ ନାହାନ୍ତି। ପୋଲିସ ପକ୍ଷରୁ ମଧ ପଦକ୍ଷେପ ନାହିଁ। ଜିଲା ପ୍ରଶାସନ କଟକଣା କଡାକଡି କରୁଥିଲାବେଳେ ତାହା କାମ କରୁନି। ଅନ୍ୟପକ୍ଷେ ରାଶନ ସାମଗ୍ରୀ ନେବା ପାଇଁ ହିତାଧିକାରୀମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହୁଛନ୍ତି। ଏଠାରେ ନୟାଗଡ ମ୍ୟୁନିସିପାଲିଟିର କର୍ମଚାରୀ ନିୟୋଜିତ ଥିଲେ ବି ସମାଜିକ ଦୂରତ୍ୱ ସମ୍ପର୍କରେ ମୁହଁ ନ ଖୋଲିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଛି।

## ଆଇସୋଲେଶନ ୱାର୍ଡ ବୁଲିଲେ ଅତିରିକ୍ତ ଜିଲାପାଳ



ଆଇସୋଲେଶନ ୱାର୍ଡ ବୁଲୁଛନ୍ତି ଜିଲାସ୍ତରୀୟ ଅଧିକାରୀ।

ଭାପୁର,୮।୪(ଡ଼ି.ଏନ.ଏ.)

ନୟାଗଡ ଜିଲା ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ ଜିଲାସ୍ତରୀୟ ଅଧିକାରୀମାନେ ବୁଧବାର ଭାପୁର ଡ଼ାକ୍ତରଖାନାର କରୋନା ୱାର୍ଡ ଓ ଆଇସୋଲେଶନ ୱାର୍ଡ ବୁଲି ଦେଖିଛନ୍ତି। ମଧ୍ୟାହ୍ନ ୧୧ଟା ସମୟରେ ନୟାଗଡ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପ ଜିଲାପାଳ ଲଗ୍ନଜିତ ରାଉତ ପ୍ରମୁଖ ଭାପୁର ଡାକ୍ତରଖାନାରେ ପହଞ୍ଚି ବିଭିନ୍ନ ୱାର୍ଡ ବୁଲି ସୁବିଧାଅସୁବିଧା ପଚାରିଥିଲେ। ବିଡିଓ ସତ୍ୟ ସୁନ୍ଦର ରାଉତ, ଡାକ୍ତର ଶୁରଶ୍ରୀ କର, ବିପିଏମଓ ଇତିଶ୍ରୀ ପଟ୍ଟନାୟକ, ବିପିଓ ଅଶୋକ କୁମାର ସାହୁ, ଫାର୍ମାସିଷ୍ଟ ପ୍ରଦୀପ କୁମାର ବେହେରା ଉପସ୍ଥିତ ରହିଥିଲେ। ପରେ ଅଧିକାରୀମାନେ ସିଲ୍ ହୋଇଥିବା ସୀମାନ୍ତ ଅଞ୍ଚଳ ବୁଲି ଦେଖିଥିଲେ।

## ୪ ଚେକ୍‌ପୋଷ୍ଟରେ ଯାଞ୍ଚ କଡ଼ାକଡ଼ି

ରଣପୁର,୮।୪(ସ୍ୱ.ପ୍ର.)

ନୟାଗଡ଼ ଜିଲାର ରଣପୁର ଓ ଚାନ୍ଦପୁର ଥାନା ଅଞ୍ଚଳରେ ୪ଟି ଚେକ୍‌ପୋଷ୍ଟ କରାଯାଇ ଯାଞ୍ଚ କଡାକଡି କରାଯାଇଛି। କରୋନା ଭାଇରସ୍‌କୁ ରୋକିବା ଉଦ୍ଦେଶ୍ୟରେ କଟକ ଓ ଭୁବନେଶ୍ୱରରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ଲଗାମ ଲଗାଇବା ପାଇଁ ଏହି ବ୍ୟବସ୍ଥା ହୋଇଛି ବୋଲି ରଣପୁର ତହସିଲଦାରଙ୍କଠାରୁ ପ୍ରକାଶ। ରଣପୁର ଥାନା ପୋଲିସ ନୂଆ ଜଗନ୍ନାଥ ସଡକର ସିକୋ, ଦର୍ପନାରାୟଣପୁର ଓ ବଲାଙ୍ଗୀର ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ରାଜସୁନାଖଳାଠାରେ ଯାଞ୍ଚ ପ୍ରକ୍ରିୟା କଡାକଡି କରିଛି। ସେହିପରି ଚାନ୍ଦପୁର ଥାନା ପୋଲିସ କୋଲକାତା ମାଡ୍ରାସ ୧୬ନଂ. ଜାତୀୟ ରାଜପଥର ଚମ୍ପାଗଡଠାରେ ରାସ୍ତା ସିଲ୍ କରି ଯାଞ୍ଚ ପ୍ରକ୍ରିୟା ଜାରି ରଖିଛି।

## ନୟାଗଡ଼ ଓ କଟକ ଜିଲା ସୀମା ସିଲ୍

ଖଣ୍ଡପଡ଼ା,୮।୪(ସ୍ୱ.ପ୍ର.)

ସାରା ଦେଶରେ ଲକ୍‌ଡାଉନ ବ୍ୟବସ୍ଥା ଜାରି ରହିଛି। ଗ୍ରାମାଞ୍ଚଳରେ ମଧ ଏହି କଟକଣାକୁ ପୋଲିସ ପକ୍ଷରୁ କଡାକଡି କରାଯାଉଛି। ଏହା ସତ୍ତ୍ୱେ ବାହାର ଅଞ୍ଚଳର କେତେକ ବ୍ୟକ୍ତି ରାତିରେ ଗ୍ରାମ ମଧକୁ ଚାଲିଆସୁଛନ୍ତି। ବିଶେଷକରି ନୟାଗଡ ଓ କଟକ ଜିଲା ସୀମାନ୍ତ ସିଧାମୂଳା ମହାନଦୀ ସେତୁ ଦେଇ ଲୋକମାନେ ଯାନବାହନରେ କଣ୍ଟିଲୋ-ଗଣିଆ ରାଜ୍ୟ ରାଜପଥକୁ ଚାଲି ଆସୁଛନ୍ତି। ଏହି ଅବସରରେ ନୟାଗଡ ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ସିଧାମୂଳାଠାରେ ସୀମାନ୍ତ ଅଞ୍ଚଳକୁ ସିଲ୍ କରାଯାଇ ପୋଲିସ ଫୋର୍ସ ମୁତୟନ କରାଯାଇଥିବା କଣ୍ଟିଲୋ ଫାଣ୍ଡି ଅଧିକାରୀ ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି।

## ଏନ୍‌ଜିଓକୁ ରନ୍ଧାଖାଦ୍ୟ ବାଣ୍ଟିବା ମନା

ଓଡ଼ଗାଁ,୮।୪(ସ୍ୱ.ପ୍ର.)

ଓଡଗାଁ ଏନ୍‌ଏସି ତରଫରୁ ପ୍ରତିଦିନ ପାଖାପାଖି ୧୦୦ ଲୋକଙ୍କୁ ଆହାର କେନ୍ଦ୍ର ମାଧମରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଅନ୍ୟପକ୍ଷେ ଜରୁରୀ ସମୟରେ ରନ୍ଧା ଖାଦ୍ୟ ବିତରଣ କରିବାକୁ ଅନୁମତି ନେଇଥିବା ଏନଜିଓକୁ ଏଥିରୁ ନିବୃତ୍ତ କରାଯାଇଥିବା ଏନ୍‌ଏସି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସମ୍ପୃକ୍ତ ସଂସ୍ଥା ନିଜସ୍ୱ ଖର୍ଚ୍ଚରେ ରନ୍ଧା ଖାଦ୍ୟ ବାଣ୍ଟିବାକୁ ଅନୁମତି ମାଗିଥିବା ବେଳେ ପରବର୍ତ୍ତି ସମୟରେ ଏଥି ନିମନ୍ତେ ସରକାରୀ ଅନୁଦାନ ଦାବି କରିବା, ଖାଦ୍ୟ ବଣ୍ଟନ ବେଳେ ସାମାଜିକ ଦୂରତା ରକ୍ଷା ନ କରିବା, ଗରମ ରନ୍ଧା ଖାଦ୍ୟକୁ ନିଷେଧ କରାଯାଇଥିବା ରଙ୍ଗିନ ପଲିଥିନରେ ବାଣ୍ଟିବା ଭଳି ଭିଡିଓ ଓ ଫଟୋ ଭାଇରାଲ ହୋଇଥିଲା, ଯାହାକି ସଂସ୍ଥା ନିମନ୍ତେ ବୁମେରାଂ ସାଜିଥିଲା।

## ୬ଜଣଙ୍କ ନାମରେ ମାମଲା

ଖଣ୍ଡପଡା,୮।୪(ସ୍ୱ.ପ୍ର.)

ଲକ୍‌ଡାଉନ ନିୟମକୁ ଅଣଦେଖା କରିବା ଅଭିଯୋଗରେ ଖଣ୍ଡପଡା ପୋଲିସ ସୋମବାର ୬ଜଣଙ୍କ ନାମରେ ମାମଲା ରୁଜୁ କରିବା ସହ ୪ଟି ବାଇକ୍ ଜବତ କରିଛି। ଏହା ପୂର୍ବରୁ ପୋଲିସ ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗରେ ୩୪ ଜଣଙ୍କ ନାମରେ ମାମଲା ରୁଜୁ କରିବା ସହ ୯ଟି ବାଇକ୍ ଜବତ କରିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ଭୁବନେଶ୍ୱର ଫେରନ୍ତାଙ୍କୁ ନେଇ ପ୍ରଶାସନର ମୁଣ୍ଡବିନ୍ଧା

ଓଡ଼ଗାଁ,୮।୪(ସ୍ୱ.ପ୍ର.)

ସପ୍ତାହ ମଧରେ ଭୁବନେଶ୍ୱରରୁ ଆସି ସ୍ଥାନୀୟ ଏନ୍‌ଏସିର ବିଭିନ୍ନ ୱାର୍ଡରେ ଆତ୍ମଗୋପନ କରିଥିବା ଲୋକ ପ୍ରଶାସନିକ ଅଧିକାରୀଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ଏନ୍‌ଏସି କର୍ତ୍ତୃପକ୍ଷ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଠାବ କରି ସେମାନଙ୍କ ଟ୍ରାଭେଲ ଇତିହାସ ସଂଗ୍ରହ କରିବା ପରେ ଆବଶ୍ୟକ ଡାକ୍ତରୀ ପରୀକ୍ଷା କରିଛନ୍ତି। ସେମାନେ ନିଜ ଘରେ ସଙ୍ଗରୋଧ ହୋଇ ରହିବା ସହିତ ଗାଁ ପୋଖରୀକୁ ଆଦୌ ନ ଯିବାକୁ ଏନ୍‌ଏସି ଅଧିକାରୀ ଇଂ ସୁବ୍ରତ କୁମାର ମହାପାତ୍ର ଚେତାବନୀ ଦେଇଛନ୍ତି।

## ଗୋରୁଙ୍କ ଦେହରେ ସଚେତନତା ବାର୍ତ୍ତା

ରଣପୁର,୮।୪(ସ୍ୱ.ପ୍ର.)

ନୟଗଡ ଜିଲା କନ୍ଧନୟାଗଡ ପଞ୍ଚାୟତର କନ୍ଧନୟାଗଡ ଗାଁରେ ଗୋରୁଙ୍କ ଦେହରେ କରୋନା ସଚେତନତା ବାର୍ତ୍ତା ଲେଖାଯାଇଛି। କେତେଜଣ ଅସାମାଜିକ ଲୋକ ନିରୀହ ଗୋରୁଙ୍କୁ ଖାଇବାକୁ ଦେଇ ଏପରି ବାର୍ତ୍ତା ଲେଖୁଛନ୍ତି। ଏହାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ବିରୋଧ କରୁଛନ୍ତି।

## ଅତଡ଼ା ଖାଉଛି କୁଆଁରିଆ ନଦୀପଠା



କୁଆଁରିଆ ନଦୀପଠା ଖାଇଯାଉଛି।

ଖଣ୍ଡପଡ଼ା,୮।୪(ସ୍ୱ.ପ୍ର.)

**ସମସ୍ୟାରେ ୬ ପଞ୍ଚାୟତର ଲୋକେ**

ବନ୍ୟା ସମୟରେ କୁଆଁରିଆ ନଦୀରେ ବନ୍ୟା ଆସି ଏହାର ପଠା ଅତଡା ଖାଇ ନଷ୍ଟ ହେଉଛି। ଏଭଳି ଅବସ୍ଥା ନଦୀ ତଟବର୍ତ୍ତୀ ଖଣ୍ଡପଡା ବ୍ଲକର ବଳଭଦ୍ରପ୍ରସାଦ, କୁମ୍ଭାରପଡା, ରୟତଢୋଲମରା, କୋସକା, କିଆଝର ଓ ଗଡିଆସାହି ପ୍ରଭୃତି ୬ ପଞ୍ଚାୟତବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ନଦୀର ପ୍ରଖର ସ୍ରୋତ ଯୋଗୁ ଅଞ୍ଚଳବାସୀଙ୍କ ଜମି ଧୀରେ ଧୀରେ ନଦୀ ଗର୍ଭରେ ଲୀନ ହେବାରେ ଲାଗିଛି। ସେହିପରି ପ୍ରତିବର୍ଷ ନଦୀ ଗତିପଥରେ ପରିବର୍ତ୍ତନ ଯୋଗୁ ଉପରୋକ୍ତ ପଞ୍ଚାୟତ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ କୁଆଁରିଆ ମାଳବନ୍ଧର ଦୁର୍ବଳସ୍ଥାନ ଚିହ୍ନଟ କରି ପଥର ପ୍ୟାକିଂ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ଖଣ୍ଡପଡା ବ୍ଲକ କୋସକା-ଆଡକଟା ରାସ୍ତାର କୁଆଁରିଆ ସେତୁ ନିକଟସ୍ଥ ନଦୀର ଉଭୟ ପାର୍ଶ୍ୱ ଖାଇଯାଇ ନଦୀ ଗର୍ଭ ଓସାରିଆ ହେବାରେ ଲାଗିଛି। ଉକ୍ତ ସ୍ଥାନରେ ପଥରପ୍ୟାକିଂ ନିମନ୍ତେ ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।


ଦିଶା

# ଘାରିଛି ଆକ୍ସନ ନିଶା

ଦିଶା ପଟାନିଙ୍କୁ ଏବେ ଆକ୍ସନ ନିଶା ଘାରିଛି। ନିକଟରେ ଏପରି ଏକ ଅଫର ମିଳିବା ପରେ ତାହା ପୁଣି ଦ୍ୱିଗୁଣିତ ହୋଇଯାଇଛି। କେବଳ ଆକ୍ସନ ନୁହେଁ, କିଛି ଷ୍ଟଣ୍ଟ ଶଟ୍ ଦେବାକୁ ସେ ମଧ ମାଇଣ୍ଡ ମେକଅପ କରିଛନ୍ତି। ଆଉ ତାଙ୍କୁ ଏଥିରେ ସହଯୋଗର ହାତ ବଢ଼ାଇଛନ୍ତି ଟାଇଗର ଶ୍ରଫ। ଆକ୍ସନ ଆଉ ଷ୍ଟଣ୍ଟରେ ଟାଇଗର କେତେ ଦକ୍ଷ ତାହା କହିବା ବାହୁଲ୍ୟ। ଯେତେବେଳେ ଦିଶା ନିଜର ମନ କଥା ଟାଇଗରଙ୍କୁ କହିଥିଲେ ସେତେବେଳେ ଟାଇଗର ନିମିଷକ ମଧରେ ରାଜି ହୋଇଯାଇଥିଲେ। ଏ ସମ୍ପର୍କରେ ଦିଶା କହନ୍ତି, 'ମୁଁ ଜାଣେ ଯେ ଉଭୟ ଆକ୍ସନ ଏବଂ ଷ୍ଟଣ୍ଟ ଶଟ୍ ଦେବା ଏତେ ସହଜ କଥା ନୁହେଁ। ହେଲେ ମୁଁ ତାହାକୁ ଏକ ଚ୍ୟାଲେଞ୍ଜ ଭାବରେ ନେଇଛି। ସେପଟେ ମୋତେ ଏ ନେଇ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଟାଇଗର ପ୍ରତିଶ୍ରୁତି ଦେଇଛନ୍ତି। ଆଶା ରଖିଛି ଏହି ଆଶା ମୋର ନିଶ୍ଚୟ ପୂରଣ ହେବ।' ତେବେ ଏ କ୍ଷେତ୍ରରେ ଦିଶା କି କମାଲ ଦେଖାଉଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

## ଅତୀତରୁ

➡'ମମତାର ଫୁଲ ମା ନାହିଁ ତୋର' ହେଉ ଅବା 'ଦିନରେ ବସନ୍ତ ଆମେ, ଆମେ ରାତିରେ ବାସନ୍ତୀ' –ଏହି ଗୀତ ଦୁଇଟି ଏବେ ମଧ ଅନେକ ସିନେପ୍ରେମୀଙ୍କ ମନରେ ବେଶ୍ ସତେଜ ହୋଇ ରହିଛି। ଭୁବନ–ହରିଙ୍କ ସ୍ୱର ସଂଯୋଜନାରେ ଏଭଳି ଗୀତ ଦୃଶ୍ୟାୟିତ ହୋଇଥିଲା ସେ ସମୟର ସୁପରହିଟ୍ ଫିଲ୍ମ 'ମା ଓ ମମତା'ରେ। ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ଏହି ଚିତ୍ରରେ ଦେଖିବାକୁ ମିଳିଥିଲା ଅନ୍ୟତମ ଲୋକପ୍ରିୟ ଯୋଡି ପ୍ରଶାନ୍ତ ନନ୍ଦ–ମହାଶ୍ୱେତା ରାୟଙ୍କୁ। ଏହି ଚଳଚ୍ଚିତ୍ରରେ ଅନୀତା ଦାସ ଏବଂ ସାମୁଏଲ ସାହୁ (ବାବି) ମଧ ଅଭିନୟ କରିଥିଲେ।

➡ଛାୟାବାଣୀ ପ୍ରତିଷ୍ଠାନ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଅକ୍ଷିତୃତୀୟା'। ବାବୁଲାଲ ଜୋଷୀଙ୍କ ପ୍ରଯୋଜିତ ଚିତ୍ରରେ ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ। ଶରତ ପୂଜାରୀ ନାୟକ ସାଜିଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଥିଲେ ଅନୀତା ଦାସ। ଉତ୍ତମ ମହାନ୍ତି ଏବଂ ଦୀପା ସାହୁ ମଧ ଏହି ଫିଲ୍ମରେ ଅଭିନୟ କରିଥିଲେ। ଗୀତଗୁଡିକୁ ସ୍ୱର ଦେଇଥିଲେ ରାଖାଲ ମହାନ୍ତି।

# ଲଗାତର ଦୁଇ ଘଣ୍ଟା ବର୍ଷାରେ ଭିଜିବାକୁ ପଡିଥିଲା

**ଓଡ଼ିଆ ସିନେମା 'ଯୋଗୀ'ରୁ ନାୟିକା ଭାବରେ କ୍ୟାରିୟର ଆରମ୍ଭ କରିଥିବା ନିକିତା ଏହାର ଶୁଟିଂ ସମୟର ଏକ ଅଭୁଲା ଅନୁଭୂତିକୁ ମନେ ପକାଇ ଯାହା କହନ୍ତି...**

'ଯୋଗୀ' ଫିଲ୍ମର ଏକ ଡୁଏଟ୍ 'ଧୂଆଁ ଧୂଆଁ'ର ଶୁଟିଂ ଭୁବନେଶ୍ୱରସ୍ଥ ଜୟଦେବ ବାଟିକାରେ ଚାଲିଥାଏ। ବର୍ଷାରେ ଭିଜି ଶଟ୍ ଦେବାକୁ ପଡିବ–ଏ ନେଇ ମୋତେ ଏବଂ ମେଲ୍ ଲିଡ୍‌ରେ ଅଭିନୟ କରୁଥିବା ଆରୟନଙ୍କୁ ପୂର୍ବରୁ ବିଶଦ ଭାବରେ ବୁଝାଇ ଦେଇଥାଆନ୍ତି କୋରିଓଗ୍ରାଫର ସୁଧାକର ବସନ୍ତ। ନଭେମ୍ବର ମାସ। ପ୍ରବଳ ଶୀତ ପଡିଥାଏ। ରାତି ୯ଟା ବେଳକୁ ଶୁଟିଂ ଆରମ୍ଭ ହେଲା। ପାଖାପାଖି ଦୁଇ ଘଣ୍ଟା ଶଟ୍ ନିଆଯାଇଥିଲା। କୃତ୍ରିମ ବର୍ଷା କରିବା ପାଇଁ ଦୁଇଟି ଫୁଲ୍ ପାଣି ଟ୍ୟାଙ୍କରରୁ ପାଣି ବର୍ଷା ହେଉଥାଏ। ଶୁଟିଂ ଅଧାରେ ମୋତେ ଏତେ ଶୀତ ଲାଗିଲା ଭାବିଲି ଆଉ ଶଟ୍ ଦେଇପାରିବି ନାହିଁ। ଯାହାହେଉ ସାହସର ସହ ଶୁଟିଂ ଶେଷ କଲି। ହେଲେ ତା' ପରଦିନ ଯାଏ କୁଆଡେ। ବର୍ଷାରେ ଓଦା ହୋଇଥିବାରୁ ମୋତେ ସକାଳୁ ପ୍ରବଳ ଜ୍ୱର ହୋଇଗଲା। ପାଖାପାଖି ଦୁଇଦିନ ରେଷ୍ଟ ନେବା ପରେ ପୁଣି ଥରେ ଶୁଟିଂ ପାଇଁ ବାହାରିଥିଲି। ସୂଚନାଯୋଗ୍ୟ, ଶ୍ରୀଧର ମାର୍ଥାଙ୍କ ପ୍ରଯୋଜିତ ଏବଂ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଦୀପକ କୁମାର। ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ହର ରଥ।


ଆରିଏନ–ନିକିତା


ଦୀପିକା

# ଟାଇଟଲ ପାଇଁ ଟେନସନ

ଦୀପିକା ପାଦୁକୋନଙ୍କ ଟେନସନ ଟିକେ ବଢ଼ିଯାଇଛି। କାରଣ ସେ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। କଥା କ'ଣ କି ସେ ନିକଟରେ ସାଇନ୍ କରିଥିବା ହିନ୍ଦୀ ସିନେମାର ଟାଇଟଲ କ'ଣ ରହିବା ତାହା ଫାଇନାଲ ହୋଇପାରୁନାହିଁ। ଠିକ୍ ଏହି ସମୟରେ ଦୀପିକା ଭଲ ତଥା ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ଟାଇଟଲ ଖୋଜିଦେବେ ବୋଲି ନିର୍ଦ୍ଦେଶକ ସକୁନ୍ ବାତ୍ରାଙ୍କୁ କତା ଦେଇଛନ୍ତି। ବାସ୍, ଏବେ ସେହି କାହାଣୀକୁ ତନ୍ନ ତନ୍ନ କରି ପଢ଼ିବା ସହ ଟାଇଟଲ ସନ୍ଧାନରେ ଅଛନ୍ତି। 'ଏବେ ତ କରୋନା ପାଇଁ ଏହାର ଶୁଟିଂ ଆରମ୍ଭ ହୋଇପାରି ନାହିଁ। ତେଣୁ ମୋ ପାଖରେ ଏବେ ଟାଇଟଲ ଖୋଜିବାକୁ ଯଥେଷ୍ଟ ସମୟ ଅଛି। ଆଶା ରଖିଛି ୮–୧୦ଦିନ ମଧରେ ଏହି ଟେନସନ ଦୂର ହୋଇଯିବ ବୋଲି କହିଛନ୍ତି ଦୀପିକା। ସକୁନ୍‌ଙ୍କ ଏହି ଫିଲ୍ମରେ ଦୀପିକାଙ୍କ ବ୍ୟତୀତ ସିଦ୍ଧାର୍ଥ ଚତୁର୍ବେଦୀ ଏବଂ ଅନନ୍ୟା ପାଣ୍ଡେ ମଧ ଅଭିନୟ କରିବେ। ଏହାର ଶୁଟିଂ ଚଳିତ ମାସ ପ୍ରଥମ ସପ୍ତାହରୁ ଶ୍ରୀଲଙ୍କାରେ ଆରମ୍ଭ ହେବାର ଥିଲା। କିନ୍ତୁ କରୋନା ପାଇଁ ଏହା ସ୍ଥଗିତ ରହିଛି ଏବଂ ଏହି ମହାମାରୀ ଅପସରି ଯିବା ପରେ ପରେ ଶୁଟିଂ ଆରମ୍ଭ ହେବ ବୋଲି ବାତ୍ରା ସୂଚନା ଦେଇଛନ୍ତି। ଅପରପକ୍ଷରେ ଆସନ୍ତାବର୍ଷ ଫେବୃୟାରୀ ୧୨ରେ ଫିଲ୍ମଟି ରିଲିଜ ହେବାର ଯୋଜନା ରହିଛି।

# ଭୁଲି ପାରୁନାହାନ୍ତି ପ୍ରିୟଙ୍କା



ହିନ୍ଦୀ ସିନେମାଠାରୁ ଦୂରେଇ ଯିବା ୟା ଭିତରେ ନିଶ୍ଚୟ କିଛି ବର୍ଷ ହୋଇଗଲାଣି। ହେଲେ ସେ ନିଜକୁ ବଲିଉଡ୍‌ର ମାୟାକୁ ନିଜକୁ ମୁକୁଳାଇ ପାରୁନାହାନ୍ତି। ଯଦି ଆଗକୁ ସୁଯୋଗ ମିଳେ ତେବେ ତାହାକୁ କଦାପି ହାତଛଡା କରିବେ ନାହିଁ ବୋଲି ସେ କହି ବୁଲୁଛନ୍ତି। ସେ ହେଲେ ପ୍ରିୟଙ୍କା ଚୋପ୍ରା। ବିଦେଶୀ ପ୍ରେମିକ ତଥା ହଲିଉଡ୍ ଗାୟକ ନିକ୍ ଜୋନ୍‌ସଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ସେ ହଲିଉଡ୍ ମୁହାଁ ହୋଇଛନ୍ତି। ଏ ସମ୍ପର୍କରେ ପ୍ରିୟଙ୍କା କହନ୍ତି, 'ମୁଁ ହଲିଉଡ୍‌ରେ ଅଭିନୟ କରୁଛି–ଏକଥା ସତ, ହେଲେ ବଲିଉଡ୍ ମୋ ହୃଦୟର ଏକ ସ୍ୱତନ୍ତ୍ର ସ୍ଥାନରେ ରହିଛି। ହିନ୍ଦୀ ସିନେମାର ମୋ ପ୍ରଶଂସକ ମୋତେ ଯେଉଁ ଭଲ ପାଇବା ଦେଇଛନ୍ତି ସେଥିପାଇଁ ସେମାନଙ୍କ ନିକଟରେ ମୁଁ ଚିର ଋଣୀ। ଅବଶ୍ୟ ୟା ଭିତରେ ମୋତେ କେତୋଟି ବଲିଉଡ୍ ଅଫର ମିଳିଥିଲା। ହେଲେ କେତେକ ବ୍ୟକ୍ତିଗତ କାରଣରୁ ମୁଁ ସେଗୁଡିକୁ ହାତଛଡା କରିଥିଲି। ହେଲେ ଏଣିକି ଯଦି ମୋତେ ଅଫର ମିଳେ ତେବେ ସେ ନେଇ ଗଭୀର ଭାବରେ ଚିନ୍ତା କରିବି।' ବଲିଉଡ୍‌ରେ ନିଜର ଆଉ ଏକ ଇନିଂସ ଆରମ୍ଭ କରିବାକୁ ପ୍ରିୟଙ୍କା ସିନା ଗୋଡଟେକି ବସିଛନ୍ତି, ହେଲେ ଏହି ସୁଯୋଗ ତାଙ୍କୁ କେବେ ମିଳୁଛି ତାହା ଦେଖିବାକୁ ବାକି ରହିଲା।


ରାନୀ

# ଆଶାରେ ରାନୀ

ପ୍ରଥମେ ଆଲବମ୍ ଆଉ ଏବେ ଓଡ଼ିଆ ଚଳଚ୍ଚିତ୍ର। ବଡ଼ ପରଦାରେ ଏକ ଲମ୍ବା ଇନିଂସ ଖେଳିବାକୁ ଆଶା ରଖିଛନ୍ତି ଏହି ନବାଗତା। ଏ ପର୍ଯ୍ୟନ୍ତ ତିନୋଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଲେଣି ଏବଂ ଆଉ ଦୁଇଟି ଚିତ୍ରରେ କାମ କରିବା ପାଇଁ ଅଫର ରହିଛି। ସେ ହେଲେ ରାନୀ ପ୍ରିୟଦର୍ଶିନୀ ସାହୁ। ନିଜର କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ପ୍ରଯୋଜକ ନାରାୟଣ ଘଡ଼େଇ ମୋତେ ପ୍ରଥମେ 'ଜ୍ୟୋତ୍ସ୍ନା ଭିଜା ରାତି'ର ନାୟିକା ହେବାର ସୁଯୋଗ ଦେଇଥିଲେ। ଏଭଳି ସୁଯୋଗ ପାଇବା ପରେ ନାୟିକା ହେବାର ଆଶା ମୋର ଦ୍ୱିଗୁଣିତ ହୋଇଯାଇଥିଲା। ତା'ପରେ ରିଲିଜ ହୋଇସାରିଥିବା 'କଟି ପତଙ୍ଗ' ରେ ମୋ ଭୂମିକା ମୋତେ ଆହୁରି ପ୍ରେରଣାଦାୟକ ହୋଇଥିଲା। ଆଲବମ୍‌ରେ ଅଭିନୟ କରିବା ସମୟରେ ମୋତେ ଆଲବମ୍ କୁଇନ୍ ବୋଲି ସମ୍ବୋଧନ କରୁଥିଲେ। ଓଡ଼ିଆ ସିନେମାରେ ମୋତେ ଯେଉଁଭଳି ଭୂମିକା ମିଳିଲେ ତାହାକୁ ତୁଲାଇବାର ଦକ୍ଷତା ରହିଛି। ତେବେ ନାୟିକା ଭାବରେ ରାନୀ ଆଗକୁ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



# ଷ୍ଟୋକ୍ସ ୱିଜ୍‌ଡେନର ଶ୍ରେଷ୍ଠ ଖେଳାଳି

କ୍ରିକେଟର ବାଇବେଲ ଭାବେ ପରିଚିତ ୱିଜ୍‌ଡେନର ବୁଧବାର ପ୍ରକାଶିତ କ୍ରିକେଟର୍ସ ଅଲ୍‌ମାନାକ ୨୦୨୦ ସଂସ୍କରଣରେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କୁ ଲିଡିଂ କ୍ରିକେଟର ଇନ୍ ଦି ୱାର୍ଲ୍ଡ ବିବେଚିତ କରାଯାଇଛି। ୨୦୧୯ରେ ଇଂଲଣ୍ଡକୁ ପ୍ରଥମଥରପାଇଁ ଆଇସିସି ବିଶ୍ୱକପ ଚାମ୍ପିୟନ କରାଇବାରେ ଷ୍ଟୋକ୍ସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହା ବ୍ୟତୀତ ଆଶେସ ସିରିଜର ହେଡିଂଲେଠାରେ ଅନୁଷ୍ଠିତ ଟେଷ୍ଟରେ ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳି ସେ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡକୁ ବିଜୟୀ କରାଇଥିଲେ। ପ୍ରକାଶଯୋଗ୍ୟ ଯେ ଗତ ୩ ବର୍ଷ ଧରି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଏହି ସମ୍ମାନ ପାଇ ଆସୁଥିଲେ। ୨୦୦୫ରେ ଆଣ୍ଡ୍ର୍ୟୁ ଫ୍ଲିଣ୍ଟଫଙ୍କ ପରେ ପ୍ରଥମ ଇଂଲଣ୍ଡ ଖେଳାଳିଭାବେ ଷ୍ଟୋକ୍ସ ଏହି ସମ୍ମାନ ପାଇଛନ୍ତି। "ଷ୍ଟୋକ୍ସ କିଛି ସପ୍ତାହ ବ୍ୟବଧାନରେ ଦୁଇଥର ଜୀବନର ଶ୍ରେଷ୍ଠ ଇନିଂସ ଖେଳିଥିଲେ। ପ୍ରଥମେ ଅପରିସୀମ ଟ୍ୟାଲେଣ୍ଟର ସମ୍ମିଶ୍ରଣ ଓ ଭାଗ୍ୟର ସହାୟତାରେ ବିଶ୍ୱକପ ଫାଇନାଲରେ ରନଚେଜ୍ କ୍ଷେତ୍ରରେ ସେ ଇଂଲଣ୍ଡକୁ ଉଦ୍ଧାର କରିଥିଲେ। ସୁପର ଓଭରରେ ତାଙ୍କ ପ୍ରଦର୍ଶନ ମଧ୍ୟ ଚମତ୍କାର ଥିଲା। ଦ୍ୱିତୀୟତଃ ହେଡିଂଲେରେ ଅନୁଷ୍ଠିତ ତୃତୀୟ ଆଶେସ ଟେଷ୍ଟରେ ସେ ଅନ୍ୟତମ ଦର୍ଶନୀୟ ଇନିଂସ ଖେଳି ୧୩୫ ରନରେ ଅପରାଜିତ ରହି ଇଂଲଣ୍ଡକୁ ୧ ଉଇକେଟରେ ରୋମାଞ୍ଚକ ବିଜୟ ଦେଇଥିଲେ" ବୋଲି ୱିଜ୍‌ଡେନର ସମ୍ପାଦକ ଲରେନ୍ସ ବୁଥ୍ ପ୍ରକାଶ କରିଛନ୍ତି। ବିଶ୍ୱକପରେ ଯେତେବେଳେ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆଠାରୁ ହାରି ଇଂଲଣ୍ଡ ସଂଘର୍ଷ କରୁଥିଲା ସେ ଦୃଢ଼ତା ଦେଖାଇଥିଲେ। ଆସନ୍ତା କିଛି ବର୍ଷ ପାଇଁ ମଧ୍ୟ ଷ୍ଟୋକ୍ସ ବିଶ୍ୱ କ୍ରିକେଟରେ ଚର୍ଚ୍ଚିତ ରହିବେ ବୋଲି ସେ କହିଛନ୍ତି। ଅଷ୍ଟ୍ରେଲିଆର ଏଲିସେ ପେରୀ ବିଶ୍ୱର ଅଗ୍ରଣୀ ମହିଳା କ୍ରିକେଟ ଖେଳାଳି ବିବେଚିତ ହୋଇଛନ୍ତି। ପୂର୍ବରୁ ୨୦୧୬ରେ ମଧ୍ୟ ସେ ଏହି ପୁରସ୍କାର ଦୌଡ଼ରେ ରହିଥିଲେ। ଏହା ବ୍ୟତୀତ ୧୮୮୯ରୁ ପ୍ରଚଳିତ ହୋଇ ଆସୁଥିବା ଏହି ସର୍ବପୁରାତନ ପୁରସ୍କାର ପାଇବାରେ ସେ ୫ କ୍ରିକେଟରଙ୍କ ମଧ୍ୟରୁ ଅନ୍ୟତମ ବିବେଚିତ ହୋଇଛନ୍ତି। ବିଶ୍ୱର ୭ମ ମହିଳା ଏବଂ ପ୍ରଥମ ଇଂଲଣ୍ଡ ବାହାର କ୍ରିକେଟରଭାବେ ପେରୀ ଏହି ସମ୍ମାନ ପାଇଛନ୍ତି। ୱେଷ୍ଟଇଣ୍ଡିଜର ଆନ୍ଦ୍ରେ ରସେଲଙ୍କୁ ଅଗ୍ରଣୀ ଟି୨୦ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। "ପେରୀ ମହିଳା ଆଶେସରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ତାଙ୍କ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା। ସେ ଉଭୟ ବ୍ୟାଟ୍ ଓ ବଲ୍‌ରେ କମାଲ ଦେଖାଇଛନ୍ତି। କାଣ୍ଟରବରିରେ ଅନୁଷ୍ଠିତ ଏକଦିବସୀୟରେ ସେ ୨୨ ରନ ବିନିମୟରେ ୭ ଉଇକେଟ ନେଇଥିଲେ। ଟନ୍‌ଟନ୍‌ଠାରେ ଅନୁଷ୍ଠିତ ଏକମାତ୍ର ଟେଷ୍ଟରେ ସେ ଦୁଇ ଇନିଂସରେ ଯଥାକ୍ରମେ ୧୧୬ ଓ ୭୬* ରନ ସ୍କୋର କରିଥିଲେ।

ଗତ ବିଶ୍ୱକପର ଫାଇନାଲରେ ନ୍ୟୁଜିଲାଣ୍ଡର ମାର୍ଟିନ ଗୁପଟିଲଙ୍କୁ ରନଆଉଟ କରିଥିଲେ ଜୋସ୍ ବଟଲର। ଏହା ମ୍ୟାଚରେ ନିର୍ଣ୍ଣାୟକ ଭୂମିକା ନେଇଥିଲା। ବଟଲର ଷ୍ଟମ୍ପର ବେଲ୍ କାଢୁଥିବା ଦୃଶ୍ୟ ଅଲ୍‌ମାନାକ୍‌ର କଭର ପୃଷ୍ଠା ମଣ୍ଡନ କରିଛି। ଏହି ଓଭର ବୋଲିଂ କରିଥିବା ଜୋଫ୍ରା ଆର୍ଚର ୱିଜ୍‌ଡେନର ୫ କ୍ରିକେଟରଙ୍କ ମଧ୍ୟରୁ ଅନ୍ୟତମ ବିବେଚିତ ହୋଇଛନ୍ତି। ଗତବର୍ଷ ଅନ୍ତର୍ଜାତୀୟ ପଦାର୍ପଣରେ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ଆଶେସ ସିରିଜରେ ସେ ଚମତ୍କାର ପ୍ରଦର୍ଶନ କରିବା ସହ ମୋଟ ୨୨ଟି ଉଇକେଟ ନେଇଥିଲେ। ୱିଜଡେନର ୫ କ୍ରିକେଟରଙ୍କ ମଧ୍ୟରେ ରହିଛନ୍ତି ଅଷ୍ଟ୍ରେଲିଆର ଆଉ ୨ ତାରକା ପ୍ୟାଟ୍ କୁମିନ୍ସ ଓ ମାର୍ନସ ଲାବୁସେନ। ଏସେକ୍ସର ଦକ୍ଷିଣ ଆଫ୍ରିକୀୟ ଅଫସ୍ପିନର ଏବଂ ଦିନିକିଆ ଅଧିନାୟକ ସିମନ ହାର୍ମର ମଧ୍ୟ ଏଥିରେ ରହିଛନ୍ତି। କାଉଣ୍ଟି ଚାମ୍ପିୟନଶିପ୍ ଏବଂ ଟି୨୦ ବ୍ଲାଷ୍ଟରେ ହାର୍ମରଙ୍କ ପ୍ରଦର୍ଶନ ଅତୁଳନୀୟ ରହିଥିଲା। ୮୦ ପୃଷ୍ଠା ବିଶିଷ୍ଟ ୱିଜ୍‌ଡେନର ସ୍ୱତନ୍ତ୍ର ସେକ୍ସନରେ ଇଂଲଣ୍ଡର ବିଶ୍ୱକପ ବିଜୟକୁ ସ୍ଥାନିତ କରାଯାଇଛି। ସୁପର ଓଭରରେ ନ୍ୟୁଜିଲାଣ୍ଡ ପରାଜିତ ହୋଇଥିଲେ ହେଁ ଏହାକୁ ସମ୍ମାନ ଦିଆଯାଇଛି।

## ସାଇ ପ୍ରଣିଥ ଦେଲେ ୪ଲକ୍ଷ

**ନୂଆଦିଲ୍ଲୀ, ୮।୪ (ପି.ଟି.):** କୋଭିଡ୍-୧୯ ମହାମାରୀ ବିରୋଧରେ ଲଢ଼େଇ ପାଇଁ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ବି. ସାଇ ପ୍ରଣିଥ୍ ବୁଧବାର ୪ ଲକ୍ଷ ଟଙ୍କା ଦାନ କରିଛନ୍ତି। କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇ ସମଗ୍ର ବିଶ୍ୱରେ ୮୦,୦୦୦ରୁ ଅଧିକ ମୃତ୍ୟୁ ବରଣ କରିସାରିଲେଣି। ବର୍ତ୍ତମାନ ସ୍ଥଗିତ ରଖାଯାଇଥିବା ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିସାରିଥିବା ପ୍ରଣିଥ୍ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩ ଲକ୍ଷ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ରିଲଫ୍ ପାଣ୍ଠିକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ପୂର୍ବରୁ ଅନ୍ୟ ଯେଉଁ କେତେଜଣ ବ୍ୟାଡ୍‌ମିଣ୍ଟନ ଖେଳାଳି ଏହି ମହାମାରୀ ବିରୋଧରେ ଲଢ଼େଇ ପାଇଁ ଅର୍ଥଦାନ କରିଛନ୍ତି, ସେମାନେ ହେଲେ ଅଲିମ୍ପିକ ରୌପ୍ୟ ବିଜୟିନୀ ପି.ଭି. ସିନ୍ଧୁ, ଲଣ୍ଡନ ଗେମ୍ସ କ୍ୱାର୍ଟରଫାଇନାଲିଷ୍ଟ ପାରୁପାଲ୍ଲୀ କାଶ୍ୟପ ଏବଂ ଜାତୀୟ ମୁଖ୍ୟକୋଚ୍ ପୁଲେଲା ଗୋପୀଚାନ୍ଦ।

## ବଟଲରଙ୍କ ଶାର୍ଟ ନିଲାମରୁ ୮୦ ହଜାର ଡଲାର

**ଲଣ୍ଡନ,୮।୪(ପି.ଟି.):** କରୋନା ଭାଇରସ୍ ଲଢେଇ ପାଇଁ ଇଂଲଣ୍ଡ ଉଇକେଟକିପର ଜୋସ୍ ବଟଲରଙ୍କ ବିଶ୍ୱକପ୍ ଫାଇନାଲ ଶାର୍ଟ ନିଲାମ ହୋଇଛି। ଏହି ନିଲାମରୁ ୬୫,୦୦୦ ପାଉଣ୍ଡ ବା ୮୦,୦୦୦ ଡଲାର ଆମେରିକୀୟ ଡଲାର ସଂଗ୍ରହ କରାଯାଇଛି। ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ର ଅନ୍ତିମ ବଲ୍‌ରେ ରନ୍ ଆଉଟ ହୋଇଥିଲେ ବଟଲର। ଗତବର୍ଷ ଐତିହାସିକ ଲର୍ଡ୍ସଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଫାଇନାଲ



ମୁକାବିଲାରେ ନ୍ୟୁଜିଲାଣ୍ଡକୁ ଫାଇନାଲରେ ହରାଇ ଇଂଲଣ୍ଡ ପ୍ରଥମଥର ପାଇଁ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ଲଣ୍ଡନ୍ ସ୍ଥିତ ରୟାଲ ବ୍ରୋମ୍ପଟନ ଓ ହାରେଫିଲ୍ଡ ହସ୍ପିଟାଲର ହାର୍ଟ ଆଣ୍ଡ ଲଙ୍ଗ୍ସ ସେଣ୍ଟର ପାଇଁ ଏହି ଅର୍ଥ ନିଲାମ ଦ୍ୱାରା ସଂଗ୍ରହ କରାଯାଇଛି। ବଟଲର ଏହି ଫାଇନାଲ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ ଓ ସୁପର ଓଭରରେ ବ୍ୟାଟିଂ କରିଥିଲେ। ମଙ୍ଗଳବାର ନିଲାମର ସମୟ ଶେଷ ହୋଇଥିଲା। ଏହି ଶାର୍ଟ ୮୨ଟି ବିଡ୍ ହାସଲ କରିଥିଲା। ଶେଷରେ ବିଜୋ ୬୫,୧୦୦୦ ପାଉଣ୍ଡ ପ୍ରଦାନ କରିଥିଲେ। ବିଶ୍ୱକପ୍ ଫାଇନାଲରେ ପିନ୍ଧିଥିବା ଏହି ଶାର୍ଟ ମୋ ପାଇଁ ବିଶେଷ ମହତ୍ତ୍ୱ ରଖୁଛି। ତେବେ ବିଶେଷ କାରଣ ପାଇଁ ଏହାକୁ ନିଲାମ କରିବାକୁ ହେଲା ଓ ଆମର ଲକ୍ଷ୍ୟ ସାଧନ ହେଲା ବୋଲି ବଟଲର କହିଛନ୍ତି।

## ହକି ଇଣ୍ଡିଆ ଦାନ କଲା ୨୧ ଲକ୍ଷ

**ନୂଆଦିଲ୍ଲୀ,୮।୪ (ପି.ଟି.):** କୋଭିଡ୍-୧୯ ମହାମାରୀ ମୁକାବିଲା ପାଇଁ ହକି ଇଣ୍ଡିଆ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨୧ ଲକ୍ଷ ଟଙ୍କା ପ୍ରଦାନ କରିଛି। ଏ ନେଇ ବୁଧବାର ହକି ଇଣ୍ଡିଆ ସୂଚନା ଦେଇଛି। ଓଡ଼ିଶାରେ କରୋନା ଭାଇରସ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ କାର୍ଯ୍ୟକାରୀ ବୋର୍ଡ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନେଇଛି। କରୋନା ଭାଇରସ ସଂକ୍ରମଣରେ ଏପର୍ଯ୍ୟନ୍ତ ଭାରତରେ ୧୫୦ ଓ ସାରା ବିଶ୍ୱରେ ୮୦,୦୦୦ ଲୋକ ପ୍ରାଣ ହରାଇଲେଣି। ଏହି ୨୧ ଲକ୍ଷ ଟଙ୍କାର ସହାୟତା କରୋନା ଭାଇରସ ଲଢେଇରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ମହମ୍ମଦ ମୁସ୍ତାକ ଅହମ୍ମଦ କହିଛନ୍ତି। କରୋନା ଭାଇରସ ସଂକ୍ରମଣକୁ ରୋକିବା ପାଇଁ ଓଡ଼ିଶା ସରକାର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛି। ହକି ଇଣ୍ଡିଆ ଏହି ଲଢେଇରେ ସାମାନ୍ୟ ସହାୟତା ପ୍ରଦାନ କରିଛି। ଓଡ଼ିଶାର ଜନସାଧାରଣ ଭାରତୀୟ ହକିକୁ ସବୁବେଳେ ସମର୍ଥନ କରିଆସିଛି। ହକିର ଉନ୍ନତିରେ ଓଡ଼ିଶାର ଭୂମିକା ମଧ୍ୟ ବହୁତ ରହିଛି ବୋଲି ଅହମ୍ମଦ କହିଛନ୍ତି। ହକି ଇଣ୍ଡିଆ ସାଧାରଣ ସମ୍ପାଦକ ମଧ୍ୟ ସମାନ ମତ ପୋଷଣ କରିଛନ୍ତି। ଉଲ୍ଲେଖଥାଉ କି, ହକି ଇଣ୍ଡିଆ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ୧ କୋଟି ଟଙ୍କା ପ୍ରଦାନ କରିଥିଲା।

## ପାଣ୍ଠି ସଂଗ୍ରହ କଲେ ଚେସ୍ ଖେଳାଳି

**ମୁମ୍ବାଇ/ଚେନ୍ନାଇ:** କୋଭିଡ୍-୧୯ ଲଢ଼େଇ ପାଇଁ ଦେଶର ଚେସ୍ ଖେଳାଳିମାନେ ଏକାଠି ହୋଇ ଆଗକୁ ବାହାରିଛନ୍ତି। ଚେସ୍ ଖେଳାଳିମାନେ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପରିମାଣର ପାଣ୍ଠି ସଂଗ୍ରହ କରିଛନ୍ତି। ଏହି ଚେସ୍ ଖେଳାଳିମାନଙ୍କ ମଧ୍ୟରେ ସାମିଲ ହୋଇଛନ୍ତି ଗ୍ରାଣ୍ଡମାଷ୍ଟର ପି. ହରିକ୍ରିଷ୍ଣା। ଦେଶର କେତେଜଣ ଯୁବ ଚେସ୍ ଖେଳାଳି ଏକ ଅନ୍‌ଲାଇନ୍ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ ଓ ଏଥିରୁ ୧.୦୫ ଲକ୍ଷ ଟଙ୍କା ସଂଗ୍ରହ କରିଥିଲେ। ସେହିପରି ଜଣାଶୁଣା କୋଚ୍ ଆର.ବି. ରମେଶ ତାଙ୍କୁ 'ଚେସ୍ ଗୁରୁକୁଳ' ମାଧ୍ୟମରେ କିଛି ଅର୍ଥ ସଂଗ୍ରହ କରିଥିଲେ।

# କ୍ୱାଲିଫାଏଡ୍ ଆଥଲେଟ ସ୍ଥାନ ବଜାୟ ରଖିବେ



**ଲାଉସାନେ,୮।୪(ଏପି):** ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଆଥଲେଟ ସେମାନଙ୍କ ସ୍ଥାନ ବଜାୟ ରଖିବେ। କୋଭିଡ୍-୧୯ ସଂକ୍ରମଣ କାରଣରୁ ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଛି। ତେବେ ୨୦୨୧ରେ ଯେତେବେଳେ ଅଲିମ୍ପିକ୍ସ ନୂଆ ତାରିଖରେ ଆୟୋଜନ ହେବ ସେତେବେଳେ ଏହି ଆଥଲେଟମାନେ ସେମାନଙ୍କ ସ୍ଥାନ ବଜାୟ ରଖିବା ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇପାରିବେ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ତରଫରୁ କୁହାଯାଇଛି। ନୂଆ କାର୍ଯ୍ୟସୂଚୀ ଅନୁଯାୟୀ ଅଲିମ୍ପିକ୍ସ ଆସନ୍ତାବର୍ଷ ଜୁଲାଇ ୨୩ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୮ ତାରିଖରେ ଶେଷ ହେବ। ଏପର୍ଯ୍ୟନ୍ତ ୬, ୫୦୦ ଆଥଲେଟ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିସାରିଛନ୍ତି।

ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ଆଇଓସି ପୁନଃ ଲିଖିତ ରୋଡମ୍ୟାପ୍ ଜାରି କରିଛି। ୨୦୨୧ ଜୁନ୍ ୨୯କୁ ଯୋଗ୍ୟତା ହାସଲ କରିବାର ନୂଆ ଡେଡ୍‌ଲାଇନ୍ ଘୋଷଣା କରାଯାଇଛି। ଇଣ୍ଡିଭିଜୁଆଲ ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଫେଡେରେଶନଗୁଡ଼ିକ ଯୋଗ୍ୟତା ହାସଲ ନେଇ ପୂର୍ବପରି ସେମାନଙ୍କ କାର୍ଯ୍ୟ ଜାରି ରଖିବେ ବୋଲି କୁହାଯାଇଛି। ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରି ଯୋଗ୍ୟତା ହାସଲ କରିବାକୁ ବିଭିନ୍ନ ସ୍ପୋର୍ଟ୍ସ ଫେଡେରେଶନ ଏକାଧିକ ଆଥଲେଟଙ୍କୁ ସୁଯୋଗ ଦେଇଛି। ୨୦୨୦ ଡେଡ୍‌ଲାଇନ୍ ଅନୁସାରେ ଯୋଗ୍ୟତା ହାସଲ କରିବାର ନିକଟର ହୋଇଥିବା ଆଥଲେଟଙ୍କୁ ସୁଯୋଗ ଦେବାକୁ ଫେଡେରେଶନମାନଙ୍କୁ ଆଇଓସି ନିର୍ଦ୍ଦେଶ ଦେଇଛି। ତେବେ ଏଥିପାଇଁ ଆଥଲେଟଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ମଧ୍ୟ ଗୁରୁତ୍ୱ ଦେବା ଏହି ପ୍ରକ୍ରିୟାରେ ସନ୍ତୁଳନ ରକ୍ଷା କରିବାକୁ ଆଇଓସି କହିଛି। ଅଲିମ୍ପିକ୍ସରେ ଶ୍ରେଷ୍ଠ ଆଥଲେଟମାନଙ୍କୁ ସୁଯୋଗ ଦେବା ଉପରେ ଆଇଓସି ଗୁରୁତ୍ୱ ଦେଇଛି।

ତେବେ ଯେଉଁମାନେ ଯୋଗ୍ୟତା ହାସଲ କରିସାରିଛନ୍ତି ସେମାନେ ସ୍ଥାନ ବଜାୟ ରଖିବେ ବୋଲି ଆଇଓସି ଗତ ସପ୍ତାହରେ ସ୍ପଷ୍ଟ କରିଥିଲା। ଏ ସଂକ୍ରାନ୍ତରେ କେତୋଟି ନିୟମରେ ପରିବର୍ତ୍ତନ ହୋଇଥିଲା। ଉଦାହରଣ ସ୍ୱରୂପ ବକ୍ସିଂରେ ସର୍ବୋଚ୍ଚ ବୟସସୀମା ୪୦ ଥିବା ବେଳେ ଏହାକୁ କୋହଳ କରାଯିବ ବୋଲି ସ୍ପଷ୍ଟ କରାଯାଇଥିଲା। ୨୦୨୦ରେ ବୟସ କମ୍ କାରଣରୁ ସୁଯୋଗ ପାଇ ନ ଥିବା ଜିମ୍ନାଷ୍ଟମାନେ ୨୦୨୧ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ପ୍ରୟାସ କରିପାରିବେ।

ବାକିଥିବା ଅଲିମ୍ପିକ୍ କ୍ୱାଲିଫାଇଂ ଇଭେଣ୍ଟ ପାଇଁ ଆଥଲେଟଙ୍କ ସ୍ୱାସ୍ଥ୍ୟକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଆଇଓସି ସ୍ପଷ୍ଟ କରିଛି। କୋଭିଡ-୧୯ ସଂକ୍ରମଣ ରୋକା ନ ଯିବ ପର୍ଯ୍ୟନ୍ତ କୌଣସି କାର୍ଯ୍ୟସୂଚୀ ନିର୍ଦ୍ଧାରଣ ନ କରିବାକୁ କୁହାଯାଇଛି। ନଭେମ୍ବର ୩୦ ପର୍ଯ୍ୟନ୍ତ ସବୁ ପ୍ରକାର କ୍ୱାଲିଫାଇଂ ଇଭେଣ୍ଟକୁ ବାତିଲ କରିବା ନେଇ ୱାର୍ଲ୍ଡ ଆଥଲେଟିକ୍ସ ଘୋଷଣା ମଧ୍ୟ କରିଛି। କ୍ୱାଲିଫାଇଂ ପାଇଁ ଡିସେମ୍ବର ୧ରୁ ୨୦୨୧ ଜୁନ୍ ୨୯ ତାରିଖ ପର୍ଯ୍ୟନ୍ତ ୱିଣ୍ଡୋ ରଖାଯାଇଛି।

## ଭାରତୀୟ ଆଥଲେଟ୍‌ଙ୍କୁ ଝଟ୍‌କା

**ନୂଆଦିଲ୍ଲୀ,୮।୪ (ପି.ଟି.):** କୋଭିଡ-୧୯ ସଂକ୍ରମଣ କାରଣରୁ ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଛି। ଫଳରେ ଅଲିମ୍ପିକ୍ କ୍ୱାଲିଫିକେଶନ ପିରିୟଡକୁ ୮ ମାସ ଅର୍ଥାତ୍ ନଭେମ୍ବର ପର୍ଯ୍ୟନ୍ତ ସସ୍‌ପେଣ୍ଡ କରାଯାଇଛି। ତେବେ ଏହା ଭାରତୀୟ ଆଥାଲଟ୍‌ଙ୍କ ପାଇଁ ବଡ଼ ଝଟ୍‌କା ସଦୃଶ ହୋଇଛି। ଯେଉଁ ଭାରତୀୟ ଆଥଲେଟ୍‌ମାନେ ଟ୍ରାକ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି, ସେମାନେ ଅବଶ୍ୟ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଭାରତର ଡେପୁଟି ଚିଫ୍ ନ୍ୟାଶନାଲ କୋଚ୍ ରାଧାକ୍ରିଷ୍ଣନ ନାୟାର କହିଛନ୍ତି। ଚଳିତ ବର୍ଷ ଶେଷ ଆଡକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟସୂଚୀ ରହିଥିବାରୁ ଏପରି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ କୋଭିଡ-୧୯ ସଂକ୍ରମଣ ସ୍ଥିତି ଆହୁରି ଖରାପ ହୋଇଥିବାରୁ ଏହି ଇଭେଣ୍ଟ ଗୁଡ଼ିକର କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ସ୍ଥିର କରାଯାଇ ନାହିଁ। ସାରା ଭାରତରେ ଲକ୍‌ଡାଉନ ଜାରି ରହିଥିବା ବେଳେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ୱାର୍ଲ୍ଡ ଆଥଲେଟିକ୍ସ ମଙ୍ଗଳବାର ଟୋକିଓ ଅଲିମ୍ପିକ୍ସ କ୍ୱାଲିଫିକେଶନ ପିରିୟଡକୁ ଏପ୍ରିଲ ୬ରୁ ୨୦୨୦ ନଭେମ୍ବର ୩୦୯ ତାରିଖ ପର୍ଯ୍ୟନ୍ତ ସସ୍‌ପେଣ୍ଡ କରିଛି। କଣ୍ଟିନେଣ୍ଟାଲ ଆସୋସିଏଶନ, ଆଥଲେଟ୍ସ କମିଶନ ଓ କାଉନସିଲ ସହ ପରାମର୍ଶ କରି ୱାର୍ଲ୍ଡ ଆଥଲେଟିକ୍ସ ଏହି ନିଷ୍ପତ୍ତି ନେଇଥିଲା। ଏହି ସମୟରେ ଅନୁଷ୍ଠିତ ଯେ, କୌଣସି ପ୍ରତିଯୋଗିତାର ଫଳାଫଳକୁ ମାନ୍ୟତା ପ୍ରଦାନ କରାଯିବ ନାହିଁ। ୱାର୍ଲ୍ଡ ଆଥଲେଟିକ୍ସର ଏହି ନିଷ୍ପତ୍ତି ଭାରତୀୟ ଖେଳାଳିଙ୍କୁ ନିରାଶ କରିଛି ବୋଲି ସେ କହିଛନ୍ତି। ଖାସ୍ କରି ଶଟ୍‌ପୁଟର ତେଜିନ୍ଦର





ପାଲ ତୁର, ଜାଭେଲିନ ଥ୍ରୋୟର ଅନୁ ରାନୀ, ଲଙ୍ଗ ଜମ୍ପର ଏମ. ଶ୍ରୀଶଙ୍କର ଓ ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କ ପାଇଁ ଏହି ନିଷ୍ପତ୍ତି ସମସ୍ୟା ସୃଷ୍ଟି କରିଛି। ତାରକା ସ୍ପ୍ରିଣ୍ଟର ହିମା ଦାସ ମଧ୍ୟ ଏପର୍ଯ୍ୟନ୍ତ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିପାରି ନାହାନ୍ତି। ତେବେ ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ତାଙ୍କ ସାଥୀ ଖେଳାଳି ଶିବପାଲ ସିଂ, ୪x୪୦୦ ରିଲେ ଟିମ, ପୁରୁଷ ୨୦କି.ମି. ରେସ୍ ୱାକର କେ.ଟି. ଇର୍ଫାନ, ମହିଳା ୨୦ କି.ମି. ରେସ୍ ୱାକ ଭାବନା ଜାଟ ଓ ୩୦୦୦ ମି ଷ୍ଟିପଲଚେଜ୍‌ରେ ଅବିନାଶ ସାବ୍ଲେ ଅଲିମ୍ପିକ୍ସ ପାଇଁ କ୍ୱାଲିଫାଏ କରିସାରିଛନ୍ତି। ୨୦୧୯ରୁ କ୍ୱାଲିଫିକେଶନ୍ ପିରିୟଡ ଆରମ୍ଭ ହୋଇଥିଲା। ଯେଉଁମାନେ କ୍ୱାଲିଫାଏ କରିଛନ୍ତି ସେମାନେ ସେମାନଙ୍କ ଯୋଗ୍ୟତା ବଜାୟ ରଖିବେ।

କୋଭିଡ୍-୧୯ ଆତଙ୍କ ବଜାୟ ରହିଥିବାରୁ ୱାର୍ଲ୍ଡ ଆଥଲେଟିକ୍ସ ଏହି ନିଷ୍ପତ୍ତି ନେଇଛି ବୋଲି ନାୟାର କହିଛନ୍ତି। ଅଲିମ୍ପିକ୍ସ ଗୋଟିଏ ବର୍ଷ ଘୁଞ୍ଚିଯାଇଥିବାରୁ କ୍ୱାଲିଫିକେଶନ ପିରିୟଡ ୨୦୨ ଡିସେମ୍ବର ୧ରୁ ଆରମ୍ଭ ହୋଇ ୨୦୨୧ ଜୁନ୍ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ସେପ୍ଟେମ୍ବର ଓ ଅକ୍ଟୋବରରେ ଜାତୀୟ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍ ଓ ଜାତୀୟ ଓପନ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିବାରୁ ଆଥଲେଟଙ୍କ ପ୍ରଦର୍ଶନ ଅଲିମ୍ପିକ୍ କ୍ୱାଲିଫିକେଶନ ପାଇଁ ଗଣତି ହେବନାହିଁ। ଫଳରେ ଆଥଲେଟଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି ବୋଲି ନାୟାର କହିଛନ୍ତି। ଏଭଳି ସ୍ଥିତିରେ ଆମେ କ'ଣ କରିବୁ ବୋଲି ସେ ପ୍ରଶ୍ନ କରିଛନ୍ତି।

## ପୂର୍ବତନ ୟୁରୋପିଆନ ଚାମ୍ପିୟନଙ୍କ ମୃତ୍ୟୁ



**ମିଲାନ, ୮।୪ (ଏଏଫ୍‌ପି):** କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇ ଇଟାଲୀର ପୂର୍ବତନ ୟୁରୋପିଆନ ଇନ୍‌ଡୋର ଚାମ୍ପିୟନ ଡୋନାଟୋ ସାବିଏଙ୍କ ମୃତ୍ୟୁ ଘଟିଛି। ଇଟାଲିଆନ ଆଥଲେଟିକ୍ସ ଫେଡେରେଶନ (ଫିଡାଲ୍) ତରଫରୁ ବୁଧବାର ସୂଚନା ଦିଆଯାଇଛି। ଡୋନାଟୋଙ୍କୁ ୫୬ବର୍ଷ ହୋଇଥିଲା। ୧୯୮୪ରେ ଗୋଥେନ୍‌ବର୍ଗଠାରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ରେ ୮୦୦ ମିଟରରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୧୯୮୪ ଲସ୍‌ଏଞ୍ଜେଲ୍ସ ଏବଂ ୧୯୮୮ ସିଓଲ ଅଲିମ୍ପିକ୍ସରେ ସେ ଯଥାକ୍ରମେ ୫ମ ଓ ୭ମ ସ୍ଥାନ ଅଧିକାର କରିଥିଲେ। ବାସିଲିକେଟାର ଦକ୍ଷିଣାଞ୍ଚଳରେ ଅବସ୍ଥିତ ପୋଟେଞ୍ଜା ବାସିନ୍ଦା ଡୋନାଟୋ କିଛି ଦିନ ପୂର୍ବେ ଡାକ୍ତରଖାନାରେ ଭର୍ତ୍ତି ହୋଇ ଇଣ୍ଟେନ୍‌ସିଭ କେୟାର ୟୁନିଟ୍‌ରେ ଚିକିତ୍ସିତ ହେଉଥିଲେ।

## ଫର୍ମୁଲା-୧ ଶଟ୍‌ଡାଉନ୍ ସମୟସୀମା ବୃଦ୍ଧି

**ପ୍ୟାରିସ୍,୮।୪(ଏଏଫ୍‌ପି):** ଫର୍ମୁଲା-୧ର ବାଧ୍ୟତାମୂଳକ ଶଟ୍‌ଡାଉନ୍ ପିରିୟଡ ଆଉ ଦୁଇ ସପ୍ତାହକୁ ବୃଦ୍ଧି ହୋଇଛି। କୋଭିଡ୍-୧୯ ସଂକ୍ରମଣ କାରଣରୁ ସିଜନ ଆରମ୍ଭରେ ବିଳମ୍ବ ହୋଇଥିବା ବେଳେ ବିଶ୍ୱ ମୋଟର ସ୍ପୋର୍ଟ୍ସ ତରଫରୁ ଏ ନେଇ ସୂଚନା ଦିଆଯାଇଛି। ପ୍ରଥମେ ଏହି ପିରିୟଡ ୧୨ ଦିନ ଅର୍ଥାତ୍ ୩ ସପ୍ତାହରେ ସୀମିତ ଥିଲା। ତେବେ ଏହାକୁ ଏବେ ୩୫ ଦିନକୁ ବୃଦ୍ଧି କରାଯାଇଛି। ପାରମ୍ପରିକ ଭାବେ ଗ୍ରୀଷ୍ମ ଶଟ୍‌ଡାଉନକୁ ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏବେ ଏହାକୁ ୨ରୁ ୩ ସପ୍ତାହକୁ ଆହୁରି ବୃଦ୍ଧି କରାଯାଇଛି। ସର୍ବସମ୍ମତିକ୍ରମେ ଫର୍ମୁଲା-୧ର ସବୁ ଷ୍ଟେକ୍‌ହୋଲ୍ଡର ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ଅନ୍ତର୍ଜାତୀୟ ଅଟୋମୋବାଇଲ ଫେଡେରେଶନ (ଏଫ୍‌ଆଇଏ) ତରଫରୁ ସୂଚନା ଦିଆଯାଇଛି। ସବୁ ଦଳ ଏହି ଶଟ୍‌ଡାଉନ୍ ପିରିୟଡକୁ ମାର୍ଚ୍ଚ, ଏପ୍ରିଲ ଓ ମେ ପର୍ଯ୍ୟନ୍ତ ପାଳନ କରିବା ଉଚିତ୍। ପରିସ୍ଥିତିରେ ସୁଧାର ଆସିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ୨୦୨୦ ସେସନର ପ୍ରାରମ୍ଭିକ ୯ ରାଉଣ୍ଡ ପ୍ରତିଯୋଗିତାଗୁଡ଼ିକୁ ସ୍ଥଗିତ ରଖାଯାଇଛି କିମ୍ବା ବାତିଲ କରାଯାଇଛି।

## ଓସିଏ ଦେଲା ଦେଢ଼ କୋଟି

**କଟକ ଅଫିସ୍, ୮।୪:** କରୋନା ମୁକାବିଲା ନିମନ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)। ଓସିଏ ପକ୍ଷରୁ ମୋଟ ଦେଢ଼ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଓସିଏ ୧କୋଟି ଟଙ୍କା ପ୍ରଦାନ କରିଛି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଜରିଆରେ ବୁଧବାର ଏହି ଅର୍ଥ ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ୫୧କୋଟି ଟଙ୍କା ସହାୟତା କରିବ ବୋଲି ଘୋଷଣା କରିଛି। ଏଥିରେ ଓସିଏ ସହଯୋଗ ପୂର୍ବକ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ବିସିସିଆଇ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛି। ପୂର୍ବରୁ ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି ନିଜ କମ୍ପାନୀ ତରଫରୁ ୧କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିସାରିଛନ୍ତି।



ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ଓସିଏ ସମ୍ପାଦକ ସଞ୍ଜୟ ବେହେରା।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ